# ପ୍ରଶ୍ନୋତ୍ତର

ଆସନ୍ତୁ ଆମେମାନେ ଅଳ୍ପ କ୍ଷଣ ଛିଡା ହୋଇ ରହିବା ଯେତେବେଳେକି ଆମେ ପ୍ରାର୍ଥନା ପାଇଁ ନିଜର ମସ୍ତକଗୁଡିକୁ ନତ କରୁ ।

ଅନୁଗ୍ରହକାରୀ ପିତା ପରମେଶ୍ୱର, ଆମେ ଆଜି ସକାଳେ ତୁମକୁ ଆମ ହୃଦୟର ଗଭୀରତାରୁ ଧନ୍ୟବାଦ ଦେଉଅଛୁ, କାରଣ ତୁମେ ଆମର ପ୍ରାର୍ଥନାଗୁଡିକୁ ଉତ୍ତର ଦେବା ହେତୁ ସକ୍ଷମ ଏବଂ ଇଚ୍ଛୁକ ଅଟ । ଏବଂ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ସେହି ବିଷୟଗୁଡିକ ପାଇଁ ଆମର ଧନ୍ୟବାଦବଳିକୁ ଗ୍ରହଣ କରିବ ଯାହା ତୁମେ ଆମ ପାଇଁ ଆଗରୁ କରିସାରିଛ । ଆଜି ସକାଳେ ତୁମେ ଆମକୁ ସାହାଯ୍ୟ କରିବ ବୋଲି ଆମେ ବହୁତ ଆଶା ସହିତ ଅପେକ୍ଷା କରୁଅଛୁ, ଏବଂ ଯେତେବେଳେ ଆମେ ଏହି ଭବନର ଅଗଣାଗୁଡିକ ଛାଡିଯାଉ, ତେବେ ଏହା ହେଉ ଯେ ଆମେ ଯେପରି ଭାବରେ ଭିତରକୁ ଆସିଥିଲୁ ତଦ୍‌ଭିନ୍ନ ବ୍ୟକ୍ତି ହୋଇ ଆମେ ଏଠାରୁ ବାହାରକୁ ଯାଉ । ଏହା ହେଉ ଯେ ଆଜି ସକାଳେ ପବିତ୍ରଆତ୍ମା ଆମକୁ, ଆମର ଚରିତ୍ରଗୁଡିକୁ ଗଢନ୍ତୁ, ଏବଂ ଆମକୁ ତୁମର ରାଜ୍ୟର ପ୍ରଜା କରନ୍ତୁ ଯେତେବେଳେ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ । (ବସି ପାରନ୍ତି ।)

2 ଅଳ୍ପ ଟିକିଏ ବିଳମ୍ବ ହୋଇଥିବାରୁ ଦୁଃଖିତ ଅଟେ, କିନ୍ତୁ ମୋତେ ବହୁତ କିଛି ବିଷୟ କରିବା ପାଇଁ ରହିଥିଲା, ଏବଂ ମୁଁ ଏହି ଭବନ ଭିତରକୁ—କୁ ପ୍ରାୟଃ ପ୍ରବେଶ କରିବା ପୂର୍ବରୁ ଅନେକ ଅସୁସ୍ଥ ଲୋକମାନେ ରହିଥିଲେ ଓ ସାକ୍ଷାତକାରମାନ ରହିଥିଲା ।

3 ଆଉ ତେଣୁକରି, ଆମେ ଆଜି ସକାଳେ ଏଠାରେ ଉପସ୍ଥିତ ରହିଥିବାରୁ ଓ ଆପଣ ସମସ୍ତ ଉତ୍ତମ ଲୋକମାନଙ୍କୁ ଦେଖି ପାରିଥିବାରୁ ଖୁସି ଅଟୁ । ଏବଂ ମୁଁ ଧନ୍ୟବାଦ ଦେବାକୁ ଚାହେଁ ଯେ…ସେହି ଲୋକମାନଙ୍କୁ ଯେଉଁମାନେକି ଆମମାନଙ୍କୁ ସେହି ଉତ୍ତମ ବିଷୟଗୁଡିକୁ ପଠାଇଛନ୍ତି, ପତ୍ନୀ ପାଇଁ ଉପହାର ଏବଂ ତାହା ପାଇଁ…ଏବଂ ସେହି—ସେହି ଭାଇ ଯିଏକି ମୋତେ ତାଙ୍କର ହରିଣ ରାଇଫଲ ବନ୍ଧୁକ ପଠାଇଥିଲେ । ପ୍ରଭୁ ତାଙ୍କୁ ଆଶୀର୍ବାଦ କରନ୍ତୁ । ସେ…କହିଲେ ଯେ ସେ ବୃଦ୍ଧ ହେଉଛନ୍ତି ଏବଂ ଏହାକୁ ଆଉ ଅଧିକ ବ୍ୟବହାର କରିବାକୁ ଚାହାଁନ୍ତି ନାହିଁ, ଏବଂ ସେ ଚାହିଁଲେ ଯେ ମୁଁ ତାହାକୁ ଗ୍ରହଣ କରି ନେଇ ନିଏ; ତେଣୁକରି ମୁଁ—ମୁଁ ନିଶ୍ଚିତ ଭାବେ ଏଥି ପ୍ରତି…ସେଥିପାଇଁ କୃତଜ୍ଞ ଅଟେ । ଯେତେ ଦିନ ମୁଁ ବଞ୍ଚିଅଛି, ଭାଇ, ଯେତେ ଦୂର ମୁଁ ନିଜକୁ ସାହାଯ୍ୟ ନେଇପାରେ, ମୁଁ ତାହା ବ୍ୟବହାର କରିବି । ମୁଁ ଏହାକୁ କେବେବି ମୋର ହାତରେ ରଖିବି ନାହିଁ ଯେପର୍ଯ୍ୟନ୍ତକି ମୁଁ ଆପଣଙ୍କ ବିଷୟରେ ଭାବେ ନାହିଁ ଏବଂ ଆପଣଙ୍କ ପାଇଁ ପ୍ରାର୍ଥନା କରେ ନାହିଁ ।

4 ବର୍ତ୍ତମାନ, ଆମେମାନେ…ଆଜି ଅନେକ ଗୁଡିଏ କାର୍ଯ୍ୟ କରାଯିବାକୁ ଅଛି, ମୁଁ ଭାବିଲି ବୋଧହୁଏ ଯେତେବେଳେ ମୁଁ ଏଠାରେ ଥାଏ ମୁଁ କିଛି ପ୍ରଶ୍ନଗୁଡିକୁ ନେବି ଏବଂ ଖୋଜିବି

ଯେ ମୋର ମଣ୍ଡଳୀର ହୃଦୟରେ, ସେହି ବିଭିନ୍ନ ବିଷୟଗୁଡିକ କଅଣ ଅଛି । ମୁଁ ନିଶ୍ଚିତରେ କରିଥିଲି! ମୋ ପାଖରେ ଯଥେଷ୍ଟ ପ୍ରଶ୍ନ ରହିଥିଲା ଯେ ତାହା ମୋତେ ସହସ୍ରାବ୍ଦୀ ଆରମ୍ଭ ହେବା ପର୍ଯ୍ୟନ୍ତ ନେଇଯିବ! ମୁଁ ଜାଣି ନ ଥିଲି ଯେ ତାହା ସେଠାରେ ଏତେ ଗୁଡିଏ ରହିଥିଲା ଯାହାକୁ ନିଆ ଯାଇପାରିବ । ମୁଁ—ମୁଁ ଏଠାରେ ପ୍ରାୟଃ କେତେକ ଶହ ପାଇଲି, ଏବଂ ଆଜି ସକାଳେ ଆହୁରି ଏକ ଶହ କିମ୍ଵା ତାହାଠାରୁ ଅଧିକ ଆସିଛି । ତେଣୁ ମୁଁ ସେମାନଙ୍କୁ କଦାପି ଉତ୍ତର ଦେବାକୁ ସମର୍ଥ ହେବି ନାହିଁ, ମୁଁ ଅନୁମାନ କରେ, ସଠିକ୍ ଭାବେ, କାରଣ…ଏବଂ ସେଗୁଡିକ—ସେଗୁଡ଼ିକ ଭଲ ପ୍ରଶ୍ନ, ପ୍ରକୃତରେ ଭଲ ପ୍ରଶ୍ନଗୁଡିକ ଅଟେ ।

5 ବର୍ତ୍ତମାନ, ସେଗୁଡିକ ମଧ୍ୟରୁ କେତେକ ସର୍ବସାଧାରଣରେ ପାଠ କରାଯାଇ ନ ପାରେ, ତେଣୁ ଆପଣ ଜାଣନ୍ତି, ମୁଁ ସେମାନଙ୍କୁ ପଚାରିଛି…କଅଣ ହେବ ଯଦି ମୁଁ ତାହାକୁ ଅନ୍ୟ କୌଣସି ଏକ ବୃତ୍ତାକାର ଉପାୟରେ ରଖି ନ ପାରେ…ଏହା ପରିବାରର ସମସ୍ୟାମାନ ସମ୍ବନ୍ଧରେ ଅଟେ ଏବଂ…ଆପଣ ବୁଝୁଛନ୍ତି । ଏବଂ ମୁଁ—ମୁଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀକୁ ବ୍ୟକ୍ତିଗତ ସାକ୍ଷାତକାରରେ ରହିବା ପାଇଁ କହିଅଛି, ଯେପରିକି ମୁଁ ଏହି ବିଷୟଗୁଡ଼ିକ ଉପରେ ସେମାନଙ୍କ ସହିତ ବ୍ୟକ୍ତିଗତ ଭାବରେ କଥାବାର୍ତ୍ତା କରିପାରେ । ଏହା ଖରାପ ବିଷୟଗୁଡିକ ନୁହେଁ; ଏହା ସେହି ବିଷୟଗୁଡିକ ଅଟେ ଯାହାକି ପରିବାରରେ ସମାଧାନ କରାଯିବା ଉଚିତ୍, ମାନବ ପ୍ରକୃତି ମାତ୍ର ଓ ଜାତି ଯାହାକି ଆମେ…ଆମେ ରହୁଥିବା ସମୟ ଏବଂ ପ୍ରଭୃତି ସବୁ ବିଷୟ ଯାହାକି ଏହି ବିଷୟଗୁଡିକୁ ନେଇ ଆସିଥାଏ, ଏବଂ ସେଗୁଡ଼ିକ ସମସ୍ୟାମାନ ଅଟେ ଯାହାକି ମାନବୀୟ ପରିବାରକୁ ହୋଇଥାଏ; ଏବଂ ସେଗୁଡିକ ଉତ୍ତର ଦିଆଯିବା ଉଚିତ୍ । ଆଉ ତେଣୁକରି, ମୁଁ ସେଗୁଡିକୁ ସର୍ବୋତ୍ତମ ଭାବରେ ଉତ୍ତର ଦେବା ପାଇଁ ଯାହା କିଛି କରିପାରେ ସେସବୁ କିଛି କରିବି ।

6 ବେଳେବେଳେ ପ୍ରଶ୍ନଗୁଡିକର ଉତ୍ତର ଦେବାରେ, ଏହା ଏକ ପ୍ରକାରେ ବହୁତ ଅଧିକ ଲମ୍ବା ସମୟ ନେଇ ଯାଇଥାଏ; ଆଉ ମୁଁ ସେଗୁଡିକ ମଧ୍ୟରୁ କୌଣସିଟିକୁ ଛାଡ଼ିବାକୁ ଚାହେଁ ନାହିଁ । ମୁଁ ଯଥା ସମ୍ଭବ ପ୍ରତ୍ୟେକ ନିକଟକୁ ଯିବାର ଚେଷ୍ଟା କରିବି । ତେବେ, ସେଗୁଡିକ କେବଳ… ମୁଁ ସେଗୁଡିକୁ ଠିକ ଏଠାରେ ଏକ ମୁଣାରେ ଭରି ଦେଇଛି, ସେଗୁଡିକୁ ଉତ୍ତର ଦେଇଛି, ଏବଂ—ଏବଂ ଏକ ଶାସ୍ତ୍ର ଲେଖି ଦେଇଛି ଯଦି ମୋତେ ତାହା ରଖିବାକୁ ହୁଏ, ଏବଂ—ଏବଂ ତାହାକୁ ରଖି ଦେଇଛି । ତାହାପରେ ମୁଁ ଗତକାଲି ଦିନସାରା, ଏବଂ ଗତ ରାତିରେ ଅଧିକାଂଶ ସମୟ, ଏବଂ ଆଜି ସକାଳେ ଦିବାଲୋକ ହେବା ଅଳ୍ପ ଟିକେ ପରଠାରୁ…ଏବଂ ତାହାପରେ ମୁଁ ଏହାର ପ୍ରାୟଃ ଦୁଇଗୁଣ ଅଧିକ ଆଜି ସକାଳେ ଆସିଥିବାର ପାଇଲି । ତେଣୁକରି, ମୁଁ ଭାବୁଛି ଯେ ଆମେ ଯାହା କରିବା, ଯଦି ପ୍ରଭୁଙ୍କ ଇଚ୍ଛା କରନ୍ତି, ମୁଁ ସେଗୁଡିକୁ ଯଥାସମ୍ଭବ ଯେତିକି ପାରିବି, ସେତିକି ଉତ୍ତର ଦେବି, ମଧ୍ୟାହ୍ନ ପର୍ଯ୍ୟନ୍ତ ପାଖାପାଖି, ତାହାପରେ ବରଖାସ୍ତ କରିବି, ତାହାପରେ ଆଜି ସନ୍ଧ୍ୟାରେ ପୁଣି ଫେରି ଆସିବି ଏବଂ—ଏବଂ ଆଜି ରାତିରେ ଯଥାସମ୍ଭବ ଯେତିକି ପାରିବି ସେତିକି ଶେଷ କରିବାକୁ ଚେଷ୍ଟା କରିବି, ଏବଂ ଦେଖିବି ଯଦି ମୁଁ କରିପାରେ… ସେଗୁଡିକୁ ସମାପ୍ତ କରିପାରେ । ଏବଂ ହୋଇପାରେ ଯେ ମୋତେ ଗୋଟିଏ ବଡ ଲମ୍ବା

ଅଧିବେଶନରେ ଆପଣମାନଙ୍କୁ ଏତେ ସମୟ ଧରି ଦଣ୍ଡ ଦେବାକୁ ପଡିବ ନାହିଁ। ଏବଂ ମୁଁ ଭାବୁଛି ଯେ ଏହା ଆପଣଙ୍କୁ ବାହାରକୁ ଯିବାରେ, ଏବଂ ବିଶ୍ରାମ ନେବାରେ, ଓ ଟିକିଏ ସୁସ୍ଥ ହେବାରେ, ଅଳ୍ପ ଟିକେ ଶୋଇବା କିମ୍ବା ନିଦ୍ରା ଯିବାରେ ସମୟ ଦେବ, ଏବଂ ଯଦି ସମ୍ଭବ ହୁଏ ତେବେ ଆପଣ ଫେରି ଆସନ୍ତୁ। ଯଦି ଆପଣ ଆସି ନ ପାରନ୍ତି, କାହିଁକି, ଭାଇ ଫ୍ରେଡ୍ ସୋଥମ୍ୟାନ୍, ମୁଁ ଭାବୁଛି, ଏହାକୁ ଟେପ୍ କରୁଛନ୍ତି। କଅଣ ଏହା ଟେପ୍ କରାଯାଉଅଛି କି? ଠିକ ଅଛି, ତାହା ଉତ୍ତମ ଅଟେ। ହଁ, ସେମାନେ ଏହାକୁ ସେହି କକ୍ଷରେ ଟେପ୍ କରୁଛନ୍ତି, ଏବଂ—ଏବଂ ହୋଇପାରେ ଯେ ଏହି ଟେପ୍, ଯଦି ଏହା ଠିକ୍ ଅଟେ, ଆପଣ ସେହି ଟେପ୍‌କୁ ନେଇପାରନ୍ତି; ଏହାକୁ ରଖାଯିବ ଏବଂ *ପ୍ରଶ୍ନୋତ୍ତର* ବୋଲି କୁହାଯିବ, କାରଣ ସେଠାରେ କେତୋଟି ପ୍ରକୃତ କଠିନ ପ୍ରଶ୍ନମାନ ଅଛି ଏବଂ କିଛି ଗୋଟାଏ...ସେମାନଙ୍କ ମଧ୍ୟରୁ ଅନେକେ ମଣ୍ଡଳୀର ଶିକ୍ଷା ସିଦ୍ଧାନ୍ତ ଉପରେ ରହିଅଛି।

7 ତେବେ, ମୁଁ ଚାହେଁ ଯେ ଲୋକମାନେ ଏହା ଜାଣନ୍ତୁ ଯେ ବେଳେବେଳେ ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା, ଏହା କଷ୍ଟକର ଅଟେ। ଏଠାରେ ଛିଡା ହେବା ପାଇଁ ବହୁତ ଅନୁଗ୍ରହ ଆବଶ୍ୟକ ହୁଏ, ଯଦି ଆପଣ ସେହି ପ୍ରେମକୁ ଜାଣନ୍ତି ଯାହାକି ମୋର ଆପଣ ଲୋକମାନଙ୍କ ପ୍ରତି ରହିଛି। ମୁଁ ତାହା ପ୍ରକାଶ କରିପାରିବି ନାହିଁ। ଏପରିକି ମୁଁ ଏହାକୁ ମୋ ପିଲାମାନଙ୍କୁ ମଧ୍ୟ ପ୍ରକାଶ କରେ ନାହିଁ; ମୁଁ ଏପରିକି ମୋର ପତ୍ନୀକୁ ମଧ୍ୟ ମୋର—ମୋର ଗଭୀର ପ୍ରେମକୁ ପ୍ରକାଶ କରେ ନାହିଁ ଯେପରିକି ମୋତେ କରିବା ଉଚିତ୍, କାରଣ ମୁଁ—ମୁଁ ସ୍ୱଭାବ ବିଶିଷ୍ଟ ଅଟେ, ଏବଂ ମୁଁ କେବଳ ଗୋଟିଏ ସିଧା ରେଖାରେ ଗତି କରିବା ଜାରି ରଖେ। ସେଠାରେ କେବଳ ଗୋଟିଏ ବିଷୟ ଅଛି ଯାହା ପ୍ରତି ମୁଁ ମୋର ସମ୍ପୂର୍ଣ୍ଣ ପ୍ରେମ ବ୍ୟକ୍ତ କରେ: ତାହା ହେଉଛନ୍ତି ସର୍ବଶକ୍ତିମାନ ପରମେଶ୍ୱର। ଏବଂ ସର୍ବପ୍ରଥମେ ମୁଁ—ମୁଁ ତାହାଙ୍କୁ କେବଳ ପ୍ରେମ କରେ। ଅନ୍ୟ ଲୋକମାନଙ୍କୁ ମୁଁ ପ୍ରେମ କରେ, ମାତ୍ର ମୁଁ—ମୁଁ ହେବାକୁ ଚାହେଁ ନାହିଁ... ମୋର ତାହାଙ୍କ ପାଇଁ ଯେଉଁ ପ୍ରେମ ଅଛି ମୁଁ ତାହାକୁ ଦାଗ କରିବାକୁ ଚାହେଁ ନାହିଁ; ତାହା ପ୍ରଥମେ ଥାଉ। ତେଣୁକରି ତେବେ, ଯେତେବେଳେ ମୁଁ ଆପଣମାନଙ୍କର ପ୍ରଶ୍ନର ଉତ୍ତର ଦେଇଥାଏ, ସେତେବେଳେ ମୁଁ ଏହାକୁ ଆପଣଙ୍କ ପ୍ରତି ମୋ ହୃଦୟରେ ଥିବା ସେହି ପ୍ରେମ ସହିତ ଉତ୍ତର ଦେଉଥାଏ; କିନ୍ତୁ ମୋ ସମ୍ମୁଖରେ ସବୁବେଳେ ଗୋଟିଏ ବିଷୟ ରହିଥାଏ: ତାହା ହେଉଛି ଯୀଶୁ ଖ୍ରୀଷ୍ଟ (ବୁଝିଲେ?), ଏପରି ଭାବରେ ଯେପରିକି ସେ ଏହାର ଉତ୍ତର ଦେବେ।

8 ବେଳେବେଳେ ମୋତେ ଉତ୍ତର ଦେବାକୁ ପଡିପାରେ...ଏହା ଆଘାତ ଦେଇପାରେ, କ୍ଷତ ବିକ୍ଷତ କରିପାରେ, ଏବଂ ମୋର—ମୋର ସେହିପରି ହେବାର ଅଭିପ୍ରାୟ ନୁହେଁ। ମୁଁ ଏହାକୁ ଗୋଟିଏ ଉଦ୍ଦେଶ୍ୟରେ ଉତ୍ତର ଦେଉଅଛି, ଯେପରିକି ମୁଁ କହିଥିଲି, ମୋ ସମ୍ମୁଖରେ ଖ୍ରୀଷ୍ଟଙ୍କ ପାଇଁ। ଏବଂ ମୋତେ ତାହା ମନେ ରଖିବାକୁ ଅଛି ଯେ ଏହା ତ ସେ ଅଟନ୍ତି ଯାହାଙ୍କୁ ମୁଁ...ମୋତେ ତ ଏକ ହିସାବ ଦେବାକୁ ଅଛି। ତେଣୁ ମୋର ପ୍ରଥମ ପ୍ରେମ ତାହାଙ୍କ ପ୍ରତି ଅଟେ; ମୋର ଦ୍ୱିତୀୟ ପ୍ରେମ ଆପଣ ଲୋକମାନଙ୍କ ପ୍ରତି ଅଟେ, ଏବଂ ତେଣୁକରି ମୁଁ...ତାହାଙ୍କର ମଣ୍ଡଳୀ ଯାହାକୁ ସେ ନିଜର ରକ୍ତରେ କ୍ରୟ କରିଛନ୍ତି। ଏବଂ ସେ ଆପଣଙ୍କୁ ତାହାଠାରୁ ଅଧିକ

ପ୍ରେମ କରନ୍ତି ଯେତିକି ସେ ନିଜକୁ ପ୍ରେମ କରନ୍ତି, କାରଣ ସେ ଆପଣଙ୍କ ପାଇଁ ନିଜକୁ ବଳିଦାନ କରି ଦେଇଥିଲେ । ଆପଣ ତାହାଙ୍କର ରକ୍ତରେ କ୍ରୀତ ଅଟନ୍ତି, ଏବଂ ମୁଁ—ମୁଁ ତାହାକୁ ଅତି ଯତ୍ନଶୀଳ ଭାବରେ ଏବଂ ନିଷ୍ପାପର ଭାବରେ ପରିଚାଳନା କରିଥାଏ ଯେତିକି ମୁଁ ଜାଣେ ଯେ ତାହା କିପରି କରାଯିବାକୁ ଅଛି । କିନ୍ତୁ ତାହାପରେ, ଏହା କରିବା ସମୟରେ ବେଳେବେଳେ ଆପଣ ଭାବନ୍ତି, "ତାହା ତ ଏକ ଅତ୍ୟନ୍ତ ଅଭଦ୍ର ଟିପ୍ପଣୀ ଥିଲା…ଯାହା ବିଷୟରେ…ଏହା ଅତି ଖରାପ ଏବଂ ଅସଭ୍ୟ ଥିଲା ।" ମୁଁ ତାହାଙ୍କୁ ମୋ ମନରେ ରଖି ଏହା (ଦେଖନ୍ତୁ?) କରିବାକୁ ଚେଷ୍ଟା କରୁଅଛି, ଯେ ସେହି ବାକିଗୁଡିକ…ପ୍ରତ୍ୟେକେ ଦେଖନ୍ତି ଯେପରିକି ଏହା ନିଶ୍ଚିତ ଭାବରେ ଏହିପରି ହେବା ଉଚିତ୍ । ଏହା କୌଣସି ପ୍ରକାରେ—କାହାରିକୁ ଆଘାତ କରିବା ପାଇଁ ନୁହେଁ କିମ୍ବା ତାହା ଅପେକ୍ଷା କିଛି ଅଧିକ କରିବା ପାଇଁ ନୁହେଁ ଯେ କେବଳ ସୁନିଶ୍ଚିତ କରାଯାଏ ଯେ ଲୋକମାନେ ଏହାକୁ ବୁଝି ଯାଆନ୍ତୁ, ଏବଂ ମୁଁ ଆଶା କରେଯେ ପ୍ରତ୍ୟେକେ ଏହାକୁ ସେହିପରି ଭାବରେ ଗ୍ରହଣ କରିବେ । ଏବଂ ବର୍ତ୍ତମାନ, ଏଠାରେ ଆମେମାନେ ଏହା ଖୋଜିପାଉ ଯାହାକି ଆମର ମନରେ ଅଛି ।

9 ଏବଂ ଯେତେବେଳେ ଆଜି ସକାଳେ ମୁଁ ଆପଣ ସମସ୍ତଙ୍କୁ ଏକତ୍ରିତ ହୋଇଥିବାର ଓ ସବୁକିଛି ଭୀଡ଼ ରହିଥିବାର ଦେଖୁଅଛି, ଆଉ ମୁଁ ଭାବୁଛି ଯେ ଅନ୍ୟ ମଣ୍ଡଳୀରେ—ରେ ଆମର ଏକ ପ୍ରବଳ ଜନସମାଗମ ରହିଥିବ । ଗୋଟିଏ ସମ୍ପର୍କୀୟ ମଣ୍ଡଳୀ ଏକ—ଏକ ରେଡିଓ କିମ୍ବା କୌଣସି ପ୍ରକାରର ଏକ—ଏକ ଟେଲିଫୋନ୍ ସଂଯୋଗ ପାଇଅଛି । ତାହା ହେଉଛି…ଆଜି ସକାଳେ ସେହି ମଣ୍ଡଳୀଟି ଜନଗହଳିରେ ପରିପୂର୍ଣ୍ଣ ହୋଇଥିଲା, ମୁଁ ବୁଝୁଛି । ଭାଇ…କିମ୍ବା ଅନ୍ୟ ଜଣେ ଭାଇଙ୍କର ଏକ—ଏକ ମଣ୍ଡଳୀ ଅଛି ଯାହାକି ଜନଗହଳିରେ ପରିପୂର୍ଣ୍ଣ ଅଟେ ଯାହାଙ୍କୁକି ଏହିଠାରୁ ନେଇ ସେହି ମଣ୍ଡଳୀକୁ ପଠା ଯାଇଥିଲା । ତାହା ଏଇଥି ପାଇଁ ଅଟେ ଯେପରିକି ଆପଣଙ୍କୁ ପରସ୍ପର ଜଣେ ଅନ୍ୟର ପାଦ ଉପରେ ଏବଂ କାନ୍ଥ କଡରେ ବିଷୟଗୁଡିକ ଉପରେ ଛିଡା ହେବାକୁ ପଡିବ ନାହିଁ ।

10 ବର୍ତ୍ତମାନ ଆଜି ରାତିରେ, ପ୍ରଭୁଙ୍କର ଇଚ୍ଛା ହେଲେ, ଆମର ଏକ କରିବା…ଆମେ ଆଜି ରାତି ଅତି ଶୀଘ୍ର ଆରମ୍ଭ କରିବା । ମୁଁ ପାଳକଙ୍କୁ ଏବଂ ସେହି—ସେହି ବୋର୍ଡକୁ ପଚାରିବାକୁ ଚାହେଁ ଯଦି ସେମାନେ ଚାହିଁବେ…ତେବେ ଆସନ୍ତୁ ଆଜି ରାତ୍ରି ଟିକିଏ ଶୀଘ୍ର ଆରମ୍ଭ କରିବା, 'କାରଣ ଲୋକମାନଙ୍କୁ, ସେମାନଙ୍କ ମଧ୍ୟରୁ କେତେକ ଏଠାରେ ଅଛନ୍ତି, ଏବଂ ସେମାନଙ୍କୁ ଗାଡି ଚଲାଇ ବହୁତ ଦୂରକୁ ଯିବାକୁ ଅଛି । ଏବଂ ଯଦି ଆମେମାନେ ପାରିବା, ତେବେ ମୁଁ ଆଜି ରାତି ଅତି କମ୍‌ରେ ଗୋଟିଏ ଘଣ୍ଟା ପୂର୍ବରୁ ଆରମ୍ଭ କରିବାକୁ ଚାହିଁବି, ଏବଂ ତାହା ଶେଷ କରିବାକୁ ଚାହିଁବି । ତେଣୁକରି ଆପଣ…ଠିକ ଯେତେବେଳେ ଆପଣ ଛଅଟା ପରେ କିମ୍ବା କୌଣସି ସମୟରେ ନିଜର ମଧ୍ୟାହ୍ନ ଭୋଜନ କରି ନିଅନ୍ତି, କାହିଁକି, ମୁଁ ଆରମ୍ଭ କରିବି । ବୁଝିଲେ? ଧରନ୍ତୁ, ଆପଣ ସାଧାରଣତଃ ସାତଟା-ତିରିଶରୁ ଆରମ୍ଭ କରନ୍ତି କଅଣ ଆପଣ କରନ୍ତି ନାହିଁ କି? ତାହାହେଲେ ଆସନ୍ତୁ, ଆସନ୍ତୁ, ତେବେ ମୁଁ ସାତଟା ସୁଦ୍ଧା ମଞ୍ଚ ଉପରକୁ ଆସି ଯିବି । ବୁଝିଲେ? ଏବଂ ତାହାପରେ ଆଠ କିମ୍ବା ଆଠଟା-ତିରିଶ ସୁଦ୍ଧା, କିମ୍ବା ସେହିପରି କିଛି,

ଏହା ଆପଣଙ୍କୁ ନିଜ ଘରକୁ ଯିବା ପାଇଁ—ପାଇଁ ସମୟ ଦେବ ଏବଂ ଆସନ୍ତାକାଲିର କାର୍ଯ୍ୟ ପାଇଁ ପ୍ରସ୍ତୁତ ହେବା ପାଇଁ ସମୟ ଦେବ, ଯଦି କୌଣସି ଏକ ଆସନ୍ତା କାଲି ଥାଏ ।

11 ବର୍ତ୍ତମାନ, ପ୍ରଭୁ ଆପଣଙ୍କ ସହିତ ରୁହନ୍ତୁ ଏବଂ ଆପଣଙ୍କୁ ପ୍ରଚୁର ଆଶୀର୍ବାଦ କରନ୍ତୁ, ଏବଂ ଏହି ସେବା ସମାପ୍ତ ହେବା ମାତ୍ରେ ମୁଁ ଭିତରକୁ ଯିବି ଓ ଏହି ଅନ୍ୟ ପ୍ରଶ୍ନଗୁଡିକୁ ନେବି ଏବଂ ସେଗୁଡିକୁ ଉତ୍ତର ଦେବାକୁ ଚେଷ୍ଟା କରିବି । ମୁଁ କେବଳ ସେଗୁଡ଼ିକ ଉପରେ ଲେଖିଥାଏ, ଠିକ ଏକ ଛୋଟ—ଛୋଟ ଟିପ୍ପଣୀମାନ ଓ ଇତ୍ୟାଦି, ଯାହାକି ମୁଁ ପାରେ—ମୁଁ ପାରେ…ଏକ ପ୍ରକାରେ ଶାସ୍ତ୍ରଗୁଡ଼ିକୁ ଭୁଲିଯାଏ । ତାହାପରେ ଯେତେବେଳେ ମୁଁ କକ୍ଷରେ ଥାଇ ଅଧ୍ୟୟନ କରୁଥାଏ, ସେତେବେଳେ ମୁଁ (ମୁଁ ସେଗୁଡିକୁ କୌଣସି ସ୍ଥାନକୁ ଉଲ୍ଲେଖ କରିବାକୁ ପସନ୍ଦ କରେ, ଏବଂ ମୁଁ ଏହାକୁ ଏଠାରେ ପାଇଲି) ଏବଂ—ଏହାକୁ କେବଳ ଖଣ୍ଡେ କାଗଜରେ ଲେଖି ରଖିଲି । ଏବଂ ସେଇଥି ପାଇଁ, ଯଦି ତାହା ଏକ—ଏକ ଏନସାଇକ୍ଲୋପିଡ଼ିଆରେ ଅଟେ ତେବେ ମୋତେ ତାହାକୁ ନେବାକୁ ପଡେ, କିମ୍ବା ଏକ ଶବ୍ଦର, କିମ୍ବା ଏକ ନାମର କୌଣସି ଅଭିବ୍ୟକ୍ତିକୁ ନେବାକୁ ପଡେ, ମୁଁ ଏହାକୁ ମୋ ସମ୍ମୁଖରେ ଲେଖି ରଖିଛି । ମୋତେ ପୁସ୍ତକଗୁଡିକର ଏକ ବଡ଼ ସମୂହ ଆଣିବାକୁ ପଡେ ନାହିଁ ଓ ଇତ୍ୟାଦି ସବୁ କରିବାକୁ ପଡେ ନାହିଁ; ମୁଁ ତାହା ସେଠାରେ ରଖିଅଛି ।

12 ତେବେ, ଯଦି ସେହି ପ୍ରଶ୍ନଟି ଆପଣଙ୍କୁ ସନ୍ତୋଷଜନକ ଲାଗୁ ନ ଥାଏ, ତେବେ, ତାହାହେଲେ ମୁଁ, ବୋଧହୁଏ, ମୁଁ ଏକ ଭୁଲ କରିଥାଏ । ବୁଝିଲେ? ମୁଁ—ମୁଁ—ମୁଁ ହୁଏତ ଏକ ଭୁଲ କରିଥାଇପାରେ, କାରଣ ଏହି ବିଷୟଗୁଡ଼ିକ ମୋର ବୁଝାମଣାର ସର୍ବୋତ୍ତମ ଜ୍ଞାନରେ ଅଟେ । ଏବଂ ମୁଁ ଚାହେଁ ଯେ ସେହି—ସେହି ସେବକମାନେ ଯେଉଁମାନଙ୍କରକି ତାଙ୍କର ମଣ୍ଡଳୀ ଥାଇପାରେ, କିମ୍ବା ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀର ସହଭାଗୀତା ଯିଏକି ଏହି ପ୍ରଶ୍ନଗୁଡିକ ଶୁଣନ୍ତି…ମୁଁ ଏହା ଚାହେଁ ନାହିଁ…ଯଦି ଏହା ଆପଣଙ୍କର ଶିକ୍ଷାଦାନ ଏବଂ ଆପଣଙ୍କର—ଆପଣଙ୍କର—ଆପଣଙ୍କର ମଣ୍ଡଳୀ ଉପରେ କୌଣସି ପ୍ରତିଫଳନ ଅଟେ, ମୁଁ ଚାହେଁ ଯେ ସେହି ମଣ୍ଡଳୀ ଏହା ସ୍ପଷ୍ଟ ଭାବରେ ବୁଝନ୍ତୁ ଯେ ଏହା କେବଳ ଏଠାରେ ଏହି ଆରାଧନାଳୟରେ ଆମର ଶିକ୍ଷା ଅଟେ । ମୁଁ ଏହାକୁ ଅନ୍ୟ କୌଣସି ଗୋଷ୍ଠୀ ଉପରେ ବାଧ୍ୟ କରିବାକୁ ଚେଷ୍ଟା କରୁନାହିଁ । ଏବଂ ମୁଁ—ମୁଁ—ମୁଁ ମୋର—ମୋର ହୃଦୟରେ ଜଣେ ଖ୍ରୀଷ୍ଟିଆନ ହେବାକୁ ଚାହେଁ, ଯେ ମୁଁ ଯାହା ଶିକ୍ଷା ଦିଏ ତାହା ମୁଁ ବିଶ୍ୱାସ କରେ । ମୁଁ ମୋର ବିଶ୍ୱାସ ଉପରେ ଛିଡା ହୋଇଅଛି । ଯଦି ମୁଁ ସେଥିରେ ଆପୋଷ ନିଷ୍ପତ୍ତି ନିଏ, ତାହାହେଲେ ମୁଁ ଖ୍ରୀଷ୍ଟଙ୍କ ପ୍ରତି ଦ୍ରୋହୀ ଏବଂ ଆପଣଙ୍କ ପ୍ରତି ଜଣେ କପଟୀ ଅଟେ; ଆଉ ମୋତେ—ମୋତେ ସେଥିରେ ବିଶ୍ୱସ୍ତ ଭାବରେ ଛିଡ଼ା ହେବା ଆବଶ୍ୟକ ଯାହା ମୁଁ ସତ୍ୟ ବୋଲି ବିଶ୍ୱାସ କରେ । ମାତ୍ର ଅନ୍ୟ କୌଣସି ବି ବ୍ୟକ୍ତିଙ୍କର ପାଖରେ ମଧ୍ୟ ଠିକ ସେହି ସମାନ କାର୍ଯ୍ୟ କରିବାର ଏକ ଅଧିକାର ଅଛି । ପରମେଶ୍ୱର ଆମ ସମସ୍ତଙ୍କର ବିଚାରକର୍ତ୍ତା ଅଟନ୍ତି ।

13 ତେବେ, ଏହା ପୂର୍ବେକି ଆମେ ଆରମ୍ଭ କରୁ, ମୁଁ ଭାବିଲି ଯେ ମୁଁ ଜଣେ ଉତ୍ତମ ଇତିହାସକାର, ପଲ୍ ବଏଡ୍ ବିଷୟ ଉଲ୍ଲେଖ କରିବି । ଆପଣମାନଙ୍କ ମଧ୍ୟରୁ ଅନେକେ

ତାଙ୍କୁ ଜାଣନ୍ତି; ସେ ଏଠାରେ ଆରାଧନାଳୟକୁ ଆସନ୍ତି । ସେ ଅଳ୍ପ ଦିନ ହେଲା ଯିରୁଶାଲମରୁ ଫେରିଥିଲେ ଓ ବିଶ୍ୱ ମେଳାରେ ଯୋଗ ଦେଇଥିଲେ । ସେ ବହୁତ ଅଧିକ ଜଣେ—ଜଣେ ଭବିଷ୍ୟଦ୍‌ବାଣୀ ଶିକ୍ଷକ ଅଟନ୍ତି, ଏବଂ ସେ ଜଣେ ଇତିହାସକାର, ଅନ୍ୟତମ ସର୍ବୋତ୍ତମ ଅଟନ୍ତି । ସେ ଜଣେ ମେନୋନାଇଟ୍ ଭାଇ ଅଟନ୍ତି, ସେ *ଥିଲେ*, ଏବଂ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କଲେ । ଆଉ ତେଣୁକରି ସେ ମୋର ଜଣେ ଅତ୍ୟନ୍ତ ବ୍ୟକ୍ତିଗତ ବନ୍ଧୁ ହୋଇଗଲେ । ଏବଂ ସେ ସବୁବେଳେ ଲକ୍ଷ୍ୟ ରଖୁଥିଲେ ଓ ସମସ୍ତ କିଛି ବିଷୟକୁ ଲେଖି ରଖୁଥିଲେ ଯାହା ମୁଁ ଭବିଷ୍ୟଦ୍‌ବାଣୀ ବିଷୟରେ କହୁଥିଲି, ଏହା ଧ୍ୟାନ ଦେବା ପାଇଁ ଓ ଦେଖିବା ପାଇଁ ଯେ ତାହା ଘଟିଲା କି ନାହିଁ ।

14 ଆଉ ବର୍ତ୍ତମାନ, ସେ ମୋତେ ଏଠାରେ ଲେଖନ୍ତି (ଯେହେତୁ ସେ ବର୍ତ୍ତମାନ ପୁନର୍ବାର ଆମେରିକାରେ ଅଛନ୍ତି), ଏବଂ ମୁଁ ଭାବୁଛି, ଯେ ତାହା ଆଜି ସକାଳେ, ସୂଚନା ପତ୍ରରେ ଅଛି । ଏବଂ ସେ ଏଠାରେ ଏକ ଟିପ୍ପଣୀ ଲେଖିଛନ୍ତି ଯାହାକୁ ସେ ଉଲ୍ଲେଖନୀୟ ଭବିଷ୍ୟଦ୍‌ବାଣୀ ସମ୍ବନ୍ଧରେ, ଗୋଟିଏ ଖବରକାଗଜରେ କିମ୍ବା ଅନ୍ୟ କିଛିରେ ଦେଇଛନ୍ତି । ଏବଂ ସେ ପଞ୍ଚମ କଥା ଉଲ୍ଲେଖ କରିଛନ୍ତି, ମୁଁ ଭାବୁଛି ଯେ ତାହା ହେଉଛି, ଯେ ମୁଁ ତେ-ତିରିଶ ବର୍ଷ ପୂର୍ବେ ବିଜ୍ଞାନର, ସଫଳତା, ବରଂ, ପ୍ରଗତି ବିଷୟରେ ଦେଖିଥିଲି । ଏବଂ ଆପଣମାନଙ୍କ ମଧ୍ୟରୁ ଯେକେହି ତାହା ମନେ ରଖିଛନ୍ତି, ଆପଣ ଏହାକୁ ଲେଖି ରଖିଛନ୍ତି । ମୁଁ ଏହାକୁ ମୋ ପୁସ୍ତକରେ ରଖିଛି । ଏବଂ ଯାହା ସବୁ ପ୍ରଭୁ କହିଥିଲେ,...ମୋତେ କୁହନ୍ତି, ମୁଁ ଏହାକୁ ଲେଖି ରଖେ, ତାହା ଏକ ପ୍ରମୁଖ ବୃକ୍ଷ-...କିମ୍ବା ଏପରି ବିଷୟ ଯାହା ମୁଁ ଲୋକମାନଙ୍କୁ କହିପାରେ ।

15 ଏବଂ ମୁଁ ଭାବିଲି ଯେ ଆଜି ସକାଳେ, ଏହା ପୂର୍ବେକି ଆମେ ଆରମ୍ଭ କରୁ...ଏହା ଉପଦେଶଗୁଡିକ ନୁହେଁ, କିନ୍ତୁ ଆମେମାନେ ପରସ୍ପର ଜଣେ ଅନ୍ୟଠାରୁ ତାହା ଶିଖିବା ପାଇଁ ଏଠାରେ ଏକତ୍ରିତ ହୋଇଅଛୁ ଯାହା ଆମର ହୃଦୟରେ ଅଛି । ଆସନ୍ତୁ ଏହି ବିଷୟଗୁଡିକୁ ବର୍ତ୍ତମାନ ତନ୍ନ ତନ୍ନ କରି ଦେଖିବା, ଯେତେବେଳେକି ଆମେମାନେ ମଣ୍ଡଳୀ ଯୁଗ ଓ ପ୍ରଭୃତି ସବୁ ଦେଇ ଆସିଅଛୁ । ମୁଁ ଭାବୁଛି ଯେ ଏହା ଗୋଟିଏ କିମ୍ବା ଦୁଇଟି ସଭା ପାଇଁ ଅଟକି ଯିବା ଭଲ ହେବ, ଏବଂ ଯାଞ୍ଚ କରିବା ନିମନ୍ତେ, ଓ ଲୋକମାନଙ୍କ ହୃଦୟରେ କଅଣ ଅଛି ତାହା ଜାଣିବା ନିମନ୍ତେ ଭଲ ହେବ, ଏବଂ ତାହାପରେ ସେଠାରୁ ଆଗକୁ ଯିବା । କଅଣ ଆପଣ ବୁଝିଲେ କି? ତାହାପରେ ପୁଣି ଫେରିଯିବା ଏବଂ...ସେବାଗୁଡିକର—ର ଏକ କ୍ରମରେ ଲାଗିଯିବା । ଯଦି ପ୍ରଭୁ ଇଚ୍ଛା କରନ୍ତି, ତେବେ ମୁଁ ତାହାକୁ ଏଠାରେ ଆରାଧନାଳୟରେ ସେବା ପୂର୍ବରୁ, ଠିକ ଏକ ଲମ୍ବା ସେବାର ଶୃଙ୍ଖଳା ପୂର୍ବରୁ ରଖିବାକୁ ଚାହେଁ; ଆପଣ ଜାଣନ୍ତି ଯେ ମୋର କହିବାର ଅର୍ଥ କଅଣ, ବିଭିନ୍ନ ବିଷୟଗୁଡିକର—ର ପରି; ଏବଂ ଠିକ ସେହିପରି ଆଗକୁ ବଢି ଯାଉଥିବା ଯେପର୍ଯ୍ୟନ୍ତକି ସେ ମୋ ପାଇଁ ଆସି ନ ଯାଆନ୍ତି କିମ୍ବା ମୁଁ ତାଙ୍କୁ ଭେଟିବାକୁ ନ ଯାଏ, ଉଭୟ ମଧ୍ୟରୁ ଗୋଟିଏ । ବୁଝିଲେ? [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

16 ପଲ୍ ବଏଡ୍ ଏଠାରେ ସେହି ସାତୋଟି ଜିନିଷ ବିଷୟରେ ଲେଖିଥିଲେ ଯାହା ମୁଁ 1933 ରେ ଦେଖିଥିଲି, ଯାହାକି ଘଟିବାକୁ ଯାଉଥିଲା । ଏବଂ ସେ ସେଗୁଡିକୁ ଯଥାସମ୍ଭବ ଅତି

ଘନିଷ୍ଠ ଭାବରେ, ତକନୀକି ଦୃଷ୍ଟିରୁ ଲକ୍ଷ୍ୟ କରନ୍ତି, ଯେତିକି ସେ ପାରନ୍ତି, କାରଣ ସେ ଜଣେ ଇତିହାସକାର ଅଟନ୍ତି। ଏବଂ ସେ ଏହାକୁ ଲକ୍ଷ୍ୟ କରନ୍ତି, ଠିକ୍ ଯେପରି ଭାବରେ ଆପଣ ଏହାକୁ କୁହନ୍ତି। ଏବଂ ସେ ସେହି ବିଷୟଗୁଡିକୁ ଦେଖିଛନ୍ତି ଯାହାକି ବହୁତ ବର୍ଷ ପୂର୍ବେ କୁହାଯାଇଥିଲା: ଯଥା କିପରି ସେହି ମୁସୋଲିନି ସମ୍ବନ୍ଧରେ...ଏବଂ ତାହାର କଅଣ ହେବ, ଏବଂ ହିଟଲର, ଏବଂ ତାହାର କଅଣ ଘଟିବ; ଏବଂ ସାମ୍ୟବାଦ କିପରି ଉଭୟ ଫାସିବାଦ ଏବଂ ଏହି ସବୁକୁ ସମ୍ମିଳିତ କରିବ; ଏବଂ କିପରି ସେହି—ସେହି ସିଗଫ୍ରିଡ୍ ଲାଇନ ନିର୍ମାଣ ହେବ, ଏବଂ ଆମେରିକୀୟମାନେ ସେଠାରେ କିପରି ଭାବରେ ପରାଜୟର ସମ୍ମୁଖିଣ ହେବେ (ଏବଂ ସେମାନେ ଏହାକୁ କଦାପି ସ୍ୱୀକାର କରି ନ ଥିଲେ କେବଳ ଏବେ ପ୍ରାୟଃ ଦୁଇ ବର୍ଷ ପୂର୍ବେ ହିଁ, ଆଉ ସେମାନେ ସେଠାରେ ସେହି ଅବରୋଧର ଜର୍ମାନ ଫଟୋଚିତ୍ରଗୁଡିକୁ ପାଇଥିଲେ; ଏବଂ ସେମାନେ ପ୍ରକୃତରେ ଏକ ହାନୀର ସମ୍ମୁଖିନ ହୋଇଥିଲେ। ସେମାନେ ଏପରି ହୋଇଥିଲେ...ସେମାନେ ସେଠାରେ ସେମାନଙ୍କର ସମ୍ପୂର୍ଣ୍ଣ ସୈନ୍ୟବାହିନୀକୁ ହରାଇ ଥିଲେ); ଏବଂ ସେହି ସମସ୍ତ କାର୍ଯ୍ୟଗୁଡ଼ିକ ଯାହାକି କରାଯାଇଥିଲା।

17 ଏବଂ ବର୍ତ୍ତମାନ, ଏହା ମଧ୍ୟ କୁହେ, "ଏପରି ହେବ ଯେ, ଶେଷ ସମୟ ଆସିବା ପୂର୍ବରୁ, ଯାନ ବାହନଗୁଡିକ ଗୋଟିଏ ଅଣ୍ଡା ଆକୃତିର ହେବ, ବହୁତ ଅଧିକ ଗୋଟିଏ ଅଣ୍ଡା ପରିକା ହେବ।" ଏବଂ ମୁଁ ଦେଖିଲି ଯେ ଏକ ଆମେରିକୀୟ ପରିବାର ଗୋଟିଏ କାର ଚଲାଇ ରାଜମାର୍ଗରେ ଯାଉଥିଲେ...ସେମାନେ ପରସ୍ପର ଜଣେ ଅନ୍ୟର ସମ୍ମୁଖାସମ୍ମୁଖି ହୋଇ ବସିଥିଲେ, ଆଉ ଗୋଟିଏ ମେଜ ରହିଥିଲା, ଏବଂ, ଏପରି ଦିଶୁଥିଲା, ଯେପରି କୌଣସି ଚୌକୋଣିଆ ଖେଳ କିମ୍ବା ତାଶ ପତ୍ତା ଖେଳୁଥିଲେ। ଏବଂ ସେହି କାରରେ ସେମାନଙ୍କର କୌଣସି ନିୟନ୍ତ୍ରଣ ଚକ ନ ଥିଲା। ଏବଂ ଏହା ନିୟନ୍ତ୍ରଣ ଚକ ବିନା ଅନ୍ୟ କୌଣସି ଶକ୍ତି ଦ୍ୱାରା ପରିଚାଳିତ ହୋଇଥିଲା। କେତେ ଜଣଙ୍କୁ ତାହା ମୋର ଭବିଷ୍ୟତ୍‌ବାଣୀ କରିଥିବାର ମନେ ଅଛି (ବୁଝିଲେ?), ଯେଉଁମାନେକି ଏଠାରେ ଅଛନ୍ତି?

18 ତେବେ, ବିଶ୍ୱ ମେଳାରେ ସେହି ବଜାରରେ ସେମାନେ ସେହି କାରକୁ ପାଇସାରିଛନ୍ତି। ଏଠାରେ ସେହି...ଏହା ବର୍ତ୍ତମାନ ବିକ୍ରୟ ହୋଇଅଛି; କୌଣସି ବଡ କମ୍ପାନୀ ସେଗୁଡିକ ମଧ୍ୟରୁ ଅନେକଙ୍କୁ ନେଇଅଛି। ଏବଂ ଏହି କାର୍, ତାହା ଏଠାରେ ଅଟେ। ପଲ୍ ବଏଡ୍ ଭବିଷ୍ୟତ୍‌ବାଣୀକୁ ମନେ ପକାଇଲେ, ତାଙ୍କର ପୁସ୍ତକରେ ଦେଖିଲେ ଯେ ମୁଁ କଅଣ କହିଥିଲି, ଏବଂ ସେଠାରେ ସେହି ଚିତ୍ରକୁ ତୋଳିଥିଲେ। ଏବଂ ସେଠାରେ ତାହା ଅଛି, ଠିକ୍ ଏକ ଅଣ୍ଡା ଆକୃତିରେ, ଦୁଇଟି ବସିବାର ସ୍ଥାନ ସେହିପରି ରଖା ହୋଇଛି, ଏବଂ ଦୁଇଟି ବସିବାର ସ୍ଥାନ ଏହିପରି ରଖା ହୋଇଛି, ଏବଂ ମଧ୍ୟ ଭାଗରେ ତାଶପତ୍ତା ଏବଂ ଅନ୍ୟ ବିଷୟଗୁଡିକ ଖେଳିବା ପାଇଁ ଏକ ମେଜ ରଖା ହୋଇଛି, ଅବିକଳ ଠିକ୍ ସେହିପରି ଭାବରେ।

19 ପ୍ରଭୁଙ୍କ ବାକ୍ୟ ସମ୍ପୂର୍ଣ୍ଣ ଭାବେ ସଠିକ୍ ଅଟେ। ତାହା 1933 ମସିହାରେ ହୋଇଥିଲା। ତାହା ହେବ...ଆସନ୍ତୁ ଦେଖିବା, ତାହା କଅଣ ହେବ? ବ-ତିରିଶ ବର୍ଷ ପୂର୍ବେ, କଅଣ ଏହା ନୁହେଁ କି? ଏହା ହେଉଛି '64 ମସିହା। ହଁ, ତିରିଶ...ହଁ, ଏକ-ତିରିଶ ବର୍ଷ ପୂର୍ବେ। ଏକ-

ତିରିଶ ବର୍ଷ ପୂର୍ବେ ପ୍ରଭୁ ମୋତେ ତାହା କହିଥିଲେ, ଏବଂ ତାହା ଏଠାରେ ଅଛି। ଏବଂ ସେହି କମ୍ପାନୀ ଏଠାରେ ଅଛି ଯାହାକି ସେଗୁଡିକୁ ଅର୍ଡର କରିସାରିଛି; ଏବଂ ସେହି—ଏବଂ ଟ୍ରକ ଚଲାଉଥିବା କମ୍ପାନୀମାନ ଓ ପ୍ରଭୃତିସବୁ ଟ୍ରକଗୁଡିକୁ ସେହିପରି ଆକୃତିରେ ନିର୍ମାଣ କରାଉ ଅଛନ୍ତି। ସେମାନେ ଏହାକୁ ନିଜ ମୁଖ୍ୟାଳୟରୁ ଠିକ୍ ଏହିପରି ଭାବରେ ନିୟନ୍ତ୍ରଣ କରିପାରିବେ, ଏପରିକି ଏଥିରେ ଜଣେ ଡ୍ରାଇଭର ସୁଦ୍ଧା ରହିବା ଆବଶ୍ୟକ ନାହିଁ। ଏବଂ ଏଠାରେ ତାହା ସବୁ ଆଗରୁ ତିଆରି ହୋଇସାରିଛି, ଏବଂ ସେଠାରେ ତାହା କାରଗୁଡିକ ସହିତରେ ଅଟେ। ବର୍ତ୍ତମାନ, ଏହା ପଛରେ ଥିବା ସୂଚନା ପଟ୍ଟରେ ରହିଛି, ଏବଂ ଆପଣ ସେହି ଭବିଷ୍ୟତ୍‌ବାଣୀ ପାଠ କରିପାରନ୍ତି ଓ ଠିକ ଠିକ ଦେଖିପାରନ୍ତି ଯେ ଆମ ପରମେଶ୍ୱର କେତେ ସଠିକ୍ ଅଟନ୍ତି, ତାହାଙ୍କର ବାକ୍ୟ କିପରି...ସେ କହିଥିଲେ, "ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, କିନ୍ତୁ ମୋର ବାକ୍ୟ କେବେ ବିଫଳ ହେବ ନାହିଁ।"

20 ତେ-ତିରିଶ ବର୍ଷ ପୂର୍ବେ, କେବଳ ଦେଖନ୍ତୁ। ଆପଣ ଜାଣିଛନ୍ତି ଯେ ଗୋଟିଏ—ଯେ ଗୋଟିଏ ୧୨୩୧, କିଅବା ତାହା ଯାହାକିଛି ବି ଥିଲା, ମଡେଲ କାର କିପରି ଦେଖାଯିବ; ତାହା କିଛି ଗୋଟିଏ ଏକ ଅବଶେଷ ପରି ଦେଖାଯିବ। ଏହା କୁହେ, "ଏହା କେବଳ ଏକ ଅଣ୍ଡା ପରି ଦେଖାଯିବ, ଗୋଟିଏ ଅଣ୍ଡା ପରି ହୋଇଯିବ।" ଅବଶ୍ୟ, ଏଠାରେ କେହି ନାହାଁନ୍ତି, ମୁଁ ଅନୁମାନ କରେ, ଯିଏକି ଆଜି ଜୀବିତ ଅଛନ୍ତି କିମ୍ବା ଆମମାନଙ୍କ ମଧ୍ୟରେ ଅଛନ୍ତି ଯେଉଁମାନେକି ମୋତେ ତାହା କହୁଥିବାର ଶୁଣିଥିଲେ। ଏହା...ଆପଣ ମୋତେ ତାହା ଯୁଗ ଯୁଗ ଧରି କହୁଥିବାର ଶୁଣିଛନ୍ତି, ମାତ୍ର...ହଁ, ଏଠାରେ ଜଣେ ମହିଳା ବସିଛନ୍ତି। କାହିଁକି, ଶ୍ରୀମତୀ ୱିଲ୍‌ସନ, ମୁଁ ଆପଣଙ୍କୁ ସେଠାରେ ଦେଖୁନାହିଁ। ଆପଣଙ୍କର ମନେ ଥିବ ଯେତେବେଳେ ତାହା ଘଟିଥିଲା। ତାହା ସେତେବେଳେ ହିଁ ଥିଲା ଯେତେବେଳେ ସେ ସୁସ୍ଥ ହୋଇଥିଲେ, ଯକ୍ଷ୍ମା ରୋଗରେ ମରିବା ଉପରେ ଥିଲେ (ସେହି ମହିଳା, ତାଙ୍କ ସ୍ୱାମୀ ଏବଂ ଝିଅ ମୋ ପାଖକୁ ଆସିଥିଲେ ଯେ ମୁଁ ଯାଇ ତାଙ୍କ ନିମନ୍ତେ ପ୍ରାର୍ଥନା କରେ) ଏପରିକି ତାଙ୍କର ରକ୍ତସ୍ରାବ ହେଉଥିଲା ଏତେ ଅଧିକ ଯେ ସେହି—ସେହି କୋଣଟି ସମଗ୍ର ତକିଆ ଖୋଳ ଓ ବିଷୟସବୁରେ—ରେ ପରିପୂର୍ଣ୍ଣ ହୋଇଗଲା ଯାହା ସେ ରକ୍ତସ୍ରାବ କରିଥିଲେ। ଏବଂ ଡାକ୍ତର କହିଥିଲେ, "ତାଙ୍କୁ ବଞ୍ଚାଇବାର ଆଉ କୌଣସି ଉପାୟ ନାହିଁ," ଏବଂ ଏପରିକି...ସେ ମରିବା ପୂର୍ବରୁ ମୋତେ କିଛି କହିବାକୁ ଚେଷ୍ଟା କରୁଥିଲେ, ଆଉ ଯେତେବେଳେ ସେ ସେଠାରେ ଥିଲେ, ଓ କାଶିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ପାଟିରୁ ରକ୍ତ ବାହାରି କମ୍ବଳ ଏବଂ ଚାଦର ଉପରେ ପଡୁଥିଲା। ଏବଂ ମୁଁ ତାଙ୍କୁ ସେହି ଶଯ୍ୟାରୁ ବାହାର କଲି, ଓ ଏଠାରେ ଥିବା ଏକ ଥଣ୍ଡା ନଦୀକୁ ନେଇଗଲି, ଏବଂ ଏକ ବରଫ ତୁଲ୍ୟ ଶୀତଳ ଜଳ, ଏବଂ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କଲି। ଏବଂ ତାହା ତେ-ତିରିଶ ବର୍ଷ ପୂର୍ବେ ହୋଇଥିଲା, ଆଉ ସେ ଏଠାରେ ଆଜି ସୁଦ୍ଧା ଜୀବିତ, ବସି ଅଛନ୍ତି, ଯେତେବେଳେକି ସେହି ବଡ, ସୁସ୍ଥ ପିଲାମାନେ, ସେମାନଙ୍କ ମଧ୍ୟରୁ ଅନେକେ ଚାଲି ଗଲେଣି। ସେଠାରେ ଆପଣ ଅଛନ୍ତି। "ଆଶ୍ଚର୍ଯ୍ୟଜନକ ଅନୁଗ୍ରହ, ଶବ୍ଦ କେତେ ମଧୁର, ଯାହା ମୋ ପରି ଏକ ଦୁଷ୍ଟକୁ ରକ୍ଷା କଲା!" ତାହା କେବଳ ଏହା ଦର୍ଶାଏ

ଯେ ଯେତେବେଳେ ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ ସେତେବେଳେ ତାହା କେତେ ସିଦ୍ଧ ଭାବରେ ଘଟିତ ହୋଇଥାଏ।

21 [ଜଣେ ଭଉଣୀ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା।] ହଁ, ତାହା—ତାହା ଠିକ୍ ଅଟେ, ଭଉଣୀ। ହଁ, ଆଜ୍ଞା! ସେହି ସ୍ତ୍ରୀଲୋକମାନେ…ମୁଁ କହିଥିଲି ଯେ ସେହି ସ୍ତ୍ରୀଲୋକମାନେ ଏତେ ଅନୈତିକ ହୋଇଯିବେ-…ବର୍ତ୍ତମାନ, ଆପଣମାନେ ଜାଣିଛନ୍ତି ଯେ ତିରିଶ ବର୍ଷ ପୂର୍ବେ ସେମାନେ କିପରି ବସ୍ତ୍ର ପିନ୍ଧୁଥିଲେ। କହିଥିଲି ଯେ ସେମାନେ ଏତେ ଅନୈତିକ ହୋଇଯିବେ, ଯେ ଏପରିକି ସେମାନେ କେବଳ ଆନ୍ତରିକ ପୋଷାକ ପିନ୍ଧି ତଳେ ରାସ୍ତାରେ ଚାଲିଯିବେ। ଏବଂ ମୁଁ କହିଥିଲି, "ତାହାପରେ ଏହା ଘଟିବ, ଯେ ସେମାନେ ଏପରିକି ଏତେ ନିନ୍ଦାଜନକ ହୋଇଯିବେ, ଯେ ସେମାନେ ଗୋଟିଏ କିଛି ଡିମ୍ବିରି ପତ୍ର ପରି ଦିଶୁଥିବା ବିଷୟକୁ ପିନ୍ଧିବେ।" ମୁଁ ଏହାକୁ ଦେଖିଥିଲି, ଏବଂ ସେମାନେ ତାହା ପାଇଛନ୍ତି; ଆଉ ସେମାନେ ତାହାକୁ ପିନ୍ଧୁଛନ୍ତି। କେବଳ ସେହି—ସେହି ସ୍ତ୍ରୀଲୋକମାନଙ୍କର ଅନୈତିକତା ଏତେ ନୀଚ ସ୍ତରର ଏବଂ ଅବନତି ଘଟିବ! ଆମେ ବର୍ତ୍ତମାନ ଆଉ ନୀଚକୁ ଯାଇପାରିବା ନାହିଁ; ଆପଣ ଆଉ ଅଧିକ ମନ୍ଦ ହୋଇପାରନ୍ତି ନାହିଁ। ସେ ଶେଷରେ ଅଟେ! ଦେଖନ୍ତୁ, ସେମାନେ କଦାପି ସମ୍ପୂର୍ଣ୍ଣ ନଗ୍ନ ହେବେ ନାହିଁ। ନା, ସେମାନେ…

22 ମୁଁ ହଜାର ହଜାର ଲୋକମାନଙ୍କୁ, ସ୍ତ୍ରୀଲୋକମାନଙ୍କୁ ପ୍ରଚାର କରିଅଛି ଯେଉଁମାନଙ୍କ ଉପରେକି ଗୋଟିଏ ହେଲେ ପୋଷାକ ନାହିଁ (ବୁଝିଲେ?), ଯୁବା ଲୋକ, ଏବଂ ଯୁବତୀ ସ୍ତ୍ରୀଲୋକମାନେ, ଏବଂ ସମସ୍ତେ, କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ସେମାନେ ଉଲଗ୍ନ ଅଟନ୍ତି। ବୁଝିଲେ? ସେମାନେ ତାହା ଜାଣନ୍ତି ନାହିଁ। ଏବଂ ଯେଉଁ ପ୍ରକାରେ ଆଜି ସ୍ତ୍ରୀଲୋକମାନେ ଆଚରଣ କରନ୍ତି…

23 ମୁଁ ଅନ୍ୟ ରାତିରେ ମୋର କିଛି ବନ୍ଧୁମାନଙ୍କ ସହ କଥାବାର୍ତ୍ତା କରୁଥିଲି ଯେତେବେଳେକି ଆମେ ଉପରେ ପାର୍ବତ୍ୟ ଅଞ୍ଚଳରେ ରହୁଥିଲୁ, ଏବଂ ଜଣେ—ଜଣେ ଯୁବା ସ୍ତ୍ରୀଲୋକ…ମୁଁ ଠିକ ତାଙ୍କର ଶିଶୁ ନିମନ୍ତେ ପ୍ରାର୍ଥନା କରିଥିଲି; ତାକୁ ମିର୍ଗୀରୋଗ ହୋଇଥିଲା; ଏବଂ ଶିଶୁଟି ଭଲ ହୋଇ ଯାଇଥିଲା। ଏବଂ ଏକ ସାନ, ଗରିବ ପରିବାରଟି, ଉପରେ ଏକ ଗହ୍ୱରରେ ରହୁଥିଲେ, ଘର ଚାରିପାଖରେ ଗୋଟିଏ ଛୋଟ ପୁରୁଣା ତମାଖୁର ବଗିଚା ଥିଲା, ଏବଂ ସେଥିରେ ପ୍ରାୟଃ ଦୁଇଟି କୋଠରୀ ରହିଥିଲା, ଆଉ ସାତୋଟି କିମ୍ବା ଆଠଟି ସନ୍ତାନ ଥିଲେ… ସେହି ସ୍ତ୍ରୀଲୋକଟି କାମ କରନ୍ତି (ଓଃ, ମୋର ପ୍ରଭୁ!), ସେଠାରେ ଏକ ଚୌଡା କୁରାଢୀ ନେଇ, କାଠ ଏବଂ ପ୍ରଭୃତି ଜିନିଷ କାଟନ୍ତି, ଏବଂ—ଏବଂ ବଗିଚା ଖୋଳନ୍ତି, ଏବଂ ସାମଗ୍ରୀଗୁଡିକୁ ସାଇତି ରଖନ୍ତି। ଏବଂ ମୁଁ ସେହି ଗରିବ ସ୍ତ୍ରୀଲୋକଟିକୁ ଅନାଇଲି, ସେହି ସମାନ ପୋଷାକକୁ ସେ ଗୋଟିଏ କିମ୍ବା ଦୁଇ ବର୍ଷ ହେଲାଣି ପିନ୍ଧି ରହିଛନ୍ତି, ଏବଂ ସମସ୍ତ କିଛି ବିଭାଜିତ ହୋଇ ସବୁକିଛି…ଏବଂ ମୁଁ ମେଡାଙ୍କ କିଛି ପୋଷାକ ଖୋଜିବାକୁ ଚେଷ୍ଟା କରୁଥିଲି ଯେପରିକି ପରବର୍ତ୍ତୀ ସପ୍ତାହରେ ମୁଁ ସେଗୁଡିକୁ ତାଙ୍କ ପାଖକୁ ନେଇଯାଏ।

24 ଏବଂ—ଏବଂ ଆମେ ସେଠାରେ ଛିଡା ହୋଇ ଲକ୍ଷ୍ୟ କଲୁ, ଦୁଇଜଣ ଭାଇ ଏବଂ ମୁଁ, ସେହି ମହିଳା ତାଙ୍କ ଶିଶୁକୁ ସ୍ତନ୍ୟପାନ କରାଉଥିଲେ । ସେ କେବଳ ତାଙ୍କର ସ୍ତନକୁ ନିଜର—ନିଜର—ନିଜର ପୋଷାକରୁ କାଢିଲେ ଏବଂ ସେହି ଶିଶୁକୁ ସ୍ତନ୍ୟପାନ କରାଇବା ଆରମ୍ଭ କଲେ; ଏବଂ ତାହା ଗୋଟିଏ ମିନିଟ୍ ପାଇଁ ଏକ ପ୍ରକାର ଆଶ୍ଚର୍ଯ୍ୟଜନକ ଥିଲା; ସେହି ପ୍ରକାରେ ମୋର ମାଆ ମୋତେ ସ୍ତନ୍ୟପାନ କରାଇଥିଲେ! ଏହା ଅବିକଳ ଠିକ୍ ଅଟେ ।

25 ମୋର ସେହିପରି ଜଣେ ସ୍ତ୍ରୀଲୋକଙ୍କ ପାଇଁ ଅପେକ୍ଷାକୃତ ଅଧିକ ସମ୍ମାନ ଅଛି ଯେତିକି ମୋର ଏହି ସ୍ତ୍ରୀଲୋକମାନଙ୍କ ପାଇଁ ଅଟେ ଯେଉଁମାନେକି ନିଜର ପୋଷାକ ଭିତରେ ଗୋଟିଏ ପୁରୁଣା ପଟି ଲଗାଇଥାନ୍ତି ଯେପରିକି ତାହା ସେମାନଙ୍କର ବକ୍ଷସ୍ଥଳକୁ ଉଦ୍ଧୃତ କରୁଥାଏ । ଏପରିକି ମଣିଷ ପରି ସୁଦ୍ଧା ଦେଖାଯାଆନ୍ତି ନାହିଁ । ସେମାନେ ତାହା କରିବା ପଛରେ ଏକ ଉଦ୍ଦେଶ୍ୟ ରହିଛି; ତାହା କାମାସକ୍ତ, ଧର୍ମହୀନ ଅଟେ । ଜଣେ ସ୍ତ୍ରୀଲୋକ ଏତେ ସଂଖ୍ୟକ ପୋଷାକ ପିନ୍ଧନ୍ତି ଏବଂ ନିଜକୁ ଏପରି କିଛି ଦେଖାଇବାକୁ ଚେଷ୍ଟା କରନ୍ତି ଯାହାକି ସେ ନୁହଁନ୍ତି… ମୁଁ…କାହିଁକି, ସ୍ତ୍ରୀଲୋକମାନେ ତ ବାସ୍ତବରେ ସେହିପରି ନୁହଁନ୍ତି—ନୁହଁନ୍ତି; ଏହା ତ କୌଣସି ପ୍ରକାର ଏକ ଇଂରାଜୀ ସିନେମା ଜଗତ ହଲିଉଡ୍ ବିଷୟ ପରି ଅଟେ । ଏବଂ ଶୟତାନର ଆତ୍ମା ସେହି ସ୍ତ୍ରୀଲୋକମାନଙ୍କ ଉପରେ ଅବସ୍ଥାନ କରିଅଛି ଓ ସେମାନଙ୍କୁ କାମ ବାସନା ମାଧ୍ୟମରେ ପୁରୁଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଅଛି । ଜଣେ ସ୍ତ୍ରୀଲୋକକୁ ତାର ସ୍ତନ ନିଜର ଶିଶୁର ପ୍ରତିପୋଷଣ କରାଇବା ନିମନ୍ତେ ଦିଆଯାଇଥିଲା । ତାହା ଅବିକଳ ଠିକ୍ ଅଟେ । ସେହି ସ୍ତ୍ରୀଲୋକଟି ଠିକ ଆଦିମ ଧାଡିରେ ରହିଛି, କିନ୍ତୁ ସେ ଠିକ୍ ଧାଡିରେ ରହିଛି । ମୋର ତାହା ପାଇଁ ଅଧିକ ସମ୍ମାନ ରହିଛି, ଯେହେତୁ ସେହିପରି ସ୍ତ୍ରୀଲୋକମାନଙ୍କ ପାଇଁ, 'କାରଣ ସେ…ସେହି ପ୍ରକାରେ ହିଁ ତାଙ୍କ ମାଆ ତାଙ୍କୁ ପ୍ରତିପୋଷଣ କରିଥିଲେ; ସେହି ପ୍ରକାରେ…ସେମାନେ—ସେମାନେ କଦାପି—ତାହା ପ୍ରତି କୌଣସି ଧ୍ୟାନ ଦିଅନ୍ତି ନାହିଁ । ସେହି ଶିଶୁଟି ଠିକ ସେହିପରି ଭାବରେ ସ୍ତନ୍ୟପାନ କରୁଥିଲା ଯେପରିକି ଆପଣ ସେହି ମ୍ୟାଡୋନାର ଫଟୋଚିତ୍ରରେ ଦେଖିଛନ୍ତି । ଏବଂ ଯଦି ଲୋକମାନେ କେବଳ ସେମାନଙ୍କର ମନକୁ ସେପରି ଭାବରେ ସ୍ଥିର କରିବେ, ତେବେ ତାହା ଅଲଗା ହେବ ।

26 କିନ୍ତୁ ଯେତେବେଳେ ଆପଣ ବାହାରକୁ ଯିବା ପାଇଁ ଆସନ୍ତି ଏବଂ ହୁଏତ କେବେ ଏପରି ଏକ ବ୍ଲାଉଜ୍ ପୋଷାକ କିମ୍ଵା ସେହିପରି କିଛି ପିନ୍ଧିଥାନ୍ତି, ଆଉ ତାହାପରେ ସେଠାରେ ନିଜକୁ ପଟି ଏବଂ ଜିନିଷ ପ୍ରଭୃତିରେ ବାନ୍ଧି ବକ୍ଷସ୍ଥଳକୁ ବଡ କରନ୍ତି, ତାହା ମନ୍ଦ ଦେଖାଯାଏ ଓ ପୁରୁଷମାନଙ୍କୁ ପ୍ରବର୍ତ୍ତାଇଥାଏ…କଅଣ ଆପଣ ଅନୁଭବ କରନ୍ତି ଯେ ତାହା ଆପଣଙ୍କ ଉପରେ ଏକ ଶୟତାନର ଆତ୍ମା ଅଟେ? ତେଣୁ ଆପଣ ତାହା କରିବାକୁ ଚାହାଁନ୍ତି ନାହିଁ, ଭଉଣୀ । ଆପଣ ତାହା କରନ୍ତୁ ନାହିଁ; ତାହା ହେଉଛି ଇଂରାଜୀ ସିନେମା ଜଗତ ହଲିଉଡର ପୋଷାକ ଶୈଳୀ ଏବଂ ଶୟତାନର ଗୋଟିଏ ଜାଲ! ଯେତେବେଳେ ଆପଣ ତାହା କରନ୍ତି, ଆପଣ ପୁରୁଷମାନଙ୍କୁ ଆପଣଙ୍କ ବିଷୟରେ ଭୁଲ ଚିନ୍ତା କରିବାକୁ ପ୍ରବର୍ତ୍ତାଇ ଥାଆନ୍ତି; ଏବଂ ଯେତେବେଳେ ଆପଣ ତାହା କରନ୍ତି, ସେତେବେଳେ ଆପଣ ସେହି ପୁରୁଷଙ୍କ

ସହିତ ବ୍ୟଭିଚାର କରିବାରେ ଦୋଷୀ ଅଟନ୍ତି, କାରଣ ଆପଣ ନିଜକୁ ସେହିପରି ଭାବରେ ଉପସ୍ଥାପନ କଲେ । ଆପଣ ଯେପରି ଭାବରେ ନିର୍ମିତ ହୋଇଛନ୍ତି ସେଥିରେ ଆପଣ କିଛି ହେଲେ କରିପାରନ୍ତି ନାହିଁ, ମାତ୍ର ଆପଣ କେବଳ ଯାଆନ୍ତୁ ଓ ପରମେଶ୍ୱର ଆପଣଙ୍କୁ ଯେପରି ଭାବରେ ନିର୍ମାଣ କରିଛନ୍ତି ଠିକ ସେହିପରି ଭାବରେ ରହିଥାନ୍ତୁ । ବୁଝିଲେ? ନିଜକୁ ଏପରି କରିବାକୁ ଚେଷ୍ଟା କରନ୍ତୁ ନାହିଁ ଯାହାକି ଆପଣ ନୁହଁନ୍ତି । କେବଳ ମଣିଷ ହୋଇ ରୁହନ୍ତୁ । କଅଣ ତାହା ଭୟଙ୍କର ଅଟେ? ତେବେ ତାହା ହୁଏତ କାହାରି କୌଣସି ପ୍ରଶ୍ନର ଉତ୍ତର ମଧ୍ୟ ଦେଇ ଥାଇପାରେ ।

27 ହେ ଆମମାନଙ୍କର ପିତା, ଆମେ ଆଜି ତୁମକୁ ଯୀଶୁ ଖ୍ରୀଷ୍ଟ ଏବଂ ସେହି ବାକ୍ୟର ସରଳତା ପାଇଁ ଧନ୍ୟବାଦ ଦେଉଅଛୁ । ଯେତେବେଳେ ମୁଁ ତୁମକୁ ଏତେ ସିଦ୍ଧ ଭାବେ ସେହି ବାକ୍ୟଗୁଡିକୁ ସଫଳ କରୁଥିବାର ଦେଖେ, ତାହା ମୋତେ ସତ୍ୟ ସହିତ ଏବଂ ସତ୍ୟର ପ୍ରତ୍ୟେକ ଶବ୍ଦ ସହିତ ରହିବାକୁ ଅଧିକ ଦୃଢୀଭୂତ କରେ । ତେଣୁକରି ମୁଁ ପ୍ରାର୍ଥନା କରୁଛି, ହେ ପିତା, ଯେ ତୁମେ ଆଜି ସକାଳେ ଆମକୁ, ଏହି ସୁନ୍ଦର ଲୋକମାନଙ୍କୁ ଆଶୀର୍ବାଦ କରିବ । ଏବଂ ଏହା ଜାଣି ଯେ ଏହି ଟେପ୍‌ଟି ଅନେକ ସ୍ଥାନକୁ ଯାଉଅଛି ଯେଉଁମାନେକି ଏପରିକି ବର୍ତ୍ତମାନ କୁହା ଯାଇଥିବା ସେହି ଟିପ୍ପଣୀକୁ ସୁଦ୍ଧା ଶୁଣିବେ...ମୁଁ କଲି ନାହିଁ...ଏହା ତ ପୂର୍ବରୁ ନିରୂପିତ ନ ଥିଲା; ତୁମେ ମୋର ହୃଦୟକୁ ଜାଣିଛ । ଏହା ଠିକ ମୋ ମନକୁ ଆସିଲା, ଏବଂ ମୁଁ ବିଶ୍ୱାସ କରେ ଯେ ମୁଁ ତାହା କୁହେ ବୋଲି ତୁମେ ଚାହିଁଲ । ଆଉ ମୁଁ ତାହା କହିଲି, ଏବଂ ଏହା ବର୍ତ୍ତମାନ ସମାପ୍ତ ହୋଇଅଛି । ଏବଂ—ଏବଂ ତାହା ଅବିକଳ ଠିକ୍ ମୋର ବିଶ୍ୱାସ ଅଟେ ଏବଂ ତାହା ଅଟେ ଯାହା ମୁଁ ବିଶ୍ୱାସ କରେ ଯେ ମୁଁ କୁହେ ବୋଲି ତୁମେ ଚାହଁ ।

28 ପ୍ରତ୍ୟେକ ସ୍ତ୍ରୀଲୋକ ଯିଏକି ସମଗ୍ର ପ୍ରାନ୍ତରେ ଓ ଦେଶରେ ଏବଂ ବିଶ୍ୱର ସବୁଆଡେ ଶୁଣୁ ଅଛନ୍ତି; ସେ ନିଜ ପାଇଁ ଲଜ୍ଜିତ ହେଉ ଏବଂ ଏହା ଦେଖୁ ଯେ କଅଣ ଘଟିଅଛି, ଏବଂ ତାହାପରେ ଜଣେ ଭଦ୍ର ମହିଳା ପରି ବସ୍ତ୍ର ପରିଧାନ କରୁ, ଯେପରିକି ସେ ବ୍ୟଭିଚାରରେ ଦୋଷୀ ନ ହୁଏ । ଏକ ସୁନ୍ଦର, ପ୍ରିୟ ସୃଷ୍ଟ ପ୍ରାଣୀ ଯାହାକୁ ତୁମେ, ପୁରୁଷର ଏକ ଅଂଶ ଭାବେ ଦେଇଅଛ, ଯେ ସେ ସେହି ପୁରୁଷର ଧ୍ୟାନକୁ ନିଜ ପ୍ରତି ଆକର୍ଷଣ କରିବା ପାଇଁ—ପାଇଁ—ପାଇଁ ସେହି ଉପାୟରେ ରହୁ, ଯେପରିକି ସେମାନେ ଦୁଇ ଜଣ ଏକ ହୋଇପାରନ୍ତି, କାରଣ ସେ ସେହି ପୁରୁଷଠାରୁ ବାହାରି ଆସିଥିଲା । ମୁଁ ପ୍ରାର୍ଥନା କରେ ଯେ, ହେ ପରମେଶ୍ୱର, ସେହି ନାରୀ ତାହା ଅନୁଭବ କରିବ ଯେ ତାର ସୌନ୍ଦର୍ଯ୍ୟ ଏବଂ ଯାହାକିଛି ସେ ଅଟେ, ତାହା କେବଳ ତାର ସ୍ୱାମୀ ନିମନ୍ତେ ଅଟେ । ପିତା, ଏହାକୁ ପ୍ରଦାନ କର ।

29 ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ସାହାଯ୍ୟ କରିବ ଯେତେବେଳେ ଆମେ ଏହି ପ୍ରଶ୍ନଗୁଡିକ ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁ । ଆମେ ଏହି ବିଷୟଗୁଡ଼ିକ ପାଇଁ ଯୋଗ୍ୟ ନୋହୁଁ, ମାତ୍ର ହେ ପ୍ରଭୁ, ତୁମର ମହାନ ଆତ୍ମା ଆସୁ, ଯାହାକି ଆମର ପରିପୂର୍ଣ୍ଣତା ଅଟେ; ଏବଂ ଏହା ହେଉ ଯେ ତାହା ଅନେକର ହୃଦୟରେ ଥିବା ସେହି ପ୍ରଶ୍ନର ଉତ୍ତର ଦେଉ । ତୁମେ ଆମକୁ ଯାହା ଦେଇଅଛ ସେଥିପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ: *ମଣ୍ଡଳୀ ଯୁଗମାନ*, ଏବଂ

*ମୁଦ୍ରାଗୁଡିକ*, ଏବଂ ସେହି...ହେ, ପ୍ରଭୁ, ତୁମେ କିପରି ଆମ ସହିତ ସେହି ମହାନ ଶକ୍ତିଶାଳୀ ବିଷୟଗୁଡ଼ିକରେ ବ୍ୟବହାର କରିଅଛ ଯାହାକି ଆମ ପାଇଁ ମହାନ୍ ଅଟେ, କାରଣ ଆମେ ଦେଖୁଅଛୁ ଯେ ସେହି ଶେଷ ସମୟ ପାଖେଇ ଆସୁଅଛି।

30 ତେବେ, ତାହା ପ୍ରତି...ଭାବୁଥିଲି ଯେ ଏହା ତୁମର ରାଜ୍ୟ ପାଇଁ ସମୃଦ୍ଧ ଥିଲା କିମ୍ବା ସମୃଦ୍ଧ ହେବ ଯଦି ମୁଁ ଲୋକମାନଙ୍କୁ ଯାଞ୍ଚ କରେ। ଅନେକ ଥର ହୃଦୟର ଗୁପ୍ତ ଚିନ୍ତାଗୁଡିକୁ ଜାଣିପାରିବା ଅଧିନରେ ଏବଂ ଅନେକ ଭିନ୍ନ ବିଷୟଗୁଡିକ ଦେଖୁଥିବାରେ, ଆଉ ଆପଣ ସେଗୁଡ଼ିକ ମଧ୍ୟରୁ ଗୋଟିଏ ଉପରେ ଧ୍ୟାନ ଦେଇପାରନ୍ତି ନାହିଁ; ତେଣୁକରି ଚିନ୍ତା କରେ—ମୁଁ କେବଳ ସେମାନଙ୍କୁ ଲେଖିବାକୁ ଦେଇଥାଏ ଯାହା ସେମାନେ ନିଜ ହୃଦୟରେ ଭାବିଥିଲେ। ଏବଂ ତାହାପରେ ସେମାନେ ଲେଖିଥିବା ସେହି ଖଣ୍ଡେ କାଗଜରୁ ମୁଁ ସେମାନଙ୍କର ଚିନ୍ତାଧାରାକୁ ପ୍ରକାଶ କରିପାରେ, ଆଉ ତାହାପରେ ତୁମେ ଆମକୁ ସଠିକ୍ ଉତ୍ତର ଦେଇଥାଅ। ହେ ପ୍ରଭୁ, ଆମେ ସମସ୍ତେ ଅପେକ୍ଷା କରୁଅଛୁ। ପ୍ରଭୁ, ଆମ ଗହଣକୁ ଆସ, ଏବଂ ଏହି ଗଳି ପଥ ଦେଇ ଉପର ଓ ତଳ ଗମନାଗମନ କର, ଏବଂ ନିଜ ଇଚ୍ଛାନୁସାରେ ପ୍ରତ୍ୟେକ ଜଣଙ୍କ ସହିତ ବ୍ୟବହାର କର। ଆମେ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଟେରି, ମୁଁ...କଅଣ ମୁଁ...କଅଣ ତାହା ଏବେ ମଧ୍ୟ ଆସୁଅଛି, ସେଠାରେ ସେହି ଭା-...ମୁଁ ଛୁଇଁ ଦେଇଥିଲି...କଅଣ ଏହା ତାହାକୁ ବନ୍ଦ କଲା, ନା ଅନ୍ୟକିଛି କଲା? ଏଥିରେ କିଛି ଫରକ୍ ପଡେ ନାହିଁ। ମୁଁ ଏହାକୁ ମୋ ହାତରେ ସ୍ପର୍ଶ କରିଥିଲି। ମୁଁ ଜାଣି ନ ଥିଲି।

31 ତେବେ, ଯେପରିକି ମୁଁ ବର୍ତ୍ତମାନ ପୁଣିଥରେ କହୁଅଛି, ଯେତେବେଳେ ଆମେମାନେ ଆରମ୍ଭ କରୁଅଛୁ, ସେହି—ସେହି ସେବକଗଣ ବା ଲୋକମାନଙ୍କୁ ଯେଉଁମାନେକି ଦେଶର ବିଭିନ୍ନ ପ୍ରାନ୍ତରେ ରହୁଛନ୍ତି, କିମ୍ୱା ଯେଉଁମାନେକି ସେହି ଟେପ୍‌କୁ ଶୁଣିବେ, ଆପଣ—ଆପଣ...ଟେପ୍‌ଟି ଠିକ୍ ଅଛି: ଏହା ଲୋକମାନଙ୍କ ହୃଦୟରେ ଥିବା ସେହି ପ୍ରଶ୍ନମାନ ଅଟେ ଯେଉଁମାନେକି ଏହି ଆରାଧନାଳୟ ସହିତ ସମ୍ପୃକ୍ତ ଅଟନ୍ତି, ଯେଉଁଠାରେକି ଆମର କୌଣସି ନାମଧାରୀ ସଂସ୍ଥା ନାହିଁ, କେବଳ ପରସ୍ପର ସହିତ ସହଭାଗିତା ରହିଛି। ଏବଂ ମୁଁ ବିଶ୍ୱାସ କରେ ଯେ ଏହା ଏକ...ଆମର ଚିନ୍ତାଧାରାଗୁଡିକୁ ସ୍ପଷ୍ଟ କରିବ, ଯେ ଆମେମାନେ ଜାଣିବା ଯେ କଅଣ କରିବାକୁ ଅଛି ଏବଂ ଆମର ପ୍ରଶ୍ନର ଉତ୍ତର ଦିଆଯାଇସାରିବା ପରେ ଆମେ କିପରି ଉତ୍ତମ ଭାବରେ ଜୀବନ ଯାପନ କରିବା। ମୁଁ ଜାଣେ, କେବଳ ସେଗୁଡ଼ିକୁ ପାଠ କରିବା, ଏହା ମୋ ପାଇଁ ଏକ ଆଶୀର୍ବାଦ ଥିଲା।

32 ତେବେ, ମୁଁ ସେଗୁଡିକୁ ଠିକ ଏଠାରେ ଏକ ଗଦା ଭିତରେ ରଖିଅଛି, ଏବଂ ମୁଁ ଦେଖିବି ଓ ବାର ଘଟିକାକୁ ପ୍ରାୟଃ ପାଞ୍ଚ ମିନିଟ୍ ଥିବା ପର୍ଯ୍ୟନ୍ତ, ତାହାପରେ ମୁଁ ବରଖାସ୍ତ କରି ଦେବି। ଏବଂ ତାହାପରେ, ଆଜି ଅପରାହ୍ନରେ ଛଅଟା-ତିରିଶରେ ଫେରି ଆସିବି।

ପ୍ରଥମ ପ୍ରଶ୍ନ ଯାହା ମୋ ପାଖରେ ଅଛି, ମୁଁ ବିଶ୍ୱାସ କରେ ଯେ ଏହା କ୍ରମାଗତ ପାଞ୍ଚୋଟି ପ୍ରଶ୍ନ ଅଟେ, ଯାହାକି ଏକ ହଳଦିଆ କାଗଜ ଖଣ୍ଡ ଉପରେ ଟାଇପ୍ ଦ୍ୱାରା ଲିଖିତ ହୋଇଅଛି ।

**236. ଏହାର ଅର୍ଥ କଅଣ? ମାଥିଉ 24:19: "ସେହି ସମୟରେ ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ, ହାୟ ସେମାନେ କ୍ଳେଶର ପାତ୍ର!"**

ଆଶ୍ଚର୍ଯ୍ୟ ବିଷୟ, ତାହା ନ ଜାଣି, ମୁଁ ଏହା ସ୍ତ୍ରୀଲୋକମାନଙ୍କ ବିଷୟରେ କହିବାକୁ ଯାଉଥିଲି, ଏବଂ ଏଠାରେ ତାହା ଏହି ସମୟରେ ଅଛି, ପ୍ରଥମ ପ୍ରଶ୍ନରେ ।

33 ବର୍ତ୍ତମାନ, ମାଥିଉ 24:19 । ଯୀଶୁଙ୍କୁ ତିନୋଟି ପ୍ରଶ୍ନ ପଚରାଯାଇଥିଲା । ଏହି ପ୍ରଶ୍ନଗୁଡିକରେ ତାହା ଥିଲା: ତାହା କେଉଁ ସମୟ ହେବ ଯେତେବେଳେକି ଗୋଟିଏ ପଥର ଅନ୍ୟ ଉପରେ ରହିବ ନାହିଁ? ଏବଂ, ଯୁଗାନ୍ତ ଆସିବାର ସେହି ଚିହ୍ନ କଅଣ ହେବ? ଏବଂ—ଏବଂ ତିନୋଟି ଭିନ୍ନ ପ୍ରଶ୍ନ ଥିଲା ଯାହାକି ତାଙ୍କୁ—ତାଙ୍କୁ ପଚରାଯାଇଥିଲା । ଏବଂ ସେ ଏହାକୁ ତିନୋଟି ଭିନ୍ନ ଉପାୟରେ ଉତ୍ତର ଦିଅନ୍ତି, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅନ୍ତି । ତାହା କେବେ ହେବ ଯେତେବେଳେ ଗୋଟିଏ ପଥର ଉପରେ ଅନ୍ୟ ପଥର ରହିବ ନାହିଁ? ଏବଂ ତୁମର ଆଗମନର ଚିହ୍ନ କଅଣ ହେବ? ଏବଂ ଯୁଗାନ୍ତର ଚିହ୍ନ କଅଣ ହେବ? ଏବଂ ସେ ଏହାକୁ ତିନୋଟି ଭିନ୍ନ ଉପାୟରେ ଉତ୍ତର ଦିଅନ୍ତି । ସେ ସେମାନଙ୍କୁ କୁହନ୍ତି ଯେ ସେହି ସମୟଟି କେତେବେଳେ ହେବ ଯେତେବେଳେକି ଗୋଟିଏ ପଥର ଅନ୍ୟ ଉପରେ ରହିବ ନାହିଁ; ତାହାଙ୍କ ଆଗମନର ଚିହ୍ନ କଅଣ ହେବ; ଏବଂ ତାହାପରେ, ଯୁଗାନ୍ତରେ । ଏବଂ ଅନେକ ଥର, ଯଦି ଆପଣ ଧ୍ୟାନ ସହକାରେ ଲକ୍ଷ୍ୟ ନ କରନ୍ତି, ତେବେ, ଯେ ସେ ଏହାକୁ କିପରି ଭାବରେ ଉତ୍ତର ଦିଅନ୍ତି (ଦେଖନ୍ତୁ?), ତାହାହେଲେ ଆପଣ ଏହାକୁ ମିଶ୍ରିତ କରି ପକାଇବେ ଏବଂ ଏହାକୁ ସବୁ ଗୋଟିଏରେ ଘାଣ୍ଟି ପକାଇବେ; ଆଉ ତାହାପରେ ଆପଣ ସମସ୍ତ କିଛିକୁ ମିଶ୍ରିତ କରିଦେବେ ।

34 ତେବେ, ଆମର—ଆମର ଆଡଭେଣ୍ଟିଷ୍ଟ ଭାଇମାନଙ୍କ ପ୍ରତି କୌଣସି ଅନାଦର ନୁହେଁ ଯେଉଁମାନେକି ଏହାକୁ ଆକ୍ଷରିକ ଭାବରେ ଭବିଷ୍ୟତ୍‌ରେ ହେବ ବୋଲି ଗ୍ରହଣ କରନ୍ତି । ସପ୍ତମ ଦିନର ସେହି ବିଷୟକୁ ଯିବା ହେତୁ ଯାହାକି: "ତୁମ୍ଭର ପଳାୟନ ଯେପରି ଶୀତକାଳରେ କିମ୍ବା ବିଶ୍ରାମବାରରେ ନ ଘଟେ ଏଥିପାଇଁ ପ୍ରାର୍ଥନା କର," କହିଲେ (ଦେଖନ୍ତୁ?), ସେମାନେ ସେତେବେଳେ ମଧ୍ୟ ବିଶ୍ରାମବାର ପାଳନ କରୁଥିବେ । ସେହି ଭାଇମାନଙ୍କ ପ୍ରତି ତାହା କହୁ ନାହିଁ, ତାହା କରିବା ଖ୍ରୀଷ୍ଟିଆନ-ପରି ହେବ ନାହିଁ, କିନ୍ତୁ ଏହାକୁ କେବଳ ସଳଖ କରିବା ନିମନ୍ତେ । ବୁଝିଲେ?

35 ସମଗ୍ର ଖ୍ରୀଷ୍ଟିଆନ ଜଗତ କିପରି ଭାବରେ ଗୋଟିଏ ପାଚେରୀ ଭିତରେ ଏକତ୍ରିତ ହେବେ, ଏବଂ ସେହି ପ୍ରାଚୀରଗୁଡ଼ିକ ସେପରି ଭାବରେ ଖୋଲା ଏବଂ ବନ୍ଦ ହୋଇ ନ ଥିବ ଯେପରିକି ତାହା ସେଦିନରେ ହୋଇଥିଲା । ବୁଝିଲେ? ଏହା କଅଣ ଫରକ୍ ପକାଇବ, ଯେ ତାହା ସେହି ଲୋକମାନଙ୍କ ପାଇଁ ଶୀତକାଳ ଥିଲା ନା ଗ୍ରୀଷ୍ମକାଳ ଥିଲା ଯେଉଁମାନେକି ଉଷ୍ଣ କଟିବନ୍ଧିୟ କ୍ଷେତ୍ରରେ ରହିଥିଲେ । ଦେଖନ୍ତୁ? ଏହା କେବଳ ଏକାକୀ ଇସ୍ରାଏଲ ପାଇଁ ଥିଲା ।

ତାହା ସେହି ସମୟ ଅଧିନରେ ଥିଲା ଯେତେବେଳେକି ଗୋଟିଏ ପଥର ଅନ୍ୟ ଉପରେ ରହିବ ନାହିଁ। "ସେହି ସମୟରେ ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ, ହାୟ ସେମାନେ କ୍ଳେଶର ପାତ୍ର," କାରଣ ଜଣେ ମାଆ ଯିଏକି ସନ୍ତାନ ସହିତରେ ଅଛି (ବୁଝିଲେ?), ଏହା ତାଙ୍କ ପାଇଁ ଦୌଡି ପଳାଇବା କଷ୍ଟକର ହେବ, ଏବଂ ସେମାନଙ୍କର ପାଇଁ ଯେଉଁମାନେକି ତାଙ୍କର ଶିଶୁମାନଙ୍କୁ ସ୍ତନ୍ୟପାନ କରାଉଥାନ୍ତି ସେହି ଶିଶୁମାନଙ୍କୁ ନେଇ ଶୀଘ୍ର ପଳାଇବା କଠିନ ହେବ, କାରଣ ସେମାନଙ୍କୁ ଯିରୁଶାଲମରୁ ସେହି ସହରରୁ ବାହାରି ଆସି...ଉପରକୁ ଯିହୁଦାର ପର୍ବତାଞ୍ଚଳ ଯିବାକୁ ପଡିଥିଲା।

36 ଏବଂ ବର୍ତ୍ତମାନ, ମୁଁ କେବଳ ଏହାକୁ ସ୍ପଷ୍ଟ କରିବା ପାଇଁ, କେବଳ ସେହି ଗୋଟିଏ ଜିନିଷ ଉପରେ ସମସ୍ତ ସକାଳ ରହିପାରିବି; ମାତ୍ର ମୁଁ କେବଳ ସେହି ମୂଖ୍ୟ ବିନ୍ଦୁଗୁଡିକୁ ଛୁଇଁବାର ଚେଷ୍ଟା କରିବାକୁ ଯାଉଅଛି ଯେତିକି ମୁଁ କରିପାରେ, ଯେପର୍ଯ୍ୟନ୍ତକି ଏହା ଲୋକମାନଙ୍କ ନିକଟରେ ନ ପହଞ୍ଚିଯାଏ, ଏବଂ ତାହାପରେ ପରବର୍ତ୍ତୀ ପ୍ରଶ୍ନକୁ ଯିବି।

37 ତେବେ, ଯୀଶୁ ସେମାନଙ୍କୁ କହିଥିଲେ ଯେ ସେମାନେ..."ଯେତେବେଳେ ତୁମେ ଯିରୁଶାଲମକୁ ସୈନ୍ୟସାମନ୍ତରେ ପରିବେଷ୍ଟିତ ହୋଇଥିବାର ଦେଖ, ତେବେ ଯିଏ କ୍ଷେତ୍ରରେ ଅଛି, ସେ ନିଜର ଅଙ୍ଗରଖା ନେବା ପାଇଁ, ନିଜ ଘରୁ କିଛି ନେବା ପାଇଁ ନଗରକୁ ନ ଫେରୁ; ଆଦୌ ନଗରକୁ ନ ଫେରୁ, ବରଂ ଯିହୁଦାକୁ ପଳାୟନ କରୁ, କାରଣ ଏପରି ଏକ ସଙ୍କଟର ସମୟ ହେବ ଯାହାକି ଜଗତର ଆରମ୍ଭ ହେବା ଦିନଠାରୁ କେବେ ହେଁ ହୋଇନାହିଁ।" ଏବଂ ତାହା ସବୁ ସେହି ଦିନ ଘଟିଥିଲା ଯେତେବେଳେ ରୋମୀୟ ସୈନ୍ୟାଧ୍ୟକ୍ଷ, ଟାଇଟସ୍, ଯିରୁଶାଲମକୁ ଘେରି ଅବରୋଧ କଲା, ସେହି ନଗରକୁ ନିଆଁରେ ଜାଳି ଦେଲା, ଏବଂ ସେଠାରେ କେବଳ...ଆଉ ଏତେ ଅଧିକ ଲୋକମାନଙ୍କୁ ହତ୍ୟା କଲା ଯେ ଫାଟକରୁ ରକ୍ତ ବହି ଆସିଲା ଓ ଧାର ଭାବେ...ରାସ୍ତାରେ ବହି ଗଲା। ସେ ଏହାକୁ ଘେରି ଦେଲା। ମୁଁ ଜାଣେ ନାହିଁ ଯେ ତାହା କେତେ ବର୍ଷ ପାଇଁ ରହିଥିଲା, ଯେ ସେ କେବଳ ନିଜର ସୈନ୍ୟବାହିନୀକୁ ନେଇ ସେଠାକୁ ଆସିଲା ଓ ଠିକ ସହରର ଚାରିପାଖରେ ଛାଉଣି ସ୍ଥାପନ କଲା। ଆଉ ଏପରିକି ଲୋକମାନେ, ସ୍ତ୍ରୀଲୋକମାନେ, ନିଜର ଶିଶୁମାନଙ୍କୁ ସିଝେଇ ସେମାନଙ୍କୁ ଭୋଜନ କଲେ, ଗଛର ଛାଲି ଖାଇଲେ, ଭୂମିରୁ ଘାସ ଖାଇଲେ। ତାହା ବାକ୍ୟକୁ ପ୍ରତ୍ୟାଖ୍ୟାନ କରିବା ନିମନ୍ତେ ହୋଇଥିଲା। ତାହା ହିଁ ଥିଲା ଯାହାକି ଏହାକୁ ଘଟାଇଥିଲା। ଆଉ ତାହାପରେ...

38 ତେବେ, ସେମାନେ ଯେଉଁମାନେକି ବାକ୍ୟକୁ ଗ୍ରହଣ କରିଥିଲେ, ଯେପରିକି ଯୋସେଫସ୍, ସେହି ମହାନ ଇତିହାସକାର ଲେଖନ୍ତି...ସେ ସେମାନଙ୍କୁ ନର ଭକ୍ଷକ ବୋଲି ଡାକିଥିଲେ, କହିଲେ ଯେ ସେମାନେ ନାଜରିତୀୟ ଯୀଶୁ ନାମକ ଜଣେ ବ୍ୟକ୍ତିଙ୍କର ଶରୀରକୁ ଭୋଜନ କରିଥିଲେ, ଯାହାଙ୍କୁ ପୀଲାତ କ୍ରୁଶରେ ଚଢାଇଥିଲେ; ଆଉ ସେମାନେ ରାତିରେ ଆସି ତାହାଙ୍କର ଶରୀରକୁ ଚୋରି କରି ନେଇଗଲେ, ଏବଂ ଏହି ଲୋକମାନେ ତାହାଙ୍କୁ ବାହାର କରି ଖଣ୍ଡ ଖଣ୍ଡ କାଟି ଭୋଜନ କଲେ। (ସେମାନେ ପ୍ରଭୁଭୋଜ ନେଉଥିଲେ, ଆପଣ ଦେଖନ୍ତୁ। ସେମାନେ ଜାଣି ନ ଥିଲେ।) ତାହା ତ କେବଳ ଏକ କାହାଣୀ ପ୍ରଚଳିତ ହୋଇଥିଲା, ଯେପରିକି

ଆଜି ସେମାନଙ୍କ ପାଖରେ ଆମ ବିଷୟରେ ଏବଂ ଅନ୍ୟ ଖ୍ରୀଷ୍ଟିଆନମାନଙ୍କ ବିଷୟରେ ରହିଛି । ଆପଣ ଦେଖୁଛନ୍ତି କି? ସେମାନେ ସେହି କଥାସବୁ କୁହନ୍ତି, କିନ୍ତୁ...

39 ବର୍ତ୍ତମାନ, ସେହି ଲୋକମାନେ ଯେଉଁମାନେକି...ସେହି କାରଣ ଯେ, "ତୁମ୍ଭର ପଳାୟନ ଯେପରି ଶୀତକାଳରେ ନ ହୁଏ ଏଥି ନିମନ୍ତେ ପ୍ରାର୍ଥନା କର," ଯିହୁଦା ତୁଷାରାଚ୍ଛନ୍ନ ଥିଲା । ଦେଖନ୍ତୁ, ଖ୍ରୀଷ୍ଟମାସ? ତେବେ, ଯୀଶୁ କିପରି ଭାବରେ ସେଠାରେ ଉପରେ ସେହି ତୁଷାରାଚ୍ଛନ୍ନ ପର୍ବତମାଳାରେ ଜନ୍ମଗ୍ରହଣ କରିଥିଲେ? "ତୁମ୍ଭର ପଳାୟନ ଯେପରି ଶୀତକାଳରେ, କିମ୍ଵା ବିଶ୍ରାମବାରରେ ନ ହେଉ ଏଥି ନିମନ୍ତେ ପ୍ରାର୍ଥନା କର," ଦେଖନ୍ତୁ, କାରଣ ବିଶ୍ରାମ ଦିନରେ ଫାଟକଗୁଡିକ ବନ୍ଦ ହୋଇଯାଏ, ଏବଂ ସେମାନେ ଠିକ ସେମାନଙ୍କର ଫାନ୍ଦରେ ଧରା ପଡିଯିବେ । ଯଦି ଟାଇଟସ୍ ସେଠାରେ ଶୁକ୍ରବାର ଅପରାହ୍ନରେ—ରେ—ରେ ପହଞ୍ଚିଥିଲେ, ତାହାହେଲେ ସେମାନେ ସେଠାରେ ବିଶ୍ରାମବାର ପାଇଁ ଘେରା ହୋଇଥିଲେ, କାରଣ ଦ୍ଵାରଗୁଡିକ ବନ୍ଦ ରହିଥିଲା । ଫାଟକଗୁଡିକ ବିଶ୍ରାମବାର ଦିନ ବନ୍ଦ ରହୁଥିଲା ଓ ଖୋଲା ଯାଉ ନ ଥିଲା । ବିଶ୍ରାମବାର ଦିନ ସହରକୁ କେହି ଆସୁ ନ ଥିଲେ ଓ କେହି ବାହାରକୁ ଯାଉ ନ ଥିଲେ ।

40 ଏବଂ ବର୍ତ୍ତମାନ, କଅଣ ଆପଣ ଦେଖନ୍ତି ଯେ କଅଣ ଘଟିଥିଲା? ତାହାପରେ ସେ କହିଲେ, "ସେହି ସମୟରେ ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ, ହାୟ" (ଦେଖନ୍ତୁ?) କାରଣ ପଳାୟନ କରିବା ଏବଂ ଦୌଡି ଯିବା...ଆଉ ଇତିହାସ ଅନୁଯାୟୀ, ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଯୀଶୁଙ୍କଠାରେ ବିଶ୍ଵାସ କରୁଥିବା ଏବଂ ବାକ୍ୟକୁ ବିଶ୍ଵାସ କରୁଥିବା ଲୋକ ନ ଥିଲେ ମାତ୍ର ଯିଏକି ତାହା ଘଟିବାର ଅପେକ୍ଷା କରୁଥିଲେ । ଏବଂ ସେମାନେ ପଳାୟନ କଲେ, ଏବଂ ଯିରୁଶାଲମରୁ ଯିହୁଦାକୁ ଗଲେ, ଏବଂ—ଏବଂ ସେମାନଙ୍କର ଜୀବନ ପାଇଁ ପଳାୟନ କଲେ, ଏବଂ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ...କାରଣ ସେମାନଙ୍କୁ ସେମାନଙ୍କର ମେଷପାଳକଙ୍କ ଦ୍ଵାରା ଚେତାବନୀ ଦିଆ ଯାଇଥିଲା ଏବଂ ସେମାନେ ସେହି ଘଟିକାର ଆଗମନକୁ ଅପେକ୍ଷା କରୁଥିଲେ । ଯେତେବେଳେ ସେମାନେ ଟାଇଟସ୍‌ର ଆସୁଥିବା ବିଷୟ ଶୁଣିଲେ, ସେମାନେ ବାହାରି ଯିବାକୁ ଲାଗିଲେ, ନିଜର ଜୀବନ ରକ୍ଷା ପାଇଁ ପଳାୟନ କଲେ, ଏବଂ ସହରରୁ ବାହାରି ଗଲେ ।

ତେବେ, ପରବର୍ତ୍ତୀ ପ୍ରଶ୍ନ ଆସେ ।

**237. ମାଥିଉ 24:24: "କାରଣ ଭଣ୍ଡ ଭାବବାଦୀମାନେ, ଓ ଭଣ୍ଡ ଖ୍ରୀଷ୍ଟମାନେ, ଓ ଭଣ୍ଡ ଭାବବାଦୀମାନେ ଉଠି, ଏପରି ମହା ମହା ଚିହ୍ନ ଏବଂ ଅଦ୍ଭୁତ କର୍ମମାନ ଦେଖାଇବେ ।" ଆମେ ସେମାନଙ୍କୁ କିପରି ଚିହ୍ନିବା?**

41 "ସେଠାରେ ଉଠିବେ..." ସେଥିରେ ଆପଣମାନେ ବର୍ତ୍ତମାନ ଏକ ଅନ୍ୟ ଯୁଗକୁ ଆସୁଛନ୍ତି । ବୁଝିଲେ? "...ଭଣ୍ଡ ଖ୍ରୀଷ୍ଟ ଓ ଭଣ୍ଡ ଭାବବାଦୀମାନେ ଉଠିବେ ।" ଗୋଟିଏ ଭଣ୍ଡ ଖ୍ରୀଷ୍ଟ ଜଣେ ଭଣ୍ଡ ଅଭିଷିକ୍ତ ଅଟେ, କାରଣ ଖ୍ରୀଷ୍ଟ ଅଭିଷିକ୍ତ ଅଟନ୍ତି । କେତେ ଜଣ ଜାଣନ୍ତି ଯେ *ଖ୍ରୀଷ୍ଟଙ୍କର* ଅର୍ଥ "ଅଭିଷିକ୍ତ" ଅଟେ? ସେଠାରେ ଭଣ୍ଡ ଅଭିଷିକ୍ତ ରହିବେ, ଏବଂ ସେମାନେ

ନିଜକୁ ଭାବବାଦୀ ବୋଲି କହିବେ। ମାତ୍ର ଆପଣ ସେମାନଙ୍କୁ କିପରି ଚିହ୍ନିବେ? ବାକ୍ୟ ଦ୍ୱାରା; ଠିକ ସେହିପରି ଭାବରେ ହିଁ ଆପଣ ତାହା ଜାଣିବେ, ବାକ୍ୟ ଦ୍ୱାରା, ଯେ ସେମାନେ ଠିକ୍ ଅଟନ୍ତି କି ନୁହେଁ। ଆମେ ସେମାନଙ୍କୁ କିପରି ଚିହ୍ନିବା? ସେହି ବାକ୍ୟ ଦ୍ୱାରା ହେବ। ଯଦି ସେମାନେ...ଯଦି ସେମାନେ କୁହନ୍ତି ଯେ ସେମାନଙ୍କ ପାଖରେ ବାକ୍ୟ ଅଛି, ଏବଂ ତାହାପରେ ବାକ୍ୟକୁ ଅସ୍ୱୀକାର କରନ୍ତି, ତାହାହେଲେ ସେଥିରେ କିଛି ହେଲେ ନାହିଁ, ଯାଏ ଅସେ ନାହିଁ ଯେ ସେମାନେ କଅଣ କରନ୍ତି। ସେମାନେ ରୋଗୀଙ୍କୁ ସୁସ୍ଥ କରି ପାରନ୍ତି; ସେମାନେ ଅନ୍ଧମାନଙ୍କର ଆଖି ଖୋଲି ଦେଇପାରନ୍ତି; ଏବଂ ବାକ୍ୟକୁ ଅସ୍ୱୀକାର କରନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ। ଏଥିରେ କିଛି ଫରକ୍ ପଡେ ନାହିଁ ଯେ ତାହା କଅଣ ଅଟେ, ଯାହା ବି ହେଉ ସେହି ବାକ୍ୟ ସହିତ ଲାଗି ରୁହନ୍ତୁ (ବୁଝିଲେ?), କାରଣ ଅନେକ ଥର ମୁଁ ଯାଦୁକରମାନଙ୍କୁ ଦେଖିଅଛି ଏବଂ ଆରୋଗ୍ୟତା ଅଧୀନରେ—ଅଧୀନରେ ସମସ୍ତ ପ୍ରକାରର ବିଷୟ ଘଟୁଥିବାର ଦେଖିଅଛି।

42 ଏଠାରେ ଆଜି ସକାଳେ ଦକ୍ଷିଣ ଆଫ୍ରିକାରୁ ଭାଇ ସିଡନୀ ଜ୍ୟାକସନ୍, ଭଉଣୀ ଜ୍ୟାକସନ୍ ବସିଛନ୍ତି। ସେ ଏଠାରେ ଛିଡା ହୋଇ ସେହି ବିଷୟକୁ ନେଇପାରିବେ ଏବଂ ପ୍ରକୃତରେ ଆପଣଙ୍କୁ ସେଠାରେ ଏହି ବିଷୟରେ କିଛି କହିପାରିବେ। କାହିଁକି ନିଶ୍ଚିତରେ, ଲୋକମାନେ ପ୍ରତିମା ନିକଟକୁ ଆସନ୍ତି ଏବଂ ସୁସ୍ଥ ହୋଇଥାଆନ୍ତି। ଦେଖନ୍ତୁ, କାରଣ କାହିଁକି?

43 ଠିକ୍ ଯେପରି ଡାକ୍ତର ହେଗ୍ରେ ମୋତେ ସେହି ସମୟରେ ପାଟି ତୁଣ୍ଡ କରିଥଲେ, ଯେତେବେଳେ ମୁଁ କହିଥିଲି ଯେ ଶୟତାନ ସୁସ୍ଥ କରିପାରେ ନାହିଁ। ଏବଂ ଏହା କହିଥିଲେ, "ଆପଣଙ୍କ ପରି ଜଣେ ବ୍ୟକ୍ତି ଯିଏକି ଏତେ ଲୋକଙ୍କ ସମ୍ମୁଖରେ ଛିଡା ହୁଅନ୍ତି, ଏବଂ ଏପରି ନିମ୍ନସ୍ତର ଧର୍ମଶାସ୍ତ୍ରୀୟ ଜ୍ଞାନ," କହିଲେ, "କହୁଛନ୍ତି ଯେ ଶୟତାନ ସୁସ୍ଥ କରିପାରେ ନାହିଁ।" କହିଲେ, "ଠିକ ଆମ ପଡ଼ୋଶୀରେ ଜଣେ ମହିଳା ରୁହନ୍ତି ଯିଏକି ନିଜର ଚାରିପାଖରେ ଏକ ଆପ୍ରୋନ୍ କନା ଧରିଥାଆନ୍ତି, ଏବଂ ସେଠାକୁ ଯାଆନ୍ତି; ଏବଂ ଲୋକମାନେ ତାଙ୍କ ଚାରିପାଖକୁ ଆସନ୍ତି ଏବଂ ଏହି ଆପ୍ରୋନରେ ଟଙ୍କା ପକାଇବାର ଥାଏ; ତାହାପରେ ସେ ସେଗୁଡିକୁ ଘଷିବେ ଏବଂ ନିଜ ମୁଣ୍ଡରୁ କେଶ ଏବଂ ସେମାନଙ୍କ ଶିରାରୁ ରକ୍ତ ବାହାର କରିବେ ଆଉ—ଆଉ ତାହାକୁ ଏକ କେଶରେ ଲଗାଇ ତାକୁ ନିଜ ପଛରେ ଫିଙ୍ଗି ଦେବେ; ଏବଂ ସେ ପଛଆଡେ ଚାରିପାଖକୁ ଦେଖିବାକୁ ବାଧ୍ୟ, ସେହି ରୋଗ ଲୋକମାନଙ୍କ ନିକଟକୁ ଫେରି ଆସେ। ଏବଂ," କହିଲେ, "ସେମାନଙ୍କ ମଧ୍ୟରୁ ଶତକଡା ତିରିଶ ଲୋକ ସୁସ୍ଥ ହୁଅନ୍ତି। ଏବଂ ତାହାପରେ ଆପଣ କହୁଛନ୍ତି ଯେ ଶୟତାନ ସୁସ୍ଥ କରିପାରେ ନାହିଁ?"

44 ଆଉ ମୁଁ ଭାବିଲି, "ଓଃ, ମୋର ପରଭୂ!" ମୁଁ ତାଙ୍କୁ ପ୍ରତ୍ୟୁତ୍ତରରେ ଲେଖିଲି, ଏବଂ ମୁଁ କହିଲି, "ପ୍ରିୟ ଶ୍ରୀମାନ:" ମୁଁ କହିଲି, "ଏହା ମୋ ପାଇଁ ଏକ ଆଶ୍ଚର୍ଯ୍ୟର ବିଷୟ ଅଟେ ଯେ ଲୁଥରାନ୍ ମହାବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ନିଜର ଧର୍ମଶାସ୍ତ୍ର ଜ୍ଞାନକୁ ପରମେଶ୍ୱରଙ୍କ ବାକ୍ୟ ପରିବର୍ତ୍ତେ ଏକ ଅଭିଜ୍ଞତା ଉପରେ ଆଧାର କରିବେ।" ଦେଖନ୍ତୁ? "ପରମେଶ୍ୱରଙ୍କ ବାକ୍ୟ କୁହେ ଯେ ଶୟତାନ ଶୟତାନକୁ ବାହାର କରିପାରେ ନାହିଁ। ତାହାହିଁ ଏହାକୁ ସମାଧାନ କରେ; ଯୀଶୁ ଏହା କହିଥିଲେ।" ଯଦି ଶୟତାନ...କୁହନ୍ତି, "ତାହାହେଲେ ଆପଣ ହୁଏତ

ଏହା ଆଶ୍ଚର୍ଯ୍ୟ କରିପାରନ୍ତି ଯେ ଏହି ଲୋକମାନେ କିପରି ସେହି, ସେହି ଯାଦୁକର ଦ୍ୱାରା ସୁସ୍ଥ ହୋଇଥାଆନ୍ତି, କାରଣ ସେହି ଲୋକମାନେ ନିଜେ ଏହା ଭାବନ୍ତି ଯେ ସେମାନେ ସେହି ଯାଦୁକର ମାଧ୍ୟମରେ ପରମେଶ୍ୱରଙ୍କ ନିକଟକୁ ଆସୁଛନ୍ତି। ଏବଂ ଆରୋଗ୍ୟତା ବିଶ୍ୱାସ ଉପରେ ଆଧାରିତ ଅଟେ, ଆପଣ କେତେ ଧାର୍ମିକ, ଆପଣ କେତେ ଭଲ, ଆପଣ କେତେ ଆଜ୍ଞାଗୁଡ଼ିକୁ ପାଳନ କରନ୍ତି, ତାହା ଉପରେ ନୁହେଁ, କିମ୍ବା ତାହା ଯାହାକିଛି ବି ଅଟେ, ଏହା ତ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ ଉପରେ ଆଧାରିତ ଅଟେ। 'ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ସବୁକିଛି ସମ୍ଭବ!' ବୁଝିଲେ? ଏହା ତାହା ଉପରେ ଆଧାରିତ ନୁହେଁ ଯେ ଆପଣ କେତେ ଭଲ ଅଟନ୍ତି। ମୁଁ ବେଶ୍ୟାମାନଙ୍କୁ ମଞ୍ଚ ଉପରେ ଆସି ତତ୍‌କ୍ଷଣାତ୍ ହିଁ ସୁସ୍ଥତା ଲାଭ କରିଥିବାର ଦେଖିଛି ଏବଂ ଜଣେ ସାଧୁ ମହିଳାଙ୍କୁ ସେହି ମଞ୍ଚ ଅତିକ୍ରମ କରି ତାହା ହରାଇଥିବାର ଦେଖିଅଛି। ନିଶ୍ଚିତରେ, ଏହା ବିଶ୍ୱାସ ଉପରେ ଆଧାରିତ, 'ଯଦି ତୁମେ ବିଶ୍ୱାସ କରିପାର,' ଧାର୍ମିକତା ଉପରେ ନୁହେଁ।"

45 ଏଠାରେ ଫ୍ରାନ୍ସରେ ଦେଖନ୍ତୁ ଯେଉଁଠାରେକି ସେମାନେ ସେହି ସ୍ତ୍ରୀଲୋକର ମନ୍ଦିରକୁ ଯାଆନ୍ତି, ସେଠାକୁ ଚକ ଲଗା ଚୌକିରେ ଯାଆନ୍ତି ଓ ଚାଲୁଥିବା ଅବସ୍ଥାରେ ବାହାରକୁ ଆସନ୍ତି, କେବଳ ଏକ ଅନ୍ଧବିଶ୍ୱାସ ଛଡ଼ା ଆଉ କିଛି ନୁହେଁ, ଯଦି କିଛି ଅଛି, ତେବେ ଆତ୍ମା ଉପାସନା, ଜଣେ ମୃତ ବ୍ୟକ୍ତିଙ୍କୁ ଉପାସନା କରିବା ଅଟେ। ବୁଝିଲେ? ଏବଂ ତଥାପି ସେମାନେ ସୁସ୍ଥତା ଲାଭ କରନ୍ତି, କାରଣ ସେମାନେ ଭାବନ୍ତି ଯେ ସେମାନେ ପରମେଶ୍ୱରଙ୍କ ନିକଟକୁ ଆସୁଛନ୍ତି। ବର୍ତ୍ତମାନ, କ୍ୟାଥୋଲିକ୍ ଲୋକମାନଙ୍କୁ ଅପମାନିତ କରୁ ନାହିଁ, ମୁଁ କ୍ୟାଥୋଲିକ୍ ବ୍ୟବସ୍ଥାକୁ ଅପମାନିତ କରୁଅଛି, ଯେପରିକି ମୁଁ ଏକ ପ୍ରୋଟେଷ୍ଟାଣ୍ଟ ବ୍ୟବସ୍ଥା ଅଟେ (ବୁଝିଲେ?), ଏହି ସବୁ ବିଷୟ।

46 ତେବେ, ସେବକଗଣ, ମୁଁ ଜାଣେ ଯେ ଏହା କ୍ଷତ ବିକ୍ଷତ କରିବାକୁ ଯାଉଅଛି, କିନ୍ତୁ ମୁଁ ପ୍ରଶ୍ନର ଉତ୍ତର ଦେଉଅଛି; ଏବଂ ମୁଁ ଚାହେଁ—ମୁଁ ଚାହେଁ ଯେ ଆପଣ ତାହା ବୁଝନ୍ତୁ ଯେ (ଦେଖନ୍ତୁ?) ମୁଁ କେବଳ—କେବଳ ଆପଣମାନଙ୍କୁ ମୋର ହୃଦୟରୁ ସତ୍ୟ କହୁଅଛି; ମୋର ସର୍ବଶ୍ରେଷ୍ଠ ଜ୍ଞାନ ଅନୁସାରେ ଖ୍ରୀଷ୍ଟ ମୋ ସମ୍ମୁଖରେ ଅଛନ୍ତି। ବୁଝିଲେ? ଏହା ସବୁ ବ୍ୟବସ୍ଥାଗୁଡ଼ିକ ଅଟେ, ଏବଂ ସେହି ବ୍ୟବସ୍ଥାଗୁଡ଼ିକ ଲୋକମାନଙ୍କୁ ଏପରି ଜାବୁଡ଼ି ଧରିଛି ଯେପରିକି...ଲୋକମାନେ ଯାଇ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, ପେଣ୍ଟିକଷ୍ଟାଲ୍, କ୍ୟାଥୋଲିକରେ ଯୋଗ ଦିଅନ୍ତି; ଏବଂ ସେମାନେ ଭାବନ୍ତି ଯେ ଯେତେବେଳେ ସେମାନେ ଠିକ ଏକ ବ୍ୟବସ୍ଥା ଦେଇ ଯାଉଥାନ୍ତି ସେତେବେଳେ ସେମାନେ ପରମେଶ୍ୱରଙ୍କ ନିକଟକୁ ଯାଉଅଛନ୍ତି। ପରମେଶ୍ୱର ଏହାକୁ ବେଳେବେଳେ ସମ୍ମାନ କରନ୍ତି ଏବଂ ସେମାନଙ୍କର—ସେମାନଙ୍କର ରୋଗଗୁଡ଼ିକୁ ପ୍ରତିମା ଦ୍ୱାରା ଦୂର କରନ୍ତି। ତେବେ, ଆଫ୍ରିକାର ଠିକ ହଟ୍ଟେନ୍‌ଟଟ୍ ଜନଜାତି ମଧ୍ୟରେ ସେମାନେ ପ୍ରତିମାଗୁଡ଼ିକ ଏବଂ ଅନ୍ୟାନ୍ୟ ଦ୍ୱାରା ଆରୋଗ୍ୟତା ଲାଭ କରନ୍ତି (ବୁଝିଲେ?), କିନ୍ତୁ ସେମାନେ ଭାବନ୍ତି ଯେ ସେମାନେ ପରମେଶ୍ୱରଙ୍କ ନିକଟକୁ ଆସୁଛନ୍ତି।

47 କଅଣ ଆପଣ ଭାବୁଛନ୍ତି ଯେ ଜଣେ କ୍ୟାଥୋଲିକ୍ ନନ୍ ଯାଇ ସେହି—ସେହି କ୍ୟାଥୋଲିକ୍ ନନ୍ ଶିକ୍ଷା କେନ୍ଦ୍ରରେ ଏଇଥି ପାଇଁ ଯୋଗ ଦିଅନ୍ତି ଯେ ସେ ଜଣେ ଖରାପ ସ୍ତ୍ରୀଲୋକ ହେବାକୁ ଚାହାଁନ୍ତି? ସେ ସେହି ନନ୍ ଶିକ୍ଷା କେନ୍ଦ୍ରରେ ଏଇଥି ପାଇଁ ଯୋଗ ଦିଅନ୍ତି କାରଣ ସେ ଜଣେ ଭଲ ସ୍ତ୍ରୀଲୋକ ହେବା ପାଇଁ ଚାହାଁନ୍ତି । ଜଣେ ବ୍ୟକ୍ତି ଯାଇ କ୍ୟାଥୋଲିକ୍ ମଣ୍ଡଳୀକୁ ଏଇଥି ପାଇଁ ଯୋଗ ଦିଅନ୍ତି ନାହିଁ ଯେ ସେ କେବଳ ଜଣେ ଖରାପ ବ୍ୟକ୍ତି ହେବେ; ସେ ତ ଜଣେ ଭଲ ମଣିଷ ହେବା ପାଇଁ ସେଠାରେ ଯୋଗଦେବା ପାଇଁ ଯାଆନ୍ତି । ଆପଣ କୁହନ୍ତି… ନାହିଁ, “ତେବେ, ଏହା କଅଣ ଅଟେ?” ନା ତ ସେମାନେ…ନା ଭାରତରେ ଥିବା ଭାରତୀୟ, କିମ୍ବା ସେହି ହିନ୍ଦୁ ବ୍ୟକ୍ତି ଏକ ହିନ୍ଦୁ ଧର୍ମରେ ଖରାପ ବ୍ୟକ୍ତି ହେବା ପାଇଁ ଯୋଗ ଦିଅନ୍ତି ।

48 ଯେତେବେଳେ ମୁଁ ଜୈନମାନଙ୍କର ସେହି—ର ସେହି ମନ୍ଦିର ଭିତରକୁ ଗଲି, ଯେଉଁଠାରେକି ସେହି ପୁରୋହିତଙ୍କ ଦ୍ୱାରା ମୋର ସାକ୍ଷାତକାର ନିଆ ଯାଇଥିଲା, ଯେପରିକି ଜଣେ ପୋପ୍ ଏକ ବଡ ତକିଆ ଉପରେ ବସିଥିଲେ, ନିଜର ପାଦକୁ ଭାଙ୍ଗି ଚକା ମାଡିଥିବା ମୁଦ୍ରାରେ ରଖିଥିଲେ, ବୁଢା ଆଙ୍ଗୁଠି ଧରି ରହିଥିଲେ, ଓ ଏପରି ଏକ ଦୃଷ୍ଟି ଭଙ୍ଗୀରେ ଚାହିଁ ରହିଥିଲେ ଯେ ସେ ଖାଲି ଆଖିରେ ଖଣ୍ଡେ ଇସ୍ପାତ ଉପରେ 23ତମ ଗୀତ ସଂହିତାର ଶାସ୍ତ୍ର ସହିତ ଏକ ତୁଳନାତ୍ମକ ଲେଖିଥିଲେ ଯାହାକି ତାହାଠାରୁ କମ୍ ଥିଲା…ଏକ ଇଞ୍ଚର ଚତୁର୍ଥାଂଶରୁ ମଧ୍ୟ ଅଧିକ ନ ଥିଲା । ତେବେ, ଏବଂ ଏହା ଲେଖିବା କୌଣସି ମାନବୀୟ ଯୁକ୍ତିରୁ ବାହାରେ ଅଟେ, ଏବଂ ସେ ଏହାକୁ ସେଠାରେ ନିଜର ପ୍ରାକୃତିକ ଆଖିରେ ଖୋଦିତ କରିଥିଲେ; ଆଉ ସେ ଚାଳିଶ ବର୍ଷ କିମ୍ବା ତାହାଠାରୁ ଅଧିକ ବୟସର ଜଣେ ଲୋକ ଥିଲେ । ବୁଝିଲେ?

49 କାହିଁକି ନିଶ୍ଚିତରେ, ଆପଣ—ଆପଣ କେବଳ ଏଠାରେ ଆଖପାଖରେ ରହିଥାଆନ୍ତି, କେବଳ ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରେସବିଟେରିଆନ୍ ବିଷୟରେ ଶୁଣୁଥାଆନ୍ତି; ଆପଣଙ୍କୁ ତ ବାହାରକୁ ଯାଇ ମିଶନ କ୍ଷେତ୍ରରେ ଥରେ ରହିବା ଉଚିତ୍ । ନିଜର ଆଖି ଖୋଲିବା ପାଇଁ ଜିନିଷଗୁଡିକୁ ଦେଖନ୍ତୁ! ବୁଝିଲେ?

50 ବର୍ତ୍ତମାନ, ଆପଣ ଭାବନ୍ତି ଯେ ସେଠାରେ ବସିଥିବା ସମସ୍ତ ଭଉଣୀମାନେ; ଏପରିକି ସେମାନେ…ସେମାନେ ରାନ୍ଧନ୍ତି ନାହିଁ; ସେମାନେ ଖାଆନ୍ତି ନାହିଁ; ସେମାନେ ଯାହାକିଛି ପାଆନ୍ତି ସେମାନଙ୍କୁ ତାହା ଭିକ ମାଗିବାକୁ ପଡ଼େ । ସେମାନେ କରନ୍ତି ନାହିଁ…ସେମାନେ ପିମ୍ପୁଡ଼ି ଏବଂ ରାସ୍ତାରେ ଥିବା ଜିନିଷଗୁଡିକୁ ସଫା କରିବା ପାଇଁ ନିଜ ହାତରେ ଛୋଟ ଛୋଟ ଝାଡୁ ତିଆରି କରନ୍ତି, କାରଣ ସେମାନେ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି; ସେମାନେ ହୁଏତ ସେମାନଙ୍କ ସମ୍ପର୍କୀୟ ଉପରେ ପାଦ ଥାପି ଦେବେ । ପିମ୍ପୁଡ଼ି ଉପରେ ପାଦ ଦିଅନ୍ତି ନାହିଁ, ମାଛି ମାରନ୍ତି ନାହିଁ, କିମ୍ବା କିଛି କରନ୍ତି ନାହିଁ; ଏପରିକି ଏକ ଆଙ୍ଗୁଠିର ଅସ୍ତ୍ରୋପଚାର କରିବା ପାଇଁ ସେହି ଛୁରୀକୁ ମଧ୍ୟ ରସାୟନରେ ଜୀବାଣୁ ଶୋଧନ କରନ୍ତି ନାହିଁ । ସେହି ମନୁଷ୍ୟ ମରି ଯାଉ, କାରଣ ସେମାନେ ଏକ ଜୀବାଣୁକୁ ହତ୍ୟା କଲେ; ହୋଇପାରେ ତାହା ସେମାନଙ୍କର… ସେମାନଙ୍କର କୌଣସି ସମ୍ପର୍କୀୟ ଫେରି ଆସୁଥିବ । ବୁଝିଲେ? ଆପଣ ଉନ୍ନତ ହୋଇ ଚାଲନ୍ତି, ଏବଂ ଅଧିକ ଉନ୍ନତ, ଏବଂ ଆହୁରି ଅଧିକ ଉନ୍ନତ ହେବା ଜାରି ରଖନ୍ତି; ଅବଶେଷରେ, ଆପଣ

ଜଣେ ମଣିଷ ହୁଅନ୍ତି, ଜଣେ ଅଧିକ ଉନ୍ନତ ମଣିଷ, ଏବଂ ଆଗକୁ ଓ ଆଗକୁ ସେହିପରି ବଢ଼ି ଚାଲନ୍ତି, ଯେପର୍ଯ୍ୟନ୍ତକି ଆପଣ ଜଣେ ଈଶ୍ୱର ନ ହୋଇଯାଆନ୍ତି । କେବଳ ଆଗକୁ, ଓ ଆଗକୁ, ଏବଂ ଆଗକୁ, ଘୂରି ଘୂରି, ଉନ୍ନତ ଓ ଅଧିକ ଉନ୍ନତ ହୋଇ ଚାଲନ୍ତି ।

51 ବର୍ତ୍ତମାନ, ସେମାନେ ତାହା ଖରାପ ଲୋକ ହେବା ପାଇଁ କରନ୍ତି ନାହିଁ । ସେମାନେ ତାହା ନିଷ୍ଠାପରତାର ସହ କରନ୍ତି, ମାତ୍ର ଆପଣ ଦେଖନ୍ତୁ, "ଏପରି ଏକ ମାର୍ଗ ଅଛି ଯାହା ମନୁଷ୍ୟ ଦୃଷ୍ଟିରେ ଠିକ୍ ଦେଖାଯାଏ ।" କେବଳ ଗୋଟିଏ ମାତ୍ର ବିଷୟ ଅଛି, ଲୋକମାନେ, ଯାହାକି ମୁଁ ଆପଣମାନଙ୍କୁ ଆଜି ସକାଳେ ଏକ—ଏକ ଶ୍ରେଣୀ ଭାବରେ ଏହି ପ୍ରଶ୍ନଗୁଡ଼ିକ ଉପରେ କହିବାକୁ ଜାଣେ, ତାହା ହେଉଛି ବାକ୍ୟ, ପରମେଶ୍ୱରଙ୍କ ବାକ୍ୟ । ତାହାପରେ ଆପଣ ବିଶ୍ୱାସ କରନ୍ତି ଯେ ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ସେହି ବାକ୍ୟ, ଏବଂ ସେହି ବାକ୍ୟ ବର୍ତ୍ତମାନ ଆମମାନଙ୍କ ମଧ୍ୟରେ ଦେହବନ୍ତ ହୋଇଅଛି, ଏବଂ ଅବିକଳ ଭାବେ ଠିକ ତାହା ସଫଳ କରୁଅଛି ଯାହା ସେ ଏହି ଯୁଗରେ କରିବେ ବୋଲି କହିଥିଲେ । ଠିକ୍ ଅଛି ।

ବର୍ତ୍ତମାନ, ଏହିପରି ଭାବରେ ହିଁ ଆପଣ ସେମାନଙ୍କୁ ଜାଣିବେ, ସେମାନଙ୍କର ମଣ୍ଡଳୀ ଦ୍ୱାରା ନୁହେଁ, ସେମାନଙ୍କର ବିଶ୍ୱାସମତ ଦ୍ୱାରା ନୁହେଁ, ସେମାନଙ୍କର ଚିହ୍ନ ଦ୍ୱାରା ନୁହେଁ, ସେମାନଙ୍କର ନାମଧାରୀ ସଂସ୍ଥା ଦ୍ୱାରା ନୁହେଁ, କୌଣସି ଆରୋଗ୍ୟତା ଦ୍ୱାରା ନୁହେଁ, କୌଣସି ବିଷୟ ଦ୍ୱାରା ନୁହେଁ, ମାତ୍ର ବାକ୍ୟ ଦ୍ୱାରା ଅଟେ । ବୁଝିଲେ?

**238. ମାଥିଉ 24:26** (ପରବର୍ତ୍ତୀ) **ଗୋଟିଏ "ନିର୍ଦ୍ଦିଷ୍ଟ କୋଠରୀ" ଏବଂ "ପ୍ରାନ୍ତରରେ ଥିବା" ବିଷୟରେ କୁହେ । ଏହାର ଅର୍ଥ କଅଣ?**

52 ଏହାର ଅର୍ଥ ହେଉଛି ସେଠାରେ ଖ୍ରୀଷ୍ଟବିରୋଧୀ, ଅଭିଷେକ-ବିରୋଧୀ, ଇତ୍ୟାଦି ରହିବେ । ଏବଂ *ବିରୋଧୀ-* କଅଣ ଅଟେ? *ବିରୋଧୀ-* ହେଉଛି "ବିପକ୍ଷରେ" ହେବା । ଏହା ଠିକ ସେହି ସମାନ ପ୍ରାଣୀମାନେ ବାକ୍ୟ ବିରୁଦ୍ଧରେ ହେବେ । "ଏବଂ ସେମାନେ ପ୍ରାନ୍ତର ଏବଂ ଗୁପ୍ତ କୋଠରୀରେ ରହିବେ ।" ତାହାପରେ ସେ କହିଲେ, "ତାହା ପଛରେ ବାହାରିଯାଅ ନାହିଁ । ସେଥିରୁ ଦୂରରେ ରୁହ ।" ବୁଝିଲେ?

ବର୍ତ୍ତମାନ, ଚତୁର୍ଥ ପ୍ରଶ୍ନ:

**239. ମାଥିଉ 24:28:** (ସେହି ବ୍ୟକ୍ତି ଜଣକ ଠିକ ତଳକୁ ଆସୁଛନ୍ତି । ସେମାନେ କଦାପି ଏହାକୁ ଦସ୍ତଖତ କରି ନାହାଁନ୍ତି; ହଁ ସେମାନେ କରିଛନ୍ତି । ମୋତେ କ୍ଷମା କରନ୍ତୁ । ମୁଁ ଏହି ନାମଗୁଡିକୁ ଡାକିବି ନାହିଁ, କାରଣ ଏହା ଆବଶ୍ୟକ ନୁହେଁ । ବୁଝିଲେ?) **ମାଥିଉ 24:28: "ଯେଉଁଠାରେ ମଡ଼ା ପଡିଥାଏ, ସେଠାରେ ଉତ୍କ୍ରୋଶ ପକ୍ଷୀମାନେ ଏକାଠି ହେବେ ।" ମଡ଼ା କିଏ ଏବଂ ଉତ୍କ୍ରୋଶ ପକ୍ଷୀମାନେ କିଏ ଅଟନ୍ତି?**

53 ବର୍ତ୍ତମାନ, ଏହା ଏକ ଭଲ ପ୍ରଶ୍ନ ଅଟେ, ସେଥିରେ କିଛି ହେଲେ ଭୁଲ୍ ନାହିଁ! ମଡ଼ା କଅଣ ଅଟେ? ମଡ଼ା ତାହା ଅଟେ ଯାହା ଉତ୍କ୍ରୋଶ ପକ୍ଷୀମାନେ ଖାଆନ୍ତି । ତେବେ, ଏକ ଉତ୍କ୍ରୋଶକୁ ବାଇବଲରେ, ଜଣେ ଭବିଷ୍ୟଦ୍‌ବକ୍ତା ସହ ବିବେଚନା କରାଯାଏ । ଜଣେ ଭବିଷ୍ୟଦ୍‌ବକ୍ତା

ଏକ ଉତ୍କ୍ରୋଶ ପକ୍ଷୀ ଅଟେ। ପରମେଶ୍ୱର—ପରମେଶ୍ୱର ଆପଣାକୁ ଏକ ଉତ୍କ୍ରୋଶ ପକ୍ଷୀ ବୋଲାନ୍ତି, ଏବଂ ତେବେ ଆମେମାନେ "ଉତ୍କ୍ରୋଶ ଛୁଆମାନେ" ଅଟୁ, ସେହି—ସେହି ବିଶ୍ୱାସୀମାନେ। କଅଣ ଆପଣ ଦେଖୁଛନ୍ତି କି? ଏବଂ ସେମାନେ ଖାଉଥିବା ସେହି ମଢ଼ା କଅଣ ଅଟେ? ତାହା ହେଉଛି ବାକ୍ୟ। ବାକ୍ୟ ଯେଉଁଠାରେ ଥାଏ, ସେହି ପକ୍ଷୀର ବାସ୍ତବିକ ପ୍ରକୃତି ଆପଣାକୁ ପ୍ରଦର୍ଶିତ କରିବ। ଦେଖନ୍ତୁ? ଏକ ଉତ୍କ୍ରୋଶ, ଯିଏକି ତାଜା ମାଂସ ପ୍ରୟୋଜନ କରେ, ତାକୁ ତାହାର ତାଜା ମାଂସ ଖାଇବା ଜରୁରୀ ଅଟେ। ସେ ଏକ ନୁହେଁ—ଏକ ଶାଗୁଣା ପକ୍ଷୀ ନୁହେଁ (ଦେଖନ୍ତୁ?), ସେ ଏକ ଉତ୍କ୍ରୋଶ ପକ୍ଷୀ ଅଟେ। ଆପଣ ତାକୁ କୌଣସି ନାମଧାରୀ ଜିନିଷ ଦେଇପାରନ୍ତି ନାହିଁ; ତାହାକୁ ତ ଉତ୍କ୍ରୋଶର ଖାଦ୍ୟ ପାଇବା ଦରକାର; ତାହା ହେଉଛି ସବୁଠୁ ସତେଜ ମାଂସ, ତାହା ନୁହେଁ ଯାହାକି ମୋଶା କରିଥିଲେ, ତାହା ନୁହେଁ ଯାହାକି ଅନ୍ୟ କେହି କରିଥିଲେ, ତାହା ନୁହେଁ ଯାହାକି ସାଙ୍କି, ଫିନ୍ନି, ନକ୍ସ, କାଲ୍‌ଭିନ କରିଥିଲେ, ମାତ୍ର ଠିକ ବର୍ତ୍ତମାନ ସମୟରେ, ସେହି ମାଂସ ଯାହାକି ଏହି ଦିନ ପାଇଁ ହତ କରାଯାଇଅଛି। ଏବଂ ତାହା ଖ୍ରୀଷ୍ଟଙ୍କର ସେହି ଅଂଶ ଅଟେ ଯିଏକି ଏହି ବାକ୍ୟକୁ ସୁନିଶ୍ଚିତ କରିବା ପାଇଁ ମୃତ୍ୟୁବରଣ କରିଥିଲେ। ତାହା ହିଁ ଅଟେ ଯାହାକି ସେମାନେ ଭୋଜନ କରିଥାଆନ୍ତି। ଏହା ବୁଝିଲେ କି? ଦେଖନ୍ତୁ, ଦେଖନ୍ତୁ?

54 ତାହା ନୁହେଁ ଯାହାକି ନୋହ କରିଥିଲେ, ଯାହାକି ମୋଶା କରିଥିଲେ, ସେଗୁଡିକ ତ ଉଦାହରଣ ଅଟେ; ସେମାନେ ଯାହା କଲେ ଆମେ ତାହା ଦେଖୁ ଏବଂ ପାଠ କରୁ, କିନ୍ତୁ ଏହା ତ ତାହା ଅଟେ ଯାହାକି ସେ ବର୍ତ୍ତମାନ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ସେ ସେଠାରେ ପଶ୍ଚାତ ସମୟରେ ବାକ୍ୟ ଥିଲେ; ତାହା ସେହି ଦିନ ପାଇଁ ମଢ଼ା ଥିଲା। ୱେସ୍‌ଲିର—ର ଦିନ ସେହି ଦିନ ପାଇଁ ଏକ ମଢ଼ା ଥିଲା; ଲୁଥରର ଦିନ ସେହି ଦିନ ପାଇଁ ଏକ ମଢ଼ା ଥିଲା; କିନ୍ତୁ ସେମାନେ ସେହି ସ୍ଥାନକୁ ଫେରି ଯାଆନ୍ତି ନାହିଁ। ତାହା ତ ଆଗରୁ ଦୂଷିତ ହୋଇ ଯାଇଅଛି। ଯାହାକିଛି ବାକି ରହିଯାଏ ତାହା ଦଗ୍ଧ କରାଯିବା ଆବଶ୍ୟକ, ଏପରିକି ପ୍ରଭୁଭୋଜର ମଧ୍ୟ; ତାହାକୁ ପରବର୍ତ୍ତୀ ପୀଢୀ ପାଇଁ ଅବଶିଷ୍ଟ ରଖନ୍ତୁ ନାହିଁ। ବାଇବଲ କୁହେ ଯେତେବେଳେ ଆପଣ ପ୍ରଭୁଭୋଜ ନେଉଅଛନ୍ତି, ତାହାର ଯାହାକିଛି ଅବଶିଷ୍ଟ ରହିଯାଏ, ଏପରିକି ତାକୁ ସକାଳ ପର୍ଯ୍ୟନ୍ତ ସୁଦ୍ଧା ରଖନ୍ତୁ ନାହିଁ; ଏହାକୁ ଜାଳି ଦିଅନ୍ତୁ। ତେବେ କଅଣ ତାହାକୁ ପୁଣି ଥରେ ଉଲ୍ଲେଖ କରିବେ? ନା, ଆଜ୍ଞା! ଆଜି ଆମ ପାଖରେ ତାଜା ଖାଦ୍ୟ ଅଛି; ତାହା ସେହି ବାକ୍ୟ ଅଟେ ଯାହାକି ଏହି ସମୟ ପାଇଁ, ଏହି ଘଟିକାରେ ପ୍ରକାଶିତ ହେବା ନିମନ୍ତେ ପ୍ରତିଜ୍ଞା କରାଯାଇଛି। ସେହିଠାରେ ହିଁ ଉତ୍କ୍ରୋଶ ପକ୍ଷୀମାନେ ଅଛନ୍ତି, ଯେଉଁଠାରେକି ସେହି ମଢ଼ା ଅଛି। ଆମେ ତାହା ଉପରେ ଏକ ଦୀର୍ଘ ଧରି ସମୟ ରହିପାରିବା, କିନ୍ତୁ ମୁଁ ସୁନିଶ୍ଚିତ ଯେ ଆପଣ ତାହା ବୁଝୁଛନ୍ତି ଯାହା ମୋର କହିବାର ଅର୍ଥ ଅଟେ।

ଠିକ ଅଛି, ପଞ୍ଚମ ପ୍ରଶ୍ନ:

**240. କଅଣ ଉର୍ଦ୍ଧାନ୍ତିକରଣରେ କନ୍ୟା ଗୋଟିଏ ସ୍ଥାନରେ ଏକାଠି ହେବେ, ଏବଂ କଅଣ ତାହା ପଶ୍ଚିମ ଆଡ଼େ ହେବ କି?**

55 ନା, ଏହାକୁ ସେଠାରେ ରହିବା ଆବଶ୍ୟକ ନୁହେଁ। ହଁ, କନ୍ୟା ଗୋଟିଏ ସ୍ଥାନରେ ଏକାଠି ହେବ। ତାହା ସତ୍ୟ ଅଟେ, କିନ୍ତୁ ପୁନରୁତ୍ଥାନ ନ ହେବା ପର୍ଯ୍ୟନ୍ତ ନୁହେଁ। ବୁଝିଲେ? "କାରଣ ଆମ୍ଭେମାନେ ଯେତେ ଜଣ ଜୀବିତ ଥିବୁ ଓ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ରହିଥିବୁ..." ଏଫିସୀୟ, କିମ୍ବା, ଦ୍ୱିତୀୟ ଥେସଲନୀକୀୟ 5ମ ପର୍ବ, ମୁଁ ବିଶ୍ୱାସ କରେ ଯେ ଏହା ତାହା ଅଟେ। "ଆମ୍ଭେମାନେ ଯେତେ ଜଣ ଜୀବିତ ଥିବୁ ଓ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ରହିଥିବୁ କୌଣସି ମତେ ତାହାଙ୍କୁ ପ୍ରତିରୋଧ କରିବୁ ନାହିଁ (କିମ୍ବା ବାଧା ଦେବୁ ନାହିଁ) ଯେଉଁମାନେକି ନିଦ୍ରା ଯାଇଅଛନ୍ତି (ବିଶ୍ୱ ସ୍ତରରେ); କାରଣ ପରମେଶ୍ୱରଙ୍କ ତୂରୀଶବ୍ଦ ହେବ, ଆଉ ଖ୍ରୀଷ୍ଟଙ୍କଠାରେ ଥିବା ମୃତମାନେ ପୁନରୁତ୍ଥିତ ହେବେ, ଏବଂ ଆମ୍ଭେମାନେ ସେମାନଙ୍କ ସହିତ ଏକତ୍ରିତ ହୋଇ ମଧ୍ୟ ଆକାଶରେ ପ୍ରଭୁଙ୍କ ସହିତ ସାକ୍ଷାତ କରିବା ପାଇଁ ଉର୍ଦ୍ଧ୍ୱକୁ ଉନ୍ନୀତ ହେବୁ।" ଅତଏବ, ସମସ୍ତ କନ୍ୟା ଏକାଠି ହେବେ ଯେତେବେଳେ ସେମାନେ ପ୍ରଭୁଙ୍କୁ ଭେଟିବାକୁ ଯାଆନ୍ତି। ବୁଝିଲେ? ଏହା ଏକାଠି ହେବ, ମାତ୍ର ଏହାର ଅର୍ଥ ତାହା ହେବା ଆବଶ୍ୟକ ନୁହେଁ ଯେ ଆମେମାନେ...ସେମାନଙ୍କୁ ସମସ୍ତଙ୍କୁ ଏହିପରି ଗୋଟିଏ ସ୍ଥାନରେ ବସି ରହିବାକୁ ହେବ; କାରଣ କନ୍ୟା ପୃଥିବୀର ସବୁଆଡେ, ଉତ୍ତରୀ ଧ୍ରୁବଠାରୁ ନେଇ ଉଷ୍ଣ କଟିବନ୍ଧିୟ ଅଞ୍ଚଳ ପର୍ଯ୍ୟନ୍ତ, ଏବଂ ପୂର୍ବ ଠାରୁ—ଠାରୁ ପଶ୍ଚିମ ପର୍ଯ୍ୟନ୍ତ, ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଧୂଳିରେ ଶୋଇ ରହିଛି।

56 ଯୀଶୁ କହିଲେ, "ଯେତେବେଳେ ମନୁଷ୍ୟପୁତ୍ର ପ୍ରକଟିତ ହେବେ," କାହିଁକି କହିଲେ, "ଏହା ସେହି ଆଲୋକ ପରି ହେବ ଯାହାକି ପୂର୍ବଠାରୁ ପଶ୍ଚିମ ପର୍ଯ୍ୟନ୍ତ ମଧ୍ୟ ଉଜ୍ଜ୍ୱଳ ହୋଇ ଝଲସି ଉଠିଥାଏ।" ସମଗ୍ର ବିଷୟଟି ହେଲା, ସେଠାରେ ଏକ ପୁନରୁତ୍ଥାନ ହେବ, ଏକ ଉର୍ଦ୍ଧାନ୍ତିକରଣ ହେବ, ଏବଂ ତାହା ଦୂରକୁ ଚାଲିଯିବ। ଏବଂ ଏହା ପୂର୍ବେକି ତାହା କେବେ ତାଙ୍କୁ ଭେଟିବା ପାଇଁ ଉପରକୁ ଯାଏ...

57 ପ୍ରଭୁଙ୍କର ଜ୍ଞାନକୁ ଦେଖନ୍ତୁ। ତେବେ, ଆସନ୍ତୁ କହିବା, ଉଦାହରଣ ସ୍ୱରୂପ, ଏହା କହିବାରେ...ମୁଁ ଏହାକୁ ବାକ୍ୟ ଉପରେ ଥିବା ଅନୁଗ୍ରହ ଏବଂ ବିଶ୍ୱାସର ଚିନ୍ତାଧାରାରେ କହୁଅଛି, ଯେ ମୁଁ କୁହେ "ଆମେ।" ମୁଁ ଆପଣ ସମସ୍ତଙ୍କ ସହିତରେ ନିଜକୁ ରଖୁଅଛି ଏବଂ ମୁଁ—ଏବଂ ଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ଶରୀର ସହିତ, ସର୍ବ ବିଶ୍ୱ ସ୍ତରରେ। ମୁଁ—ମୁଁ ତାହା ବିଶ୍ୱାସ କରେ। ଯେତେବେଳେ ମୁଁ କୁହେ "ଆମେ" ତାହାହେଲେ, ମୋର ଅର୍ଥ, ଅନୁଗ୍ରହ ଦ୍ୱାରା ମୁଁ—ମୁଁ ଏହାକୁ ବିଶ୍ୱାସ କରେ। ବିଶ୍ୱାସ ଦ୍ୱାରା ମୁଁ ଏହାକୁ ତାହାଙ୍କ ଅନୁଗ୍ରହରେ ବିଶ୍ୱାସ କରେ, ଯେ ଆମେ ସେହି ଲୋକମାନଙ୍କ ମଧ୍ୟରେ ରହିବୁ ଯେଉଁମାନେକି ଉର୍ଦ୍ଧାନ୍ତିକରଣରେ ନିଆଯିବେ।

58 ତେବେ, ପ୍ରଥମ ବିଷୟ ଯାହା ଘଟେ ଯେତେବେଳେ ଆମେମାନେ ପୁନରୁତ୍ଥିତ ହେଉ...ସେହି ଲୋକମାନେ ଯେଉଁମାନେକି ଜୀବିତ ରୁହନ୍ତି ସେମାନେ କେବଳ ରହିବେ... ପୁନରୁତ୍ଥାନ ପ୍ରଥମେ ଘଟିତ ହେବ, ସେମାନଙ୍କର ପୁନରୁତ୍ଥାନ ଯେଉଁମାନେକି ନିଦ୍ରା ଯାଇଛନ୍ତି। ସେଠାରେ ଏକ ଜାଗରଣ ସମୟ ହେବ, ଏବଂ ଯେଉଁମାନେ ବର୍ତ୍ତମାନ ଧୂଳିରେ ଶୋଇଅଛନ୍ତି, ସେମାନେ ନୁହଁ ଯେଉଁମାନେକି ପାପରେ ଶୋଇ ରହିଛନ୍ତି, କାରଣ ସେମାନେ

ତ ଠିକ୍ ଶୋଇ ରହିଥିବେ। ସେମାନେ ଆଉ ଏକ ହଜାର ବର୍ଷ ପାଇଁ ଜାଗ୍ରତ ହୁଅନ୍ତି ନାହିଁ। ମାତ୍ର ସେମାନେ ଯେଉଁମାନେକି ଧୂଳିରେ ଶୋଇ ରହିଛନ୍ତି—ରହିଛନ୍ତି ପ୍ରଥମେ ଜାଗ୍ରତ ହେବ, ଏବଂ ସେମାନେ...ଏହି ଭ୍ରଷ୍ଟ ଶରୀରଗୁଡ଼ିକ ପ୍ରଭୁଙ୍କର ଉର୍ଦ୍ଧାନ୍ତିକରଣର ଅନୁଗ୍ରହରେ ଅକ୍ଷୟତାକୁ ପ୍ରାପ୍ତ ହେବେ। ଏବଂ ତାହାପରେ ଆମେମାନେ ସମସ୍ତେ ଏକାଠି ହେବା। ଏବଂ ଯେତେବେଳେ ସେମାନେ ଏକାଠି ହେବାକୁ ଆରମ୍ଭ କରନ୍ତି, ତେବେ ଆମ୍ଭେମାନେ ଯେଉଁମାନେକି ଜୀବିତ ଥିବୁ ଓ ଅବଶିଷ୍ଟ ଥିବୁ ପରିବର୍ତ୍ତିତ ହୋଇଯିବୁ। ଏହି ମର୍ତ୍ତ୍ୟ ଶରୀରଗୁଡ଼ିକ ମୃତ୍ୟୁ ଦେଖିବ ନାହିଁ, ମାତ୍ର କୌଣସି ପ୍ରକାରେ ହଠାତ୍, ଆମ ଉପରେ ଏକ ବହିଗଲା ଭଳି ହେବ, ଏବଂ ଆପଣ ପରିବର୍ତ୍ତିତ ହୋଇଯିବେ। ଆପଣମାନେ ଅବ୍ରହାମଙ୍କ ପରି ପୁନର୍ବାର ହୋଇଯିବେ, ଜଣେ ବୃଦ୍ଧ ଲୋକଠାରୁ ଜଣେ ଯୁବା ଲୋକକୁ, ଜଣେ ବୃଦ୍ଧା ସ୍ତ୍ରୀଠାରୁ ଜଣେ ଯୁବା ସ୍ତ୍ରୀଲୋକର ପ୍ରବସ୍ଥାକୁ। ଏହି ହଠାତ୍ ପରିବର୍ତ୍ତନଟି କଅଣ ଅଟେ? ଏବଂ କିଛି ସମୟ ପରେ ଆପଣ—ଆପଣ ଏକ ଚିନ୍ତାଧାରା ପରି ଭ୍ରମଣ କରୁଥାଆନ୍ତି, ଏବଂ ଆପଣ ସେମାନଙ୍କୁ ଦେଖିପାରନ୍ତି ଯେଉଁମାନେକି ପୂର୍ବରୁ ପୁନରୁତ୍ଥିତ ହୋଇ ସାରିଛନ୍ତି। ଓଃ, କି ଏକ ସମୟ! ତାହାପରେ ଆମେ ସେମାନଙ୍କ ସହିତ ଏକାଠି ହେବା ଏବଂ ତେବେ ଉପରକୁ ଉନ୍ନୀତ କରାଯିବା ଯେ ମଧ୍ୟ ଆକାଶରେ ପ୍ରଭୁଙ୍କ ସହିତ ଦେଖା କରୁ।

59 ଏହା ଜରୁରୀ ନୁହେଁ, ଯଦି ଆପଣଙ୍କର ମାମୁଁ ଦକ୍ଷିଣ କେଣ୍ଟକିରେ ସମାଧି ପାଇଛନ୍ତି, ଯେ ତାଙ୍କୁ ଇଣ୍ଡିୟାନାକୁ ଆଣିବାକୁ ପଡିବ, କିମ୍ବା ଇଣ୍ଡିୟାନାରେ ସମାଧି ପାଇଥିବା ଜଣକାକୁ ଦକ୍ଷିଣ କେଣ୍ଟକିକୁ ନେବାକୁ ପଡିବ। ସେ ଯେଉଁଠାରେ ଥାଆନ୍ତୁ ନା କାହିଁକି...ସେମାନେ ଯେଉଁମାନେକି ସମୁଦ୍ରରେ ମରିଥାଆନ୍ତି ସମୁଦ୍ରରୁ ଉଠି ଆସିବେ। ସେମାନେ ଯେଉଁମାନେକି ସେହି କ୍ରୀଡାକ୍ଷେତ୍ରରେ ପ୍ରାଣ ନଷ୍ଟ କରିଥାଆନ୍ତି ଏବଂ ସିଂହ ଦ୍ଵାରା ଭକ୍ଷ ହୋଇଥାଆନ୍ତି, ସେମାନେ ଯେଉଁମାନେକି ଅଗ୍ନି ତନ୍ଦୁରରେ ନିକ୍ଷେପ କରାଯାଇଥାନ୍ତି ଏପରିକି ଅସ୍ଥି ସୁଦ୍ଧା ଅବଶିଷ୍ଟ ରହେ ନାହିଁ କି ଧୂଳି ମଧ୍ୟ ବାକି ରହେ ନାହିଁ, ସେମାନେ ସୁଦ୍ଧା ତଥାପି ଉଠିବେ! ସେମାନେ ରୋମ୍‌ରେ ଥିଲେ, କିମ୍ବା ରୋମ୍‌ରେ କ୍ରୀଡାକ୍ଷେତ୍ରରେ ଥିଲେ, କିମ୍ବା ସେମାନେ ଦକ୍ଷିଣର ଉଷ୍ଣକଟିବନ୍ଧିୟ ଜଙ୍ଗଲରେ ଥିଲେ, କିମ୍ବା ଉତ୍ତରର ହିମ ଆଚ୍ଛାଦିତ ଅଞ୍ଚଳରେ, ସେମାନେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେବେ ଓ ପରିବର୍ତ୍ତିତ ହେବେ ଏବଂ ଉପରକୁ ଉନ୍ନୀତ ହେବେ; ଆଉ ଜୀବିତମାନେ ମୁହୁର୍ତ୍ତକ ମଧ୍ୟରେ, ଆଖି ପିଛୁଳାକେ ପରିବର୍ତ୍ତିତ ହେବେ ଏବଂ ଏକାଠି ଉପରକୁ ନିଆଯିବେ।

60 ସେହି ମିଶନାରୀମାନଙ୍କୁ ଦେଖନ୍ତୁ ଯେଉଁମାନେକି ସେଠାରେ ସେହି ଆଫ୍ରିକୀୟ କ୍ଷେତ୍ରରେ ମୃତ୍ୟୁବରଣ କରିଥିଲେ। ସେମାନଙ୍କୁ ଦେଖନ୍ତୁ, ଯେଉଁମାନେକି ସେଠାରେ ଉପରେ ସେହି—ସେହି—ସେହି ଉତ୍ତରର ହିମ ଆଚ୍ଛାଦିତ ଅଞ୍ଚଳରେ ମୃତ୍ୟୁବରଣ କରିଥିଲେ। ସେମାନଙ୍କୁ ଦେଖନ୍ତୁ ଯେଉଁମାନେକି ସେଠାରେ, ସମଗ୍ର ବିଶ୍ଵରେ, କଙ୍ଗୋରେ, ଏବଂ ବିଶ୍ଵରେ ସବୁଆଡ଼େ ମରିଥିଲେ। ସେମାନେ ସବୁଆଡ଼େ, ଚୀନ୍, ଜାପାନ, ସମଗ୍ର ବିଶ୍ଵରେ ମରିଛନ୍ତି; ଏବଂ ପ୍ରଭୁଙ୍କର ଆଗମନ ସାର୍ବଭୌମିକ ହେବ, ଏହି ଉର୍ଦ୍ଧାନ୍ତିକରଣ ହେବ।

61 ସେହି ପରିବର୍ତ୍ତନକୁ ଦେଖନ୍ତୁ। "ଶଯ୍ୟାରେ ଦୁଇଜଣ ରହିବେ; ମୁଁ ଗୋଟିଏକୁ ନେବି ଏବଂ ଅନ୍ୟକୁ ଛାଡିଦେବି," ସେହି ସମାନ ମୁହୂର୍ତ୍ତରେ, "କ୍ଷେତରେ ଦୁଇ ଜଣ ରହିବେ; ମୁଁ ଗୋଟିଏକୁ ନେବି ଏବଂ ଅନ୍ୟକୁ ଛାଡିଦେବି," ଜଣେ ପୃଥିବୀର ଅନ୍ଧକାର ପାର୍ଶ୍ୱରେ ଏବଂ ଅନ୍ୟ ଜଣେ ପୃଥିବୀର ଆଲୋକିତ ପାର୍ଶ୍ୱରେ। ବୁଝିଲେ? ଏହା ଏକ ସାର୍ବଭୌମିକ ଉର୍ଦ୍ଧାନ୍ତିକରଣ ହେବ। ହଁ, ମଣ୍ଡଳୀ ସମସ୍ତେ ଏକାଠି ରହିବେ, କିନ୍ତୁ ପରେ, ପୁନରୁତ୍ଥାନ ଏବଂ ଉର୍ଦ୍ଧାନ୍ତିକରଣ ହେବା ପରେ।

62 ବର୍ତ୍ତମାନ, ଯଦି ତାହା ସେହିପରି ନୁହେଁ ଯେପରିକି ଆପଣ ତାହା ଦେଖନ୍ତି, କାହିଁକି, ତାହା ବର୍ତ୍ତମାନ ଠିକ ଅଟେ। ମୁଁ ସେତେବେଳେ ଅବିକଳ ତାହା କହୁନାହିଁ ଯେତେବେଳେ ମୁଁ ତାହା କହୁଅଛି; ଆମେ ଏହାକୁ ଟେପ୍ କରୁଅଛୁ। କଅଣ ଆପଣ ଦେଖୁଛନ୍ତି କି? ଏବଂ ଏହା ଅନ୍ୟ ସେବକଗଣ ହୋଇପାରନ୍ତି ଯେଉଁମାନେକି ଏଥିରେ ସହମତ ନୁହଁନ୍ତି। ତାହା ଠିକ୍ ଅଟେ।

**241. ପ୍ରିୟ ଭାଇ ବ୍ରାନହାମ୍, ମୋର ପ୍ରଶ୍ନ ବାପ୍ତିସ୍ମ ଉପରେ ଅଟେ। ଜଣେ ବ୍ୟକ୍ତି କେତେବେଳେ ଉଦ୍ଧାରପ୍ରାପ୍ତ ହୁଏ? ମୁଁ ଏହା ଶୁଣିଛି ଯେ ତାହା ସେତେବେଳେ ହୁଏ ଯେତେବେଳେ ଜଣେ ବ୍ୟକ୍ତି ବିଶ୍ୱାସ କରେ। କେହି କେହି କୁହନ୍ତି ଯେତେବେଳେ ଆପଣ ପବିତ୍ରଆତ୍ମା ଗ୍ରହଣ କରନ୍ତି ସେତେବେଳେ ଆପଣ ଉଦ୍ଧାର ପାଇଥାଆନ୍ତି, ଯଦିଓ ଆପଣ ଜଳରେ ବାପ୍ତିଜିତ ହୋଇ ନ ଥାଆନ୍ତି, ଯେପରିକି ପ୍ରେରିତ 10:47 ରେ କର୍ଣ୍ଣୀଲିୟଙ୍କ ସହିତରେ ହୋଇଥିଲା। କେହି କେହି କୁହନ୍ତି ପାଉଲ ଦମ୍ମେସକ ଯିବା ମାର୍ଗରେ ଉଦ୍ଧାର ପାଇଥିଲେ, କିନ୍ତୁ ପ୍ରେରିତ କ୍ରିୟା 22:16 ରେ, କୁହେ ଯେ ତିନି ଦିନ ପରେ ମଧ୍ୟ ତାଙ୍କଠାରେ ପାପ ରହିଥିଲା। କଅଣ ଜଣେ ବ୍ୟକ୍ତି କର୍ଣ୍ଣୀଲିୟଙ୍କ ପରି ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇପାରନ୍ତି, ଏବଂ ତଥାପି ତାଙ୍କର ପାପ ରହିଥାଏ, ଯେହେତୁ ସେ ଜଳର ବାପ୍ତିସ୍ମ ନେଇ ନ ଥାଆନ୍ତି, ଅଥବା, କଅଣ ଜଣେ ବ୍ୟକ୍ତିର ସ୍ୱର୍ଗକୁ ଯିବାର ମାର୍ଗ ପ୍ରଶସ୍ତ ହୋଇ ନ ଥାଏ ଯେପର୍ଯ୍ୟନ୍ତକି ସେ ଜଳର ବାପ୍ତିସ୍ମ ନେଇ ନ ଥାଆନ୍ତି, ଯଦିଓ ସେ ପବିତ୍ରଆତ୍ମା ପାଇ ସାରିଥାଆନ୍ତି?**

63 ତେବେ, ମୋର ମୂଲ୍ୟବାନ ବନ୍ଧୁ...ବର୍ତ୍ତମାନ, ଏହି ଭାଇ ତାଙ୍କ ନାମରେ ଦସ୍ତଖତ କରିଛନ୍ତି; ମୁଁ ତାଙ୍କୁ ଜାଣେ ନାହିଁ, କିନ୍ତୁ ସେ ତାଙ୍କ ନାମରେ ଦସ୍ତଖତ କରିଛନ୍ତି। ମାତ୍ର ମୁଁ— ମୁଁ ନାମଗୁଡ଼ିକୁ ଡାକିବି ନାହିଁ, କାରଣ ଏହା ଆବଶ୍ୟକ ନୁହେଁ; 'କାରଣ ଅନ୍ୟ ଲୋକମାନେ ସେମାନଙ୍କ ନିକଟକୁ ଆସିଯାଆନ୍ତି ଓ କୁହନ୍ତି, "ତେବେ, ମୁଁ—ମୁଁ ଆପଣଙ୍କ ସହିତରେ *ଏହା* ଏବଂ *ତାହା* ବିଷୟରେ ସହମତ ନୁହେଁ।" ଦେଖନ୍ତୁ? ଆଉ ମୁଁ ଠିକ କୌଣସି ନାମକୁ ଡାକେ ନାହିଁ। ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଜର ନାମକୁ ସ୍ୱାକ୍ଷରିତ କରିଛନ୍ତି, ମାତ୍ର ମୁଁ...କେବଳ ମୋ ପାଇଁ। ବୁଝିଲେ? ମୁଁ ସେଗୁଡ଼ିକୁ ଏଠାରେ ରଖୁଅଛି, ଯେଣୁ ମୁଁ ସେଗୁଡ଼ିକୁ ରଖିପାରେ। ତେଣୁ ଏହା କେବଳ ଏକ ନୀଳ ହସ୍ତଲିଖନ ଅଟେ; ଏହାର କିଛି ଅଂଶ ଟାଇପ୍ କରାଯାଇଛି ଏବଂ ଭିନ୍ନ ଉପାୟରେ ଲେଖାଯାଇଛି।

64 ବର୍ତ୍ତମାନ, ଏଠାରେ ପ୍ରଥମେ ପ୍ରଶ୍ନ ହେଲା: “ଆପଣ କେତେବେଳେ ଉଦ୍ଧାର ପାଆନ୍ତି?” ଆଉ ପରବର୍ତ୍ତୀଟି, ଯାହାକି...ଏହାକୁ ଅନୁବର୍ତ୍ତୀ ଅଟେ, “କଅଣ ଜଳ ବାପ୍ତିସ୍ମ ବାହାରେ ପାପଗୁଡିକୁ କ୍ଷମା ହୋଇପାରେ କି, ଯେହେତୁ କର୍ଣ୍ଣୀଲିୟ, ସେ ଏବଂ ତାଙ୍କ ପରିବାର ପବିତ୍ରଆତ୍ମା ପାଇଥିଲେ, ଏବଂ ଏପର୍ଯ୍ୟନ୍ତ ସୁଦ୍ଧା ଜଳରେ ବାପ୍ତିଜିତ ହୋଇ ନ ଥିଲେ।” ଏବଂ ପାଉଲଙ୍କର ହୋଇ ନ ଥିଲା...ସେ ଦମ୍ମେସକ ଯିବାର ମାର୍ଗରେ...ତାଙ୍କର ଅଭିଜ୍ଞତା ସହ ସାକ୍ଷାତ କରିବା ପରେ, ସେ, ମଧ୍ୟ, ବାପ୍ତିଜିତ ନ ହେବା ପର୍ଯ୍ୟନ୍ତ ତାଙ୍କ ଉପରେ ପାପଗୁଡିକ ରହିଥିଲା; କାରଣ ଏହା କୁହେ (ନିଶ୍ଚିତ ହେବା ପାଇଁ ମୁଁ ପୁନର୍ବାର ଏହି ସମସ୍ତ ଶାସ୍ତ୍ରକୁ ପାଠ କରିଛି)...ଆଉ ତେଣୁକରି ଏହା ଥିଲା...ସେ କହିଲେ, “ଉଠ ଏବଂ ସିଧା ଯାଇ ବାପ୍ତିଜିତ ହୁଅ, ପ୍ରଭୁଙ୍କର ନାମକୁ ଡାକି, ବାପ୍ତିଜିତ ହୁଅ, ତୁମ ପାପସବୁର କ୍ଷମା ପାଇ (ମୋଚନ କରାଯାଇ), ଏବଂ—ଏବଂ ପ୍ରଭୁଙ୍କର ନାମକୁ ଡାକିବାକୁ ଯାଅ।”

65 ଆଉ ତାହାପରେ, “କଅଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ...ବ୍ୟକ୍ତି ଏହା ସହିତ ବାପ୍ତିଜିତ ହୋଇପାରନ୍ତି ଏବଂ ତଥାପି ସେମାନଙ୍କର ପାପ ରହିଥାଏ ଯେହେତୁ ଜଳରେ ବାପ୍ତିଜିତ ହୋଇ ନ ଥାଏ—ନ ଥାଏ।”

66 “କଅଣ ଜଣେ ବ୍ୟକ୍ତି ଯେତେବେଳେ ବାପ୍ତିଜିତ ହୁଏ ତାହାର ସ୍ୱର୍ଗକୁ ଯିବାର ମାର୍ଗ ପ୍ରଶସ୍ତ ହୋଇଯାଏ କି, ଯଦିଓ ସେମାନେ ପବିତ୍ରଆତ୍ମା ପାଇଥାଆନ୍ତି; ତଥାପି ସେମାନଙ୍କୁ ଜଳରେ ବାପ୍ତିସ୍ମ ନେବା ଆବଶ୍ୟକ କି, ଏହା ପୂର୍ବେକି ସେମାନଙ୍କର ସ୍ୱର୍ଗକୁ ଯିବାର ମାର୍ଗ ପ୍ରଶସ୍ତ ହୁଏ?” ବର୍ତ୍ତମାନ, ମୁଁ ବିଶ୍ୱାସ କରେ...ବର୍ତ୍ତମାନ, ମୁଁ ଏହି ଭାଇଙ୍କୁ ଜାଣେ ନାହିଁ—ନାହିଁ, ଏବଂ ତାହା ଏକ ବହୁତ ଭଲ ଏବଂ ଏକ ବୁଦ୍ଧିମାନ ପ୍ରଶ୍ନ ଅଟେ। ଏବଂ ଏହାକୁ ବିସ୍ତୃତ ଭାବରେ ଅଧ୍ୟୟନ କରାଯିବା ଉଚିତ, କାରଣ ଏହା ଜରୁରୀ ଅଟେ ଯେ ଆମେ ଏହି ବିଷୟଗୁଡିକ ଜାଣୁ। ବୁଝିଲେ?

67 ବର୍ତ୍ତମାନ, ମୁଁ ଏକ ପ୍ରକାରେ ବିଶ୍ୱାସ କରେ ଯେ ସେହି ଭାଇ ହୁଏତ ମୋତେ କହୁଥିବେ କିମ୍ବା ମୋତେ ଏହା କୁହାଇବା ହେତୁ ପ୍ରଚେଷ୍ଟା କରୁଥିବେ (କିମ୍ବା ବୋଧହୁଏ ସେ ଏଥିରେ ବିଶ୍ୱାସ କରୁଥିବେ, ମୁଁ ଜାଣେ ନାହିଁ) ଏବଂ...ଏପରି କିଛି ବିଷୟରେ ଯାହା ମୁଁ ଭାବୁଛି ଯେ ତାହା ବାକ୍ୟରେ ଥିବା ପ୍ରକୃତ, ବାସ୍ତବିକ ବିଶ୍ୱାସର କେବଳ ଟିକିଏ ଏକ—ଏକ ବିରୋଧାତ୍ମକ ଅଟେ। ମୁଁ...ଏହା ଏପରି ଶୁଭାଯାଏ ଯେ ସେହି ଭାଇ କହୁଛନ୍ତି...ତେବେ, ଯାହାକି ଠିକ୍ ଅଟେ, ଭାଇ; ଆପଣ ହୁଏତ ଏଠାରେ ବସିଥିବେ; ଏବଂ ତାହା ଉତ୍ତମ ଅଟେ। ମୁଁ—ମୁଁ ଭାବୁଛି ଯେ ତାହା ଏକ ଉତ୍ତମ...ମୁଁ ବହୁତ ଖୁସି ଯେ ଆପଣ ଏହାକୁ ଏଠାରେ ରଖିଲେ। ତେବେ, ଦେଖନ୍ତୁ? ମାତ୍ର ମୁଁ ପୁନର୍ଜନନ ନିମନ୍ତେ ଜଳରେ ବାପ୍ତିଜିତ ହେବାରେ ବିଶ୍ୱାସ କରେ ନାହିଁ (ବୁଝିଲେ?), କାରଣ ଯେତେବେଳେ ଆପଣ ତାହା କରନ୍ତି, ତାହା ରକ୍ତକୁ ଉଇହ୍ୟ କରିଦିଏ। ବୁଝିଲେ? ଆପଣ ଏହା ଦେଖାଇବା ହେତୁ ଜଳରେ ବାପ୍ତିଜିତ ହୁଅନ୍ତି ଯେ ପୁନର୍ଜନନ ହୋଇଅଛି। ବୁଝିଲେ? ତାହା କେବଳ ଏକ ବାହ୍ୟ...ପୁନର୍ଜନନର ପ୍ରତୀକ ଅଟେ। ସମଗ୍ର ବିଷୟଟି ସମ୍ପୂର୍ଣ୍ଣ ଭାବେ ପୂର୍ବନିରୂପଣ ଉପରେ ନିର୍ଭର କରେ। ବୁଝିଲେ? କିନ୍ତୁ ଆମେ ଜାଣି

ନାହୁଁ ଯେ କିଏ ଅଟେ ଏବଂ କିଏ ନୁହେଁ; ତେଣୁକରି, ଆମେ ସୁସମାଚାର ପ୍ରଚାର କରିଥାଉ। ବିଶ୍ୱାସ ଦ୍ୱାରା ଆମେ କେବଳ ପ୍ରଚାର କରିବାକୁ ଯାଉ।

68 କିନ୍ତୁ ବର୍ତ୍ତମାନ ପୁନର୍ଜନନ ଉପରେ, ସେହିଠାରେ ହିଁ ଅଟେ ଯେଉଁଠାରେକି ମୁଁ ଏକତ୍ତ୍ୱବାଦୀ ଭାଇମାନଙ୍କ ସହିତ ପ୍ରଭେଦ ରଖିଥାଏ। ଏବଂ ଆପଣ ଏକତ୍ତ୍ୱବାଦୀ ଭାଇମାନେ ଯେଉଁମାନେକି ଏହି ପ୍ରଶ୍ନଗୁଡିକର ଟେପ୍‌କୁ ଶୁଣନ୍ତି, ଯଦି ଏହା ଆପଣଙ୍କର କାର୍ଯ୍ୟାଳୟ, କିମ୍ବା ଆପଣଙ୍କ ଘରକୁ ଆସେ, କିଅବା ଆପଣ ଲୋକମାନଙ୍କ ମଧ୍ୟରେ ଯେଉଁମାନେକି ଏକତ୍ତ୍ୱବାଦୀ ଅଟନ୍ତି, ମୋତେ ଭୁଲ୍ ବୁଝନ୍ତୁ ନାହିଁ, ବର୍ତ୍ତମାନ, ଯେ ମୁଁ—ମୁଁ—କେବଳ ଯେହେତୁ ଆମେ ସହମତ ନୋହୁଁ।

69 ମୁଁ ଏବଂ ମୋ ସ୍ତ୍ରୀ ଏକମତ ନୋହୁଁ; ନିଶ୍ଚିତରେ ଆମେ ନ ଥାଉ। ମୁଁ ତାଙ୍କୁ କୁହେ ଯେ ମୁଁ ତାଙ୍କୁ ପ୍ରେମ କରେ, ଏବଂ ସେ କୁହନ୍ତି ଯେ ମୁଁ କରେ ବୋଲି ସେ ବିଶ୍ୱାସ କରନ୍ତି ନାହିଁ। ତେଣୁକରି ତେବେ—ତେଣୁକରି ତେବେ ଆମେ ନିଶ୍ଚିତରେ ସହମତ ନୋହୁଁ, ମାତ୍ର ମୁଁ ଆପଣଙ୍କୁ କହୁଛି, ଆମେ ନିଶ୍ଚିତରେ ଠିକ୍ ଭାବରେ ଅନେକ ବାଟ ଯାଇଥାଉ।

70 ତେବେ ଧ୍ୟାନ ଦିଅନ୍ତୁ। ବୋଧହୁଏ ମୁଁ ତାଙ୍କୁ ଯଥେଷ୍ଟ ସଙ୍କେତ ଦେଖାଇ ନ ଥାଏ, ଯେ ମୁଁ ପ୍ରେମ କରେ ବୋଲି। ମାତ୍ର ମୁଁ ପ୍ରଚାର କରିବା ପାଇଁ ବାହାରିଯାଏ, ତାହାପରେ ଘରକୁ ଫେରି ଆସେ ଏବଂ ମୋର ମାଛ ଧରିବା ବାଡ଼ି ନେଇ ମାଛ ଧରିବାକୁ ଚାଲି ଯାଏ। ବୁଝିଲେ? କିନ୍ତୁ ମୋର ହୃଦୟର ଗଭୀରତାରେ ମୁଁ ତାଙ୍କୁ ପ୍ରେମ କରେ; ମୋତେ କେବଳ ତାଙ୍କଠାରୁ ଦୂରରେ ରହିବାକୁ ପଡିଥାଏ, ତାହାହିଁ ସବୁକିଛି ଅଟେ।

71 ତେବେ, ଏଥିରେ ଧ୍ୟାନ ଦିଅନ୍ତୁ...ବର୍ତ୍ତମାନ, ଯଦି ଆମେ ସହମତ ନ ଥାଉ, ଏହା ଠିକ୍ ଅଟେ; ମାତ୍ର ଆପଣ ଦେଖନ୍ତୁ, ଜଳ ପାପ ମୋଚନ କରେ ନାହିଁ; ଏହା ତ କେବଳ ଏକ ଉତ୍ତମ ବିବେକ ପ୍ରତି ଏକ ପ୍ରତ୍ୟୁତ୍ତର ଅଟେ।

72 ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ପାଉଲଙ୍କୁ ସେଠାରେ ବାପ୍ତିଜିତ ହେବାର କାରଣ ହେଲା, ଯେ ଏହା ଆଧିକାରିକ ଭାବେ ଏବଂ ବାଇବଲରେ ନିତାନ୍ତ ଜରୁରୀ ଅଟେ ଯେ ଆମେ ବାପ୍ତିଜିତ ହେଉ। କାରଣ ମୁଁ ଏହାକୁ ତେବେ ଠିକ ତାହା ନିକଟକୁ ଫେରାଇ ନିଏ: ଯେତେବେଳେ ସେହି ଚୋର କ୍ରୁଶରେ ଝୁଲି ରହିଥିଲା...ଏବଂ ସେ ବାପ୍ତିଜିତ ନ ହୋଇ ମୃତ୍ୟୁବରଣ କରିଥିଲା, ଏବଂ ତଥାପି ଏକ ପ୍ରତିଜ୍ଞା ସହିତ ଯେ ଯୀଶୁ ସେହି ଦିନ ତାକୁ ପାରଦୀଶରେ ଭେଟିବେ; ପାରଦୀଶରେ, ବିନଷ୍ଟ ହୋଇଥିବା ଅଞ୍ଚଳରେ ନୁହେଁ, କାରଣ ଏହା ପ୍ରଥମ ଥର ଥିଲା ଯେ ତାକୁ ସେହି ସୁଯୋଗ ଉପସ୍ଥାପନ କରାଯାଇଥିଲା।

73 ଏବଂ ମୁଁ ବିଶ୍ୱାସ କରେ ଯେ କର୍ଣ୍ଣୀଲିୟଙ୍କ ଗୃହରେ ଥିବା ସେହି ହୃଦୟଗୁଡିକ ସହିତରେ ସେହି ସମାନ ଅବସ୍ଥାମାନ ଥିଲା ଯେତେବେଳେ ସେମାନେ ଅତି ଆନନ୍ଦ ସହକାରେ ପରମେଶ୍ୱରଙ୍କ ବାକ୍ୟକୁ ଗ୍ରହଣ କରିଥିଲେ। ଏବଂ ପବିତ୍ରଆତ୍ମା ହେଉଛନ୍ତି ସେହି ସଂଜୀବିତ ହୋଇଥିବା ବାକ୍ୟ, ଏବଂ ଏହା ସେମାନଙ୍କ ପାଇଁ ସଂଜୀବିତ ହୋଇଥିଲା। ସେହି କାରଣ

ଯୋଗୁଁ ପବିତ୍ରଆତ୍ମା ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଏବଂ ଭବିଷ୍ୟତ୍‌ବାଣୀ କରିବାକୁ ଆରମ୍ଭ କରିଥିଲା। ଏହା ତ ଲୋକମାନଙ୍କର ଗ୍ରହଣୀୟ ହୃଦୟଗୁଡିକ ଥିଲା ଯେଉଁଥିରେକି ବାକ୍ୟ ପଡିଥିଲା, ଯେଉଁମାନେକି ସେହି ଅଲୌକିକ ବିଷୟସବୁ ଦେଖିଥିଲେ।

74 ତାହାହିଁ ଅଟେ ଯାହାକି ଆଜି ଆମେ ରହୁଥିବା ଏହି ସମୟରେ ମୋତେ ବ୍ୟତିବ୍ୟସ୍ତ କରେ। ରୋମୀୟମାନଙ୍କର ସେହି ଗୋଷ୍ଠୀ ବି-…କରିବା ପରେ ଏବଂ ଗ୍ରୀକମାନେ, ଯାହାକି ସେମାନେ ଥିଲେ, ଏକ ଦର୍ଶନକୁ ସୁନିଶ୍ଚିତ ହେଉଥିବାର ପ୍ରକଟୀକରଣକୁ ଦେଖିଥିଲେ, ଯେ ପବିତ୍ରଆତ୍ମା ସେମାନଙ୍କର ହୃଦୟକୁ ଏତେ ଭୟଭୀତ କରି ପକାଇଲେ ଯେ ଏପରିକି ପିତର ଏହିସବୁ କଥା କହୁହିଁଥିଲେ, ପବିତ୍ରଆତ୍ମା ସେମାନଙ୍କ ଉପରେ ଓହ୍ଲାଇ ଆସିଲେ। ବୁଝିଲେ?

75 ଠିକ ଯେପରିକି…ଦେଖନ୍ତୁ, କର୍ଣ୍ଣୀଲିୟ କହିଲେ, "ଯାଅ ଡକାଇ ପଠାଅ…" ସେ ଜଣେ ଶତସେନାପତି ଥିଲେ, ଏବଂ ତାହା "ଶତ" ଶହେରୁ ଆସିଥାଏ। ସେ ଶହେରୁ ଅଧିକ ଲୋକମାନଙ୍କ ଉପରେ ନ୍ୟସ୍ତ ଥିଲେ। ସେ ଜଣେ ରୋମୀୟ ଶତସେନାପତି ଥିଲେ; ଏବଂ ସେ—ସେ ପ୍ରାର୍ଥନା କରୁଥିବା ସମୟରେ ଏକ ଦର୍ଶନ ଦେଖିଥିଲେ, ଆଉ ଜଣେ ସ୍ୱର୍ଗଦୂତ ତାଙ୍କ ନିକଟକୁ ଆସିଲେ। ସେ ଜଣେ ଉତ୍ତମ ଲୋକ ଥିଲେ। ସେ କହିଲେ, "ଯାଫକୁ ଯାଅ। ଜଣେ ଶିମୋନ୍, ଜଣେ ଚର୍ମକାର, ଆଉ ଜଣେ ଶିମୋନ୍ ପିତର ନାମକ ଜଣେ ଅଛନ୍ତି। ସେ ଉପରେ ଅଛନ୍ତି…ତୁମେ ତାଙ୍କୁ ସେଠାରେ ପାଇବ, ଏବଂ ସେ ଆସି ତୁମକୁ ବାକ୍ୟ କହିବେ।"

76 ତେବେ, ସେ ଭାବିଲେ ଯେ ସେହି ଦର୍ଶନଟି ଏତେ ବାସ୍ତବ ଥିଲା। "ମୁଁ ଶୋଇ ନ ଥାଇପାରେ; ମୁଁ ତ ଠିକ୍ ସେହି—ସେହି ସ୍ୱର୍ଗଦୂତଙ୍କୁ ଦେଖୁଥିଲି।" ତେଣୁ ସେ ତାଙ୍କର କେତେକ ବିଶ୍ୱସ୍ତ ସୈନିକମାନଙ୍କୁ ସେଠାକୁ ପଠାଇଲେ।

77 ଏବଂ ସେତେବେଳକୁ ସେଠାରେ, ପରମେଶ୍ୱର ରେଖାର ଅନ୍ୟ ପାର୍ଶ୍ୱରେ ସେହି ପ୍ରେରିତଙ୍କୁ ପ୍ରସ୍ତୁତ କରୁଥିଲେ। ଏବଂ ସେ କହିଲେ, "ବର୍ତ୍ତମାନ, ଉଠ।" ସେ କହିଲେ… ଏହା ଦେଖି ଯେ ସେ ଗୃହର ଛାତ ଉପରେ ରହି ଅପେକ୍ଷା କରୁଥିଲେ…ଶ୍ରୀମତୀ ଶିମୋନ୍ ରାତ୍ରି ଭୋଜନ ପ୍ରସ୍ତୁତ କରୁଥିଲେ। ଏବଂ ଯେତେବେଳେ ସେ ସେଠାରେ ଉପରେ ଥିଲେ… ତାଙ୍କୁ ଭୋକ ଲାଗୁଥିଲା, ବୋଧହୁଏ ଚଲା ବୁଲା କରୁଥିଲେ, ସେହି ପ୍ରେରିତ ଥିଲେ, ସେହି—ସେହି ମରୁଭୂମି ଦେଇ। ଏବଂ—ଏବଂ ସେ ରାତ୍ରି ଭୋଜନ ପୂର୍ବରୁ, ଘର ଛାତ ଉପରେ ଶୋଇ ରହିଥିଲେ, ଯେହେତୁ ତାହା ପ୍ରଥା ଥିଲା। ଏବେ ମଧ୍ୟ ସେହି ସମାନ କାର୍ଯ୍ୟ କରାଯାଏ, ଛାତ ଉପରେ ଶୋଇ ରହିଥାଆନ୍ତି, ଏବଂ ସେମାନେ ଏକ ସୀଢ଼ୀ ଦେଇ ତଳକୁ ଯାଆନ୍ତି ଓ ବେଳେବେଳେ ପାହାଚ ଏବଂ ଜିନିଷସବୁ, ଛାତରୁ ତଳକୁ ଆସିଥାଏ; ସନ୍ଧ୍ୟାର ଶୀତଳତାରେ ସେଠାରେ ବସି ରହିଥିଲେ।

78 କିନ୍ତୁ ସେହି ପ୍ରେରିତ ଶୋଇପଡିଲେ, ଏବଂ ଯେତେବେଳେ ସେ ଶୋଇଥିଲେ, ସେ ଏକ ନିଦ୍ରାରୁ ଊର୍ଦ୍ଧ୍ୱରେ ଏକ ଅବଚେତନ ଅବସ୍ଥାକୁ ଚାଲି ଗଲେ; ଆଉ ତାହାପରେ ସେ ଦେଖିଲେ

ଯେ ଗୋଟିଏ ଚାଦର ତଳକୁ ଆସୁଅଛି ଏବଂ ସମସ୍ତ ଅପରିଷ୍କାର ଓ ବିଷୟଗୁଡିକ ସେଥିରେ ରହିଥିଲା, ଏବଂ ସେ ଏକ ରବକୁ କହୁଥିବାର ଶୁଣିଲେ, "ଉଠ, ବଧ କର ଏବଂ ଭୋଜନ କର।"

ସେ କହିଲେ, "ତାହା ନୁହେଁ, ପ୍ରଭୁ, ମୋ ପାଟିକୁ କେବେ ବି କୌଣସି ଅପରିଷ୍କାର ଜିନିଷ ଆସି ନାହିଁ।"

79 ତେବେ, ଦେଖନ୍ତୁ, ସେଠାରେ ଗୋଟିଏ ଦର୍ଶନ ଅଛି। ତେବେ, ଲକ୍ଷ୍ୟ କରନ୍ତୁ! ତାହା ବ୍ୟାଖ୍ୟା କରାଯିବାକୁ ଅଛି। ତେବେ, ଏହା ଏପରି ଦେଖାଯାଉଥିଲା ଯେପରିକି ପିତର ଏକ ଶିକାର ଅଭିଯାନ କରିବାକୁ ଯାଉଥିଲେ ଏବଂ ସେ ଏପରି ଏକ ପ୍ରକାରର ପଶୁ ପାଇବାକୁ ଯାଉଥିଲେ ଯାହାକୁ ସେ ପୂର୍ବରୁ କେବେ ଖାଇ ନ ଥିଲେ ଏବଂ ତାହାକୁ ଖାଇବା ପାଇଁ ଚେଷ୍ଟା କରିବାକୁ ଯାଉଥିଲେ। ସେ କହିଲେ, "ତାହା ନୁହେଁ, ପ୍ରଭୁ, ମୁଁ—ମୁଁ କେବେବି କୌଣସି ଅପରିଷ୍କାର ଜିନିଷ ମୋର ଓଠରେ ଲଗାଇ ନାହିଁ।"

80 ସେ କହିଲେ, "ମୁଁ ଯାହା କରେ ତାହାକୁ ଶୁଚି ବୋଲି କୁହ ନାହିଁ...ମୁଁ ଯାହାକୁ ଶୁଚି କରିଛି ତାହାକୁ ଅଶୁଚି ବୋଲି କୁହ ନାହିଁ।" କହିଲେ, "ଉଠ, ସେଠାରେ ଲୋକମାନେ ତୁମ ପାଇଁ ଦ୍ୱାରରେ ଅପେକ୍ଷା କରିଛନ୍ତି। ଯାଅ, କିଛି ସନ୍ଦେହ କର ନାହିଁ।" ଠିକ ସେହି ସମୟରେ ସେମାନେ ଦ୍ୱାରକୁ ଆଘାତ କରିଥିଲେ। [ଭାଇ ବ୍ରାନହାମ୍ ମଞ୍ଚ ଉପରେ ଆଘାତ କରନ୍ତି—ସମ୍ପା।]

81 ବର୍ତ୍ତମାନ, ଦେଖନ୍ତୁ? ଏବଂ ଯେତେବେଳେ ସେ ଏହି ବ୍ୟକ୍ତିଙ୍କୁ ସେଠାରେ ପାଇଲେ, ଏହି ବିଶ୍ୱସ୍ତ ସୈନିକମାନେ, ଠିକ ସେହି ଦର୍ଶନ ଅନୁଯାୟୀ...ଏବଂ ଏଠାରେ ସେମାନେ ଠିକ ସେହି ବ୍ୟକ୍ତିଙ୍କ ସହିତ ଫେରି ଆସନ୍ତି ଯାହା ବିଷୟରେ ପରମେଶ୍ୱର ଦର୍ଶନରେ କହିଥିଲେ... ଜଣେ ଅଜଣାତ ବ୍ୟକ୍ତି, ଜଣେ କେହି ଅଜ୍ଞାତ ମତ୍ସ୍ୟଜୀବୀ ଜଣକ। କିନ୍ତୁ ସେହି ଛୋଟ ଗୋଷ୍ଠୀ ମଧ୍ୟରେ, ଏହା ଏତେ ମହତ୍ତ୍ୱପୂର୍ଣ୍ଣ ଥିଲା ଯେ ସେ ଏହି ଛୋଟ ମତ୍ସ୍ୟଜୀବୀଙ୍କୁ ପାଇଥିଲେ। ଏବଂ ଏଠାରେ ଉପରେ ସେ ବର୍ତ୍ତମାନ ସେହି ଘରକୁ ଆସୁଛନ୍ତି, ଠିକ ସେହି ସ୍ଥାନକୁ ଯେଉଁଠାରେ ସେ ଦର୍ଶନ ଦେଖିଥିଲେ। କର୍ଣ୍ଣୀଲିୟ ସମସ୍ତ ଲୋକଙ୍କୁ ଏକତ୍ର କରି କହିଲେ, "କାହିଁକି, ତାହା ତ ଅବିକଳ ଠିକ୍ ସେହିପରି ଅଟେ ଯେପରିକି ମୁଁ ଏହାକୁ ଦେଖିଥିଲି।" ଆଉ ତାହାପରେ ପିତର ଠିଆ ହେଲେ ଏବଂ କହିବାକୁ ଲାଗିଲେ ଯେ ସେମାନେ କିପରି ପବିତ୍ରଆତ୍ମା ପାଇବେ, ଆଉ ସେ ଏହାକୁ ଠିକ କହୁଥିବା ବେଳେ...! ସେମାନେ ଗୋଟିଏ ଦର୍ଶନର କ୍ରମରେ ସବୁକିଛିକୁ ଏତେ ସିଦ୍ଧ ଭାବରେ ଦେଖିଥିଲେ। ବିଜାତୀ ଲୋକମାନଙ୍କର ଏକ ଦଳ, ଯେଉଁମାନେକି ଗୋଟିଏ ଦର୍ଶନକୁ ପ୍ରକଟିତ ହେଉଥିବାର ଦେଖିଥିଲେ, ଏବଂ ସେମାନେ ସତ୍ୟ ବାକ୍ୟ ଶୁଣିଥିଲେ ଯେ ସେମାନେ କିପରି ଜୀବନ ପାଇ ପାରିବେ; ଆଉ ସେମାନେ ବାପ୍ତିଜିତ ହେବା ପୂର୍ବରୁ ସେମାନଙ୍କ ଉପରେ ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ।

82 ତାହା ଆଜି ସକାଳେ ଏହି ଆରାଧନାଳୟକୁ କଅଣ କରିଦେବା ଉଚିତ୍? ଅସୁସ୍ଥ, ଦୁଃଖୀ, ଅନ୍ଧ, ବଧିର, ମୂକ, ସେହି—ସେହି ପାପୀ, ସମସ୍ତ କିଛିକୁ...କେବଳ ଚିନ୍ତା କରନ୍ତୁ, ଦଶ ହଜାର

ବିଷୟମଧ୍ୟରୁ, ଥରୁଟିଏ ହେଲେ ଏହା କେବେବି ଗୋଟିଏ ବିନ୍ଦୁଟିଏ ସୁଦ୍ଧା ବିଫଳ ହୋଇନାହିଁ! କାହିଁକି, ଏହା ତ ଆମ ହୃଦୟଗୁଡିକୁ ଉତ୍ତପ୍ତ କରିଦେବା ଉଚିତ୍!

83 ତେବେ, ବର୍ତ୍ତମାନ, ତଥାପି ସେ, ଯେତେବେଳେ ସେ ଏହି ଶବ୍ଦଗୁଡିକୁ କହୁ ହିଁ ଥିଲେ, ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ । ତେବେ ପିତର କହିଲେ, "ଏହି ଯେଉଁ ଲୋକମାନେ ଆମ୍ଭେମାନଙ୍କ ପରି ପବିତ୍ରଆତ୍ମା ପ୍ରାପ୍ତ ହୋଇଅଛନ୍ତି, ଏମାନେ ଯେପରି ବାପ୍ତିଜିତ ନ ହୁଅନ୍ତି ସେଥି ନିମନ୍ତେ କି କେହି ଜଳ ନିଷେଧ କରି ପାରେ?" ମୁଁ ବିଶ୍ୱାସ କରେ ଯେ ସେମାନଙ୍କର ପାପଗୁଡିକ ଆଗରୁ ଦୂର ହୋଇସାରିଛି, ନୋହିଲେ ପବିତ୍ରଆତ୍ମା ଆସି ନ ଥାଆନ୍ତେ; ଏବଂ ସେ ସେପର୍ଯ୍ୟନ୍ତ ଆସି ନ ଥାନ୍ତେ ଯେପର୍ଯ୍ୟନ୍ତକି ତାହା ଏକ ପୂର୍ବନିରୂପିତ ପାତ୍ର ନ ହୋଇଥାଏ । ସେ ଜାଣିଥିଲେ ଯେ ସେମାନେ ଅନୁସରଣ କରିବେ । ସେ ଜାଣିଥିଲେ...

84 ମୁଁ ବିଶ୍ୱାସ କରେ ଯେ ପାଉଲ, ସେହି କାରଣ ଯେ ତାଙ୍କୁ ପୁନର୍ବାର ବାପ୍ତିଜିତ ହେବାକୁ ପଡିଥିଲା ତାହା ହେଉଛି, ସେ ଖ୍ରୀଷ୍ଟିଆନମାନଙ୍କୁ ନିର୍ଯାତନା ଦେଇଥିଲେ । ତାହା ଠିକ୍ ଅଟେ । ଏବଂ ସେ, ପରମେଶ୍ୱର ଜାଣିଥିଲେ, କାରଣ ସେ କହିଥିଲେ, "ମୁଁ ତାକୁ ମନୋନୀତ କରିଅଛି," ସେ ଭବିଷ୍ୟଦ୍‌ବକ୍ତା, ହନନିୟଙ୍କୁ କହିଥିଲେ । ଯେତେବେଳେ ସେ ଜାଣିଲେ ଯେ ଶାଉଲ ସେଠାରେ ଏକ କୋଠରୀରେ ରହିଛନ୍ତି, ମୁହଁ କଳା ପଡିଯାଇଛି ଏବଂ ଚକ୍ଷୁ ଦୃଷ୍ଟିହୀନ ହୋଇଯାଇଛି, ଆଉ ସେ—ସେ ଏତେ ଅଧିକ ପ୍ରାର୍ଥନା କରିଥିଲେ ଏବଂ ତାଙ୍କ ଉପରେ ସର୍ବତ୍ର ଧୂଳି ଜମି ଯାଇଥିଲା, ଏବଂ ସେ ଅଗ୍ନିସ୍ତମ୍ଭ ଯୋଗୁଁ ଅନ୍ଧ ହୋଇ ଯାଇଥିଲେ ଯାହାକି ତାଙ୍କୁ ତଳେ ମାର୍ଗରେ ଦେଖା ଦେଇଥିଲା; ଏବଂ ସେ କହିଥିଲେ, "ମୁଁ ତାଙ୍କୁ ବିଜାତୀମାନଙ୍କ ନିମନ୍ତେ ଏକ ପାତ୍ର କରି ବାଛିଅଛି ।" ପରମେଶ୍ୱର ଜାଣିଥିଲେ ଯେ—ଯେ ହନନିୟ ତାଙ୍କୁ ତିନି ଦିନ ପରେ ଦମ୍ମେସକର ନଦୀରେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କରିବାକୁ ସମର୍ଥ ହେବେ । କିନ୍ତୁ ମୁଁ ବିଶ୍ୱାସ କରେ ଯେ ତାଙ୍କର ପାପଗୁଡିକ ପୂର୍ବରୁ ମୋଚନ ହୋଇଯାଇଥିଲା, ମାତ୍ର ତାହାଙ୍କୁ ଏହା ଜଗତକୁ ଦେଖାଇବା ନିମନ୍ତେ କରିବାକୁ ପଡିଥିଲା । ଏବଂ ମୁଁ ବିଶ୍ୱାସ କରେ ଯେ ତାହାହିଁ ସେହି କାରଣ ଅଟେ ଯେ ଆମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ଆବଶ୍ୟକ । ଏବଂ ମୁଁ ବିଶ୍ୱାସ କରେ ଯେ ପୂର୍ବ ନିରୂପିତ ବୀଜ ଏହାକୁ ଦେଖିବେ, ଏବଂ କେବଳ ସେମାନେ ହିଁ ଏହାକୁ ଦେଖିବେ ।

85 ବର୍ତ୍ତମାନ, ତ୍ରିତ୍ତ୍ୱବାଦୀ ବିଶ୍ୱାସର ଭାଇମାନେ, ମୁଁ ଏହାକୁ ଆପଣମାନଙ୍କ ଉପରେ ଦୋଷାରୋପ କରୁ ନାହିଁ, ମୋର ପ୍ରିୟ ଭାଇ, ମୁଁ କେବଳ ପ୍ରଶ୍ନଗୁଡିକର ଉତ୍ତର ଦେଉଅଛି । ମୁଁ କେବଳ ଏହା ପ୍ରତି ମୋର ପ୍ରକୃତ ଚିନ୍ତାଧାରାଗୁଡିକୁ ପ୍ରକାଶ କରୁଅଛି । ହୋଇପାରେ ଯେ ଏହି ଟେପ୍‌ଟି ଥରେ ଆଫ୍ରିକାରେ ଶେଷ ହୋଇ ଯାଇପାରେ । ମୁଁ ବିଶ୍ୱାସ କରେ ଯେ ଆମେ ତାହାଙ୍କର ଆଗମନର ଛାୟାରେ ବସବାସ କରୁଅଛୁ । ଆମେ ସମସ୍ତେ ତାହା ବିଶ୍ୱାସ କରୁ ।

ମୁଁ ବହୁମୂଲ୍ୟ ବନ୍ଧୁମାନଙ୍କୁ ପାଇଅଛି, ଡୁପ୍ଲେସିସ୍ ଏବଂ ସ୍କୋମାନ୍‌ସ, ଏବଂ ସମସ୍ତେ, ୟେଗର୍, ଏବଂ ଦକ୍ଷିଣ ଆଫ୍ରିକାରେ—ରେ ସେହି ଉତ୍ତମ ଭାଇମାନେ ଅଛନ୍ତି । କିନ୍ତୁ

ସବୁବେଳେ କେହି ଜଣେ ଥାଆନ୍ତି ଯିଏକି ଜଣେ ବ୍ୟକ୍ତିଙ୍କ ଜୀବନରେ ପୃଥକ ଭାବେ ଛିଡା ହୋଇଥାଆନ୍ତି। ଏବଂ ସମସ୍ତ ପୁରୁଷମାନଙ୍କ ମଧ୍ୟରୁ ଯିଏକି—ଏବଂ ମୁଁ ସେମାନଙ୍କୁ ଅତି ପ୍ରିୟ ଭାବରେ ପ୍ରେମ କରେ ଯେପରିକି ମୁଁ ଏହି ଭାଇକୁ ପ୍ରେମ କରେ, ଠିକ୍ ସେତିକି ପ୍ରିୟ ଭାବରେ, ମାତ୍ର ଭାଇ ଜ୍ୟାକସନ୍ ଏବଂ ତାଙ୍କ ପତ୍ନୀ ମୋ ଜୀବନରେ ସର୍ବଦା ପୃଥକ ଭାବେ ଛିଡା ହୋଇଥାଆନ୍ତି। ମୁଁ ଏହାକୁ ବୁଝି ହିଁ ପାରୁ ନ ଥିଲି; ସେ—ସେ ପୃଥକ ଭାବେ ଛିଡା ହୁଅନ୍ତି। ତେବେ, ସେଠାରେ ଜଷ୍ଟୁସ୍ ଡୁପ୍ଲେସିସ୍, ଅନ୍ତରଙ୍ଗ ବନ୍ଧୁ, ଏବଂ ଓଃ, ସେହି ଅନେକ ଉତ୍ତମ, ଉତ୍ତମ ଆଫ୍ରିକୀୟ ଭାଇ ଓ ଭଉଣୀମାନେ ଅଛନ୍ତି।

86 ତେବେ, ଭାଇ ଜ୍ୟାକସନ୍ ଏବଂ ତାଙ୍କ ପତ୍ନୀ ମୋ ପାଇଁ କାହିଁକି ପୃଥକ ଭାବେ ଛିଡା ହୁଅନ୍ତି? କାରଣ ସେ ଜଣେ ଶିକାରୀ ଥିଲେ? ନା! କାରଣ ମୋର ସେଠାରେ ଅନେକ ଉତ୍ତମ ଶିକାରୀ ବନ୍ଧୁମାନେ ଅଛନ୍ତି। କିନ୍ତୁ ସେ ପୃଥକ୍ ଭାବରେ କାହିଁକି ଛିଡ଼ା ହୁଅନ୍ତି? ଏବଂ କାହିଁକି? ଯଦି ଆପଣ କେବଳ ଏସବୁ ପଛରେ ଥିବା ରହସ୍ୟକୁ ଜାଣନ୍ତେ। କିନ୍ତୁ ମୁଁ ଲୋକମାନଙ୍କୁ ସେହି ସମସ୍ତ ରହସ୍ୟ କଥା କୁହେ ନାହିଁ ଯାହା ମୁଁ ଜାଣେ। ତେବେ, ଏହା କାହିଁକି ସେହି ସମାନ ଘଟିକାରେ ହୋଇଥିଲା ଯେତେବେଳେ ପ୍ରଭୁ କହିଥିଲେ, "ଦକ୍ଷିଣ ଆଫ୍ରିକାର ସିଡନୀ ଜ୍ୟାକସନ୍ଙ୍କ ସହ ଯୋଗାଯୋଗ କର," ସେତେବେଳେ ପ୍ରଭୁ ସିଡନୀ ଜ୍ୟାକସନ୍ଙ୍କୁ ଏଠାକୁ ଆସିବାକୁ କହିଥିଲେ? ଗୋଟିଏ ସପ୍ତାହ ପରେ ରବିବାର ଦିନ, ସେ ଏବଂ ତାଙ୍କ ପତ୍ନୀ, ଠିକ ଏହି ଛାୟା ସମୟରେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବାପ୍ତିଜିତ ହୋଇଥିଲେ। ଦେଖନ୍ତୁ, ସେହି କାରଣ ପ୍ରତି ପୂର୍ବନିରୂପିତ। ବୁଝିଲେ?

87 ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଦ୍ୱାରା ଉଦ୍ଧାର ପାଇଛନ୍ତି—ପାଇଛନ୍ତି—ପାଇଛନ୍ତି। ଏବଂ ଜଳ ବାପ୍ତିସ୍ମ ଏକ ବାହ୍ୟ ଅଭିବ୍ୟକ୍ତି ଅଟେ ଯାହାକି ଏହା ଦର୍ଶାଏ ଯେ ଅନ୍ତରରେ କିଛି ଗୋଟାଏ ଘଟିଅଛି, କାରଣ ଜଳରେ କୌଣସି ଗୁଣ ନାହିଁ; ଏହା ତ କେବଳ ଏକ ପ୍ରତୀକ ଅଟେ। ଏବଂ ମୁଁ ବିଶ୍ୱାସ କରେ ଯେ ଆପଣ ସେତେବେଳେ ଉଦ୍ଧାର ପାଇଥାନ୍ତି ଯେତେବେଳେ ଆପଣ...

88 ତେବେ, ବହୁତ ଲୋକମାନେ ଅଛନ୍ତି (ମୋତେ ଏହାକୁ ଭାଇ ପାଇଁ ସଳଖ କରିବାକୁ ଦିଅନ୍ତୁ)...ସେଠାରେ ଅନେକ ଲୋକମାନେ ଅଛନ୍ତି ଯେଉଁମାନେକି...କୁହନ୍ତି ସେମାନେ ଉଦ୍ଧାର ପାଇଛନ୍ତି; ଅନେକେ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଛନ୍ତି; ଅନେକେ ଭିନ୍ନ ଭାଷାରେ କଥା କୁହନ୍ତି, ଏବଂ ପବିତ୍ରଆତ୍ମାଙ୍କର ସମସ୍ତ ପ୍ରକାରର ଚିହ୍ନ ରହିଥାଏ, ଆଉ ତଥାପି ସେମାନେ ପରିତ୍ରାଣ ପାଇ ନ ଥାଆନ୍ତି। ତାହା ଠିକ୍। "ସେଦିନ ଅନେକ ଲୋକ ମୋ ପାଖକୁ ଆସି କହିବେ, 'ପ୍ରଭୁ, କଅଣ ମୁଁ ତୁମ ନାମରେ ଭବିଷ୍ୟଦ୍‌ବାଣୀ କରି ନାହିଁ କି?' (ପ୍ରଚାରକ) 'କଅଣ ମୁଁ, ତୁମ ନାମରେ, ଭୂତମାନଙ୍କୁ ଛଡାଇ ନାହିଁ କି ଓ ଅନେକ ଶକ୍ତିର କାର୍ଯ୍ୟ କରି ନାହିଁ କି।'" ସେ କହିବେ, "ହେ ଅଧର୍ମାଚାରୀ, ମୋ ଠାରୁ ଦୂର ହୁଅ; ମୁଁ ତ ତୁମକୁ କେବେ ଜାଣି ସୁଦ୍ଧା ନ ଥିଲି।" ବୁଝିଲେ? ତେଣୁକରି ସେହି ସମସ୍ତ ବିଷୟ, ତଥାପି ତାହା—ତାହା—ତାହା ପରମେଶ୍ୱରଙ୍କର ଅଟେ; ଏହା ତାହାଙ୍କ ହାତରେ ଅଛି। କିନ୍ତୁ ଯେତେବେଳେ ମୁଁ ଦେଖେ ଯେ...

89 ଆପଣ କୁହନ୍ତି, "ତେବେ ତାହାହେଲେ, ଆପଣ କାହିଁକି ଲୋକମାନଙ୍କୁ ପୁନର୍ବାପ୍ତିସ୍ମ କରିବାକୁ ସ୍ମରଣ କରାନ୍ତି?" କାରଣ ମୁଁ ଆରମ୍ଭର ନମୁନାକୁ ଅନୁସରଣ କରୁଅଛି । ଆମେ ସେହି ମୂଳ ଢାଞ୍ଚାକୁ ହରାଇ ପାରିବା ନାହିଁ ।

90 ତେବେ, ଆମେ ପ୍ରେରିତ ପାଉଲଙ୍କୁ ନେଉଅଛୁ ଯେତେବେଳେ ସେ କିଛି ଶିଷ୍ୟମାନଙ୍କର ଦେଖା ପାଇଲେ ଯେଉଁମାନେକି ଅତ୍ୟୁତ୍ତମ ଲୋକମାନେ ଥିଲେ । ମୁଁ ବିଶ୍ୱାସ କରେ ଯେ ସେମାନେ ଉଦ୍ଧାର ପାଇଥିଲେ, ଆଉ ତଥାପି ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇ ନ ଥିଲେ, ଯଦିଓ ସେମାନେ ବାପ୍ତିଜିତ ହୋଇ ସାରିଥିଲେ (ପ୍ରେରିତ ୧୨) । ପାଉଲ ଏଫିସର ଉପରିସ୍ଥ ଉପକୂଳ ଅଞ୍ଚଳ ଦେଇ ଯାତ୍ରା କରୁଥିଲେ; ସେ କେତେକ ଶିଷ୍ୟମାନଙ୍କର ଦେଖା ପାଇଲେ । ଏବଂ ସେ ସେମାନଙ୍କୁ କହିଲେ, "କଅଣ ତୁମେମାନେ ବିଶ୍ୱାସ କରିବା ପରଠାରୁ ପବିତ୍ରଆତ୍ମା ପ୍ରାପ୍ତ ହୋଇଛ କି?"

ଏବଂ ସେମାନେ ତାହାଙ୍କୁ କହିଲେ, "ଆମେ ପବିତ୍ରଆତ୍ମା ବିଷୟରେ କିଛି ଜାଣି ନାହୁଁ, ଯେ କୌଣସି ପବିତ୍ରଆତ୍ମା ଦତ୍ତ ହୋଇଅଛନ୍ତି ।"

ସେ କହିଲେ, "ତାହାହେଲେ ତୁମେମାନେ କାହିଁରେ ବାପ୍ତିଜିତ ହୋଇଥିଲ?"

ସେମାନେ କହିଲେ, "ଆମେ ବାପ୍ତିଜିତ ହୋଇଅଛୁ । ଯୋହନ ଆମକୁ ବାପ୍ତିଜିତ କଲେ, ସେହି ସମାନ ବ୍ୟକ୍ତି ଯିଏକି ଯୀଶୁଙ୍କୁ ବାପ୍ତିଜିତ କରିଥିଲେ ।" ତାହା ଏକ ସୁନ୍ଦର ବାପ୍ତିସ୍ମ ଅଟେ ।

91 ତଥାପି ଏହି କଠୋର ପ୍ରେରିତଙ୍କୁ ଦେଖନ୍ତୁ । ସେ କହିଲେ, "କିନ୍ତୁ ଯୋହନ କେବଳ ମନ ଫେରଣ ପାଇଁ ବାପ୍ତିଜିତ କରିଥିଲେ," ପାପର ମୋଚନ ପାଇଁ ନୁହେଁ, କାରଣ ବଳିଦାନ ଉତ୍ସର୍ଗ କରାଯାଇ ନ ଥିଲା, ତେବେ ଏଥିରେ ବାପ୍ତିଜିତ ହୁଅ…ଏବଂ ଯେତେବେଳେ ସେମାନେ ଏହା ଶୁଣିଲେ, ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପୁନର୍ବାର ବାପ୍ତିଜିତ ହେଲେ, ଏବଂ ପବିତ୍ରଆତ୍ମା ସେମାନଙ୍କ ଉପରେ ଓହ୍ଲାଇ ଆସିଲେ ।

92 ବର୍ତ୍ତମାନ, ଏହା କଅଣ କଲା? ଏହା ଦର୍ଶାଇଲା ଯେ ଏହି ଲୋକମାନେ ଯେଉଁମାନେକି ଜୀବନ ପାଇଁ ପୂର୍ବନିରୂପିତ ହୋଇଥିଲେ, ସେମାନେ ଠିକ ଯେତେବେଳେ ଶାସ୍ତ୍ର ସମ୍ବନ୍ଧୀୟ ସତ୍ୟତାକୁ ଦେଖିଲେ, ସେତେବେଳେ ଦେଖିବା ମାତ୍ରେ ସେମାନେ ସତ୍ୟରେ ଗମନାଗମନ କଲେ ଏବଂ ଜଣେ ବିଶ୍ୱାସୀଙ୍କର ପୁରସ୍କାର ପ୍ରାପ୍ତ ହେଲେ: ପବିତ୍ରଆତ୍ମା ସେମାନଙ୍କ ଉପରକୁ ଓହ୍ଲାଇ ଆସିଲେ, ଏବଂ ସେମାନେ ବିଭିନ୍ନ ଭାଷାରେ କଥା କହିଲେ, ଭବିଷ୍ୟଦ୍‌ବାଣୀ କଲେ, ପରମେଶ୍ୱରଙ୍କୁ ମହିମାନ୍ୱିତ କଲେ । କଅଣ ଆପଣ ବର୍ତ୍ତମାନ ବୁଝିଲେ କି? ଦେଖନ୍ତୁ? ସେମାନେ ଆଗରୁ ମହା ଆନନ୍ଦ କରିବା, ଉଚ୍ଚ ପାଟି କରିବା, ଓ ପରମେଶ୍ୱରଙ୍କୁ ପ୍ରଶଂସା କରିସାରିବା ପରେ ସେମାନେ ତାହା କରିଥିଲେ ।

93 ବାଇବଲରେ ସେଠାରେ ଜଣେ ବାପ୍‌ଟିଷ୍ଟ ପ୍ରଚାରକ ଥିଲେ; ସେ ମଧ୍ୟ ବାପ୍ତିଜିତ ହୋଇଥିଲେ । କିନ୍ତୁ ସେ ଥିଲେ, ଏବଂ ସେ ଥିଲେ—ବାଇବଲ ଦ୍ୱାରା—ଦ୍ୱାରା ପ୍ରମାଣିତ କରାଯାଇଥିଲେ ଯେ ଯୀଶୁ ହିଁ ଖ୍ରୀଷ୍ଟ ଥିଲେ । ଏବଂ ଲୋକମାନଙ୍କର ବହୁତ ଆନନ୍ଦ ଥିଲା,

ଏବଂ ସେମାନେ ଏହା ଉପରେ ଅତ୍ୟଧିକ ଖୁସି ଥିଲେ; ଏବଂ ତଥାପି ସେମାନଙ୍କର ପାଖରେ ପବିତ୍ରଆତ୍ମା ନ ଥିଲା! ସେମାନଙ୍କୁ ପୁନର୍ବାର ବାପ୍ତିଜିତ ହେବାକୁ ପଡିଥିଲା। ଏବଂ ପାଉଲ ଗାଲାତୀୟ 1:8 ରେ କହିଥିଲେ, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସି ମୁଁ ଯେଉଁ ସୁସମାଚାର ପ୍ରଚାର କରିଛି ତାହା ବ୍ୟତୀତ ଅନ୍ୟ କୌଣସି ସୁସମାଚାର ପ୍ରଚାର କରନ୍ତି, ତେବେ ସେ ଅଭିଶପ୍ତ ହୁଅନ୍ତୁ।" ଯାଏ ଆସେ ନାହିଁ ଯେ ତାହା କଅଣ ହେବ।

94 ତେଣୁକରି, ଏହିସବୁ ବିଷୟ ଜାଣିବା…ହେ ଭାଇମାନେ, ବୋଧହୁଏ ଆପଣ ସେସବୁ ଜାଣନ୍ତି ନାହିଁ; କିନ୍ତୁ ଏହିସବୁ ବିଷୟ ଜାଣିଯିବା ଉତ୍ତାରେ, ତେବେ ମୁଁ ପ୍ରଥମ ମୂଳଦୁଆର ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପରମେଶ୍ୱରଙ୍କ ନିକଟରେ ବାଧ୍ୟ ଏବଂ କର୍ତ୍ତବ୍ୟବଦ୍ଧ ଅଟେ, 'କାରଣ ପୂର୍ବରୁ ସ୍ଥାପନ କରାଯାଇଥିବା ମୂଳଦୁଆ ଛଡା ଅନ୍ୟ କୌଣସି ବ୍ୟକ୍ତି ଅନ୍ୟ ମୂଳଦୁଆ ସ୍ଥାପନ କରିପାରନ୍ତି ନାହିଁ; ତାହା ହେଉଛି ପ୍ରେରିତ ଏବଂ ଭବିଷ୍ୟଦ୍‌ବକ୍ତା। ଭବିଷ୍ୟଦ୍‌ବକ୍ତାମାନେ ଏହାକୁ ଭବିଷ୍ୟତ୍‌ବାଣୀ କରିଥିଲେ, ଓ ପ୍ରେରିତମାନେ ତାହାକୁ କାର୍ଯ୍ୟକାରୀ କଲେ; ଏବଂ ଆମକୁ ତାହା କାର୍ଯ୍ୟକାରୀ କରିବା ଜାରି ରଖିବାକୁ ଅଛି ଯେପର୍ଯ୍ୟନ୍ତକି ସେହି ଭବନଟି ସମ୍ପୂର୍ଣ୍ଣ ନ ହୋଇଯାଏ।

95 ତେବେ, ମୁଁ ତାହାପରେ ବିଶ୍ୱାସ କରେ, ଯେ ଜଣେ ବ୍ୟକ୍ତି ସେତେବେଳେ ଉଦ୍ଧାର ପାଇଥାଏ ଯେତେବେଳେ ସେ ଆପଣା ସମ୍ପୂର୍ଣ୍ଣ ହୃଦୟ ସହିତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରେ, ଏବଂ ତାଙ୍କ ହୃଦୟରୁ, ତେବେ କେବଳ ତାଙ୍କର ବାହ୍ୟ ବିବେକରୁ ନୁହେଁ…

96 ଦେଖନ୍ତୁ, ଆପଣ—ଆପଣ ଜଣେ ଦ୍ୱିବିଧ ବ୍ୟକ୍ତି ଅଟନ୍ତି, ଗୋଟିଏରେ ତିନୋଟି ବ୍ୟକ୍ତି ଅଟନ୍ତି, ପ୍ରାଣ, ଶରୀର, ଏବଂ ଆତ୍ମା। ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ଆପଣଙ୍କର ବାହ୍ୟ ଇନ୍ଦ୍ରିୟଗୁଡିକ, ଆପଣଙ୍କର—ଆପଣଙ୍କର ପ୍ରାଣ ସେଠାରୁ…ଆପଣଙ୍କର ପ୍ରାଣ ନୁହେଁ, ମାତ୍ର ଆପଣଙ୍କର ବାହ୍ୟ ବିବେକ, ଆପଣଙ୍କର ଇନ୍ଦ୍ରିୟଗୁଡିକ…ଯେତେବେଳେ ଆପଣ ଜାଗ୍ରତ ଥାଆନ୍ତି, ଅନ୍ୟ ଶବ୍ଦରେ, ଆପଣ—ଆପଣ ପାଞ୍ଚୋଟି ଇନ୍ଦ୍ରିୟ ଦ୍ୱାରା ପରିଚାଳିତ ହୁଅନ୍ତି: ଦୃଷ୍ଟି, ସ୍ୱାଦ, ଅନୁଭବ, ଗନ୍ଧ, ଏବଂ ଶ୍ରବଣ। ସେଗୁଡିକୁ ଆପଣଙ୍କୁ ନିଜର ପାର୍ଥିବ ଘର ସହିତ ଯୋଗାଯୋଗ କରିବାକୁ କେବଳ ଦିଆଯାଇଛି; ଏବଂ ସେଗୁଡିକୁ—ସେଗୁଡିକୁ ଆପଣଙ୍କୁ ନିଜର ସ୍ୱର୍ଗୀୟ ଗୃହ ସହିତ ଯୋଗାଯୋଗ କରିବାକୁ ଦିଆଯାଇ ନାହିଁ। ମନୁଷ୍ୟ ଶରୀରରେ ପ୍ରକୃତରେ ଛଅଟି ଇନ୍ଦ୍ରିୟ ଅଛି, କାରଣ ବାଇବଲରେ ତାର ସଂଖ୍ୟା ଛଅ ଅଟେ। ସେ ଷଷ୍ଠ ଦିନରେ ସୃଷ୍ଟି କରା ଯାଇଥିଲେ, ଏବଂ ସେ ଛଅ ସଂଖ୍ୟା ଅଟନ୍ତି, ଜଣେ ମନୁଷ୍ୟ ଅଟେ। ଏବଂ ତାହା ପାଖରେ ଦୃଷ୍ଟି, ସ୍ୱାଦ, ଅନୁଭବ, ଗନ୍ଧ, ଶ୍ରବଣ ଏବଂ ବିଶ୍ୱାସ ଅଛି। ତାର ବିଶ୍ୱାସ ତାର ଗନ୍ତବ୍ୟସ୍ଥଳକୁ ସ୍ଥିର କରେ, ଯେଉଁଠାକୁ ସେ ଅଗ୍ରସର ହେଉଅଛି।

97 ବର୍ତ୍ତମାନ, ବିଶ୍ୱାସ ହେଉଛି ଆଶା କରାଯାଉଥିବା ବିଷୟବସ୍ତୁର ପ୍ରାରୂପ, ସେହି ବିଷୟଗୁଡିକର ପ୍ରମାଣ ଯାହା ଆପଣ ଦେଖନ୍ତି ନାହିଁ, ସ୍ୱାଦ, ଅନୁଭବ, ଗନ୍ଧ, କିମ୍ବା ଶ୍ରବଣ କରନ୍ତି ନାହିଁ। ମାତ୍ର ବିଶ୍ୱାସ ଦ୍ୱାରା, ଯେତେବେଳେ ସେ ବାକ୍ୟକୁ ଧରନ୍ତି, ଏହା ତାଙ୍କୁ ଏକ ପରିସର ମଧ୍ୟକୁ ପଠାଇ ଦେଇଥାଏ (ବୁଝିଲେ?) ଯାହାକି ତାଙ୍କ ପାଇଁ ଏହାକୁ ଏତେ ଅଧିକ

ବାସ୍ତବ କରିଦିଏ, ଯେପର୍ଯ୍ୟନ୍ତକି ତାହା ତାଙ୍କ ହାତରେ ରହିଥିବା ଭଳି ସେତିକି ବାସ୍ତବିକ ନ ହୋଇଯାଏ । ସେ ଜାଣିଥାଏ ଯେ ଏହା ଘଟିବାକୁ ଯାଉଅଛି ।

98 ତେବେ, ସେହି ସମାନ ବିଷୟ ଏଠାରେ ଜଳ ବାପ୍ତିସ୍ମ ଉପରେ ସେହି ପ୍ରଶ୍ନ ସହିତରେ ଅଟେ । ବୁଝିଲେ? ପରମେଶ୍ୱର ଜାଣିଥିଲେ ଯେ ଏହି ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଯାଉଛନ୍ତି । ଏବଂ ପାଉଲ, ସେ ସେହି ବକ୍ତବ୍ୟକୁ ସ୍ଥାପନ କଲେ ଯେ କୌଣସି ବ୍ୟକ୍ତି, ଏପରିକି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା, ସେ ଶିକ୍ଷା ଦେଇଥିବା ମତ ସିଦ୍ଧାନ୍ତ ବ୍ୟତୀତ ଅନ୍ୟ କୌଣସି ମତ ସିଦ୍ଧାନ୍ତ ଶିକ୍ଷା ଦେବା ଉଚିତ୍ ନୁହେଁ; ଅତଏବ ତେଣୁକରି, ଯଦି ମୁଁ ଜଣେ ପ୍ରଚାରକ, ଜଣେ ସେବକ, ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ଆସେ, କିମ୍ବା ମୁଁ ଯାହା କିଛି ବି ହୋଇ ଥାଇପାରେ, କିଅବା ଏପରିକି ଜଣେ ସ୍ୱର୍ଗଦୂତ ସୁଦ୍ଧା ଓହ୍ଲାଇ ଆସିପାରନ୍ତି, ଏବଂ ଏହି ପ୍ରେରିତ ଯାହା ଶିକ୍ଷା ଦେଇଛନ୍ତି ତାହାର ବିପରୀତ କିଛି ଶିକ୍ଷା ଦେଇପାରନ୍ତି, ଆଉ ମୁଁ ଲୋକମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପୁନର୍ବାର ବାପ୍ତିଜିତ ହେବାକୁ ଆଦେଶ ଦିଏ ନାହିଁ, ତାହାହେଲେ ମୁଁ ବାଇବଲ ଦ୍ୱାରା ସେହି ବିଷୟର ଏକ ଭଣ୍ଡ ସାକ୍ଷୀ ବୋଲାଇଥାଏ ଯେଉଁ ବିଷୟ ମୁଁ ବିଶ୍ୱାସ କରେ ବୋଲି ଦାବି କରେ ।

99 ତେଣୁ ମୁଁ ବିଶ୍ୱାସ କରେ ଯେ ସେହି ନମୁନାଟି ରଖା ଯାଇଅଛି । ବାଇବଲରେ ପ୍ରତ୍ୟେକ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ଏପରି ଥରୁଟିଏ ହେଲେ ହୋଇନାହିଁ ଯେ କୌଣସି ଜଣେ ବ୍ୟକ୍ତି ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ କେବେ ବାପ୍ତିଜିତ ହୋଇଥିଲେ । ବୁଝିଲେ? କେବେ ବି କାହାରି ଜଣକାକୁ ଛିଞ୍ଚଣ କରାଯାଇ ନ ଥିଲା; ସେମାନେ ସମସ୍ତେ ଡୁବିତ ହୋଇଥିଲେ ।

100 ତେଣୁକରି ମୁଁ ବିଶ୍ୱାସ କରେ ଯେ ଯେତେବେଳେ ଆପଣ ପ୍ରକୃତରେ...ଆପଣଙ୍କର ପ୍ରଶ୍ନ ପାଇଁ, ହେ ମୂଲ୍ୟବାନ ଭାଇ, ମୁଁ ବିଶ୍ୱାସ କରେ ଯେ ଯେତେବେଳେ ପରମେଶ୍ୱର ଆପଣଙ୍କର ହୃଦୟକୁ ଜାଣନ୍ତି...ସେଠାରେ ହଜାର ହଜାର ସଂଖ୍ୟାରେ ଲୋକମାନେ ରହିଥିବେ ଯେଉଁମାନେକି ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିବେ । ଆପଣ କେବଳ ଜଣେ ଶୁଖିଲା ପାପୀ ହୋଇ ତଳକୁ ଓହ୍ଲାନ୍ତି ଓ ଜଣେ ଓଦା ପାପୀ ହୋଇ ବାହାରି ଆସନ୍ତି । ବୁଝିଲେ, ଦେଖନ୍ତୁ? କିନ୍ତୁ ସେହି ପ୍ରକୃତ, ବାସ୍ତବ ବିଶ୍ୱାସୀ ଭାବରେ, ଯେ ଆପଣଙ୍କୁ ନିଶ୍ଚିତ ଭାବରେ ପରମେଶ୍ୱରଙ୍କ ପ୍ରତି ସମସ୍ତ ବିଶ୍ୱାସ ଏବଂ ଉତ୍ତମ ବିବେକରେ ଗମନାଗମନ କରିବା ଉଚିତ, ଯେତେବେଳେ ଆପଣ ଏହା ଦେଖନ୍ତି, ଆପଣ ବାପ୍ତିଜିତ ହୁଅନ୍ତି! କିନ୍ତୁ ମୁଁ ବିଶ୍ୱାସ କରେ ଯେ ଏହା କେବଳ ଏକ ବାହ୍ୟ ଅଭିବ୍ୟକ୍ତି ଅଟେ ଯାହାକି ଏହା ଦର୍ଶାଉଥାଏ ଯେ ଅନୁଗ୍ରହର ଏକ ଅନ୍ତର୍ନିହିତ କାର୍ଯ୍ୟ କରା ଯାଇଅଛି ।

101 ଠିକ୍ ଯେପରିକି ପରମେଶ୍ୱର ସେହି ଜାହାଜ ନିର୍ମାଣ କଲେ । କହିଲେ, “ନୋହ, ତୁମେ ଏବଂ ତୁମର ପରିବାର ଏବଂ ଗୃହର ସମସ୍ତେ, ଭିତରକୁ ପ୍ରବେଶ କରି ଯାଅ ।” ଏବଂ ସେମାନେ ଏଥିରେ ପ୍ରବେଶ କରିଗଲେ । ତେବେ, ମୁଁ ବିଶ୍ୱାସ କରେ ଯେ ଯଦି ସେଠାରେ ଏକ ଜାହାଜ

ନ ଥାଆନ୍ତା, ତେବେ ପରମେଶ୍ୱର ନୋହଙ୍କୁ ଏକ କାଠଗଣ୍ଡି ଉପରେ କିମ୍ବା ଜଳ ଉପରେ ଚାଲିବାକୁ ଦେଇଥାଆନ୍ତେ। ବୁଝିଲେ? କିନ୍ତୁ ସେ ତାହାଙ୍କ ପାଇଁ ଭିତରକୁ ଯିବା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ଏବଂ ଏହା କରିବାର ତାହାହିଁ ସେହି ଉପାୟ ଥିଲା; ତାହା ପରମେଶ୍ୱରଙ୍କ ପ୍ରଦତ୍ତ ମାର୍ଗ ଥିଲା। ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଜଣେ ବ୍ୟକ୍ତିଙ୍କୁ ଅନୁଗ୍ରହ ଦ୍ୱାରା ଉଦ୍ଧାର କରନ୍ତି। ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏକ ବାହ୍ୟ ଅଭିବ୍ୟକ୍ତି ମାଧ୍ୟମରେ ଏଥିରେ ପ୍ରବେଶ କରିବାର ପରମେଶ୍ୱରଙ୍କ ପ୍ରଦତ୍ତ ଉପାୟ ତାହାହିଁ ଅଟେ, କାରଣ ସେମାନେ ସମସ୍ତେ ସେହି ପ୍ରକାରେ ବାପ୍ତିଜିତ ହୋଇଥିଲେ।

102 ମୁଁ ଅନ୍ୟ ବ୍ୟକ୍ତିଙ୍କୁ ନିନ୍ଦା କରୁନାହିଁ, କିନ୍ତୁ ତାହା ତ କେବଳ...ମୁଁ ଭାବୁଛି ଯେ ଏହାହିଁ ହେଉଛି ତାହା ଯାହାକି ଏହା ଅଟେ। ଜଳ ମନୁଷ୍ୟକୁ ଉଦ୍ଧାର କରେ ନାହିଁ, ଏହା କେବଳ ଦର୍ଶାଏ ଯେ ସେ ଉଦ୍ଧାର ପାଇଛନ୍ତି; ଏହା ଏକ ବାହ୍ୟ ଅଭିବ୍ୟକ୍ତି ଅଟେ। ତେବେ, ତାହା ସଠିକ୍ ହୋଇ ନ ଥାଇପାରେ, ଭାଇ। ଯଦି ତାହା ନୁହେଁ, ତାହାହେଲେ, ଆମେ ଏହାକୁ ଅନ୍ୟ କୌଣସି ସମୟରେ ଦେଖିବା କିମ୍ବା...ଠିକ୍ ଅଛି।

**242. ଆଦିପୁସ୍ତକ 6:4 ରେ, ଜଳପ୍ଲାବନ ପରେ, ସେହି ମହାବୀରଗଣ କେଉଁଠାରୁ ଆସିଲେ?**

103 ତାହା ଏକ ଉତ୍ତମ, ବହୁତ ଉତମ ପ୍ରଶ୍ନ ଅଟେ। ତାହା ଏକ ବୁଦ୍ଧିମତ୍ତାର ପ୍ରଶ୍ନ ଅଟେ। ଏହି ମହାବୀରଗଣ କେଉଁଠାରୁ ଆସିଲେ? ଯେତେ ଦୂର ଆମେ ଜାଣିଛୁ ଆଦମ ଜଣେ ମହାବୀର ନ ଥିଲେ, କାରଣ ଯଦି ତାହା ହୋଇଥାଆନ୍ତା, ତେବେ ବାଇବଲ ତାହା ବ୍ୟକ୍ତ କରିଥାନ୍ତା। ସେ ତ କେବଳ ଜଣେ ସାଧାରଣ ବ୍ୟକ୍ତି ଥିଲେ। ସେମାନେ କେଉଁଠାରୁ ଆସିଥିଲେ? ବର୍ତ୍ତମାନ—ବର୍ତ୍ତମାନ, ଏହା ଏକ ବଡ ବିବାଦ ଅଟେ, ଏବଂ ଏହା ମୋତେ ଏବେ ଧରେଇ ଦିଆ ଯାଇଥିଲା। ଏହା ଏକ ବଡ, କଳା ରଙ୍ଗର କାଗଜରେ ଅଟେ, ଏବଂ ଏହା ଏକ, କିମ୍ବା, ଧଳା କାଗଜ ଉପରେ, ବଡ଼ କଳା ଅକ୍ଷରରେ ଅଟେ।

104 ତେବେ, ଏହି ମହାବୀରଗଣ...ମୁଁ ବିଶ୍ୱାସ କରେ ଯେ ଏହା ଏକ...ଅଧିକ ଦିନ ହୋଇନାହିଁ ଏଠାରେ କେହି ଜଣେ...ଏହା ହୁଏତ ଜୋସେଫସ୍ ହୋଇ ଥାଇପାରନ୍ତି। ମୁଁ ନୁହେଁ—ମୁଁ ବର୍ତ୍ତମାନ ତାହା କହୁ ନାହିଁ, ସେବକ ଭାଇମାନେ, ଯେ ତାହା ଜୋସେଫସ୍ ଥିଲେ। କିନ୍ତୁ ଏହା ମୋତେ ଏପରି ଲାଗୁଛି ଯେ ହୁଏତ ଏହା ସେ ହୋଇଥିବେ, କିମ୍ବା ଡାଃ. ସ୍କୋଫିଲ୍ଡ, କିମ୍ବା ସେମାନଙ୍କ ମଧ୍ୟରୁ କେହି, ଯେଉଁମାନେକି ଏହା କହିଥିଲେ ଯେ ସେହି ଦେଶରେ ଥିବା ଏହି ମହାବୀରଗଣ ପ୍ରକୃତରେ ପରମେଶ୍ୱରଙ୍କର ସେହି ପତିତ ଆତ୍ମାଗୁଡିକ ଥିଲେ ଯେଉଁମାନେକି ଶୟତାନର କଥା କାହାଣୀକୁ—କୁ ଶୁଣିଥିଲେ, ଯାହାକି ସେ ସ୍ୱର୍ଗରେ... ଚାରିଆଡେ କହିଥିଲା...ଏବଂ ଏହା ମୀଖାୟେଲ ଥିଲେ...ସ୍ୱର୍ଗରେ ମୀଖାୟେଲଙ୍କ ସହିତରେ ଏକ ଯୁଦ୍ଧ କରିବାକୁ ଚେଷ୍ଟା କରିଥିଲା...ତଡି ଦିଆ ଯାଇଥିଲା...ଯେ ପରମେଶ୍ୱରଙ୍କ ଏହି ପୁତ୍ରମାନେ ମନୁଷ୍ୟର କନ୍ୟାମାନଙ୍କୁ ଦେଖିଥିଲେ, ଏବଂ ଯେ ଏହି ମହାବୀରଗଣ ସେହି ସମୟରେ ସେହି ଦେଶରେ ରହୁଥିଲେ, ଆହୁରି ସେମାନେ ଆପଣାକୁ ମନୁଷ୍ୟର ଶରୀର

ମଧ୍ୟରେ ପ୍ରବେଶ କରାଇଥିଲେ । ଯଦି ଆପଣ ତାହା କରନ୍ତି, ତେବେ ଆପଣ ଶୟତାନକୁ ଏକ ସୃଷ୍ଟିକର୍ତ୍ତା କରି ଦିଅନ୍ତି । ଆପଣ ଏହା କରିପାରନ୍ତି ନାହିଁ ।

105 ଯେପରିକି ଅପେକ୍ଷାକୃତ ଭାବରେ ବଳିଦାନର ଛେଳି ସମ୍ବନ୍ଧରେ ସେଭେନ୍ଥ ଡେ ଆଡଭେଣ୍ଟିଷ୍ଟର ଶିକ୍ଷା ଉପରେ, ଡାଃ. ସ୍ମିଥଙ୍କର ମନ୍ତବ୍ୟ ସହିତ ସହମତ ହୋଇପାରନ୍ତି ନାହିଁ । ସେ କହିଥିଲେ ଯେ ଗୋଟିଏ ଛେଳି ଥିଲା ଯାହାକି…ସେମାନେ ବଳିଦାନର ସେହି—ସେହି ଦିନରେ, ପ୍ରାୟଶ୍ଚିତ ଦିନରେ, ଦୁଇଟି ଛେଳିଙ୍କୁ ବଧ କରିଥିଲେ, ଗୋଟିଏ ଛେଳିକୁ ବଧ କରାଗଲା ଏବଂ ଅନ୍ୟ ଗୋଟିଏକୁ ମୁକ୍ତ ଛଡା ଗଲା । ଏବଂ ତାହାପରେ ସେ କହିଥିଲେ ଯେ ବଧ କରାଯାଇଥିବା ଛେଳିଟି ଆମର ପାପ ବହନକାରୀ ଯୀଶୁଙ୍କ, ପ୍ରଦର୍ଶିତ କରେ; କିନ୍ତୁ ମୁକ୍ତ ଛଡା ଯାଇଥିବା ସେହି ଛେଳିଟି ଶୟତାନକୁ ପ୍ରତିନିଧିତ୍ୱ କରେ, ଯାହାକି ଆମର ପାପଗୁଡିକୁ ବହନ କରେ ଏବଂ ଏହା ସହିତ ଅନନ୍ତକାଳକ ମଧ୍ୟକୁ ଚାଲିଯାଏ । ତେବେ, ଆପଣମାନେ ଦେଖନ୍ତୁ, କେହି…ମୋ ମତରେ…ଯଦି ଏହା କେବେ ଜଣେ ଆଡଭେଣ୍ଟିଷ୍ଟ ଭାଇଙ୍କ ନିକଟକୁ ପହଞ୍ଚେ, ମୁଁ ସେହି ମହାନ ବ୍ୟକ୍ତି, ଡାଃ. ସ୍ମିଥଙ୍କ ବିଷୟରେ କିଛି କହୁ ନାହିଁ । ଓଃ, ସେ ତ ଜଣେ ପ୍ରଖର, ବୁଦ୍ଧିମାନ, ଉତ୍ତମ, ସୁସଂସ୍କୃତ ଖ୍ରୀଷ୍ଟିଆନ, ଜଣେ ବିଶ୍ୱାସୀ ଥିଲେ; କିନ୍ତୁ ମୋ ପାଇଁ, ଆପଣ ଦେଖନ୍ତୁ, ଏହା କୌଣସି ହେଲେ ଅର୍ଥ ପ୍ରକାଶ କରେ ନାହିଁ । ଯେତେବେଳେ ଆପଣ ତାହା କରନ୍ତି, ସେତେବେଳେ ଆପଣ ଶୟତାନ ପ୍ରତି ସେହି ବଳିଦାନ ଅର୍ପଣ କରୁଛନ୍ତି । ସେମାନେ ଉଭୟେ ଖ୍ରୀଷ୍ଟଙ୍କର ମୃତ୍ୟୁ, ସମାଧି, ଏବଂ ପୁନରୁତ୍ଥାନକୁ ପ୍ରଦର୍ଶିତ କରିଥିଲେ । ସେ ଆମର ପାପଗୁଡିକ ପାଇଁ ମଧ୍ୟ ମୃତ୍ୟୁବରଣ କରିଥିଲେ ଏବଂ ଆମର ପାପକୁ ବହୁ ଦୂରକୁ ନେଇ ଯାଇଥିଲେ; ସେମାନେ ଦୁହେଁ ଖ୍ରୀଷ୍ଟ ଥିଲେ ।

106 ତେଣୁ ସେହି ମହାବୀରଗଣ କେବେ ବି ଆପଣାକୁ ମନୁଷ୍ୟ ଭିତରେ ପ୍ରବେଶ କରାଇବା ଦ୍ୱାରା ଆସି ନ ଥିଲେ । ଏହି ମହାବୀରଗଣ କୟିନଙ୍କ ପୁତ୍ରମାନେ ଥିଲେ, ଯାହାର ପିତା ସର୍ପ ଥିଲା, ଯିଏକି ପ୍ରତ୍ୟେକ ଦୃଷ୍ଟିକୋଣରୁ ଅବିକଳ ଜଣେ ମନୁଷ୍ୟ ପରି ଦେଖାଯାଉଥିଲା, କିନ୍ତୁ ଜଣେ ବିଶାଳ, ବିରାଟକାୟ, ଜଣେ ପୁରୁଷଠାରୁ ବଡ଼ ଆକାରର ଥିଲା । ଏବଂ ସେହିଠାରୁ ହିଁ ସେହି ପୁତ୍ରମାନେ ଆସିଥିଲେ, କାରଣ ସେମାନେ କୟିନର ପୁତ୍ରମାନେ ଥିଲେ, କାରଣ ସେମାନେ କିଣାନ ଦେଶରେ ରହୁଥିବା କିଣାନୀୟମାନେ ଥିଲେ, ଯେଉଁଠାରୁ ସେମାନେ ଆସିଥିଲେ; ଏବଂ କୟିନ ସେହି ସ୍ଥାନକୁ ଫେରି ଯାଇଥିଲେ । ଏବଂ ତାହା ଥିଲା…ଦେଖନ୍ତୁ, ତାହା ସର୍ପବଂଶକୁ ମଧ୍ୟ ପ୍ରମାଣ କରେ । ଏହା ତ ସମ୍ପୁର୍ଣ୍ଣ ଭାବରେ ଲୋକମାନଙ୍କର ଏକ ଭିନ୍ନ ଜାତି ଥିଲା । ତାହା ସର୍ପବଂଶ ଥିଲା । ଦେଖନ୍ତୁ?

107 ବର୍ତ୍ତମାନ, ଯେହେତୁ ସେହି—ସେହି ସର୍ପବଂଶ ପ୍ରଶ୍ନଟି ଏଠାରେ ଅଛି, ତେଣୁ ଆମେ—ଆମେ ତାହାକୁ ନେବାକୁ ଯାଉଅଛୁ, ଏବଂ ମୁଁ ଚାହେଁ ଯେ ଆପଣ ଏହାକୁ ଧ୍ୟାନରେ ରଖନ୍ତୁ । ବୁଝିଲେ? ତେବେ, କେବଳ ଏହି ପୃଷ୍ଠଭୂମିକୁ ଦେବା ପାଇଁ ।

108 ଦେଖନ୍ତୁ, ସେମାନେ—ସେମାନେ କିଣାନୀୟମାନେ ଥିଲେ, ଏହି ମହାବୀରଗଣ; ଏବଂ ସେମାନେ କୟିନର ପୁତ୍ରମାନେ ଥିଲେ, ଯିଏକି ସର୍ପର ପୁତ୍ର ଥିଲା । ଏବଂ ସେହି ସର୍ପ ଜଣେ

ବିଶାଳକାୟ ବ୍ୟକ୍ତି, ବିରାଟ ଆକାର, ଦାନବ ସଦୃଶ ଜଣେ ବ୍ୟକ୍ତି, ଆଦୌ ଏକ ସରୀସୃପ ନୁହେଁ, ବରଂ ସୁନ୍ଦର ଥିଲା । ସେ କ୍ଷେତ୍ରର ସମସ୍ତ ପଶୁମାନଙ୍କ ମଧ୍ୟରୁ ସବୁଠାରୁ ଧୂର୍ତ୍ତ ଥିଲା । ଏବଂ ସେ ହିଁ ଏକମାତ୍ର ଥିଲା...

109 ଦେଖନ୍ତୁ, ଏକ ପଶୁଠାରୁ ଆସିଥିବା ସେହି—ସେହି ଗୁଣସୂତ୍ରଗୁଡିକ ଜଣେ ସ୍ତ୍ରୀଲୋକ ଭିତରେ ଆଦୌ ପ୍ରଜନନ କରିବ ନାହିଁ । ସେମାନେ ଏହାକୁ ବାରମ୍ବାର ଚେଷ୍ଟା କରିଥିଲେ; ତାହା ସ୍ତ୍ରୀଲୋକର ଶୁକ୍ରାଣୁ ପାଇଁ ବନ୍ଧ୍ୟା ଅଟେ । ଏବଂ ବର୍ତ୍ତମାନ, ସେମାନେ ଏହାକୁ ପାଇପାରୁ ନାହାଁନ୍ତି । ଏକ ଶିମ୍ପାଞ୍ଜିକୁ ନିଅନ୍ତୁ, ଏହା ସେମାନେ ପାଇଥିବା ସେହି ମନୁଷ୍ୟ ସହିତ ସବୁଠାରୁ ନିକଟବର୍ତ୍ତୀ ସମତୁଲ୍ୟ ଥିଲା, କିମ୍ବା ସେହି ଗୋରିଲା, କିଅବା କୌଣସି କିଛି ଯାହାକି ସେହି ମନୁଷ୍ୟ ସହିତ ନିକଟତର ଥିଲା । ଯେତେବେଳେ ପରମେଶ୍ୱର ତାହାଙ୍କର ମହାନ ବିକାସରେ ମାଛ ନିର୍ମାଣ କରିବାକୁ ଆରମ୍ଭ କଲେ; ଆଉ ତାହାପରେ ସେ ପକ୍ଷୀଗୁଡିକୁ ନିର୍ମାଣ କଲେ; ଆଉ ତାହାପରେ ସେ ଅନ୍ୟ ବିଷୟଗୁଡିକୁ, ପଶୁମାନଙ୍କୁ ନିର୍ମାଣ କଲେ, ଏବଂ ସେମାନେ ଉପରକୁ ଆସିବାକୁ ଲାଗିଲେ, ଯେପର୍ଯ୍ୟନ୍ତକି ଗୋଟିଏ ଶିମ୍ପାଞ୍ଜି ହୋଇ ବାହାରି ନ ଆସିଲା, ପୁଣି ଗୋଟିଏ ମାଙ୍କଡ଼, ଏବଂ ତତ୍ପରେ ଏକ ଗୋରିଲା, ଏବଂ ତାହାପରେ ସେହି ସର୍ପ ରୂପରେ, ଆଉ ତାହାପରେ ସର୍ପରୁ ମନୁଷ୍ୟ ପର୍ଯ୍ୟନ୍ତ ନ ଆସିଗଲା ।

110 ଏବଂ ମାନବଜାତି ଖୋଜିବାକୁ ଚେଷ୍ଟା କରିଛି, ବିଜ୍ଞାନରେ, ଅସ୍ଥିସବୁ ଖୋଜିବାକୁ ଚେଷ୍ଟା କରିଛି, ଯେ ଏହି ପଶୁଟି କଅଣ ଥିଲା ଯାହାକି ମଣିଷର ଏତେ ସାଦୃଶ୍ୟତାରେ ଥିଲା । ଏବଂ ମଣିଷ ଏକ ପଶୁ ଅଟେ । ସେହି ମଣିଷ, ମାଂସମୟ ଅଂଶ ହେଉଛି ପଶୁର ଦେହ; ଆମେ ତାହା ଜାଣୁ । ଆମେ ସ୍ତନ୍ୟପାୟୀ ଅଟୁ, ଯାହାକି ଏକ ଉଷ୍ମ-ରକ୍ତ ବିଶିଷ୍ଟ ପଶୁ ଅଟେ; ଆମେ ତାହା ଜାଣୁ! ମାତ୍ର କେଉଁ ବିଷୟ ପାର୍ଥକ୍ୟ ଆଣେ? ସେହି ପଶୁଠାରେ ସେହି ଅନ୍ତର୍ନିହିତ ପ୍ରାଣ ନାହିଁ, କିନ୍ତୁ ମଣିଷ ପାଖରେ ଅଛି । ସେ ଭୁଲଠାରୁ ଠିକ ଜାଣେ ନାହିଁ ।

111 ସାନ ମାଇ କୁକୁରଟି ଜାଣେ ନାହିଁ ଯେ ତାକୁ ଏକ ପୋଷାକ ପିନ୍ଧିବାକୁ ଅଛି, ଏବଂ ମୁଁ ବିଶ୍ୱାସ କରେ ନାହିଁ ସେ ସାନ ସାନ ପେଣ୍ଟ ପିନ୍ଧନ୍ତା ଯଦି ସେ...ବୁଝୁ ଥାଆନ୍ତା । ନା ଏକ ଘୁଷୁରୀ କରିବ, କିନ୍ତୁ ଏହା ତ ଏକ ପତିତ ମାନବଜାତି ଅଟେ । ବୁଝିଲେ?

112 ବର୍ତ୍ତମାନ, ସେଠାରେ—ସେଠାରେ ହିଁ ଅଟେ ଯେଉଁଠାରୁକି ତାହା ଆସେ । ସେହି ମହାବୀରଗଣ ସେହିଠାରୁ ହିଁ ଆସିଥିଲେ । ସେମାନେ ସର୍ପର ପୁତ୍ରମାନେ ଥିଲେ ।

113 ଏବଂ ଦେଖନ୍ତୁ, ଯେତେବେଳେ ସେ ହବାଙ୍କୁ ଏହି ଅବସ୍ଥାରେ ଦେଖିଲେ, ସେ...ଶୟତାନ ତାହା ଭିତରକୁ ପ୍ରବେଶ କରିଗଲା ଓ ତାକୁ ପ୍ରବର୍ତ୍ତାଇଲା...ଦେଖନ୍ତୁ, ଆଦମ ଏପର୍ଯ୍ୟନ୍ତ ସୁଦ୍ଧା କଦାପି ଜ୍ଞାନ ପାଇ ନ ଥିଲା । ମୁଁ—ମୁଁ ଜାଣେ ନାହିଁ ଯେ ଏହି ଶବ୍ଦଗୁଡିକୁ କିପରି ବ୍ୟବହାର କରିବାକୁ ଅଛି । ଏଠାରେ ଏହା ଆପଣ ସମସ୍ତଙ୍କ ସହିତ ଠିକ୍ ହେବ, ମାତ୍ର କେହି ଜଣେ ଏହାକୁ ସମାଲୋଚନା କରନ୍ତି । ଆପଣ ଜାଣନ୍ତି, ସେମାନେ ସର୍ବଦା କିଛି ଗୋଟିଏ ବାହାର କରିବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଦେଖନ୍ତୁ, ଆଦମ ତାଙ୍କର ପତ୍ନୀ, ହବାଙ୍କୁ କଦାପି ଜାଣି ନ ଥିଲେ ।

ସେ କଦାପି ସେହି ସ୍ଥାନକୁ ଆସି ନ ଥିଲେ, ଏବଂ ଶୟତାନ ତାଙ୍କୁ ସେଠାରେ ପରାଜିତ କରି ଦେଇଥିଲା। ବୁଝିଲେ? ଏବଂ ଯେତେବେଳେ ସେ ଗର୍ଭବତୀ ହୁଅନ୍ତି, ସେତେବେଳେ ସେ ତାଙ୍କୁ ଜାଣିଲେ। ଆମେ ସେହି ବିଷୟକୁ ଏହି ପରବର୍ତ୍ତୀ ପ୍ରଶ୍ନରେ କିମ୍ବା ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏରେ ନେବା। ମୁଁ ଜାଣେ ନାହିଁ ଯେ ତାହା କେଉଁଠାରେ ଅଛି; ଆମେ…ମୁଁ ତାହାକୁ କେବଳ ଏଠାରେ ଦେଖିଥିଲି। ତେବେ, ମାତ୍ର ସେହିଠାରେ ହିଁ ଅଟେ ଯେଉଁଠାରୁକି ସେହି ମହାବୀରଗଣ ଆସିଥିଲେ।

## 243. ପ୍ରିୟ ଭାଇ ବ୍ରାନହାମ୍, କଅଣ ନୂତନ ଜନ୍ମ ପାଇଥିବା ବିଶ୍ୱାସୀମାନଙ୍କର, ସମସ୍ତ ପୁତ୍ର ଓ କନ୍ୟାମାନେ ଉଦ୍ଧାର ପାଇବେ କି?

114 ନା, ଭାଇ; ନା, ସେମାନେ ନିଶ୍ଚିତରେ ପାଇବେ ନାହିଁ। ଦେଖନ୍ତୁ, ଯେପରିକି ମୁଁ—ଯେପରିକି ମୁଁ ଏହି ଟିପ୍ପଣୀ ଉପରେ ଡେଭିଡ୍ ଡୁପ୍ଲେସିସ୍‌ଙ୍କୁ ନକଲ କରେ, "ପରମେଶ୍ୱରଙ୍କର ନାତି ନାତୁଣୀ ନାହାଁନ୍ତି (ବୁଝିଲେ?), କେବଳ ପୁତ୍ର ଏବଂ କନ୍ୟାମାନେ ଅଛନ୍ତି।" ଦେଖନ୍ତୁ, ସେମାନଙ୍କୁ ତ ଠିକ୍ ସେହିପରି ଭାବରେ ଜନ୍ମ ନେବାକୁ ଅଛି ଯେପରିକି ସେମାନଙ୍କର ପିତା ଓ ମାତା ଆମ୍ଭାଙ୍କଠାରୁ ଜନ୍ମ ହୋଇଥିଲେ। ବୁଝିଲେ? ତାହା ହିଁ ଜଣେ ମଣିଷକୁ ଏକ ନୂତନ ବ୍ୟକ୍ତି କରି ଗଢିଥାଏ, କାରଣ ସେ ପୁନର୍ବାର ଜନ୍ମ ହୋଇଅଛି, ନୂତନ ଭାବେ ଜନ୍ମ ହୋଇଅଛି। ତାର ପ୍ରଥମ ଜନ୍ମ ତାକୁ ପୃଥିବୀରେ ଜଣେ ପ୍ରାକୃତିକ ମଣିଷ କରି ଆଣିଥାଏ; ତାର ଦ୍ୱିତୀୟ ଜନ୍ମ ତାକୁ ସ୍ୱର୍ଗର ଜଣେ ଆତ୍ମିକ ବ୍ୟକ୍ତି କରି ଆଣିଥାଏ। ବୁଝିଲେ? ଏହା ତାକୁ, ତାର ପ୍ରାଣକୁ ପରିବର୍ତ୍ତନ କରିଥାଏ, ତାର ବାହ୍ୟ ବିବେକକୁ ନୁହେଁ, ତାର ବାହ୍ୟ ସତ୍ତାକୁ ନୁହେଁ, ତାର ଇନ୍ଦ୍ରିୟଗୁଡିକୁ ନୁହେଁ; ସେ ତ ଏବେ ମଧ୍ୟ ଅନୁଭବ କରେ, ଏବଂ ଗନ୍ଧ ବାରିପାରେ, ସ୍ୱାଦ ଚାଖିପାରେ, ଏବଂ ଶୁଣିପାରେ; ମାତ୍ର ତାର ଆନ୍ତରିକ ଅଂଶ, ତାର ଇଚ୍ଛାଗୁଡିକ, ଯାହାକି ତାକୁ ପ୍ରେରିତ କରିଥାଏ, ତାହା ପରମେଶ୍ୱରଙ୍କ ପ୍ରତି ବଦଳା ଯାଇଅଛି। ବୁଝିଲେ?

115 ବର୍ତ୍ତମାନ, ମନେରଖନ୍ତୁ, ଏହା କେବଳ ଗୋଟିଏ ଉପାୟରେ ଘଟିପାରେ ତାହା ହେଲା ଏହା: ଠିକ ଯେପରି ତାହା ରୋମୀୟ ଶତସେନାପତିଙ୍କ ସମୟରେ ହୋଇଥିଲା। ପାଉଲ ସେହି ରୋମୀୟ ଲୋକଙ୍କୁ, ତାଙ୍କୁ ଏବଂ ସିଲାଙ୍କୁ କହିଥିଲେ, ଯେତେବେଳେ ସେ ନିଜର ଖଣ୍ଡା ବାହାର କରି ନିଜକୁ ହତ୍ୟା କରିବାକୁ ଚାହିଁଥିଲେ, କାରଣ ପରମେଶ୍ୱର ଏକ ଭୂକମ୍ପରେ ସେହି କାରାଗୃହକୁ ଦୋହଲାଇ ଦେଇଥିଲେ; ସେ କହିଲେ, "ନିଜର କୌଣସି କ୍ଷତି କର ନାହିଁ, ଏହା ଦେଖି ଯେ ଆମେ ସମସ୍ତେ ଏଠାରେ ଅଛୁ। ଉଠ!" ଏବଂ ସେ ଜାଣିବାକୁ ଚାହିଁଥିଲେ ଯେ ସେ କଅଣ କରିପାରିବେ। ସେ କହିଲେ, "ଉଠ ଏବଂ ବାପ୍ତିଜିତ ହୁଅ, ପ୍ରଭୁଙ୍କ ନାମକୁ…ଆହ୍ୱାନ କର, ଆଉ ତେବେ ଯାଇ ତୁମେ ଓ ତୁମର ଗୃହ ଉଦ୍ଧାର ପାଇବ।" ବୁଝିଲେ? ଅନ୍ୟ ଶବ୍ଦରେ, "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କର, ତୁମେ ଏବଂ ତୁମର ଗୃହ ଉଦ୍ଧାର ପାଇବ।"

116 ତେବେ, କିପରି? ଯଦି ଆପଣଙ୍କର ଘର ଠିକ ସେହିପରେ ଭାବରେ ବିଶ୍ୱାସ କରେ ଯେପରିକି ଆପଣ ବିଶ୍ୱାସ କରନ୍ତି। ବୁଝିଲେ? ଆପଣ ପ୍ରାର୍ଥନା କରନ୍ତୁ ଏବଂ ନିଜର

ସନ୍ତାନମାନଙ୍କୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରନ୍ତୁ ଏବଂ ପରମେଶ୍ୱରଙ୍କୁ ଧରି ରଖନ୍ତୁ, ଏହା ବିଶ୍ୱାସ କରି ଯେ ସେମାନେ ଉଦ୍ଧାର ପାଇବେ ।

117 ମୁଁ ଅଳ୍ପ ଦିନ ହୋଇଛି ମୋର ରିବିକା ସହିତ ସେହି ଅନୁଭୂତି ଦେଇ ଗତି କରିଛି । ବୁଝିଲେ? ଏହାକୁ କେବଳ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରି ଦିଅନ୍ତୁ । ଯେତେବେଳେ ସେ ଏକ ଛୋଟ "କିଶୋର-ଏନୀ," ହେବାର ବୟସକୁ ପଦାର୍ପଣ କଲା ଏବଂ ସେ କୌଣସି ଝିଅ ସହିତ ସାଙ୍ଗ ହେଉଥିଲା ଯେତେବେଳେ ଆମେ ସେଠାରେ ପ୍ରଥମେ କରି ଗଲୁ, ଯାଉଥିଲା...ସଙ୍ଗୀତ ଶିକ୍ଷା ଗ୍ରହଣ କରିବା ନିମନ୍ତେ କୌଣସି ଝିଅର ଘରକୁ ଯାଉଥିଲା...ଏବଂ ଏହି ଝିଅଟି... ଦିନେ ମୁଁ ଆସିଲି, ଏବଂ ଏଠାରେ ଏହି ଝିଅଟି ପିଆନୋରେ ବସି ରକ୍-ଏଣ୍ଡ-ରୋଲ୍ ସଙ୍ଗୀତ ବଜାଉଥିଲା । ତେବେ, ତାହା ମୋ ପାଇଁ ଯଥେଷ୍ଟ ଥିଲା! ତେଣୁ ମୁଁ ରିବିକାଙ୍କୁ ସେଥିରୁ ଦୂରରେ ରହିବା ପାଇଁ କହିଲି । ବୁଝିଲେ? ଏବଂ ତାହାପରେ ସେ କହିଲା, "ତେବେ, ଏହା ହିଁ ଏକମାତ୍ର ସ୍ଥାନ ଅଟେ ଯେଉଁଠାକୁକି ମୋତେ ସଙ୍ଗୀତ ଶିକ୍ଷା କରିବାକୁ ଯିବାକୁ ପଡେ ।" (ଆପଣ ଜାଣନ୍ତି ଯେ "କିଶୋର-ଏନୀମାନେ" କିପରି କରିଥାନ୍ତି ।)

118 ଏବଂ ମୁଁ କହିଲି...ପ୍ରତ୍ୟେକ ପିଲାଙ୍କୁ ତାହା ଦେଇ ଗତି କରିବାକୁ ପଡିଥାଏ । ପ୍ରାୟତଃ ସମସ୍ତେ ସେହି ବୟସ ଦେଇ ଗତି କରନ୍ତି । ଆପଣ କରିଛନ୍ତି; ମୁଁ କରିଛି । ଏବଂ ଆମେ ସେମାନଙ୍କର ଚିନ୍ତାଧାରାକୁ ବୁଝିବା କଥା ।

119 ତେଣୁକରି ତେବେ, କିଛି ଦିନ ପରେ ତାର ମାଆ ତାକୁ କୌଣସି ବିଷୟ ପାଇଁ କିଛି କହିଲେ, ଏବଂ ସେ ତାଙ୍କ ସହ ରୁକ୍ଷ ବ୍ୟବହାର କଲା । ତେବେ, ତାହା ଆଦୌ ରିବିକା ନ ଥିଲା । ବାହାରକୁ ପଳାଇଲା ଓ ଧଡ କରି ଦ୍ୱାର ବନ୍ଦ କରିଦେଲା, ଏବଂ କାନ୍ଥରୁ ପ୍ରାୟଃ ସବୁ ଜିନିଷ ପକାଇ ଦେଲା, ଓ ବିଦ୍ୟାଳୟକୁ ଚାଲି ଗଲା ।

120 ତେବେ, ମୋତେ କରିବାର ଉଚିତ୍ ଥିଲା, ବୋଧହୁଏ, ମୋର ବେଲ୍ଟ କାଢି, ଓ ତାର ପଛେ ପଛେ ସେଠାରେ ବାରଣ୍ଡାକୁ ଯିବାର ଉଚିତ୍ ଥିଲା, ଏବଂ ତାର ଚୁଟି ଧରି ତାକୁ ଘୋଶାଡି ଆଣିବାର ଉଚିତ୍ ଥିଲା । ବୁଝିଲେ? କିନ୍ତୁ ମୁଁ ଭାବିଲି, "ଗୋଟିଏ ମିନିଟ୍ ରୁହ, ମୋତେ ଅଠର-ବର୍ଷ-ବୟସ ଭଳି ଚିନ୍ତା କରିବା କଥା ।" ବୁଝିଲେ? "ତେବେ," ମୁଁ କହିଲି, "ମାଆ, ମୁଁ ଜାଣେ ଯେ..." ସେ କାନ୍ଦିବାକୁ ଲାଗିଲେ, ମେଡା । ମୁଁ କହିଲି, "ମୁଁ ଜାଣେ ଯେ ତୁମେ ତାହା ସବୁକିଛି କଲ ଯାହା ତୁମେ କରି ପାରିଥାଆନ୍ତ; ମୁଁ ତାହା ସବୁକିଛି କଲି ଯାହା ମୁଁ କରିପାରେ । ବର୍ତ୍ତମାନ, ଯଦି ଏହା ଆମ ହାତରୁ ବାହାରି ଯାଇଅଛି, ତେବେ ଆମକୁ ପରବର୍ତ୍ତୀ ପଦକ୍ଷେପ ନେବାକୁ ପଡିବ ।"

121 ଯେପରିକି କୌଣସି ମହିଳା ଅନ୍ୟ ଦିନ ଅତି ମଧୁର ଭାବେ ଲେଖିଥିଲେ (ଏହା ଏଠାରେ ଏହି ପ୍ରଶ୍ନଗୁଡିକ ମଧ୍ୟରୁ ଗୋଟିଏରେ ଅଛି), କହିଲେ, "ଭାଇ ବ୍ରାନହାମ୍, ଆପଣ ମଶୀହ ନୁହଁନ୍ତି, କଅଣ ଆପଣ ଅଟନ୍ତି କି?"

ମୁଁ କହିଲି, "ନା, ମହୋଦୟା ।"

ସେ କହିଲେ, "ଆମେ ଆପଣଙ୍କୁ ଆମର ମେଷପାଳକ ବୋଲି ବିଶ୍ୱାସ କରୁ, କିନ୍ତୁ ଆପଣ ସଦାସର୍ବଦା ଆମକୁ ସେହି ମହାନ ମେଷପାଳକଙ୍କ ଆଡ଼କୁ ଇଙ୍ଗିତ କରାଉ ଅଛନ୍ତି।"

ମୁଁ କହିଲି, "ତାହା ଠିକ୍; ତାହା ଠିକ୍ ଅଟେ।" ବୁଝିଲେ?

122 ମୁଁ କହିଲି, "ତେବେ ଦେଖ, ପ୍ରିୟେ, ବର୍ତ୍ତମାନ, ତୁମକୁ ମୋ କଥା ଶୁଣିବାକୁ ପଡିବ। ଏହା କରିବା ତୁମ ପାଇଁ କଷ୍ଟକର ଅଟେ; ମୁଁ ତୁମର ସ୍ୱାମୀ ଅଟେ। ମାତ୍ର ଲୋକମାନେ କେବଳ ଅଳ୍ପ କିଛି ପରାମର୍ଶର ଶବ୍ଦ ପାଇଁ ଦେଶର ତଥା ବିଭିନ୍ନ ସ୍ଥାନକୁ ଯାତାୟାତ କରନ୍ତି। ବର୍ତ୍ତମାନ, ଯଦି ତୁମେ...ମୁଁ ଅନ୍ୟ ଦିନ ତାଙ୍କ ସହ କଥାବାର୍ତ୍ତା କଲି, ଏବଂ ସେ ମୋ ଠାରୁ କେବଳ ଦୂରକୁ ଚାଲିଗଲେ।"

123 ତେବେ, ବେକି ମୋ ସହିତ ତାହା କେବେ ହେଲେ କରିନାହିଁ। ଦେଖନ୍ତୁ? ଏବଂ ଯେତେବେଳେ ତାର ମାଆ ଏହା ବିଷୟରେ କିଛି କହିଲେ, ସେ କବାଟ ବାଡେଇ ଦେଇ କହିଲା, "କଅଣ ଆପଣ ମୋ ଠାରୁ ଆଶା କରୁଛନ୍ତି ଯେ ମୁଁ ଏଠାରେ ବସି ରହିଥାଏ ଏବଂ ମୋ ଜୀବନସାରା ଏକ କାନ୍ଥଫୁଲ ପରି ହୋଇଥାଏ?" ଏବଂ ବାଡେଇ ଦେଲା! ସେ କବାଟ ବାଡେଇ ବାହାରକୁ ଚାଲି ଗଲା। ତାହା ଶୟତାନ ଥିଲା।

124 ମୋର ମନେ ଅଛି, ତାର ଜୀବନର ପ୍ରଥମ ଦୁଇ ବର୍ଷ ସେ କାନ୍ଦିଥିଲା। ଆମେ ଏକ ଭୋଜନାଳୟକୁ ଖାଇବାକୁ ଯାଉ; ମେଡା ଖାଉଥିବା ସମୟରେ ମୁଁ ତାକୁ ରାସ୍ତାରେ ନେଇ ବୁଲାଇଥାଏ, ଏବଂ ତାହାପରେ ମୁଁ ଖାଉଥିବା ସମୟରେ ସେ ତାହା ସହିତ ଚଲାବୁଲା କରିଥାଆନ୍ତି। କେବଳ କାନ୍ଦୁଥିଲା ଓ କାନ୍ଦୁଥିଲା। ଏବଂ ଦିନେ ଏଠାରେ କାନାଡାରେ, ରାତିସାରା କାନ୍ଦିଥିଲା, ଏବଂ ମୁଁ ବିଶ୍ରାମ ଓ ଇତ୍ୟାଦି କରିପାରିଲି ନାହିଁ; ମୁଁ ସେଠାରେ ଛିଡା ହୋଇଥିଲି...ବର୍ତ୍ତମାନ। ଆଉ କିଛି ଗୋଟାଏ ମୋତେ କହିଲା, "ଏହା ଶୟତାନ ତୁମର ସେବାକାର୍ଯ୍ୟରେ ପ୍ରବେଶ କରୁଅଛି।"

125 ମୁଁ କହିଲି, "ମୋତେ ସେହି ଶିଶୁକୁ ଦେଇ ଦେ।" ମୁଁ କହିଲି, "ଶୟତାନ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁ ତାହାଠାରୁ ନିଜ ହାତ କାଢି ପକା।" ସେ ଠିକ୍ ସେହି ସମୟରେ କାନ୍ଦିବା ବନ୍ଦ କଲା ପୁଣି ଆଉ କଦାପି କାନ୍ଦିଲା ନାହିଁ। ମୁଁ ପାଇଥିବା ପିଲାମାନଙ୍କ ମଧ୍ୟରୁ ସେ ସବୁଠାରୁ ଶାନ୍ତ ପିଲା ଅଟେ। ଠିକ ସେହି ଘଟିକାରୁ ତାହା ଛାଡି ଚାଲିଗଲା। ଆପଣଙ୍କୁ ତାହା ପାଇବାକୁ ପଡିବ...ଆପଣଙ୍କୁ ତାହା କରିବା ପୂର୍ବରୁ, ଆପଣଙ୍କ ଭିତରେ ତାହାକୁ ରଖିବାକୁ ହେବ!

ଏବଂ ତାହାପରେ ଯେତେବେଳେ ସେ...ଏବଂ ତାହାପରେ ତାହା...ସେ ତାହା ଆରମ୍ଭ କଲା। ଏବଂ ମୁଁ ମେଡାକୁ ପ୍ରାୟଃ ଏକ ଘଣ୍ଟା ପାଇଁ ନେଇଗଲି। ମୁଁ କହିଲି, "ମେଡା, ନିଜର ହାତ କାଢି ଦିଅ।"

"ମୁଁ? ତାହା ମୋର ଛୁଆ ଅଟେ!"

126 ମୁଁ କହିଲି, "କଅଣ ଏହା ମୋର ମଧ୍ୟ ନୁହେଁ କି?" ଠିକ୍ ଅଛି। ମୁଁ କହିଲି, "ଯଦି ସେ ଆଜି ସକାଳେ ମରୁଥାଆନ୍ତା, ତେବେ ତୁମକୁ ତାର ଅନନ୍ତ ଗନ୍ତବ୍ୟସ୍ଥଳ ପାଇଁ ପରମେଶ୍ୱରଙ୍କ

ନିକଟରେ ତାକୁ ସମର୍ପଣ କରିବାକୁ ପଡନ୍ତା । ତେବେ ତାର ପାର୍ଥିବ ଯାତ୍ରା ପାଇଁ ଆମେ ବର୍ତ୍ତମାନ ତାକୁ ପରମେଶ୍ୱରଙ୍କ ନିକଟରେ କାହିଁକି ସମର୍ପଣ କରିପାରିବା ନାହିଁ?"

ଏବଂ ସେ କହିଲେ, "ତେବେ, ସେ ମୋର ଝିଅ ଅଟେ!"

ମୁଁ କହିଲି, "ତାହା ମୋର ମଧ୍ୟ ଅଟେ ।"

ମୁଁ କହିଲି, "ତେବେ, କଅଣ ତୁମେ ନିଜର ନେଇପାରିବ କି..."

"ମୁଁ ତାକୁ କିଛି କହିବି ନାହିଁ କି?"

127 ମୁଁ କହିଲି, "ମୁଁ ତାହା କେବେ କହି ନାହିଁ । ଆମେ ତାକୁ ଗାଳି ଦେବା ଛାଡିଦେବା, କେବଳ ତାକୁ ପରାମର୍ଶ ଦେବା । ସେ ଜଣେ ବନ୍ଧୁ ଆବଶ୍ୟକ କରେ, ଏବଂ ତୁମେ ହିଁ ସେହି ଜଣକା ଯିଏକି ତାର ବନ୍ଧୁ ହେବା କଥା, ତୁମେ ଓ ମୁଁ । ଆମେ ତାର ପିତାମାତା ଅଟୁ ।"

128 ଏହି ପିଲାମାନେ ଆଜି ଏକ ବନ୍ଧୁ ଆବଶ୍ୟକ କରନ୍ତି । ଯଦି ସେମାନଙ୍କର ଏକ ମାତା ଓ ପିତା ଥାଆନ୍ତେ ଯିଏକି, ଏଠାରେ ରାତିସାରା ଗୋଟିଏ ମଦଶାଳାରେ ରହି ଏଆଡ଼େ ସେଆଡେ ଦୌଡିବା ବଦଳରେ ଘରେ ରହି ସେମାନଙ୍କର ଯତ୍ନ ନେଉଥାଆନ୍ତେ, ତାହାହେଲେ ସେମାନଙ୍କର ଏକ କିଶୋରାବସ୍ଥା ସଙ୍କଟ ନ ଥାଆନ୍ତା—ନ ଥାଆନ୍ତା । ବୁଝିଲେ?

129 ସେମାନେ ବାଇବଲରୁ ଦୂରେଇ ଗଲେ; ସେମାନେ ସମସ୍ତେ ମଣ୍ଡଳୀକୁ ଯାଇ ବଙ୍କୋ ଖେଳ ଏବଂ ସେହିପରି ଜିନିଷସବୁ କଲେ ଏବଂ...ବୁଝିଲେ? ଆପଣ ସେହିପରି ଚକମକ ହେବା ପାଇଁ ଚେଷ୍ଟା କରୁଛନ୍ତି ଯେପରିକି ଶୟତାନ ଇଂରାଜୀ ସିନେମା ଜଗତ ହଲିଉଡକୁ ଯାକଜମକ କରିଅଛି । ଆପଣ କଦାପି ହଲିଉଡକୁ ମଣ୍ଡଳୀ ଭିତରକୁ ନେଇ ଆସିପାରିବେ ନାହିଁ, ଆପଣଙ୍କୁ ତ କରିବାକୁ ହେବ...ମୋର କହିବାର ଅର୍ଥ ହେଉଛି ମଣ୍ଡଳୀକୁ ହଲିଉଡ ଭିତରେ ନେଇକରି ଆସନ୍ତୁ, ଆପଣଙ୍କୁ ତ ହଲିଉଡକୁ ନିଜର୍ ଭୂମିରେ ଆଣିବାକୁ ପଡିବ । ବୁଝିଲେ? ସେମାନଙ୍କ ଭୂମିକୁ ଯିବାର ନାହିଁ, ସେମାନଙ୍କୁ ଏଠାରେ ନେଇ କରି ଆସନ୍ତୁ । ଆମେ ଏପରି କିଛି ପାଇଅଛୁ ଯାହା ବିଷୟରେ ସେମାନେ କିଛି ହେଲେ ଜାଣନ୍ତି ନାହିଁ ।

130 ଅତଏବ ଆମେ ସେଠାରେ ଆମର ଆଣ୍ଠୁପାତ କଲୁ ଓ ଏହାକୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କଲୁ । ମୁଁ କହିଲି, "ମୁଁ ଜାଣେ ସେ ଅଠର ବର୍ଷ, କିଛି ଦିନ ମଧ୍ୟରେ ହୋଇଯିବ, ଏବଂ ସେ...ଏବଂ ସେହି ବୟସର ଜଣେ ଝିଅ ପୁଅ ବନ୍ଧୁଙ୍କ ବିଷୟରେ ଚିନ୍ତା କରିବ, ଏବଂ ଆମେ ସେହି ଝିଅକୁ ଘର ଭିତରେ ରଖିଛୁ ।" ମୁଁ କହିଲି, "ମୁଁ—ମୁଁ ତାକୁ କଦାପି ବିବାହିତ ହେଉଥିବାର ଦେଖିବାକୁ ଚାହୁଁ ନ ଥିଲି । ମୁଁ ତାକୁ ଏଠାରେ କାର୍ଯ୍ୟାଳୟରେ ରଖି, କାର୍ଯ୍ୟ କରୁ ବୋଲି ଚାହୁଁଥିଲି । ମୁଁ ତାକୁ ଆତ୍ମାରେ ପରିପୂର୍ଣ୍ଣ ହେଉ ବୋଲି ଦେଖିବାକୁ ଚାହୁଁଥିଲି ଏବଂ—ଏବଂ—ଏବଂ ସେହିପରି ଜୀବନଯାପନ କରୁ ବୋଲି ଚାହୁଁଥିଲି ।"

ଏବଂ ସେ...ହଁ, ଆମେ ସମସ୍ତେ ତାହା ଚାହୁଁଥିଲୁ । ସେ କହିଲେ, "ତେବେ, ଆମେ ତାହା କରି ନ ପାରୁ ।" କହିଲେ, "ସେ ତ ଠିକ ତାହା ଶୁଣିବ ହିଁ ନାହିଁ ।"

131 ମୁଁ କହିଲି, "ଗୋଟିଏ ମିନିଟ୍ ରୁହ! ଆମେ ଯଥାସମ୍ଭବ ତାକୁ ଲାଳନ ପାଳନ କରି ବଡ କରିଅଛୁ, ବର୍ତ୍ତମାନ ତାକୁ ପରମେଶ୍ୱରଙ୍କ ହାତରେ ଦେଇ ଦେବା, ତାକୁ ସମର୍ପଣ କରି ଦେବା।" ଏବଂ ମୁଁ କହିଲି, "ତାହାପରେ ଯେତେବେଳେ ସେ କିଛି କରେ ଧରନ୍ତୁ, 'ବେକି, ପ୍ରିୟ, ମାଆ ଚାହାଁନ୍ତି ନାହିଁ ଯେ ତୁମେ ତାହା କର, କିନ୍ତୁ ମୁଁ ତୁମର ବନ୍ଧୁ ଅଟେ; ମୁଁ ତୁମ ସହିତରେ ରହିବି।' ବୁଝିଲେ? ତାକୁ ଜାଣିବାକୁ ଦିଅନ୍ତୁ ଯେ ତୁମେ ତାକୁ ପ୍ରେମ କର। ସେ କାହାରି ଜଣକାକୁ ପାଇବାକୁ ଯାଉଅଛି ଯିଏକି ତାକୁ ପ୍ରେମ କରିବ, ଏବଂ ହୋଇପାରେ ଯେ ତାହା ଭୁଲ ମହିଳା ହୋଇଥିବ।" ବୁଝିଲେ? ମୁଁ କହିଲି, "ତୁମେ ସେହି ନାରୀ ହୋଇଯାଅ ଯିଏକି ପ୍ରେମ କରେ।" ମୁଁ କହିଲି, "ପ୍ରିୟେ, ତାହା ଏକ ପ୍ରକାର ରୁକ୍ଷ ପରି ଲାଗେ, କିନ୍ତୁ ଲୋକମାନେ ସବୁଆଡୁ ଆସନ୍ତି, ଏବଂ ବ୍ୟକ୍ତିଗତ ସାକ୍ଷାତକାର, ଓ ବିଷୟଗୁଡ଼ିକରେ ବସନ୍ତି।" ମୁଁ କହିଲି, "ମୁଁ ତ ଏତେ ସାଧାରଣ ଅଟେ; ଆମେ ପରସ୍ପର ପାଇଁ ସାଧାରଣ ଅଟୁ, କାରଣ ଆମେ ସ୍ୱାମୀ ଏବଂ ସ୍ତ୍ରୀ ଅଟୁ, କିନ୍ତୁ ଆମେ ତାହା କେବେ ହେବାକୁ ଦେଲୁ ନାହିଁ। ତୁମେ ନିଶ୍ଚୟ ମନେରଖ, ଏହା ପ୍ରଭୁଙ୍କର ନାମ ଅଟେ!"

ତେଣୁ ସେ କହିଲେ, "ଠିକ୍ ଅଛି।"

ଆମେ ତଳେ ବସିଲୁ ଓ ପରମେଶ୍ୱରଙ୍କ ନିକଟରେ ଏହାକୁ ସମର୍ପଣ କଲୁ। କହିଲୁ ଆମେ ଏଥିରୁ ନିଜର ହାତ କାଢି ନେବା।

ସେଦିନ ଅପରାହ୍ଣରେ ସେ ଭିତରକୁ ଆସିଲା; ସେ କହିଲା, "ତେବେ, ମୁଁ ଅନୁମାନ କରେ ଯେ ଆପଣମାନେ ଏବେ ସୁଦ୍ଧା ଏହା କହୁଛନ୍ତି ମୁଁ ସେଠାକୁ ନ ଯାଏ!"

132 ମେଡା କହିଲେ, "ନା, ମୁଁ ଏହା ବିଷୟରେ କେବେବି କିଛି କହି ନାହିଁ।" କହିଲେ, "ତୁମେ ଜାଣ, ମାଆ ଚାହାଁନ୍ତି ନାହିଁ ଯେ ତୁମେ ତାହା କର ବୋଲି; ଏବଂ ତୁମେ ଜାଣ ଯେ ଏହା ତୁମର ବାପାଙ୍କୁ ମାରିବା ଭଳି କରି ପକାଇଥିଲା ଯେତେବେଳେ ସେ ତୁମକୁ ସେଠାରେ ସେହି ବୁଗି-ଉଗି ସଙ୍ଗୀତ ବଜାଉଥିବାର ଶୁଣିଥିଲେ, ସେହି ଝିଅ ସହିତ, ତାହା ଯାହାକିଛି ବି ଥିଲା।" କହିଲେ, "ବର୍ତ୍ତମାନ, ବାପା ଚାହାଁନ୍ତି ନାହିଁ ଯେ ତୁମେ ତାହା କର, ଏବଂ ଆମେ ଚାହୁଁ ନାହୁଁ ଯେ ତୁମେ ତାହା କର ବୋଲି, ବେକି, କିନ୍ତୁ ଆମେ ଏହାକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରିଅଛୁ। ମୁଁ ଚାହେଁ ଯେ ତୁମେ ଏହା ଜାଣ ଯେ ଆମେ ତୁମକୁ ପ୍ରେମ କରୁ। ତୁମେ ଯାହା ବି କର, ଆମେ ତଥାପି ତୁମକୁ ପ୍ରେମ କରୁ।"

ସେ ଉଚ୍ଚପାଟି କରି, କହିଲା, "ମୁଁ ଯେକୌଣସି ପ୍ରକାରେ ବି ଯାଉଅଛି!"

କହିଲେ, "ଠିକ ଅଛି, ପ୍ରିୟେ।" ତେଣୁ ଚାଲି ଗଲା। କହିଲେ, "ଠିକ ଅଛି, ତୁମେ ଫେରି ଆସିବାବେଳେ ମୁଁ ରାତ୍ରି ଭୋଜନ ପ୍ରସ୍ତୁତ କରିଥିବି।" ସେ କେବେ ଗଲା ହିଁ ନାହିଁ! ନା, ସେହି ସମୟଠାରୁ ସେ ଆଉ କେବେ ଗଲା ହିଁ ନାହିଁ। ବୁଝିଲେ?

133 ଏହା ପରେ ଅଧିକ ସମୟ ହୋଇ ନାହିଁ ସେ ଜର୍ଜଙ୍କୁ ଭେଟିଲା; ଜର୍ଜ ଜଣେ ଖ୍ରୀଷ୍ଟିଆନ ଅଟେ। ତାହା—ତାହା ସେତେବେଳେ ଏହାକୁ ସମାଧାନ କରି ଦେଲା।

134 ସେ ଅନ୍ୟ ଏକ ଦିନ ଏହା ବିଷୟରେ ଶ୍ରୀମତୀ ଉଡଙ୍କୁ ଜଣାଇବାକୁ ଚେଷ୍ଟା କରୁଥିଲା। ସେ କହିଲା, "ଓଃ, ମୋର ମୁଣ୍ଡ ଅତିଶୟ ପାଗଳ ହୋଇ ଯାଇଥିଲା।" କହିଲା, "ବାପା ଓ ମାଆ ମୋତେ ପ୍ରଭୁଙ୍କ ନିକଟରେ ସମର୍ପଣ କରିଥିଲେ।" କହିଲା, "ଅତିଶୟ ପାଗଳ।" କିନ୍ତୁ ତାହା—ତାହା ଆମ ପାଇଁ ପାଗଳାମୀ ଥିଲା; ଆମେ ତାହାଠାରୁ ଅଧିକ କୌଣସି ପାଗଳ ହେବାକୁ ଚାହୁଁ ନ ଥିଲୁ। ବୁଝିଲେ? ଏହାକୁ ଠିକ ସେହିପରି ଭାବରେ ଛାଡିଦିଅନ୍ତୁ। ଠିକ୍ ଅଛି।

**244. ଭାଇ ବ୍ରାନହାମ୍, ଆପଣ ଆମ ବିଷୟରେ କଅଣ ଭାବୁଛନ୍ତି...** (ଓଃ, ଓଃ! ମୋତେ ଏହି ଗୋଟିକ ପଢିବାଟା ମନେ ଅଛି। ମୁଁ ନ ଥିଲି...ମୁଁ ଏହାକୁ ବିଳମ୍ବରେ ରଖିବାକୁ ଯାଉଥିଲି, କିନ୍ତୁ ମୁଁ ଅନୁମାନ କରେ ଯେ ତାହା ପଢିବାଟା ଉତ୍ତମ ହେବ। କୌଣସି ସ୍ତ୍ରୀଲୋକର ହସ୍ତଲିଖନ ଅଟେ। ସେ ନିଶ୍ଚୟ କେଣ୍ଟକିରୁ ହୋଇଥିବେ, କାରଣ ତାଙ୍କର ଏଠାରେ ଏକ—ଏକ କୋସମୋସ୍ ପୋର୍ଟଲାଣ୍ଡ ସିମେଣ୍ଟର ଟିକେଟ୍ ଲାଗିଛି।) **ଭାଇ ବ୍ରାନହାମ୍, ମଣ୍ଡଳୀରେ ଆମର ଭଉଣୀମାନଙ୍କର ଏତେ ଛୋଟ ପୋଷାକ ପିନ୍ଧୁଥିବା ବିଷୟରେ ଆପଣ କଅଣ ଭାବନ୍ତି? କଅଣ ଏହା ଆମର ସାକ୍ଷ୍ୟକୁ ନଷ୍ଟ କରେ ନାହିଁ କି ଏବଂ ଏହି ମଣ୍ଡଳୀରେ ଆମର ଯୁବାମାନଙ୍କ ପାଇଁ ଭୁଲ ଉଦାହରଣ ସୃଷ୍ଟି କରେ ନାହିଁ କି? ଏହା ଏତେ ଲାଗେ ଅ-ସ-...ଏକ ଯୁବକକୁ ଦେଖିବା...ଜଣେ ବୟସ୍କା ମହିଳାଙ୍କୁ ଏତେ ଛୋଟ ପୋଷାକ ପିନ୍ଧିଥିବାର ଦେଖିବା ଯେ ସେ ଚାଲିବା ସମୟରେ ତାଙ୍କର ଆଣ୍ଠୁ ଦେଖାଯାଏ।**

135 ଆପଣ ଯେକେହି ବି ହୁଅନ୍ତୁ, ଭଉଣୀ କିମ୍ବା ଭାଇ, ତାହା ଯିଏ ବି ହେଉନ୍ତୁ, ମୁଁ ଆପଣଙ୍କ ସହିତ ଶତ ପ୍ରତିଶତ ସହମତ ଅଟେ। ଏହା ଏକ ଅପମାନଜନକ ବିଷୟ ଅଟେ, ଯେ ମାତ୍ର ମୋତେ ଆପଣମାନଙ୍କୁ ଏହା କହିବାକୁ ପଡୁଛି ଯେ ତାହା ବିଷୟରେ କଅଣ କରିବା କଥା! ମୁଁ ତାହା ବିଷୟରେ ଯେତେ କଠୋର ଭାବେ ପ୍ରଚାର କରିବାକୁ ଜାଣିଥିଲି ସେତିକି କଠୋର ଭାବେ ମୁଁ ଏହାକୁ ପ୍ରଚାର କରିଛି; ସେମାନେ ତଥାପି ସେହି ସମାନ ବିଷୟ କରନ୍ତି। ତେଣୁ ଏହା ସେମାନଙ୍କର ବିଚାର ଅଟେ, କାରଣ ସେହି ବାକ୍ୟ ତ ବାହାରି ଅଛି। ହଁ, ମୁଁ ନିଶ୍ଚିତ ଭାବରେ ସେହି ସାନ ସାନ ଦେହ ଚିପା ପୋଷାକ ବିରୁଦ୍ଧରେ ଅଟେ ଯାହାକି ଏପରି ଦିଶେ...ମୁଁ ମୋ ପିଲାମାନଙ୍କୁ ବାରମ୍ବାର ପାଟି ତୁଣ୍ଡ କରିଥାଏ, ବେକି ଏବଂ ସାରାଙ୍କୁ। ମୁଁ ଚିନ୍ତା କରେ ନାହିଁ ଯେ ସେମାନେ କେତେ ଛୋଟ ଅଟନ୍ତି, ମୁଁ...ତାହା...ମୁଁ ତ କେବଳ ସବୁବେଳେ ସେମାନଙ୍କ ଉପରେ ପାଟି ତୁଣ୍ଡ କରିଥାଏ। ମୁଁ ଭାବୁଛି ଯେ ସେମାନେ ନିଜର ପୋଷାକ ଏପରିକି ମଧ୍ୟ ପିନ୍ଧନ୍ତି...ମେଡା ପ୍ରତିଦିନ ସେହି ବିଷୟ ନେଇ ବେକିଙ୍କୁ ପାଟି ତୁଣ୍ଡ କରନ୍ତି। ବୁଝିଲେ? ପୋଷାକଗୁଡିକ ଏତେ ଉପର ଯାଏଁ...କାରଣ ଶିଶୁମାନେ, ଆପଣ ତାହା ଶିଶୁମାନଙ୍କ ମଧ୍ୟରେ ଆଶା କରିପାରନ୍ତି, ଏବଂ ଆପଣଙ୍କୁ ସେମାନଙ୍କୁ ସଂଶୋଧନ କରିବାକୁ ପଡିଥାଏ; କିନ୍ତୁ ଯେତେବେଳେ ଏହା ଜଣେ ସ୍ତ୍ରୀଲୋକଙ୍କ କଥା ଆସେ, ସେଠାରେ କିଛି ଗୋଟାଏ ଭୁଲ୍ ଅଛି। ବୁଝିଲେ?

136 ବର୍ତ୍ତମାନ କାହାରି ଭାବନାକୁ ଆଘାତ କରୁ ନାହିଁ, ମୁଁ କେବଳ ପ୍ରଶ୍ନଗୁଡିକର ଉତ୍ତର ଦେଉଅଛି । ଆପଣ ମୋତେ ନିଜର ହୃଦୟରୁ ପଚାରନ୍ତୁ; ମୁଁ ଆପଣଙ୍କୁ ମୋର ହୃଦୟରୁ ଉତ୍ତର ଦେଉଅଛି । ଯଦି ଆପଣ ସମାଧାନକୁ ଖୋଜି ପାଆନ୍ତି, ମୁଁ—ଦୟାକରି ଆସି ମୋତେ କୁହନ୍ତୁ, ମୁଁ ନିଶ୍ଚିତରେ ଏହାକୁ କରିବି, ଯଦି ମୁଁ ତାହା ବିଷୟରେ କିଛି କରିପାରେ ।

137 ଯେପରିକି ଅନ୍ୟ ଏକ ଦିନ କେହି ଜଣେ କହିଥିଲେ, ସେ କହିଲେ, "ତେବେ, ମୁଁ ଆପଣଙ୍କୁ କୁହେ, ଭାଇ ବ୍ରାନହାମ୍," କହିଲେ, "ମୁଁ ଆପଣଙ୍କୁ କହୁଛି ଯେ ଆଦମ ଏବଂ ହବା କଅଣ..." କହିଲେ, "ଏହା ତ ଅବିକଳ ଠିକ୍; ସେମାନଙ୍କ ପାଖରେ ଗୋଟିଏ ସେଉ ଥିଲା!" ଏବଂ ମୁଁ ଲକ୍ଷ୍ୟ କଲି ଯେ ସେମାନେ ତାହାକୁ ବର୍ତ୍ତମାନ ବଦଳାଇ ଦେଇଛନ୍ତି; ସେମାନେ କହିଲେ ଯେ ସେମାନଙ୍କ ପାଖରେ କଅଣ ରହିଥିଲା? ମୁଁ ବିଶ୍ୱାସ କରେ ଯେ ଏହାକୁ କିଛି ଗୋଟାଏ କୁହାଯାଇଥିଲା? [ଜଣେ ଭାଇ କୁହନ୍ତି, "ଜେଉଟ ।"—ସମ୍ପା ।] ଜେଉଟ, ହଁ, ଏହା ଏକ ଜେଉଟ ଥିଲା ଯାହାକି ସେମାନେ ଖାଇଥିଲେ । ତେବେ, ଏହା ପୁନର୍ବାର ଜେଉଟ ଫଳ ବଣ୍ଟନ କରିବାର ସମୟ ଆସି ଯାଇଅଛି ଯଦି ଏହା ସେମାନଙ୍କୁ ହୃଦବୋଧ କରାଏ ଯେ ସେମାନେ ଉଲଗ୍ନ ଅଛନ୍ତି । ବୁଝିଲେ?

**245. ଭାଇ ବ୍ରାନହାମ୍, ମୁଁ ଆଜିର ଦିନର ପରମେଶ୍ୱରଙ୍କ ବାର୍ତ୍ତାକୁ ଗ୍ରହଣ କରିଅଛି, ଏବଂ ଆମର ପୁତ୍ର ମଧ୍ୟ । ଏବଂ ଆମେ ଦୁହେଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଅଛୁ । ମୋର ସ୍ୱାମୀ—ମୋର ସ୍ୱାମୀ ବାର୍ତ୍ତାକୁ ଗ୍ରହଣ କରିନାହାଁନ୍ତି ଏବଂ ଏହି ବାର୍ତ୍ତା ବିରୁଦ୍ଧରେ ଲଢୁଛନ୍ତି । ଏବଂ ସେ ଆମର ପୁତ୍ରକୁ ପ୍ରଭାବିତ କରୁଛନ୍ତି ଏବଂ ତାକୁ ଏକ ମେଥୋଡିଷ୍ଟ ଗୀର୍ଜାକୁ ନେଇ ଯାଉଛନ୍ତି । ସେ ଚାହାଁନ୍ତି ଯେ ମୁଁ ତାଙ୍କ ସହିତ ସେହି ଗୀର୍ଜାକୁ ଯାଏ ଯେତେବେଳେ ଆମର ଏଠାରେ ଆରାଧନାଳୟରେ କୌଣସି ସେବା ହେଉ ନ ଥାଏ । କଅଣ ଏହା ମୋ ପାଇଁ ତାଙ୍କ ସହ ଯିବା ଠିକ୍ ହେବ ନା ସେହି ନାମଧାରୀ ସଂସ୍ଥାରୁ ଦୂରେଇ ରହିବା ଭଲ ହେବ?**

138 ତେବେ ବର୍ତ୍ତମାନ, ପ୍ରିୟ ଭଉଣୀ...ସେ କୌଣସି ନାମ ଦସ୍ତଖତ କରିନାହାଁନ୍ତି, କିନ୍ତୁ ବୋଧହୁଏ ଆପଣ ନିଜର ପ୍ରଶ୍ନକୁ ଶୁଣୁଛନ୍ତି; ଯଦି ଆପଣ ତାହା ଶୁଣୁନାହାଁନ୍ତି, ତେବେ ଆପଣ ଏହାକୁ ଟେପ୍‌ରେ ଶୁଣି ନେବେ । ନିଜର ସ୍ୱାମୀ ସହିତ ଯାଆନ୍ତୁ, କିନ୍ତୁ ସେମାନେ ଯାହା କରୁଛନ୍ତି ତାହାର—ତାହାର ଅଂଶୀଦାର ହୁଅନ୍ତୁ ନାହିଁ । ଦେଖନ୍ତୁ, ଆପଣଙ୍କୁ ତ ନିଜର ସ୍ୱାମୀଙ୍କୁ ପ୍ରେମ କରିବାକୁ ଅଛି, ଏବଂ ପ୍ରେମ ହିଁ ଅଟେ ଯାହାକି ତାହା କରେ । ଆପଣ କେବଳ ପ୍ରକୃତରେ ଲବଣଯୁକ୍ତ ହୋଇ ରହିଥାଆନ୍ତୁ; ସେ ତୃଷିତ ହେବେ ଯଦି ତାଙ୍କ ଭିତରେ କିଛି ଗୋଟାଏ ବିଷୟ ଥାଏ ।

139 ସେମାନଙ୍କର ନାମଧାରୀ ସଂସ୍ଥାରେ ଯୋଗ ଦିଅନ୍ତୁ ନାହିଁ । ସେ କହିଲେ, "ସେହି ନାମଧାରୀ ସଂସ୍ଥାଠାରୁ ଦୂରେଇ ରୁହନ୍ତୁ ।" ଏଥିରେ ଯୋଗ ଦିଅନ୍ତୁ ନାହିଁ; ସେଠାକୁ ଯାଆନ୍ତୁ । ଯଦି ଆପଣ ସମ୍ପୂର୍ଣ୍ଣ ରୁଟି ନ ପାଇ ପାରୁଛନ୍ତି, ତେବେ ଅଧା ପାଇ ଯାଆନ୍ତୁ; ଅଧା ବି ଯଦି

ପାଇ ପାରୁନାହାଁନ୍ତି, ତେବେ କେବଳ ଖଣ୍ଡେ ପାଇଯାଆନ୍ତୁ । ଦେଖନ୍ତୁ, ଦେଖନ୍ତୁ? ମାତ୍ର ସେହି ଉପାୟ ଦ୍ଵାରା ହିଁ ଆପଣ ନିଜର ସ୍ଵାମୀଙ୍କୁ ଜିତି ପାରିବେ । ଅହଙ୍କାରୀ ହୁଅନ୍ତୁ ନାହିଁ, ତେବେ ଯାଇ ସେ ଜାଣିବେ ଯେ ତାଙ୍କ ପାଖରେ ମଧ୍ୟ ସେତିକି ଅଛି ଯେତିକି ଆପଣଙ୍କ ପାଖରେ ଅଛି । ବୁଝିଲେ? କିନ୍ତୁ ଯେତେବେଳେ ଆପଣ ଏପରି କିଛି ବିଷୟ ଦେଖାଇ ପାରନ୍ତି ଯାହାକି ଆପଣଙ୍କ ପାଖରେ ଅଛି ଆଉ ତାଙ୍କ ପାଖରେ ନାହିଁ, ସେତେବେଳେ ତାହା ତାଙ୍କୁ ଆପଣଙ୍କ ପରି ହେବା ପାଇଁ ତୃଷାର୍ତ୍ତ କରିବ । ସେହି ପବିତ୍ରୀକୃତ ପତ୍ନୀ ସ୍ଵାମୀକୁ ପବିତ୍ରୀକୃତ କରନ୍ତି ।

140 ତାହା କେବଳ ଏକ ପରାମର୍ଶ ଥିଲା । ତେଣୁ ମୁଁ—ମୁଁ ସେଥି ଉପରେ ବହୁତ ଲମ୍ଵା ସମୟ ବିତାଇପାରେ, କିନ୍ତୁ ଆମେ ଯେତିକି ପାରିବା ସେତିକି ଅଧିକ ନେବାକୁ ଚାହିଁବା, କାରଣ ମୁଁ ଦେଖେ ଯେ ମୋ ପାଖରେ ସେତେବେଳେ ମାତ୍ର ପ୍ରାୟଃ ବା-ଇଶ ମିନିଟ୍ ରହିଥିଲା । ଠିକ୍ ଅଛି ।

**246. ଭାଇ ବ୍ରାନହାମ୍, ମୁଁ ମୋର ସମସ୍ତ ହୃଦୟରେ ସେହି ଶିକ୍ଷାକୁ ବିଶ୍ଵାସ କରେ ଯାହା ଆପଣ ଶିକ୍ଷା ଦିଅନ୍ତି । ତାହା ମୋର ପ୍ରାଣକୁ ଉତ୍ସାହିତ କରେ; ତଥାପି, ମୋର ପତ୍ନୀ ଏବଂ ପୁଅ ବାକ୍ୟରେ ଆନନ୍ଦ କରନ୍ତି ନାହିଁ । ସେମାନେ ନିଜକୁ ତାଙ୍କର କିଛି ସାଂସାରିକ ଅଭ୍ୟାସରୁ ପୃଥକ କରିବାକୁ ଇଚ୍ଛା କରନ୍ତି ନାହିଁ । ଆପଣ କହିଲେ ଯେ ଆମେ ଆମର ପରିବାରଗୁଡ଼ିକୁ ଦାବି କରିବା—ଆମର ପରିବାରଗୁଡ଼ିକୁ ଦାବି କରିବା ଉଚିତ୍ । ମୋତେ ତାହା କରିବାକୁ କଷ୍ଟକର ଲାଗେ, ଏପରି ମନେ କରି ଯେ ସେମାନେ ବାକ୍ୟ ନିମନ୍ତେ କିମ୍ବା ବାକ୍ୟରେ ଜୀବନ ଯାପନ କରନ୍ତି ନାହିଁ । ମହାଶୟ, ମୋର ଆଚରଣ କଅଣ ହେବା ଉଚିତ୍? କଅଣ ମୁଁ ସେମାନଙ୍କୁ ଦାବି କରି ବିଶ୍ଵାସ କରିବି, ନା ମୁଁ ପ୍ରାର୍ଥନା କରିବି, "ପିତା, ତୁମର ଇଚ୍ଛା ସଫଳ ହେଉ," ଏବଂ ଯେଉଁ ପରିସ୍ଥିତିରେ ମୁଁ ନିଜକୁ ପାଏ ସେଥିରେ ସନ୍ତୁଷ୍ଟ ରହିବି? ଭାଇ ବ୍ରାନହାମ୍, ମୁଁ ଆପଣଙ୍କର ମାର୍ଗଦର୍ଶନକୁ ପ୍ରଶଂସା କରିବି ।**

141 ପରମେଶ୍ଵର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମୋର ଭାଇ କିମ୍ବା ଭଉଣୀ । ମୁଁ—ମୁଁ ତ ସେମାନଙ୍କୁ କେବଳ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେବି । ମୁଁ...ଦେଖନ୍ତୁ, କାରଣ, "ପିତା ଯେସମସ୍ତଙ୍କୁ ମୋତେ ଦେଇଛନ୍ତି ସେମାନେ ମୋ ପାଖକୁ ଆସିବେ ।" ବୁଝିଲେ? ତେବେ, ଆପଣ ଲୋକମାନଙ୍କୁ କରିବା ପାଇଁ ଗୋଟିଏ ମାତ୍ର ବିଷୟ ହେଉଛି...

142 ଅନ୍ୟ ଏକ ଦିନ ମୋର ହୃଦୟ ଏହି ମୋଟେଲ ପୁରୁଷମାନଙ୍କୁ ଉପର ତଳକୁ ଆସୁଥିବାର ଦେଖି ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଗଲା । ସେହି...ମୁଁ ଶ୍ରୀମାନ ବେକରଙ୍କ ନିକଟକୁ ଗଲି । ସେ କହିଲେ, "ବିଲି, କଅଣ ଆପଣ ଜାଣିଛନ୍ତି କି? ମୁଁ ପ୍ରତି ରବିବାର ଦିନ ଆପଣଙ୍କର ସମଗ୍ର ମଣ୍ଡଳୀକୁ ଭୋଜନ କରାଇଥାଏ," ଯେତେବେଳେକି ବୁଢ଼ୋ ବୋର ପ୍ରତି ରବିବାର ପ୍ରାୟଃ ତିନିଶହ ଜଣଙ୍କୁ ଭୋଜନ କରାଇଥାଏ! ଦେଖନ୍ତୁ? ଏବଂ ମୁଁ ଏଠାକୁ ଗଲି ଏବଂ ଏହି ବ୍ୟକ୍ତି ଏଠାରେ,

ଏଠାରେ ସେହି—ସେହି ବଣ ଆରକ୍ଷୀ ଗୃହରେ ଏହି ଭଦ୍ରଲୋକ ଜଣକ, ବହୁତ ଭଲ ବ୍ୟକ୍ତି । ମୁଁ ତାଙ୍କୁ ଭେଟିଲି । ସେ କହିଲେ...

ମୁଁ କହିଲି, "ତେବେ, ତାହା ପ୍ରକୃତରେ ବହୁତ ଭଲ ଥିଲା ।" ମୁଁ କହିଲି, "ମୁଁ ଆପଣଙ୍କୁ ପ୍ରଶଂସା କରେ ଯେ ଆପଣ ସେହି ସମସ୍ତ ବିଷୟକୁ ସେଠାରୁ ଦୂରେଇ ରଖିଛନ୍ତି, ସେସବୁ ବିଷୟ ଯାହାକି ସେଠାରେ ଚାଲିଥାଏ ।"

ସେ କହିଲେ, "ହଁ, ମହାଶୟ, ଭାଇ ବ୍ରାନହାମ୍ ।"

ମୁଁ କହିଲି, "ସେ ମୋତେ କିପରି ଜାଣନ୍ତି?" ଦେଖନ୍ତୁ? ମୁଁ କହିଲି, "ଆପଣ ମୋତେ କିପରି ଜାଣିଲେ?"

ସେ କହିଲେ, "ମୁଁ ଆପଣଙ୍କୁ ଜାଣେ," କହିଲେ, "ମୁଁ ପ୍ରତ୍ୟେକ ରବିବାର ଏଠାରେ ଆପଣଙ୍କର ସମଗ୍ର ମଣ୍ଡଳୀକୁ ଖୁଆଇଥାଏ...ତେବେ," ସେ କହିଲେ, "ଏବଂ ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ: ସେମାନେ ବହୁତ ଭଲ ଲୋକମାନେ ଅଟନ୍ତି । ସେମାନେ ବହୁତ ଭଲ ଲୋକ!"

143 ତେବେ ଦେଖନ୍ତୁ, ତାହା ମୋତେ ଭଲ ଅନୁଭବ କରାଇଲା । ଆପଣ ମୋର ପିଲାମାନେ ଅଟନ୍ତି । ବୁଝିଲେ? ଯେତେବେଳେ ମୁଁ ଶୁଣେ ଯେ ମୋର ପିଲାମାନେ ଭଲ ଆଚରଣ କରୁଛନ୍ତି ଏବଂ ଭଲ ବ୍ୟବହାର କରୁଛନ୍ତି, ସେତେବେଳେ ତାହା ବାପାଙ୍କୁ ପ୍ରକୃତରେ ଭଲ ଅନୁଭବ କରାଏ । ଦେଖନ୍ତୁ? ତେଣୁ ଆପଣ ବୁଝନ୍ତୁ ।

144 ବର୍ତ୍ତମାନ, ତେବେ, ମାଆ, ଯେତେବେଳେ...ମୋର ଭଉଣୀ, ଯଦି ଆପଣଙ୍କର ସ୍ୱାମୀ ଚାହାଁନ୍ତି ଯେ ଆପଣ ମେଥୋଡିଷ୍ଟ ମଣ୍ଡଳୀକୁ ଯାଆନ୍ତୁ, ତାହାହେଲେ ଆପଣ ଯାଆନ୍ତୁ । ଆପଣ ସମ୍ପୂର୍ଣ୍ଣ ରୁଟି ନ ପାଇପାରନ୍ତି, ମାତ୍ର ଯଦି ସେମାନେ ଏତିକି ମଧ୍ୟ କୁହନ୍ତି ଯେ ସେମାନେ ବିଶ୍ୱାସ କରନ୍ତି ଯେ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ତେବେ ଆପଣ ତାହା ବିଶ୍ୱାସ କରନ୍ତୁ, କାରଣ ଆମେ ମଧ୍ୟ ତାହା କରୁ । ବର୍ତ୍ତମାନ, ଯଦି ସେମାନେ ଅନ୍ୟ ଚାକଚକ୍ୟ ବିଷୟ ଏବଂ ଅନ୍ୟାନ୍ୟ ଜିନିଷଗୁଡିକ ଉପରେ ଯିବାକୁ ଯାଉଛନ୍ତି, ତେବେ ସେମାନଙ୍କୁ କେବଳ—କେବଳ ଯିବାକୁ ଦିଅନ୍ତୁ, କିନ୍ତୁ ଆପଣ ସେତିକି ମାତ୍ର ରୁଟି ଖାଆନ୍ତୁ । ବୁଝିଲେ? ଏବଂ ସେଥିରେ, ଆପଣ କେବଳ ନିଜର ଜୀବନର ମାଧୁର୍ଯ୍ୟତା ଏବଂ ଅନ୍ୟମାନଙ୍କ ପାଇଁ ନିଜର ସମ୍ବେଦନା ଦ୍ୱାରା ପ୍ରକାଶ କରନ୍ତୁ...ଏବଂ ଯଦି ଆପଣ ତାହା ପାଇ ନାହାଁନ୍ତି, ଭଉଣୀ ପ୍ରିୟ, ପ୍ରାର୍ଥନା କରନ୍ତୁ ଯେପର୍ଯ୍ୟନ୍ତକି ତାହା ଆପଣଙ୍କ ପାଖକୁ ନ ଆସି ନ ଯାଏ, ଯେ ଆପଣଙ୍କୁ କୃତ୍ରିମ ଭାବରେ କୌଣସି ବିଷୟକୁ ପରିଧାନ କରିବାକୁ ପଡେ ନାହିଁ, କାରଣ ଯେତେବେଳେ ଆପଣ ତାହା କରନ୍ତି, ତାହା ବାସ୍ତବ ନୁହେଁ । ଆପଣଙ୍କର ସ୍ୱାମୀ ତାହା କହି ଦେଇପାରିବେ । ମାତ୍ର ଆପଣ, ଯେତେବେଳେ ଆପଣ ପ୍ରକୃତରେ ପ୍ରାର୍ଥନା କରି ଏପରି ଏକ ସ୍ଥାନକୁ ପହଞ୍ଚିଥାନ୍ତି ଏତେ ଯେ ଆପଣଙ୍କର ଜୀବନଟା ତ୍ରାଣକର୍ତ୍ତାଙ୍କର ଲବଣରେ ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ ଯାଇ ତାହା ଏକ ସମ୍ପର୍କ ସାଧନ କରିବ । "ଯଦି ମୁଁ ଉପରକୁ ଉଠାଇ ନିଆଯାଏ, ତେବେ ମୁଁ

ସମସ୍ତ ଲୋକଙ୍କୁ ମୋ ପାଖକୁ ଆକର୍ଷିତ କରିବି ।" ମୁଁ ଯିବି; ପ୍ରକୃତରେ ସତର୍କ ରହିଥାଆନ୍ତୁ । ତଥାପି ସେମାନଙ୍କର ମଣ୍ଡଳୀରେ ଯୋଗ ଦିଅନ୍ତୁ ନାହିଁ! ଦୟାକରି ତାହା କରନ୍ତୁ ନାହିଁ; ଆପଣ ସେମାନଙ୍କର ମଣ୍ଡଳୀରେ ଯୋଗ ଦିଅନ୍ତୁ ନାହିଁ, ମାତ୍ର ଯାଆନ୍ତୁ!

**247. ଭାଇ ବ୍ରାନହାମ୍, ଏଠାରେ ଏକ ପ୍ରଶ୍ନ ଅଛି ଯାହାକି ଏଠାରେ ଆମମାନଙ୍କ ମଧ୍ୟରୁ ଅନେକଙ୍କୁ ଏକ ପ୍ରକାର ବିସ୍ମିତ କରିଅଛି । ଗୋଟିଏ ହେଉଛି—ତାହା ଉପରେ— ତାହା ଉପରେ** (ମୋତେ କ୍ଷମା କରନ୍ତୁ) **ଯାହାକି କେତେକ ଟେପ୍‌ରେ ଅଛି ଯେଉଁଥିରେ ଆପଣ କନ୍ୟାର ଉର୍ଦ୍ଧାନ୍ତିକରଣରେ ଚାଲିଯିବା ପରେ, କେବଳ ଯିହୁଦୀମାନଙ୍କର ଉଦ୍ଧାର ବିଷୟରେ କହିଥିଲେ ।** (ଏବଂ ଏଠାରେ ଏହା ଏକ ରେଖା ଅଛି ।) **ଦୟାକରି ସେହି ବିଜାତୀମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରନ୍ତୁ ଯେଉଁମାନେକି ଉର୍ଦ୍ଧାନ୍ତିକରଣରେ ଯାଆନ୍ତି ନାହିଁ । ମୁଁ ଭାବିଲି ଯେ ଆପଣ ଏହା କହିଥିଲେ ଯେ ଅବଶିଷ୍ଟ ବିଜାତୀମାନେ କ୍ଳେଶ ଦେଇ ଗତି କରିବେ ଏବଂ ଯୀଶୁଙ୍କ ସାକ୍ଷ୍ୟ ନିମନ୍ତେ ସେମାନଙ୍କର ଜୀବନକୁ ବଳିଦାନ କରିବେ । ଯେତେବେଳେ ସେ ବିଜାତୀମାନଙ୍କଠାରୁ ଯିହୁଦୀମାନଙ୍କ ନିକଟକୁ ଫେରି ଆସନ୍ତି...ଯେତେବେଳେ ସେ ବିଜାତୀମାନଙ୍କଠାରୁ ଯିହୁଦୀମାନଙ୍କ ନିକଟକୁ ଫେରନ୍ତି, ସେତେବେଳେ ବିଜାତୀମାନଙ୍କର ଉଦ୍ଧାର କରାଯିବା ହେତୁ ଆଉ କୌଣସି ସୁଯୋଗ ନ ଥାଏ, କେବଳ ସେହି ବିଜାତୀମାନେ ଯେଉଁମାନେକି ଉଦ୍ଧାର କରା ଯାଇଛନ୍ତି, ମାତ୍ର ସେମାନଙ୍କର ଶେଷ ଦିନର ସତ୍ୟତାକୁ ଗ୍ରହଣ କରି ନାହାଁନ୍ତି ସେମାନେ କ୍ଳେଶ ସମୟ ଦେଇ ଗତି କରିବେ ଏବଂ ତାହାପରେ ଶେଷରେ ପରିତ୍ରାଣ ପାଇବେ । କଅଣ ଏହା ଠିକ୍ କି? ଦୟାକରି ବୁଝାଇ ଦିଅନ୍ତୁ, ଯେହେତୁ ଆପଣ କହିଥିଲେ ଯେ ଉର୍ଦ୍ଧାନ୍ତିକରଣରେ କେବଳ ଅଳ୍ପ ସଂଖ୍ୟାରେ ଲୋକମାନେ ଯିବେ । ସେହି ଲୋକମାନଙ୍କ ବିଷୟରେ କଅଣ ଯେଉଁମାନେକି ପ୍ରଭୁଙ୍କଠାରେ ବିଶ୍ୱାସ କରିଥିଲେ—ବର୍ତ୍ତମାନ ପ୍ରଭୁଙ୍କଠାରେ ବିଶ୍ୱାସ କରନ୍ତି ଏବଂ ସେହି ମାର୍ଗକୁ ବିଶ୍ୱାସ କରନ୍ତି...ଏବଂ ଏହି ଶେଷ-ସମୟ-ଦିନର ବାର୍ତ୍ତାକୁ ଯେଉଁ ପ୍ରକାରେ ଆପଣ ଏହାକୁ ପ୍ରଚାର କରନ୍ତି ତାହାକୁ ବିଶ୍ୱାସ କରନ୍ତି ନାହିଁ? କଅଣ ସେମାନେ ପରିତ୍ରାଣ ପାଇବେ କି?** ଏବଂ ତାହାପରେ ସେହି ଭଉଣୀ ତାଙ୍କ ନାମର ଦସ୍ତଖତ କରିଛନ୍ତି ।

145 ବର୍ତ୍ତମାନ, ବହୁତ ଭଲ ପ୍ରଶ୍ନ । ତେବେ, ପ୍ରଥମ ସ୍ଥାନରେ, ସେହି ଦ୍ୱନ୍ଦ୍ୱଟି ହେଉଛି, ଯାହା ମୁଁ ବିଜାତୀମାନଙ୍କର ଦିନ ବିଷୟରେ କହିଥିଲି ଯେ ତାହା ସମାପ୍ତ ହୋଇଯିବ ଯେତେବେଳେ ସେହି କ୍ଳେଶ...କ୍ଳେଶ ସମୟରେ । ବର୍ତ୍ତମାନ, ମୁଁ ବାଇବଲରେ ବିଜାତୀମାନଙ୍କୁ ଦେଖେ ନାହିଁ...ସେହି ବିଜାତୀ କନ୍ୟା, କନ୍ୟା, ତେବେ ସେହି ବିଜାତୀ ମଣ୍ଡଳୀ ନୁହେଁ, ସେହି ବିଜାତୀ ମଣ୍ଡଳୀ କ୍ଳେଶ ସମୟ ଦେଇ ଗତି କରିବ (ବୁଝିଲେ?), ମାତ୍ର ସେମାନଙ୍କର ପାଇଁ ନୁହେଁ... ଦେଖନ୍ତୁ, ସେହି କନ୍ୟା ମନୋନୀତ ଅଟେ; ସେମାନେ ଉର୍ଦ୍ଧାନ୍ତିକରଣ ଛଡା ଆଉ କିଛି ଦେଇ ଯାଆନ୍ତି ନାହିଁ । ସେମାନେ କେବଳ ପରିବର୍ତ୍ତିତ ହୋଇଯାଆନ୍ତି ଏବଂ ଜଗତରୁ ନେଇ

ନିଆଯାଆନ୍ତି । ବୁଝିଲେ? ବର୍ତ୍ତମାନ, ମୁଁ ଏହାକୁ ଅନ୍ୟ ଏକ ପ୍ରଶ୍ନରେ ଏଠାରେ ବ୍ୟାଖ୍ୟା କରିବି, ଏହାକୁ ଲୁଥର୍ ସମୟଠାରୁ ଆଣି, ଏବଂ ତାହାପରେ ଆପଣ ଦେଖିବେ ଯେ ଏହାର ଅର୍ଥ କଅଣ ଅଟେ; ଏହା ଶରୀରର ପରିପକ୍ୱ ହେବା ଅଟେ । ବୁଝିଲେ?

146 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ । ତେବେ, ସେହି ଯିହୁଦୀମାନେ ଯେଉଁମାନେକି ଅବଶିଷ୍ଟ ରହିଯାଆନ୍ତି ସେମାନେ ଅଟନ୍ତି ଯାହାକୁ ସେହି ଦୁଇଟି ଭବିଷ୍ୟଦ୍‌ବକ୍ତା, ଏଲିୟ ଏବଂ ମୋଶାଙ୍କ ଦ୍ୱାରା ପ୍ରଚାର କରାଯିବ ।

147 ବର୍ତ୍ତମାନ, ଏହା ମୋର ନିଜର ଚିନ୍ତାଧାରା ଅଟେ, ସେବକ ଭାଇମାନେ, ମୋ ନିଜ ଉପାୟରେ ଅଟେ ଯାହା ମୁଁ ଅନୁଭବ କରେ ଯେ ପବିତ୍ରଆତ୍ମା ମୋତେ ପ୍ରକାଶ କରିଛନ୍ତି ।

148 ତେବେ, ପରବର୍ତ୍ତୀ ବିଷୟ ଯାହା ଘଟିବାକୁ ଅଛି ତାହା ହେଲା ଯିହୁଦୀ, କିମ୍ବା, ବିଜାତୀ, ମନୋନୀତ କନ୍ୟା ଅବଶିଷ୍ଟ ବିଜାତୀମାନଙ୍କ ସହିତ ଉପରକୁ ଉଠାଇ ନିଆଯିବା, ସେହି ମନୋନୀତ କନ୍ୟା ଯାହାକି ଯୁଗ ଯୁଗ ଧରି ରହିଆସିଛି, ସ୍ୱର୍ଗରେ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ଉପରକୁ ଉଠାଇ ନିଆଯିବ । ମୃତମାନେ ପୁନରୁତ୍‌ଥିତ ହେବେ; ଯେଉଁମାନେ ଜୀବିତ ଏବଂ ଅବଶିଷ୍ଟ ଥିବେ ସେମାନେ ପରିବର୍ତ୍ତିତ ହୋଇଯିବେ; ଏବଂ ସେମାନେ ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ମଧ୍ୟ ଆକାଶକୁ ଏକାଠି ଉଠାଇ ନିଆଯିବେ । ତାହାପରେ, ଯେହେତୁ...

149 ମହିମାରେ ବିବାହ ସମାରୋହ ପରେ, ଯୀଶୁ, ଆକାଶରେ ତାହା ହୋଇସାରିବା ପରେ, ଯୀଶୁ ପୃଥିବୀକୁ ଫେରି ଆସନ୍ତି ଏବଂ ଆପଣାକୁ ନିଜ ଲୋକମାନଙ୍କ ନିକଟରେ ପରିଚୟ କରାନ୍ତି, ଠିକ ସେହି ପ୍ରତିରୂପରେ ଯେପରିକି ଯୋଷେଫ ନିଜକୁ ଆପଣା ଭାଇମାନଙ୍କ ନିକଟରେ ଜଣାଇଥିଲେ । ଏବଂ ତାଙ୍କର ପତ୍ନୀ, କୌଣସି ବି ବିଜାତୀ ସେଠାରେ ଉପସ୍ଥିତ ନ ଥିଲେ, କେବଳ ଯୋଷେଫଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ, ଯେତେବେଳେ ସେ ଆପଣାକୁ ନିଜ ଭାଇମାନଙ୍କ ନିକଟରେ ଜଣାଇଥିଲେ । ବର୍ତ୍ତମାନ ସମସ୍ତେ ତାହା ବୁଝିଗଲେ କି?

150 ସେ ପଠାଇ ଦେଇଥିଲେ...ଏପରିକି ତାଙ୍କ ପତ୍ନୀ ରାଜପ୍ରାସାଦରେ ଥିଲେ, ସେହି ପ୍ରତିରୂପକ ଭାବେ ଯେ କନ୍ୟା ସେହି ସମୟରେ ମହିମାରେ ପ୍ରାସାଦରେ ରହିଥିବ। ତାହାପରେ ବିବାହ ସମାରୋହ ପରେ ଯୀଶୁ ନିଜକୁ ଯିହୁଦୀମାନଙ୍କ ନିକଟରେ ପରିଚୟ ଦିଅନ୍ତି (ଦେଖନ୍ତୁ?), ସେହି ସାଢେ-ତିନି-ବର୍ଷ-କାଳ, ଏବଂ—ଏବଂ—ଏବଂ ଯାକୁବଙ୍କ ସଙ୍କଟ, ସେହି ସାଢେ-ତିନି-ବର୍ଷ-କାଳ, ଦାନିୟେଲଙ୍କ ସେହି ସତୁରି ସପ୍ତାହର ଶେଷ ଭାଗ । ମଶୀହଙ୍କୁ ମଧ୍ୟ ଭାଗରେ ଉଚ୍ଛିନ୍ନ କରାଯିବାକୁ ଥିଲା...ଏବଂ ସେ ସାଢେ-ତିନି-ବର୍ଷ-କାଳ ଭବିଷ୍ୟତ୍‌ବାଣୀ କଲେ ଏବଂ ଉଚ୍ଛିନ୍ନ କରାଗଲେ । ତାହାପରେ ସେଠାରେ ସାଢେ-ତିନି-ବର୍ଷ-କାଳ ସେମାନଙ୍କ ଭବିଷ୍ୟଦ୍‌ବକ୍ତା, ମୋଶା ଏବଂ ଏଲିୟଙ୍କ ପାଇଁ ବାକି ଅଛି, ଏବଂ ତାହାପରେ ସେମାନଙ୍କର ସତୁରି ଦିନର ଶେଷରେ ଯାହାକି ସେହି ଲୋକମାନଙ୍କ ଉପରେ ଏବେ ସୁଦ୍ଧା ସ୍ଥିରୀକୃତ ହୋଇଅଛି, ଯେପରିକି ଦାନିୟେଲ କହିଥିଲେ; ଯେ ସେହି ସତୁରି ଦିନର ଶେଷରେ,

ଯୀଶୁଙ୍କୁ ଆପଣାକୁ ସେମାନଙ୍କଠାରେ ପରିଚୟ କରାଇବାକୁ ଅଛି । ସେ ସେହି ପ୍ରଧାନ ଅଟନ୍ତି ଯାହାଙ୍କୁ ଯିହୁଦୀମାନଙ୍କ ନିକଟକୁ ଆସିବାକୁ ଅଛି । ବୁଝିଲେ?

151 ବର୍ତ୍ତମାନ, ଏବଂ ତାହାପରେ ସେହି ସମୟରେ...ଦେଖନ୍ତୁ, ସେହି ବିଜାତୀ କନ୍ୟା ସ୍ୱର୍ଗରେ ଅଛି, ଏବଂ ସେହି ଶୁପ୍ତ କୁମାରୀ, ସେହି ବିଜାତୀ କୁମାରୀ, ସେହି ସମୟରେ ରକ୍ଷା କରାଯାଏ ନାହିଁ; ସେ ତ ପୂର୍ବରୁ ରକ୍ଷାପ୍ରାପ୍ତ ହୋଇଅଛି, କିନ୍ତୁ କନ୍ୟାରେ ପ୍ରତ୍ୟାଖ୍ୟାନ କରାଯାଇଅଛି । ଏବଂ ସେ କେବଳ ଶୁଦ୍ଧିକରଣର ସମୟ ପାଇଁ କ୍ଲେଶ ସମୟ ଦେଇ ଗତି କରେ, ଯେହେତୁ ସେ ନିଜର ଶୁଦ୍ଧିକରଣ ନିମନ୍ତେ ରହିଥିବା ଖ୍ରୀଷ୍ଟଙ୍କୁ, ସେହି ବାକ୍ୟକୁ ପ୍ରତ୍ୟାଖ୍ୟାନ କରିଅଛି । ତାହାପରେ ତାକୁ ନିଜର କର୍ମଗୁଡିକ ପାଇଁ ଦଣ୍ଡ ଭୋଗିବାକୁ ଅଛି, କିନ୍ତୁ ସେହି କନ୍ୟା ଯିଏକି ବାକ୍ୟ ହୋଇଅଛି, ଖ୍ରୀଷ୍ଟଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ପ୍ରାୟଶ୍ଚିତକରଣ କରା ଯାଇଥିଲା, କାରଣ ସେ ବାକ୍ୟ ଅଟନ୍ତି । ସେହି ଶରୀରଟି ଉଚ୍ଛିନ୍ନ କରା ଯାଇଥିଲା, ଏବଂ ଯେତେବେଳେ ସେହି ଶରୀରଟି ଉଚ୍ଛିନ୍ନ କରାଗଲା, କନ୍ୟା ସେହି ଶରୀରରେ ରହିଥିଲା, କାରଣ ତାହା ସମସ୍ତ ବାକ୍ୟ ହିଁ ଅଟେ! ଆମେନ୍! କଅଣ ଆପଣ ଏହାକୁ ବୁଝିଲେ?

152 ଯେତେବେଳେ ଯୀଶୁ ସେହି ଶରୀରରେ ଯନ୍ତ୍ରଣା ଭୋଗ କଲେ, ସେ ଏହାକୁ ଭୋଗିଲେ...କାରଣ ଜଣେ ପୁରୁଷ ଏବଂ ସ୍ତ୍ରୀ ଏକ ବ୍ୟକ୍ତି ଅଟନ୍ତି । ହବା ଆଦମଠାରୁ ବାହାର କରା ଯାଇଥିଲେ, ଏବଂ ମଣ୍ଡଳୀ...କଅଣ ଘଟିଥିଲା? ପରମେଶ୍ୱର ଆଦମଙ୍କର—ର ପାର୍ଶ୍ୱକୁ ମେଲା କଲେ ଏବଂ ସେଠାରୁ ଜଣେ ସାହାଯ୍ୟକାରୀଙ୍କି, ସେହି କନ୍ୟାକୁ ବାହାର କଲେ । ଏବଂ ପରମେଶ୍ୱର କାଲଭରୀଠାରେ ଯୀଶୁଙ୍କର ପାର୍ଶ୍ୱକୁ ମେଲା କରି କନ୍ୟାକୁ ସେଠାରୁ ବାହାର କଲେ । ଦେଖନ୍ତୁ? ଏବଂ ଯେତେବେଳେ ଯୀଶୁ କାଲଭରୀରେ ମୃତ୍ୟୁବରଣ କଲେ...ମନେରଖନ୍ତୁ, ସେହି କନ୍ୟାକୁ ସେହି ଶରୀରରୁ ସେପର୍ଯ୍ୟନ୍ତ ବାହାର କରାଗଲା ନାହିଁ ଯେପର୍ଯ୍ୟନ୍ତକି ସେହି ଶରୀର ମରି ନ ଗଲା । ସେ ତ ଆଗରୁ ମରି ସାରିଥିଲେ, ଏବଂ ସେମାନେ ତାହାଙ୍କର ଗୋଡ ଭାଙ୍ଗିବାକୁ ଯାଉଥିଲେ । ଏବଂ ଭବିଷ୍ୟଦ୍‌ବକ୍ତା କହିଲେ, "ଗୋଟିଏ ହାଡ ସୁଦ୍ଧା ଭଙ୍ଗାଯିବ ନାହିଁ ।" ତେଣୁ ସେମାନେ ଗୋଡ ଭାଙ୍ଗିବା ପାଇଁ ହାତୁଡ଼ିକୁ ଉଠାଇଲେ, ଏବଂ ଜଣେ ଲୋକ ବର୍ଚ୍ଛା ନେଇ ତାହାଙ୍କର ବକ୍ଷସ୍ଥଳରେ ହୃଦୟରେ ଭୁସି ଦେଲା; ତେବେ ଜଳ ଓ ରକ୍ତ ବାହାରି ଆସିଲା; ସେ ତ ଆଗରୁ ମରି ଯାଇଥିଲେ । ତାହାଙ୍କର ମୃତ୍ୟୁ ଦ୍ୱାରା କନ୍ୟା ଆଗରୁ ଶରୀରରେ ମୁକ୍ତ ହୋଇ ସାରିଥିଲା, ତେଣୁକରି ତାହା ପାଇଁ ଆଉ କୌଣସି କ୍ଲେଶ ସମୟ ନାହିଁ । ବୁଝିଲେ? ସେ ଭିତରକୁ ଚାଲିଯାଏ । ମାତ୍ର ସେହି ବିଜାତୀ ମଣ୍ଡଳୀ ଯିଏକି କେବଳ ତାହା ଉପରେ ବିଶ୍ୱାସ କରିଥିଲା ଏବଂ ନାମଧାରୀ ମତ ଓ ଉତ୍ୟାଦି ସବୁକୁ ଗ୍ରହଣ କରିଥିଲାୟ, ଏବଂ ତଥାପି...

153 ଯେପରିକି ଏହି ବେଚରା ବ୍ୟକ୍ତିଟି କହିଥିଲେ: "ମୋ ସ୍ୱାମୀ ଏବଂ ପୁଅ, ସେମାନେ ଏବେ ସୁଦ୍ଧା ଜଗତର ବିଷୟବସ୍ତୁ ଏବଂ ସେହିପରି ବିଷୟକୁ ଭଲ ପାଆନ୍ତି..." ଦେଖନ୍ତୁ, ସେମାନେ ସେହି ମୁକ୍ତି କରାଯିବା ବିଷୟକୁ ଗ୍ରହଣ କରି ନାହାଁନ୍ତି, କାରଣ ଯେତେବେଳେ ଆପଣ ତାହା କରନ୍ତି, ଏହା ଆପଣଙ୍କୁ ସ୍ୱତଃ ହିଁ ପରିଷ୍କାର କରି ଦିଏ । "ଯିଏ ପରମେଶ୍ୱରଙ୍କଠାରୁ ଜାତ

ହୋଇଥାଏ ସେ ପାପ କରେ ନାହିଁ।" ଜଗତର ବିଷୟବସ୍ତୁ ପାଇଁ ତାହାଠାରେ କିଛି ହେଲେ, କୌଣସି ଇଚ୍ଛା ରହେ ନାହିଁ।

154 ଯୀଶୁ କହିଲେ, "ଯିଏ ଜଗତକୁ ପ୍ରେମ କରେ (*କସ୍ମୋସ୍* ବର୍ତ୍ତମାନ), କିମ୍ବା ଜଗତର ବିଷୟଗୁଡ଼ିକୁ ପ୍ରେମ କରେ, ତାହାଠାରେ ପରମେଶ୍ୱରଙ୍କ ପ୍ରେମ ସୁଦ୍ଧା ନାହିଁ।" ସେ ବରଙ୍କ ସହିତ ପ୍ରେମରେ ସୁଦ୍ଧା ନାହିଁ। ବୁଝିଲେ? ତେଣୁକରି, ତାକୁ ସେହି ମୂଲ୍ୟ ପରିଶୋଧ କରିବାକୁ ପଡିବ, ଏବଂ ନୁହେଁ...ସେ ସେହି ସମୟରେ ରକ୍ଷା କରା ଯାଏ ନାହିଁ; ତାକୁ ତ ବର୍ତ୍ତମାନ ଅନନ୍ତ ମୃତ୍ୟୁରୁ ରକ୍ଷା କରାଯାଏ; ମାତ୍ର ତାକୁ ଶୁଦ୍ଧିକରଣ ପାଇଁ କ୍ଳେଶ ସମୟ ଦେଇ ଗତି କରିବାକୁ ହେବ। ଦେଖନ୍ତୁ ମୁଁ କଅଣ କହୁଛି? ତେବେ, ବର୍ତ୍ତମାନ, ସେଠାରେ, ମୁଁ ବିଶ୍ୱାସ କରେ ଯେ ତାହା ସେହି ପ୍ରଶ୍ନକୁ ସମାଧାନ କରେ।

155 ଆସନ୍ତୁ ଦେଖିବା, ଏଠାରେ ଆଉ କିଛି ବିଷୟ ଅଛି।

**ଦୟାକରି ବୁଝାଇ ଦିଅନ୍ତୁ, ଯେହେତୁ ଆପଣ କହିଥିଲେ ଯେ ସେଠାରେ ଊର୍ଦ୍ଧାନ୍ତିକରଣରେ କେବଳ ଅଳ୍ପ ସଂଖ୍ୟାରେ ଲୋକମାନେ ଯିବେ।**

ଅର୍ଥାତ ପୃଥିବୀରେ ରହିଥିବା ଏହି ଲୋକମାନେ ଯେଉଁମାନେକି ବଦଳି ଯିବାକୁ ଯାଉଛନ୍ତି। ଯୀଶୁ କହିଲେ, "ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ।"

**ସେହି ଲୋକମାନଙ୍କ ବିଷୟରେ କଅଣ ଯେଉଁମାନେକି ବର୍ତ୍ତମାନ ପ୍ରଭୁଙ୍କଠାରେ ବିଶ୍ୱାସ କରନ୍ତି ଏବଂ ସେପରି କରନ୍ତି ନାହିଁ...ଏବଂ ଯେପରି ଭାବରେକି ଆପଣ ତାହାକୁ ପ୍ରଚାର କରନ୍ତି** (ସେମାନଙ୍କୁ ଏହା ବିଶ୍ୱାସ କରିବାର ଆବଶ୍ୟକତା ନାହିଁ। ମୁଁ ଏହାକୁ ଯେଉଁ ପ୍ରକାରେ ପ୍ରଚାର କରେ ସେମାନଙ୍କୁ ତାହା ବିଶ୍ୱାସ କରିବାର ଆବଶ୍ୟକତା ନାହିଁ। ଦେଖନ୍ତୁ? ତାହାକୁ ବିଶ୍ୱାସ କରିବାର ଆବଶ୍ୟକତା ନାହିଁ।) **... ଶେଷ ଦିନର ବାର୍ତ୍ତା ପାଇଁ। କଅଣ ସେମାନେ ପରିତ୍ରାଣ ପାଇବେ କି?**

156 ହଁ, ଯଦି ସେମାନେ ପ୍ରଭୁଙ୍କୁ ବିଶ୍ୱାସ କରନ୍ତି। ଦେଖନ୍ତୁ? ଏବଂ ଯଦି ସେମାନେ—ଯଦି ସେମାନେ ଏଥିରେ ଅସହମତ ହୁଅନ୍ତି ଏବଂ କୁହନ୍ତି, "ମୁଁ ବିଶ୍ୱାସ କରେ ନାହିଁ ଯେ ସେ ବାକ୍ୟ ଅଟନ୍ତି। ମୁଁ ବିଶ୍ୱାସ କରେ ନାହିଁ ଯେ ଏହା ଠିକ୍ ଅଟେ। ମୁଁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ବିଶ୍ୱାସ କରେ ନାହିଁ," ତାହା ଏହା ଦର୍ଶାଇଥାଏ ଯେ ସେମାନେ କେଉଁ ଆଡେ ଗତି କରୁଛନ୍ତି, ସେହି କ୍ଳେଶର ସମୟ ଆଡକୁ। କିନ୍ତୁ ଯେଉଁମାନେ ବାକ୍ୟକୁ ତାହାର ପରିପୂର୍ଣ୍ଣତାରେ ଗ୍ରହଣ କରିପାରନ୍ତି, ଏଇଥି ପାଇଁ ନୁହେଁ ଯେ ମୁଁ ଏହାକୁ ପ୍ରଚାର କରୁଅଛି, ବରଂ ଏଇଥି ପାଇଁ ଯେହେତୁ ଏହାକୁ ବାଇବଲ ସେହିପରି ବ୍ୟକ୍ତ କରେ। ଯେଉଁମାନେ ଏହାକୁ ଗ୍ରହଣ କରନ୍ତି ସେମାନେ ଉନ୍ମୁକ୍ତ ଅଟନ୍ତି, କାରଣ ସେମାନେ...ବାକ୍ୟ ତ ଆଗରୁ ବିଚାର ହୋଇସାରିଛି।

157 ତେବେ, କଅଣ ଜଣେ ଧାର୍ମିକ ବିଚାରପତି କୌଣସି ବିଷୟ ପାଇଁ ଜଣେ ବ୍ୟକ୍ତିଙ୍କୁ ଦୁଇଥର ବିଚାର କରିପାରିବେ କି ଯଦି ଦଣ୍ଡ ଦିଆଯାଇ ସାରିଥାଏ? ଯଦି ମୁଁ ସେହି ଖୁଚୁରା

ଦୋକାନରେ ଥାଏ, ଏବଂ ଆପଣ ଆସି କହିଲେ, "ମୁଁ ତାକୁ ମୁକ୍ତ କରିବାକୁ ଯାଉଛି"; ଏବଂ ଆପଣ ଭିତରକୁ ଯାଇ ମୋର ମୁକ୍ତି ପାଇଁ ମୂଲ୍ୟ ପରିଶୋଧ କଲେ (ଏବଂ ତାହା ମୋର ସେହି ଖୁଚୁରା ଦୋକାନରେ ରହିଥିବାର ମୂଲ୍ୟ ଅଟେ), ଏବଂ ଆପଣ ମୋର ମୁକ୍ତି ନିମନ୍ତେ ମୂଲ୍ୟ ପ୍ରଦାନ କଲେ, ତାହାହେଲେ ସେହି ଖୁଚୁରା ଦୋକାନୀ ମୋତେ ପୁନର୍ବାର କିପରି ଭାବରେ ଦାବି କରିପାରେ? ଯେପର୍ଯ୍ୟନ୍ତ କି ମୁଁ ପୁନର୍ବାର ବିକ୍ରି କରା ନ ଯାଏ । ସେଠାରେ ଆପଣ ଅଛନ୍ତି । ଯେତେବେଳେ ମୁଁ ବାକ୍ୟର ପରିପୂର୍ଣ୍ଣତାକୁ ପ୍ରତ୍ୟାଖ୍ୟାନ କଲି, ସେତେବେଳେ ମୁଁ ପୁନର୍ବାର ସେହି ଖୁଚୁରା ଦୋକାନକୁ ଫେରିଯାଏ । ଦେଖନ୍ତୁ, ଦେଖନ୍ତୁ? ତାହାପରେ ମୁଁ ବାହାରି ଆସିବା ପାଇଁ ସଂଘର୍ଷ କରେ, ଯଦି ମୁଁ ପାରେ । ମାତ୍ର ସେ ମୋତେ ମୁକ୍ତ କଲେ । ଠିକ୍ ଅଛି । ମୁଁ ଆଶା କରେ ଯେ ତାହା...ମୁଁ—ଏଠାରେ ଏତେ ଗୁଡିଏ ବିଷୟ ଅଛି ଯେ ମୁଁ ଏହା ନେବାକୁ ଚାହେଁ ଯାହାକି...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

**248. ...ଏହା ହେଉଛି ସେହି ତୃତୀୟ ଆକର୍ଷଣ ଏବଂ ବାକ୍ୟକୁ କହୁଅଛି । ଏହା ଆପଣଙ୍କ ପାଇଁ ସଂପୂର୍ଣ୍ଣ ସମ୍ଭବ ମନେହୁଏ ଯେ ଆପଣ ବାକ୍ୟ କୁହନ୍ତି ଏବଂ ଜଣେ ସମଗ୍ର ଭାବେ ଓ ସଂପୂର୍ଣ୍ଣ ଭାବେ ପୁନଃସ୍ଥାପିତ ହୁଅନ୍ତି, ଓ ପୁନରୁତ୍ଥାନରେ ଉର୍ଦ୍ଧାନ୍ତିକରଣ ନିମନ୍ତେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ, ମନୁଷ୍ୟପୁତ୍ର ଭାବରେ ସ୍ଥାପିତ କରାଯାଆନ୍ତି । କଅଣ ଏହା ଏହିପରି ଅଟେ, କି ଏହା ତାହା ନୁହେଁ? ଏବଂ ଆପଣ ତାହା କରିବେ ଯଦି ସଠିକ୍ ଭାବରେ କାର୍ଯ୍ୟକାରୀ କରାଯାଏ, କଅଣ ଆପଣ କରିବେ ନାହିଁ କି? "ଏହି ସମସ୍ତ ଘଟଣାରୁ ରକ୍ଷା ପାଇବାକୁ** (ଏହା ଅବିକଳ ଭାବେ ସେଠାରେ ଅଛି)**—ଏହି ସମସ୍ତ ଘଟଣାରୁ ରକ୍ଷା ପାଇବାକୁ ଓ ମନୁଷ୍ୟପୁତ୍ରଙ୍କ ଛାମୁରେ ଉଭା ହେବାକୁ ସମର୍ଥ ହୁଅ"? (ଲୂକ 21:36)**

158 ତେବେ, ମୋର—ମୋର ପ୍ରିୟ ବନ୍ଧୁ । ଦେଖନ୍ତୁ? ବର୍ତ୍ତମାନ, ମୁଁ ଏଠାରେ ଭାବୁଛି ଯେ ଆପଣ—ଆପଣ—ଆପଣ ଏକ ପାଇଛନ୍ତି—ଆପଣ ଏକ ଉତ୍ତମ ବକ୍ତବ୍ୟ ପାଇଛନ୍ତି । ହଁ, ଆଜ୍ଞା! ହଁ, ଆଜ୍ଞା! ତେବେ, ତାହା ସେହିପରି ହିଁ ହେବ । ଆପଣ କହିଲେ, "ଭାଇ ବ୍ରାନହାମ୍..." ଅନ୍ୟ ଶବ୍ଦରେ, ଏଠାରେ ତାହା ଯାହାକି ମୁଁ ଅଟେ...ମୁଁ ଭାବୁନାହିଁ ଯେ ଏହା...ମୁଁ ପାରିବି... ମୁଁ ବିଶ୍ୱାସ କରେ ଯେ ମୁଁ...ଆପଣ ଯାହା କହିଲେ ତାହାକୁ ଉପର ଠାଉରିଆ ଭାବେ ସୂକ୍ଷ୍ମ କରୁନାହିଁ, ମାତ୍ର ମୁଁ ବିଶ୍ୱାସ କରେ ଯେ ମୁଁ ଏହାକୁ ଲୋକମାନଙ୍କ ପାଇଁ ଟିକିଏ ଅଧିକ ସ୍ପଷ୍ଟ କରିପାରେ । ଦେଖନ୍ତୁ? ଆପଣ ଏଇଥି ପାଇଁ ବିଶ୍ୱାସ କରୁଛନ୍ତି, ଯେହେତୁ କଥିତ ବାକ୍ୟ ଏବଂ ସେହିପରି ବିଷୟଗୁଡ଼ିକ ହେତୁ ଯାହା ସମ୍ବନ୍ଧରେ ସେ କହିଥିଲେ । ଏବଂ ଏଠାରେ ଥିବା ଆପଣ ସମସ୍ତେ ଗୁଣ୍ଡୁଚି ମୂଷା ଏବଂ ଏହି ଅନ୍ୟ ସମସ୍ତ ବିଷୟର ସାକ୍ଷୀ ରହିଛନ୍ତି ଯାହାକି କରା ଯାଇଅଛି । ମାତ୍ର କଅଣ ଆପଣ ଧ୍ୟାନ ଦେଲେ କି, ଯେ ତାହା ତ ସାର୍ବଭୌମ ଭାବରେ ଦିଆଯାଇଥିଲା! ମୁଁ ତାହାଙ୍କୁ କେବେ ବି ମାଗି ନ ଥିଲି, "ପ୍ରଭୁ, ମୋତେ ଏହା କରିବାକୁ ଦିଅ, ଏହିସବୁ କଥା ଏପରି ଭାବରେ କୁହ, ଏହିସବୁ ବିଷୟ ସେଠାରେ କର ।" ମୁଁ ତାହାଙ୍କୁ କେବେ ବି ତାହା ସବୁ ମାଗି ନ ଥିଲି । ସେ ତାହାଙ୍କର ନିଜର ଈଶ୍ୱରୀୟ ଇଚ୍ଛା ଦ୍ୱାରା ମୋ ପାଖକୁ ଆସିଲେ

ଓ କହିଲେ, "ତୁମେ ଯାଇ *ଏହା* କର।" ଦେଖନ୍ତୁ? ମୁଁ ଏହା ବିଷୟରେ ଗୋଟିଏ ହେଲେ କଥା ମାଗୁ ନ ଥିଲି। ମୋଶା କେବେ ବି ମିସରକୁ ଯିବି ବୋଲି ମାଗି ନ ଥିଲେ, କିନ୍ତୁ ପରମେଶ୍ୱର ହିଁ ଥିଲେ ଯିଏକି ତାଙ୍କୁ ମିସରକୁ ପଠାଇଥିଲେ। ଦେଖନ୍ତୁ?

159 ତେବେ, ମୁଁ ବିଶ୍ୱାସ କରେ ଯେ ପବିତ୍ରଆତ୍ମା ମୋ ପାଖକୁ ଆସି ଏକ ଦର୍ଶନରେ କହିବେ, "ଯାଅ ଓ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ବ୍ୟକ୍ତିଙ୍କୁ କୁହ ଯେ ସେମାନେ ନୁହଁନ୍ତି—ସେମାନେ ଏକ *ନିର୍ଦ୍ଦିଷ୍ଟ* ବିଷୟକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି, ଏବଂ ସେମାନେ ତାହା କରିପାରିବେ ନାହିଁ। (ଏବଂ ସେମାନେ ଧୂମପାନ କରୁଛନ୍ତି; ସେମାନେ ମଦ ପିଉଛନ୍ତି; ସେମାନେ ମିଛ କହୁଛନ୍ତି, ଚୋରି କରୁଛନ୍ତି, କିମ୍ବା ବ୍ୟଭିଚାର କରୁଛନ୍ତି, ଏହା ଯାହାକିଛି ବି ହୋଇପାରେ; କିମ୍ବା ସେମାନଙ୍କ ପାଖରେ କାମବାସନାର ଆତ୍ମା ଅଛି।) ଏବଂ ଆପଣ କେବଳ ସେଠାକୁ ଯାଆନ୍ତି ଯେଉଁଠାରେକି ସେମାନେ ଥାଆନ୍ତି ଏବଂ କୁହନ୍ତି, 'ହେ ଆତ୍ମା, ସେଠାରୁ ବାହାରି ଆସ; ମୁଁ ଏହି ବନ୍ଦୀକୁ ମୁକ୍ତ କରୁଅଛି।'" କଅଣ ଏହା ଘଟିବ କି? ଅବଶ୍ୟ! ହଁ, ପ୍ରକୃତରେ, ତାହା ଅବଶ୍ୟ ହିଁ ହେବ; ଏହା ଘଟିବ। ମାତ୍ର ବର୍ତ୍ତମାନ, ମୋର ନିଜ ଅନୁମାନର ଆଧାରରେ...ତେବେ, *ଅନୁମାନ* ର...ଅର୍ଥ "ଅଧିକାର ବିନା ଦୁଃସାହସିକ କାର୍ଯ୍ୟ କରିବାକୁ ଯିବା। ଦେଖନ୍ତୁ? ମୁଁ ଏହି ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେଠାକୁ ଯାଏ; ମୁଁ କେବଳ ଅନୁମାନ କରୁଛି ଯେ ଏହା ସବୁକିଛି ଠିକ୍ ହେବ। ବୁଝିଲେ? ତାହାପରେ ମୁଁ ଜାଣେ ନାହିଁ; ମୁଁ ସେମାନଙ୍କ ଉପରେ ପ୍ରଭୁଙ୍କର ନାମ ନେଇ ଡାକିପାରେ; ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରିପାରେ, ମୋର ଯାହା ଇଚ୍ଛା ତାହା କରିପାରେ।

160 ଯଦି ଆଜି ସକାଳେ ମୁଁ ମୋର ନିଜର ଇଚ୍ଛାରେ କରିପାରନ୍ତି...ମୁଁ—ମୁଁ ଏହି ଅଳ୍ପ ସମୟ ପୂର୍ବେ ସେହି ଚକ ଲଗା ଚୌକିରେ ବସିଥିବା ଏହି ସାନ ମହିଳା ସହିତ ଏକ ସାକ୍ଷାତକାର କଲି। ଆଜି ଏହି ସଭାକୁ ଆସିବା ପାଇଁ, ସେମାନଙ୍କୁ ଚିକାଗୋସ୍ଥିତ ତାଙ୍କ ଘରୁ ବାହାରକୁ ଆଣିବା ପାଇଁ ସେହି ଅଗ୍ନିଶମ ବିଭାଗକୁ ଡକାଯିବାର ଆବଶ୍ୟକତା ପଡିଲା; ଏବଂ ଲୋକମାନେ ରାସ୍ତା ଆରପାରୀରେ ରୁହନ୍ତି ଏବଂ ସଭାକୁ ଆସନ୍ତି ନାହିଁ। ଦେଖନ୍ତୁ?

161 ମୁଁ କଅଣ କରିବି? ଯଦି ଏହା ମୋ ଅଧିକାରରେ ଥାଆନ୍ତା...ଏହା ତ ରହିଛି...ମୋର ଏହା କରିବାର ଅଧିକାର ଅଛି, କିନ୍ତୁ ମୋତେ ଏହା କରିବା ପାଇଁ ନିର୍ଦ୍ଦେଶଗୁଡିକୁ ଅପେକ୍ଷା କରିବାକୁ ପଡିଥାଏ। ବୁଝିଲେ? ମୋର ଏହା କରିବା ପାଇଁ ପରମେଶ୍ୱରଙ୍କଠାରୁ ଅଧିକାର ଅଛି; କିନ୍ତୁ ବର୍ତ୍ତମାନ, ଯେତେବେଳେ ସେ ଆଦେଶ ଦିଅନ୍ତି, ସେ ଭଲ ହୋଇ ଘରକୁ ଫେରିଯିବେ। ବୁଝିଲେ? ମୁଁ ଜାଣେ ଯେ ତାହା ସତ୍ୟ ଅଟେ। ଦେଖନ୍ତୁ? ମୁଁ ଆଜି ସକାଳେ ମଧ୍ୟ ସେହି ବିଷୟ ଉପରେ ମରିବା ପାଇଁ ସେତିକି ଇଚ୍ଛୁକ ଅଟେ ଯେତିକି ମୁଁ—ମୁଁ କୌଣସି ବିଷୟରେ ହେବି। ବୁଝିଲେ? ତାହା ସତ୍ୟ ଅଟେ।

162 କିନ୍ତୁ ପ୍ରଥମେ, ଆପଣ ଦେଖନ୍ତୁ, ଏହା ତ ସବୁକିଛି ତାହା ଅଟେ...କେହି ନୁହଁ, ଏପରିକି ଯୀଶୁ ମଧ୍ୟ ନିଜେ କହିଥିଲେ, "ପୁତ୍ର ନିଜଠାରୁ କିଛି କରିପାରନ୍ତି ନାହିଁ, ମାତ୍ର ଯାହା ସେ ପିତାଙ୍କୁ

କରୁଥିବାର ଦେଖନ୍ତି, ପୁତ୍ର ଠିକ ସେହି ପ୍ରକାରେ ତାହା କରନ୍ତି ।” ଆମେ ତାହା ଜାଣୁ । ସାଧୁ ଯୋହନ 5:19 । ଠିକ୍ ଅଛି । “ପୁତ୍ର ନିଜଠାରୁ କିଛି କରନ୍ତି ନାହିଁ, ମାତ୍ର ଯାହା ସେ ପିତାଙ୍କୁ କରୁଥିବାର ଦେଖନ୍ତି, ପୁତ୍ର ମଧ୍ୟ ଠିକ ତାହା କରିବେ ।” ଠିକ୍ ଅଛି ।

**249. କଅଣ ଆପଣ ଅନେକ ବର୍ଷ ପୂର୍ବେ ଦେଖିଥିବା ସେହି ମହାନ ଆଶ୍ଚର୍ଯ୍ୟକର୍ମ ବିଷୟରେ ସେହି ଦର୍ଶନଟି ଯାହାକି ଇଣ୍ଡିୟାନାର, କୋରିଡନ୍ ନିକଟରେ ଘଟିବାକୁ ଥିଲା, କେବେ ସଫଳ ହେଲା କି?**

163 ମୁଁ ଏହାକୁ ମୋ ପୁସ୍ତକରେ ଦେଖିଲି ଯେତେବେଳେ ମୁଁ ଏହାକୁ ପାଇଥିଲି ଓ ଏକ ପ୍ରଶ୍ନ ଚିହ୍ନ ଦେଇଥିଲି । ତେବେ, ଏପରି ଏକ ସମୟ ରହିବାକୁ ଥିଲା ଯେତେବେଳେକି ମୋତେ... ଦେଖିବାକୁ ଥିଲା ଯେ ସେହି ଦେବଦାରୁ ଗଛଗୁଡିକ କେଉଁଠାରେ...ଠିକ ଯେତେବେଳେ ଆପଣ ସେଠାରେ ପାହାଡରୁ ତଳକୁ ଆସିବା ଆରମ୍ଭ କରନ୍ତି, ଅନ୍ୟ ପଟରେ, କୋରିଡନ୍ ଆଡକୁ ଯାଉଥାଆନ୍ତି, ନ୍ୟୁ ଆଲ୍‌ବାନିଠାରେ ପାହାଡ ଉପରକୁ ଆପଣ ଚଢିଯିବା ପରେ, ମୋତେ ସେହି ଦେବଦାରୁ ଗଛଗୁଡିକୁ ଏକ ଭୟଙ୍କର ଦୁର୍ଘଟଣା ପାଇଁ ଅତି ଧ୍ୟାନ ସହକାରେ ଦେଖିବାକୁ ଥିଲା ଯେଉଁଥିରେକି ମୁଁ ରହିବାକୁ ଯାଉଥିଲି । ଏବଂ ପରମେଶ୍ୱରଙ୍କ କୃପାରୁ, ମୁଁ ଏଥିରୁ ରକ୍ଷା ପାଇଥିଲି ଯେତେବେଳେ ଜଣେ ଯୁବା ଝିଅ, ୱିସ୍କି ମଦ ବୋତଲ ପିଉଥାଇ, ମରି ଯାଇଥିଲା; ତାର ପାଟିରେ ଥିବା ସେହି ବୋତଲ ଦ୍ୱାରା ତାର ଗଳା କଟି ଯାଇଥିଲା, ଷୋହଳ ବର୍ଷର ଝିଅଟିଏ, ଏବଂ ସେହି ସମୟରେ ମୁଁ ଠିକ ସେଠାରେ ରହିଥିଲି । ଦେଖନ୍ତୁ? ତେବେ, ବୋଧହୁଏ ଏହା ତାହା ହୋଇଥାଇପାରେ ଯାହା ବିଷୟରେ ଆପଣ କହୁଛନ୍ତି । ମୁଁ ତାହା ପାଠ କରିଛି ।

164 ଏବଂ ତାହାପରେ ମଧ୍ୟ, ଯେତେବେଳେ ଭାଇ ବିନ୍‌ବ୍ଲୋସମ୍‌ଙ୍କଠାରେ ମୋର ଏହି ସଭା ହେଉଥିଲା...ଏହା ତାହା ହୋଇଥାଇପାରେ । ଏହା ଜର୍ଜି କାର୍ଟର ହୋଇଥାଇପାରନ୍ତି । ବୁଝିଲେ? ସେଠାରେ ଆଉ ଏକ ଘଟଣା ଘଟିଥିଲା । ଏବଂ ତେବେ ସେଠାରେ ସେମାନେ ଚାରି କିମ୍ୱା ପାଞ୍ଚ ଜଣ ଥିଲେ...ଯାହା ଘଟିଥିଲା ତାହା ବ୍ୟତୀତ ମୁଁ ଆଉ କିଛି ଦେଖି ନ ଥିଲି । ଯଦି—ଯଦି ଏହା ଲେଖିଥିବା ସେହି ବ୍ୟକ୍ତିଜଣକ କେବଳ ଏହାକୁ ପୁନର୍ବାର ଲେଖିବେ ଓ ମୋତେ ଜଣାଇବେ ଯେ ମୁଁ ସେହି ସମୟ ମଧ୍ୟରେ କଅଣ କହିଥିଲି, ତାହାହେଲେ ମୁଁ ଏହାକୁ ଦେଖିବି । ବୁଝିଲେ? ଯଦି ଆପଣ ମୋତେ କେବଳ ତାହା କହିବେ ଯାହା ମୁଁ କହିଥିଲି, ସେହି ଦର୍ଶନ...କାରଣ ମୁଁ ସେହି ଦର୍ଶନରେ ସେଠାରେ ସେହି ବିଷୟଗୁଡ଼ିକୁ ଲକ୍ଷ୍ୟ କରିଥିଲି ଯାହା ମୁଁ ବହିରେ ଲେଖି ରଖିଛି, ଏବଂ ଏଠାରେ ତାହା ଅଟେ ଯେଉଁଠାରେକି ତାହା ଏହିପରି ଭାବରେ ଘଟିଥିଲା । ମୋର ସେପରି କିଛି ଲିଖିତ ହୋଇ ରଖାଯାଇ ନାହିଁ, ଏହାର ବାହାରେ ଏପରି କିଛି ନିର୍ଦ୍ଦିଷ୍ଟ ବିଷୟ, ଯାହାକି ମୁଁ ଜାଣିଥିଲି ।

165 ଏବଂ ତାହାପରେ ସେଠାରେ ଆଉ ଏକ ବିଷୟ ଥିଲା; ତାହା ଥିଲା ସେହି ସମୟରେ ଓମାର ପ୍ରାଇସ୍‌ର ଧର୍ମାନ୍ତରଣ ଯେତେବେଳେକି ସେ ମୋ ବିରୁଦ୍ଧରେ ଅତ୍ୟଧିକ ଭାବେ ସମାଲୋଚନା କରିଥିଲେ । ଏବଂ ଆପଣ ଜାଣନ୍ତି, ସେ ଆରାଧନାଳୟକୁ ଆସି ପ୍ରଭୁ ଯୀଶୁଙ୍କ

ନାମରେ ବାପ୍ତିଜିତ ହୋଇଥିଲେ । ଓଃ, ସେହି ବିଷୟ ଉପରେ ସେ ମୋ ସହିତ ଏତେ ବାଦ ବିବାଦ କରିଥିଲେ; ଏବଂ ମୁଁ ରାତ୍ରି ସମୟରେ ତାଙ୍କ ସହିତରେ ରହିଥିଲି । ମୁଁ କେବଳ ତାଙ୍କୁ ପ୍ରେମ କରିବା ଜାରି ରଖିଥିଲି, ଠିକ୍ ସେହି ସମାନ ଭାବରେ ସେହିଠାରେ ରହିଥିଲି; କିନ୍ତୁ ସେ ଶେଷରେ ଆସିଲେ, କାରଣ ପ୍ରଭୁ ମୋତେ କହିଥିଲେ ଯେ ସେ ଆସିବାକୁ ଯାଉଛନ୍ତି, ଏବଂ ତେଣୁକରି ମୁଁ—ମୁଁ ଏହା ସହିତ ଠିକ୍ ଲାଗି ରହିଥିଲି । ବୁଝିଲେ?

166 ଠିକ ସେହି ସମାନ ବିଷୟ ମୋ ପଛରେ ବସିଥିବା ସେହି ସାନ ପ୍ରଚାରକ ସହିତ ହୋଇଥିଲା । ଥରେ ମୁଁ ତାଙ୍କ ସହିତ କଥା ହେବା ପାଇଁ ତଳେ କ୍ଲାର୍କସ୍‌ଭିଲ୍‌କୁ ଯାଇଥିଲି, ସେହି ମେଥୋଡିଷ୍ଟ ମଣ୍ଡଳୀରେ ତାଙ୍କ ପାଇଁ କଥା ହେବାକୁ ଯାଇଥିଲି, ଏବଂ ସେ ସମ୍ପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଭାବରେ ମେଥୋଡିଷ୍ଟ ଥିଲେ, ମୋର ଯାହା କହିବାର ଅର୍ଥ ଅଟେ । ମୁଁ ଏଠାରେ ଉପରକୁ ଫେରି ଆସିଲି; ମୁଁ କହିଲି, "କୌଣସି ଦିନେ ମୁଁ ତାଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବି ।" ଏବଂ ମୁଁ କଲି; ତାହା ହେଉଛନ୍ତି ଭାଇ ନେଭିଲ୍!

**250. କଅଣ ଏହା ମୋ ପାଇଁ ଏକ ସୌନ୍ଦର୍ଯ୍ୟ ଦୋକାନ— ଚଲାଇବା ଭୁଲ୍ ଅଟେ— କଅଣ ଏହା ମୋ ପାଇଁ ଭୁଲ୍ ଅଟେ କି? ମୁଁ ଜଣେ ସୌନ୍ଦର୍ଯ୍ୟ ପ୍ରସାଧିକା ଅଟେ ଏବଂ ଖ୍ରୀଷ୍ଟିଆନମାନଙ୍କର କେଶ କାଟିବାକୁ ବିଶ୍ୱାସ କରେ ନାହିଁ, କିନ୍ତୁ ମୁଁ ଅନ୍ୟମାନଙ୍କର କାଟିଥାଏ ଏବଂ** (ମୁଁ ଅନୁମାନ କରୁଛି ଏହାକୁ ଟି-ଣ୍ଟ, **ଟିଣ୍ଟ**, ଯାହାର ଅର୍ଥ ହେଉଛି ରଙ୍ଗ, ମୁଁ ଅନୁମାନ କରୁଛି, କଅଣ ଏହା ନୁହେଁ କି?) **ରଙ୍ଗ ମଧ୍ୟ କରିଥାଏ ।**

167 ଭଉଣୀ ପ୍ରିୟ, ମୁଁ—ମୁଁ ଜାଣେ ନାହିଁ ଯେ ଆପଣଙ୍କୁ କଅଣ କହିବି । ଶୁଣନ୍ତୁ, ମୁଁ ସ୍ତ୍ରୀଲୋକମାନଙ୍କୁ ତାହା ବିଷୟରେ କହିପାରେ ନାହିଁ, ସେମାନଙ୍କ କେଶରେ ରଙ୍ଗ ଲଗାଇବା ବିଷୟରେ କହିପାରେ ନାହିଁ । ମୋ ପାଖରେ ତାହା ବିରୁଦ୍ଧରେ କୌଣସି ଶାସ୍ତ୍ର ନାହିଁ; ମୁଁ କେବଳ ଶାସ୍ତ୍ର ସହିତ ରହିପାରେ । ଦେଖନ୍ତୁ? ତାହା ନ କରିବା ପାଇଁ ଶାସ୍ତ୍ର ସେମାନଙ୍କୁ କୁହେ ନାହିଁ । ଶାସ୍ତ୍ର କୁହେ ଯେ ତାଙ୍କର ଲମ୍ବା କେଶ ରହିବା ଉଚିତ୍, ଏବଂ ତାହା ପରେ, ମୁଁ ଜାଣେ ନାହିଁ ଯେ କେଉଁଆଡେ ଯିବାକୁ ଅଛି । ଦେଖନ୍ତୁ? ମୁଁ—ମୁଁ ତାହା ବିଷୟରେ କିଛି ହେଲେ ଜାଣେ ନାହିଁ ।

168 ତେବେ, ଜଣେ ସାନ ସେବକ ଯିଏକି ଏଠାରେ କେଉଁଠାରେ ଉପସ୍ଥିତ ଅଛନ୍ତି ଯାହାଙ୍କୁ ମୁଁ ଜାଣେ, ମୋର ଜଣେ ପ୍ରିୟ ବନ୍ଧୁ, ଆମେ ଅନ୍ୟ ଏକ ଦିନ ଏକାଠି ବ୍ଲୁ ବୋରଠାରେ କଥାବାର୍ତ୍ତା ହେଉଥିଲୁ ଯେତେବେଳେ ଆମେ ରାତ୍ରି ଭୋଜନ କରୁଥିଲୁ । ସେ କହିଲେ, "ମୋ ପତ୍ନୀ ଏକ ପ୍ରକାରେ ଆପଣଙ୍କ ସମ୍ମୁଖରେ ଆସିବାକୁ ଲଜ୍ଜିତ ଅଟନ୍ତି ।" ଜଣେ ଅତି ସାଧୁ, ଧାର୍ମିକ, ସାନ ସ୍ତ୍ରୀଲୋକଟିଏ, ଏବଂ ସେ ଜଣେ—ଜଣେ ସୁନ୍ଦର ସାନ ମହିଳା ଅଟନ୍ତି, ଜେଜେମା, ଏବଂ... କିନ୍ତୁ ସେ ଜଣେ ସୁନ୍ଦର, ଶୁଚି, ବାସ୍ତବ...ମୋ ପତ୍ନୀ ଏହି ମହିଳା ବିଷୟରେ ଅତ୍ୟନ୍ତ ପ୍ରଭାବିତ ଅଟନ୍ତି, ଏବଂ—ଏବଂ ମୁଁ ଭାବୁଛି ସେ ଜଣେ ପ୍ରକୃତ, ପ୍ରକୃତ ମହିଳା ଅଟନ୍ତି । ସେ...ମୁଁ ଜାଣେ ନାହିଁ ଯେ ସେ ଏଠାରେ ବସିଛନ୍ତି କି ନାହିଁ; ମୁଁ ଅନୁମାନ କରୁଛି ସେ ଅଛନ୍ତି । ମୁଁ ଭାବୁଛି ତାଙ୍କ ସ୍ୱାମୀ ଏଠାରେ ଅଛନ୍ତି । ଏବଂ ସେ ମୋତେ କହିଲେ; ସେ କହିଲେ, "ସେ ଆପଣଙ୍କର ପ୍ରଚାର ଶୁଣିବା ପରେ ନିଜର କେଶକୁ ବଢିବାକୁ ଦେଇଛନ୍ତି ଏବଂ ସେ ଦେଖିଲେ ଯେ ଏହା ଠିକ ଥିଲା,

ମାତ୍ର," କହିଲେ, "ସେ ନିଜର କେଶରେ କିଛି ରଙ୍ଗ ବ୍ୟବହାର କରୁଛନ୍ତି; ଏବଂ ସେ ନିଜର ଶତ ଚେଷ୍ଟା କରୁଛନ୍ତି ଯେ ସେହି ସବୁ ରଙ୍ଗ ବାହାରି ଯାଉ ଏହା ପୂର୍ବେ କି ସେ ଏଠାରେ ଆଖପାଖରେ ରହିପାରନ୍ତି ଯେଉଁଠାରେ ଆପଣ ଥାଆନ୍ତି ।"

169 ତେବେ ଦେଖନ୍ତୁ, ଭଉଣୀ ପ୍ରିୟ, ମୁଁ ଏହାକୁ ଅତ୍ୟଧିକ ସମ୍ମାନ କରେ । ମୋର ସେହି ଜଣେ ମହିଳାଙ୍କ ପାଇଁ ସମ୍ମାନ ଅଛି ଯିଏକି ତାହା କରିବେ । କୌଣସି ମହିଳାଙ୍କ ପାଇଁ କେବଳ ସେହିପରି ଆସିଯିବା ଓ ଯେକୌଣସି ପ୍ରକାରେ କେଶ ବିନ୍ୟାସ କରିବା, କିମ୍ଵା ଆପଣଙ୍କ ପାଦରେ ଛେପ ପକାଇବା ଓ ଅହଙ୍କାରୀ ହୋଇ ଚଲାବୁଲା କରିବା ଏବଂ ଆଦୌ କୌଣସି ସମ୍ମାନ ନ କରିବା, ମନେରଖନ୍ତୁ, ଯୀଶୁ କହିଥିଲେ, "ତୁମେ ଏମାନଙ୍କ ସହିତ ଯାହା ବ୍ୟବହାର କର, ତାହା ତୁମେ ମୋ ସହିତ କରିଅଛ ।" ବୁଝିଲେ? ଏବଂ ମୁଁ ଆପଣଙ୍କ ଭିତରେ ତାହାକୁ ସମ୍ମାନ କରେ, ଏବଂ ଏଥିପାଇଁ ପରମେଶ୍ଵର ଆପଣଙ୍କୁ ଆଶୀର୍ବାଦ କରିବେ ।

170 କିନ୍ତୁ, ଭଉଣୀ, କେଶ ରଙ୍ଗ କରିବା କିମ୍ଵା ସେହିପରି କିଛି ବିଷୟରେ, ମୁଁ—ମୁଁ ଜାଣେ ନାହିଁ । ମୁଁ—ମୁଁ ଏହାକୁ ଶାସ୍ତ୍ର ସହିତ ସମର୍ଥନ କରିପାରେ ନାହିଁ, ତେଣୁ ମୁଁ...ତାହା କେବଳ ଆପଣଙ୍କ ଉପରେ ନିର୍ଭର କରେ । କଅଣ ଆପଣ ଦେଖୁଛନ୍ତି? ଆପଣ, ଯଦି ଆପଣ ତାହା କରିବାକୁ ଚାହୁଁଛନ୍ତି, ତେବେ ତାହା ମୋ ସହିତ ସମ୍ପୂର୍ଣ୍ଣ ଭାବେ ଠିକ୍ ଅଟେ । ଯେତେ ଦୂର ମୁଁ ଜାଣେ, ମଣ୍ଡଳୀର ଏପରି କୌଣସି ପ୍ରଥା ନାହିଁ । ଯଦି ଆପଣ ଚାହାଁନ୍ତି...ଯେକୌଣସି ବିଷୟ ଯାହାକି ଏହି ବାଇବଲରେ ନାହିଁ, ତେବେ, ଆପଣ କେବଳ...ତାହା ଆପଣଙ୍କ ଉପରେ ନିର୍ଭର କରେ । କଅଣ ଆପଣ ଦେଖୁଛନ୍ତି କି? କିନ୍ତୁ ମୁଁ ଆପଣଙ୍କୁ ମୋର ପରାମର୍ଶ ଦେବି, ଆପଣ ଦେଖନ୍ତୁ, ଏବଂ ଯେତେ ଦୂର ମୁଁ ଜାଣେ...ଆପଣ ଜାଣନ୍ତି, ଯେ ଏହା ତ ନାରୀର ସ୍ଵଭାବ ଅଟେ ଯେ ସେ ସୁନ୍ଦର ଦେଖାଯିବାକୁ ଇଚ୍ଛା କରେ; ତାକୁ ତ ସେହିପରି ହିଁ ରହିବା ଉଚିତ୍ ।

171 ଆପଣ ଜାଣନ୍ତି, ଯେ ପ୍ରତ୍ୟେକ ପ୍ରାଣୀ ଜଗତରେ, ଅଣ୍ଡିରାଟି ସବୁଠାରୁ ସୁନ୍ଦର ଦିଶେ, ମାତ୍ର ମାନବ ଜାତିରେ । କୌଣସି ପକ୍ଷୀ, ଗାଈକୁ ନିଅନ୍ତୁ । ପଶୁର ଗୋଠକୁ ନିଅନ୍ତୁ । କେଉଁଟି ସବୁଠାରୁ ସୁନ୍ଦର ଥାଏ, ସେହି ପୁରୁଣା ଖଣ୍ଡିଆ-ଶୃଙ୍ଗ ଥିବା ଗାଈ ନା ସେହି ବଡ ଷଣ୍ଢ? ଗୋଟିଏ ହରିଣକୁ ନିଅନ୍ତୁ; କେଉଁଟି, ଛୋଟ ମାଈ ହରିଣ ନା ସେହି ଅଣ୍ଡିରା ହରିଣ? ସେହି ବଡ଼ ପ୍ରଜାତିର ଏଲ୍କ ହରିଣର ଗୋଠକୁ ନିଅନ୍ତୁ; କେଉଁଟି ସବୁଠାରୁ ସୁନ୍ଦର ଥାଏ, ଅଣ୍ଡିରା ନା ମାଈ? ମୁସ୍ ପ୍ରଜାତିର ହରିଣ, ଆପଣ ଯାହାକୁ ନେବାକୁ ଚାହୁଁଛନ୍ତି ନିଅନ୍ତୁ । ଏହାକୁ ନିଅନ୍ତୁ—ଏହାକୁ ପକ୍ଷୀରେ ନିଅନ୍ତୁ; ଏହାକୁ କୁକୁଡ଼ାରେ ନିଅନ୍ତୁ, ଗଞ୍ଜା ନା ସେହି ମାଈ କୁକୁଡ଼ା? ଏହାକୁ ପକ୍ଷୀରେ ନିଅନ୍ତୁ, ସେହି ଛୋଟ...ସେହି ବଡ ସୁନ୍ଦର ଅଣ୍ଡିରା କାର୍ଡିନାଲ୍ ପକ୍ଷୀ କିମ୍ଵା ସେହି ଛୋଟ ଚିତ୍ କାବରା କୁକୁଡ଼ା, ଯିଏକି ନିଜ ବସାରେ ବସି ଅଣ୍ଡାଗୁଡିକୁ ଫୁଟାଇଥାଏ? ଦେଖନ୍ତୁ? ସମଗ୍ର ପ୍ରଜାତିରେ ସବୁକିଛି, ସର୍ବଦା ସେହି—ସେହି ଅଣ୍ଡିରାଟି ସବୁଠାରୁ ସୁନ୍ଦର ଥାଏ, କିନ୍ତୁ ମାନବ ଜାତିରେ ସେହି ନାରୀ ଅଟେ । କାହିଁକି? ସେ ପତନ ଘଟାଇଥିଲା । ଶୟତାନ ତାକୁ ସେଠାରେ ବାଛି ନେଇଥିଲା, ଏବଂ ସୌନ୍ଦର୍ଯ୍ୟ ଶୟତାନର ଅଟେ । ଦେଖନ୍ତୁ?

172 ଶୟତାନ ସବୁଠାରୁ ସୁନ୍ଦର ଦୂତ ଥିଲା। ସେ ତ ସେହି କିରୁବ ଥିଲା ଯିଏକି ଆଚ୍ଛାଦନ କରୁଥିଲା। ଦେଖନ୍ତୁ ଯେ ସେହି ସ୍ତ୍ରୀଲୋକ ଆଜି ତାହାଠାରୁ କେତେ ଭିନ୍ନ ଦିଶୁଅଛି ଯାହାକି ସେ ଥରେ ଦିଶୁଥିଲା। କେତେ ଜଣଙ୍କୁ ପର୍ଲ ମନେ ଅଛି, କିମ୍ବା, ପର୍ଲ ବ୍ରାୟନ୍ ବିଷୟରେ ପାଠ କରିଛନ୍ତି? ଆସନ୍ତୁ ଆପଣମାନଙ୍କର ହାତଗୁଡିକୁ ଦେଖିବା, ଆପଣଙ୍କ ମଧ୍ୟରୁ କେତେକ ବୟସ୍କ ଲୋକମାନଙ୍କୁ। ନିଶ୍ଚିତରେ। ଦେଖନ୍ତୁ? ଆମେରିକାର ସବୁଠାରୁ ସୁନ୍ଦର ମହିଳା ବୋଲି ମନେ କରାଯାଏ। ବର୍ତ୍ତମାନ ସମୟରେ ରାସ୍ତାରେ ଚାଲି ଯାଉଥିବା ଯେକୌଣସି ସାନ ଦୁଷ୍ଟ କିଶୋର ପିଲା ତାହାଠାରୁ ଦୁଇଗୁଣ ସୁନ୍ଦର ହେବ। କାହିଁକି? ଏହା ତ ଅବିକଳ ଠିକ ତାହା ଅଟେ ଯାହାକି ବାଇବଲ କୁହେ: “ଯେତେବେଳେ ପରମେଶ୍ୱରଙ୍କ ପୁତ୍ରମାନେ ମନୁଷ୍ୟର କନ୍ୟାମାନଙ୍କୁ ସୁନ୍ଦର ଦେଖିଲେ...” ତାହା ତ ପଶ୍ଚାଦଗମନକାରୀ ବିଦ୍ରୋହୀମାନଙ୍କର ଏକ ଦଳ ଥିଲା ଯାହାକି ପୃଥିବୀ ଉପରେ ଜଳପ୍ଲାବନକୁ ନେଇ ଆସିଥିଲା, ଯେଉଁଥି ଯୋଗୁ ପରମେଶ୍ୱର ସମଗ୍ର ମାନବ ଜାତିକୁ ଧ୍ୱଂସ କରି ଦେଇଥିଲେ। ଦେଖନ୍ତୁ? ଏହା ଅବିକଳ ଠିକ୍ ଅଟେ। ଏବଂ ଆଜି ସବୁକିଛି ହଲିଉଡ ଉପରେ ଆଧାରିତ ଏବଂ—ଏବଂ ସୌନ୍ଦର୍ଯ୍ୟ ଓ ସେହିପରି ବିଷୟ ସବୁ, ଯେତେବେଳେକି ସୌନ୍ଦର୍ଯ୍ୟ ହୃଦୟର ଗୁପ୍ତ ବିଷୟ ଅଟେ (ଦେଖନ୍ତୁ?) ଏବଂ ସେହି ବାହ୍ୟ ରୂପ ନୁହେଁ। ସେମାନେ ଆପଣାକୁ ଶୃଙ୍ଗାର କରନ୍ତୁ, ବାହ୍ୟ ରୂପରେ ନୁହେଁ, ବରଂ ଅନ୍ତରରେ, ନମ୍ର, ଭଦ୍ର ଆତ୍ମା ସହିତରେ। ତାହା ହେଉଛି—ତାହା ହେଉଛି ସେହି ଖ୍ରୀଷ୍ଟିଆନ।

ତେଣୁକରି, ବର୍ତ୍ତମାନ, ଆପଣଙ୍କ ପ୍ରଶ୍ନ ଉପରେ, ଭଉଣୀ, ମୁଁ ଜାଣେ ନାହିଁ ଯେ ଆପଣଙ୍କୁ କଅଣ କହିବି।

ତେବେ, ମୁଁ ବର୍ତ୍ତମାନ ବନ୍ଦ କରି ଦେଇପାରେ କିମ୍ବା ତାହାପରେ ଆହୁରି ତିରିଶ ମିନିଟ୍ ନେଇପାରେ, ଏବଂ ତପ୍ରେ...ତିରିଶ ମିନିଟ୍ ହେବ...? କେତେଜଣ ଆହୁରି ତିରିଶ ମିନିଟ୍ ରହିବେ, ଏବଂ ତେବେ ତାହା ଆଜି ରାତିରେ ଆମକୁ ଆଉ ଟିକିଏ ଅଧିକ ସମୟ ଦେଇ ଦେବ? ତେବେ, ମୁଁ ତାହାହେଲେ ଅତି ଶୀଘ୍ର କରିବି।

**251. ଭାଇ ବ୍ରାନହାମ୍, କଅଣ ପ୍ରଥମ ତୀମଥି 2:9 ର ଅର୍ଥ ଏହା ଯେ ଜଣେ ସ୍ତ୍ରୀଲୋକ ମଣି ମୁକ୍ତାରେ ନିଜର କେଶବିନ୍ୟାସ କରିପାରିବେ ନାହିଁ? କଅଣ ବ୍ରଏଡ୍ କେଶର ଅର୍ଥ “ମଣି ମୁକ୍ତାରେ କେଶବିନ୍ୟାସ” କି?**

173 ତେବେ ଦେଖନ୍ତୁ, ଭଉଣୀ, ବର୍ତ୍ତମାନ ଏହା...ମୁଁ—ମୁଁ ଆନନ୍ଦିତ ଯେ ତାହା ଏହାର ଅନୁବର୍ତ୍ତୀ ହେଲା। ମୁଁ ଏହାକୁ କେବେ ବି ସେଠାରେ ରଖି ନ ଥିଲି, କିନ୍ତୁ ଏହା ଠିକ—ଏହା ତାର ଉତ୍ତମ ଭାବେ ଅନୁବର୍ତ୍ତୀ କଲା।

ଧ୍ୟାନ ଦିଅନ୍ତୁ, ସେହି ଦିନରେ ଏକ ମଣି ମୁକ୍ତାରେ କେଶବିନ୍ୟାସ କରିବା ଗୋଟିଏ ସାଧାରଣ ସ୍ତ୍ରୀଲୋକର ଚିହ୍ନ ଥିଲା; ତାହାହିଁ ଥିଲା ଯାହାକି ସେ ତାହା କରିଥିଲା, କେଶବିନ୍ୟାସ କଲା। ଏବଂ ପାଉଲ ଖ୍ରୀଷ୍ଟିଆନମାନଙ୍କୁ କହିଲେ, “ବର୍ତ୍ତମାନ, ସେହି ଭୂଷିତ ହେବା, ତାହା

ଏକ ମଣି ମୁକ୍ତାରେ କେଶବିନ୍ୟାସ ନ ହେଉ…” (କିମ୍ବା “ବ୍ରଏଡ୍” ଏବଂ “ମଣି ମୁକ୍ତାରେ କେଶବିନ୍ୟାସ” ସେହି ସମାନ କଥା ଅଟେ), ସେମାନଙ୍କର କେଶବିନ୍ୟାସ କରିବା, କାରଣ ଏହା ଅବଶିଷ୍ଟ ଜଗତ ପରି ଦେଖାଯାଉଥିଲା।

174 ବର୍ତ୍ତମାନ, ଆପଣଙ୍କୁ ଜଗତ ପରି ଦେଖାଯିବା କିମ୍ବା ଜଗତ ପରି ଆଚରଣ କରିବା ଉଚିତ୍ ନୁହେଁ! ଦେଖନ୍ତୁ? ସେହି ସ୍ତ୍ରୀମାନଙ୍କୁ ସେଠାରେ ଭିନ୍ନ ହେବା ଉଚିତ୍ ଅଟେ। ଦେଖନ୍ତୁ? ନା, ତେବେ, କେଶବିନ୍ୟାସ କରିବା…ବର୍ତ୍ତମାନ, ଆଜି ମଣି ମୁକ୍ତାରେ କେଶବିନ୍ୟାସ କରିବା ବହୁତ ସୁନ୍ଦର ଦିଶିଥାଏ, ଏବଂ ତାହା ଜଗତର ଫ୍ୟାଶନ୍‌ଠାରୁ ମଧ୍ୟ ବହୁତ ଦୂରରେ ଅଟେ। ତେବେ, ଆପଣ ସ୍ତ୍ରୀମାନଙ୍କୁ ଦେଖନ୍ତୁ, ସେମାନେ ଯେପରି ଆଜି ସେମାନଙ୍କର କେଶକୁ ସଜାଡ଼ନ୍ତି…ନିଜର କେଶକୁ ଯେକୌଣସି ପ୍ରକାରେ ବି ରଖନ୍ତୁ; କେବଳ ଜଗତ ପରି ଦେଖାଯାଆନ୍ତୁ ନାହିଁ! ବୁଝିଲେ? ଏହା ପରି ଦିଶନ୍ତୁ ନାହିଁ କି ପରିଧାନ କରନ୍ତୁ ନାହିଁ! ଯଦି ସେମାନେ ସାନ ପେଣ୍ଟ ପିନ୍ଧନ୍ତି, ଆପଣ ଏକ ପୋଷାକ ପିନ୍ଧନ୍ତୁ। ଯଦି ସେମାନେ—ଯଦି ସେମାନେ ନିଜର କେଶକୁ ସବୁ କରନ୍ତି…ଏହାକୁ ସବୁ କାଟି ଦିଅନ୍ତି ଏବଂ ଛୋଟ ଛୋଟ କରି କର୍ତ୍ତନ କରନ୍ତି, ଏବଂ ସେଗୁଡ଼ିକ ସର୍ବଦା କରନ୍ତି…ତେବେ ଆପଣ—ଆପଣ—ଆପଣ କେବଳ ନିଜର ବଢିବା ପାଇଁ ଛାଡିଦିଅନ୍ତୁ। ବୁଝିଲେ?

175 ଏବଂ ସେହି କେଶବିନ୍ୟାସ—କିନ୍ତୁ ମଣି ମୁକ୍ତାରେ କେଶବିନ୍ୟାସ କରିବା…ପ୍ରଶ୍ନଟି ହେଲା: କଅଣ “ମଣି ମୁକ୍ତାରେ କେଶବିନ୍ୟାସ” ଅର୍ଥ…*ବ୍ରଏଡ୍* ଅର୍ଥ “ମଣି ମୁକ୍ତାରେ କେଶବିନ୍ୟାସ”? ହଁ, ତାହା ଠିକ ଅଟେ। ଏବଂ ବର୍ତ୍ତମାନ, ରାସ୍ତାରେ…

176 ତେବେ, ମୁଁ ଏହା ଦେଖିବାକୁ ଗଲି ଯେ ଅନେକ ବର୍ଷ ପୂର୍ବରୁ ସେହି “ମଣି ମୁକ୍ତାରେ କେଶବିନ୍ୟାସ” ର ଅର୍ଥ କଅଣ ଥିଲା। ଦେଖନ୍ତୁ? ସେହି ସ୍ତ୍ରୀ, ପ୍ରକୃତରେ, ପୁରାତନ ସମୟର ସ୍ତ୍ରୀମାନେ, ସେମାନେ କେବଳ ନିଜ କେଶକୁ ପଛକୁ ଟାଣି ବାନ୍ଧି ଦେଉଥିଲେ, ଅନେକ ଆଜିର ଘୋଡା ଚୁଟି ଭଳି। ଏବଂ ସେମାନେ ଆଖପାଖକୁ ଯାଉଥିଲେ…ସେମାନଙ୍କର ସେହିପରି ପୋଷାକସବୁ ରହିଥିଲା, କିନ୍ତୁ ରାସ୍ତାର ସାଧାରଣ ସ୍ତ୍ରୀମାନେ ସେମାନଙ୍କର କେଶକୁ ନେଇ ନିଜର ମୁଣ୍ଡରେ ସବୁଆଡେ ବାନ୍ଧୁଥିଲେ, ଏବଂ ତାକୁ ସେହିପରି ଗୁଡ଼ାଇ ଦେଉଥିଲେ, ଏବଂ ସେଥିରେ ଫୁଲମାନ ଓ ପ୍ରଭୃତି ବିଷୟ ସବୁ ଲଗାଉଥିଲେ, ଏବଂ ତାହା ଏକ ପ୍ରକାର ସେହି—ସେହି ରାସ୍ତାରେ ଏକ ଅଶିଷ୍ଟ ମହିଳା ପରି ଦିଶୁଥିଲା; ଠିକ ଯେପରିକି ଆଜି ଆମେ ଅଶିଷ୍ଟ ମହିଳାକୁ ଦେଖିଥାଉ, ଯେପରି ଭାବରେ ସେ ପୋଷାକ ପିନ୍ଧିଥାଏ। ମୁଁ *ଅଶିଷ୍ଟ ମହିଳା* କହୁଛି, କାରଣ ଆପଣ ଜାଣନ୍ତି ଯେ ମୁଁ ଜଣେ ବୃଦ୍ଧ ଲୋକ ଅଟେ; ତେଣୁ ତାହାହିଁ ଅଟେ ଯାହାକି ସେମାନେ ମୋ ଦିନରେ ସେମାନଙ୍କୁ ଡାକୁଥିଲେ। ସେମାନେ ଆଜି ସେମାନଙ୍କୁ କଅଣ ବୋଲି ଡାକନ୍ତି? ମୁଁ…ମୋର ପ୍ରଭୁ, ମୁଁ ଜାଣେ ନାହିଁ। *ସୁନ୍ଦରୀ* କିମ୍ବା ସେହିପରି କିଛି କିମ୍ବା ଅନ୍ୟ ଗୋଟାଏ କିଛି। ତେଣୁ…ତାହା ଯାହାକିଛି ବି ଅଟେ। ସେମାନଙ୍କୁ ଯେକୌଣସି ବି ପ୍ରକାରର ଏକ ନାମ ଦିଅନ୍ତୁ, ସେମାନେ ଏହାକୁ ପସନ୍ଦ କରନ୍ତି।

**252. ଭାଇ ବ୍ରାନହାମ୍, ଆପଣ ଗୋଟିଏ ଟେପ୍‌ରେ କହିଥିଲେ ଯେ ନୋହ ତାଙ୍କ ଘର ପରିବାରକୁ ରକ୍ଷା କରିଥିଲେ। ଏହାର ଅର୍ଥ କଅଣ ଏହା ଯେ ଜଣେ ମାଆ ତାର ନିଜ ଘର ପାଇଁ ସେହି ସମାନ ବିଶ୍ୱାସକୁ ରଖିପାରେ? ଏବଂ ଏହାର ଅର୍ଥ କଅଣ ଏହା ଯେ ଯଦି ଆମେ ପରିବାରର ପ୍ରତ୍ୟେକ ଲୋକ ଏହାକୁ ବିଶ୍ୱାସ କରିବା ତେବେ ଆମେମାନେ ଉଦ୍ଧାର ପାଇଯିବା?**

177 ବର୍ତ୍ତମାନ, ତାହା ହେଉଛି...ହଁ, ତାହା ଏକ ପ୍ରକାର...ତେବେ ଆପଣଙ୍କୁ ବର୍ତ୍ତମାନ ଏହା ଲକ୍ଷ୍ୟ କରିବାକୁ ହେବ ଯେପ୍ରକାରେ ମୁଁ ଏହାକୁ ଉତ୍ତର ଦିଏ। ଦେଖନ୍ତୁ? ପ୍ରଥମେ, "ଆପଣ କହିଲେ...(ବର୍ତ୍ତମାନ, ମୋତେ ତାହା ଦେଖିବାକୁ ଦିଅନ୍ତୁ।) ଆପଣ ନିଜର ଗୋଟିଏ ଟେପ୍‌ରେ କହିଥିଲେ ଯେ ନୋହ ତାଙ୍କର ଘର ପରିବାରକୁ ରକ୍ଷା କରିଥିଲେ।" କାହିଁକି? କାରଣ ସେମାନେ ବିଶ୍ୱାସ କରିଥିଲେ। ତାହାହିଁ ଅଟେ, କାରଣ ସେମାନେ ତାଙ୍କର ବାର୍ତ୍ତାକୁ ବିଶ୍ୱାସ କରିଥିଲେ।

178 "ଏହାର ଅର୍ଥ କଅଣ ତେବେ ଏହା ଯେ ଜଣେ ମାଆ ନିଜ ଘର ପାଇଁ ସେହି ସମାନ ବିଶ୍ୱାସକୁ ରଖିପାରେ?" ହଁ, ଭଉଣୀ! ମୁଁ ଗୋଟିଏ ସାନ ମାଆକୁ ଦେଖିପାରେ ଯେ ତାଙ୍କର ହୃଦୟ ତାଙ୍କର ଲୋକମାନଙ୍କ ପାଇଁ କ୍ରନ୍ଦନ କରୁଅଛି। "ଏବଂ ଏହାର ଅର୍ଥ କଅଣ ଏହା ଯେ ଯଦି ଆମେ ପରିବାରର ପ୍ରତ୍ୟେକ ଲୋକ ଏହାକୁ ବିଶ୍ୱାସ କରିବା ତେବେ ଆମେ ସମସ୍ତେ ଉଦ୍ଧାର ପାଇବା?" ହଁ, ଯଦି ସେମାନେ ଏହାକୁ ଗ୍ରହଣ କରିବେ। ତାହା ଠିକ୍ ଅଟେ।

179 ଫିଲିପ୍ପୀୟ ଅଞ୍ଚଳର କାରାଗୃହ ଅଧକ୍ଷଙ୍କୁ ସ୍ମରଣ କରନ୍ତୁ। ଆପଣ ଦୁହିଁଙ୍କ ପାଇଁ ବିଶ୍ୱାସ କରନ୍ତୁ...ଯଦି ଆପଣଙ୍କ ପାଖରେ ନିଜର ପରିତ୍ରାଣ ପାଇଁ ଯଥେଷ୍ଟ ବିଶ୍ୱାସ ରହିଅଛି, ତାହାହେଲେ କଅଣ ଆପଣ ଠିକ ସେହି ସମାନ ବିଶ୍ୱାସକୁ ରଖିପାରନ୍ତି ନାହିଁ କି ଯାହା ଆପଣଙ୍କର ଲୋକମାନଙ୍କ ଉପରେ କାମ କରିବ? ବିଶ୍ୱାସ କଅଣ? ଏହା ଏକ ଅଦୃଶ୍ୟ ଶକ୍ତି ଅଟେ। ବୁଝିଲେ? କଅଣ ଅଟେ—କଅଣ ଅଟେ—ଏହା ଏକ ଆତ୍ମା ଅଟେ। ପବିତ୍ରଆତ୍ମା ବିଶ୍ୱାସକୁ ନେଇ ଆସେ। ବୁଝିଲେ? ଏହା ଏକ ଅଦୃଶ୍ୟ ଶକ୍ତି ଅଟେ।

180 ମୁଁ କାହିଁକି ରୋଗୀମାନଙ୍କ ଉପରେ ହାତ ରଖିବି? ଦେଖନ୍ତୁ? ଯଦି ମୁଁ ସେହି ବ୍ୟକ୍ତିଙ୍କଠାରେ ରହିଥିବା ସେହି ଆତ୍ମାଙ୍କ ସହିତ ସେହି ବ୍ୟକ୍ତିଗତ ସମ୍ପର୍କକୁ ସାଧିତ କରିପାରେ, ତାହାହେଲେ କିଛି ଗୋଟାଏ ଘଟିବାକୁ ଯାଉଥାଏ। ବୁଝିଲେ? ଏଠାରେ ସେହି ପବିତ୍ରଆତ୍ମା ଛିଡା ହୋଇଥାନ୍ତି; ସେ ହୃଦୟର ଗୁପ୍ତ ବିଷୟଗୁଡ଼ିକୁ ପ୍ରକାଶ କରିବେ। ସେ ଅବିକଳ ଠିକ୍ ତାହାହିଁ ସବୁ କରିବେ ଯାହାକି ସେ ଶେଷ ଦିନରେ କରିବେ ବୋଲି କହିଥିଲେ। ଲୋକମାନେ ତାହା ବିଶ୍ୱାସ କରନ୍ତି; ସେମାନେ ଏହାକୁ ଦେଖନ୍ତି, "ହଁ, ମହାଶୟ, ମୁଁ ତାହା ବିଶ୍ୱାସ କରେ।"

181 ବର୍ତ୍ତମାନ, ଯଦି ମୁଁ ଆପଣଙ୍କ ପାଇଁ ଅତି ସାଧାରଣ ନ ହୋଇଯାଏ (ଦେଖନ୍ତୁ?), କେବଳ ଏକ ସାଧାରଣ ବିଷୟ ନ ହୋଇଯାଏ। ଆପଣ ଗୋଟିଏ ଦିନ ପାଦ ଦଳିତ କରିବେ ଏବଂ ପରଦିନ ପାଦ ଦଳିତ କରିବେ। ଦେଖନ୍ତୁ? ତାହା—ତାହା ତ କେବଳ ସୁଯୋଗ-

ନେବା ଅଟେ । ଆପଣ ଏହାକୁ ପ୍ରଥମ ସ୍ଥାନରେ ବିଶ୍ୱାସ କରନ୍ତି ନାହିଁ (ଦେଖନ୍ତୁ?), କାରଣ ଯେତେବେଳେ ଆପଣ ପ୍ରକୃତରେ ଏହାକୁ ବିଶ୍ୱାସ କରନ୍ତି ଠିକ ସେତେବେଳେ ଏହା…ସେହି ସ୍ତ୍ରୀ କହିଲା, "ଯଦି ମୁଁ ତାହାଙ୍କର ବସ୍ତ୍ରକୁ ଛୁଇଁ ଦେଇପାରେ, ତେବେ ମୁଁ ସମଗ୍ର ଭାବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବି," ଆଉ ସେ ତାହା କଲା । ବୁଝିଲେ? ସେ କହିଲା ନାହିଁ, "ମୋତେ ଏହାକୁ ପୁନର୍ବାର ଚେଷ୍ଟା କରିବାକୁ ଦିଅନ୍ତୁ ।" ଦେଖନ୍ତୁ? ସେ ଏହାକୁ ବିଶ୍ୱାସ କରିଥିଲା । ଦେଖନ୍ତୁ? ତାହା ହିଁ—ତାହା ହିଁ…

182 ତେବେ, ଯଦି ଆପଣ କେବଳ ନିଜର ପରିବାର ପାଇଁ ଆପଣଙ୍କ ଭିତରେ ଥିବା ସମସ୍ତ କିଛି ସହ ବିଶ୍ୱାସ କରିବେ…

183 ବର୍ତ୍ତମାନ, ଯେପରିକି ଏଠାରେ, ମୋତେ କଅଣ ପ୍ରେରଣା ଦେଇଥାଏ? ମୋ ବାହୁରେ ଏହି ଶକ୍ତି କଅଣ—କଅଣ ଅଟେ? ଏହା ନିଶ୍ଚିତ ଭାବରେ ମୋର ମାଂସପେଶୀ ନୁହେଁ, ଏହା ତ ମୋର ଆତ୍ମା ଅଟେ । ନିଶ୍ଚିତ ଭାବରେ, ସେହି ଆତ୍ମାକୁ ବାହାର କରି ଦିଅନ୍ତୁ, ଏବଂ ସେହି ମାଂସପେଶୀ କଅଣ କରିବାକୁ ଯାଉଛି? ଏହା ତ ଯେତିକି ମୃତ ହୋଇପାରେ ସେତିକି ମୃତ ଅଟେ । ଦେଖନ୍ତୁ? ଏହା କ୍ଷୟ ହୋଇଯିବ, ମାତ୍ର ଏହା…ଦେଖନ୍ତୁ, ଏହା ତ ଆତ୍ମା ଅଟେ ଯାହାକି ଶକ୍ତିଯୁକ୍ତ କରେ ।

184 ସେହି ଛୋଟ ଶାମ୍‌ଶୋନ୍‌ଙ୍କୁ ଦେଖନ୍ତୁ । ସେମାନଙ୍କ ମଧ୍ୟରୁ ଅନେକେ ଏହିପରି କବାଟଗୁଡିକୁ ଦେଖିଥିବେ ଯେପରିକି ତାହା ଏଠାରେ ଦୁଇଟି ଖମ୍ବ ମଧ୍ୟରେ ଅଛି । କାହିଁକି, ଏତେ ବଡ ଜଣେ ବ୍ୟକ୍ତି ଯିଏକି ଗୋଟିଏ ସିଂହକୁ ନେଇ ତାକୁ ଚିରି ଖଣ୍ଡ ଖଣ୍ଡ କରିପାରେ, ଭାଇ ଜ୍ୟାକସନ୍ । ଗୋଟିଏ ସିଂହ ସେହିପରି ଜଣେ ବ୍ୟକ୍ତିଙ୍କ ଉପରେ ଡେଇଁପଡିବା ଯିଏକି କବାଟକୁ ଉପାଡି ପାରୁଥିଲା…ଏକ ଗୋଦାମ ଘରର କବାଟ ପରି କାନ୍ଧ ସହିତରେ, କାହିଁକି ନିଶ୍ଚିତରେ, ତାହା କୌଣସି ନିଗୁଢ ବିଷୟ ହେବ ନାହିଁ; କିନ୍ତୁ ନିଗୁଢ ବିଷୟଟି ହେଲା, ସେ ଏକ ସାନ କୁଞ୍ଚିତ କେଶ-ବିଶିଷ୍ଟ ବ୍ୟକ୍ତି ଥିଲେ, ସାନ ଉଚ୍ଚତାର, ପରିପକ୍ୱ ବ୍ୟକ୍ତି, ପ୍ରାୟଃ, ଛୋଟ ମାଇଚିଆ, ମାଆର ପଣତ କାନି ଧରିଥିବା ଜଣେ ପୁଅ, ପିଠିରେ ତାର ସାତୋଟି ଛୋଟ ଛୋଟ ମାଇଚିଆ ବେଣୀ ଝୁଲି ରହିଥିଲା । ମାତ୍ର ଆପଣ ଲକ୍ଷ୍ୟ କରନ୍ତୁ, ସେ ତ ଠିକ ଅନ୍ୟ ଯେକୌଣସି ବିଷୟ ପରି ସେତିକି ଅସହାୟ ଥିଲେ ଯେପର୍ଯ୍ୟନ୍ତକି ପ୍ରଭୁଙ୍କର ଆତ୍ମା ତାଙ୍କ ଉପରେ ନ ଆସିଗଲେ । ଏବଂ ଯେତେବେଳେ ପ୍ରଭୁଙ୍କର ଆତ୍ମା ତାଙ୍କ ଉପରେ ଆସିଲେ, ସେହି ସିଂହ ଦୌଡ଼ି ଯାଇ ଗର୍ଜନ କଲା, ଶାମ୍‌ଶୋନ୍ କେବଳ ତାକୁ ଚିରି ଖଣ୍ଡ ଖଣ୍ଡ କରିଦେଲେ । ଏହା ଶାମ୍‌ଶୋନ୍ ନ ଥିଲେ; ଏହା ତ ପ୍ରଭୁଙ୍କର ଆତ୍ମା ଥିଲା ।

185 ବର୍ତ୍ତମାନ, ସେ କିପରି ଏକ ଗର୍ଦ୍ଦଭର ଥୋମଣୀକୁ ନେବାକୁ ଯାଉଛନ୍ତି, ଯାହାକି ସେଠାରେ ସେହି ମରୁଭୂମିରେ ପଡ଼ି ରହି ଧଳା ହୋଇଯାଇଥିଲା…ଏବଂ ପଲେଷ୍ଟୀୟ ଶିରସ୍ତ୍ରାଣଗୁଡିକ ଏକ ଇଞ୍ଚ ମୋଟା ପିତ୍ତଳର ତିଆରି ହୋଇଥିଲା । ତେବେ, ଆପଣ ସେହି ଥୋମଣୀକୁ ନେଇ ସେଗୁଡିକ ମଧ୍ୟରୁ ଗୋଟିଏ ଶିରସ୍ତ୍ରାଣକୁ ଆଘାତ କରନ୍ତୁ, ଏହା ହଜାର

ହଜାର ଖଣ୍ଡ ହୋଇଯିବ। ଆପଣ ତାହା ଜାଣିଛନ୍ତି। ସେମାନେ ସେହି ପୁରୁଣା, ଶୁଖିଲା ଥୋମଣୀକୁ ଆଘାତ କରନ୍ତି...କିନ୍ତୁ ସେଠାରେ ଦେଖନ୍ତୁ, ସେ ସେଠାରେ ନିଜ ହାତରେ ଏହି ଥୋମଣୀକୁ ଧରି ଏକ ହଜାର ପଲେଷ୍ଟୀୟମାନଙ୍କୁ ପରାସ୍ତ କରି ଦେଇଥିଲେ; ଅବଶିଷ୍ଟ ଲୋକମାନେ ପଥରରେ ଲୁଚିଗଲେ। ସେ କହିଲେ, "ଆସ, କଅଣ ତୁମମାନଙ୍କୁ ମଧ୍ୟରୁ କେହି ଏହାର ପାନେ ଚାହୁଁଛନ୍ତି କି?" ସେତେବେଳେ ସୁଦ୍ଧା—ସେତେବେଳେ ସୁଦ୍ଧା ଏହାକୁ ଧରିଥିଲେ! ଏହା କଅଣ ଥିଲା? ପ୍ରଭୁଙ୍କର ଆତ୍ମା ତାଙ୍କ ଉପରକୁ ଓହ୍ଲାଇ ଆସିଥିଲା। ବୁଝିଲେ?

186 ଅତଏବ, ଏହା ପ୍ରଭୁଙ୍କର ଆତ୍ମା ଅଟେ। ଏବଂ ଯେତେବେଳେ ଆପଣ ନିଜ ଭିତରେ ଆପଣଙ୍କର ପରିତ୍ରାଣ ନିମନ୍ତେ ବିଶ୍ୱାସ କରିବାକୁ ପ୍ରଭୁଙ୍କର ଆତ୍ମା ପାଇଥାଆନ୍ତି, ତେବେ ତାହାକୁ ନିଜର ପରିବାର ଉପରେ ରଖନ୍ତୁ। କୁହନ୍ତୁ, "ମୁଁ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଦାବି କରେ; ମୁଁ ଏହାକୁ ଦାବି କରେ! ପରମେଶ୍ୱର, ମୁଁ ଜାଣେ ନାହିଁ ଯେ ଆପଣ କିପରି ଭାବରେ ତାଙ୍କୁ ତାହା କରାଇବାକୁ ଯାଉଛନ୍ତି, ଏବଂ ଆପଣ କିପରି ଭାବରେ ତାଙ୍କୁ ତାହା କରାଇବାକୁ ଯାଉଛନ୍ତି, କିନ୍ତୁ ମୁଁ ଏହାକୁ ବିଶ୍ୱାସ କରେ। ହେ ପ୍ରଭୁ, ମୁଁ ଏହା ବିଶ୍ୱାସ କରେ! ମୋର ଅବିଶ୍ୱାସର ଉପାୟ କର।" ଏହାକୁ ଦାବି କରନ୍ତୁ ଏବଂ ଦେଖନ୍ତୁ ଯେ କଅଣ ଘଟେ। ଏହା ତାହାକୁ ସାଧନ କରିବ।

**253. କଅଣ ସେହି କନ୍ୟା—କଅଣ ସେହି କନ୍ୟା ପାଖରେ ଯୀଶୁଙ୍କର ଆସିବା ପୂର୍ବରୁ, ପବିତ୍ରଆତ୍ମାଙ୍କର ସମସ୍ତ ଶକ୍ତି ରହିବ କି ଯେ ସେ ଆଶ୍ଚର୍ଯ୍ୟକର୍ମ ସାଧନ କରିପାରେ, ମୃତମାନଙ୍କୁ ଉଠାଇ କରିପାରେ, ଏବଂ ପ୍ରଭୃତି ବିଷୟସବୁ କରିପାରେ ଯେପରିକି ଶେଷ ବର୍ଷାରେ ହୋଇଥାଏ—କିଅବା କଅଣ ଏହା ସେହି ଏକ ଲକ୍ଷ ଚୌ-ରାଳିଶ ହଜାର ଯିହୁଦୀମାନଙ୍କ ପାଇଁ ସେହି ଶେଷ ବର୍ଷା କି? କଅଣ ସମସ୍ତ ସେବକଗଣଙ୍କ ପାଖରେ ଏହା ରହିବ କି, କଅଣ ଆମେ, ନା, ଆମେ କେବଳ ସେହି ଆଗମନକୁ ଅପେକ୍ଷା କରୁଅଛୁ?**

187 ହଁ। ଦେଖନ୍ତୁ, ବନ୍ଧୁ, ମୁଁ—ମୁଁ—ମୁଁ ଜଣେ ଧର୍ମଶାସ୍ତ୍ରଜ୍ଞ ନୁହେଁ। ମୁଁ ଜଣେ ଧର୍ମଶାସ୍ତ୍ରଜ୍ଞ ନୁହେଁ; ତେଣୁକରି, ମୋତେ ଆପଣମାନଙ୍କୁ ସେହିସବୁ ବିଷୟ ଛାୟା ଏବଂ ପ୍ରତିଛାୟାରୁ ଶିକ୍ଷା ଦେବାକୁ ପଡିବ ଯାହାକି ମୁଁ ବାଇବଲ ବିଷୟରେ ଜାଣେ। ଆପଣ ମୋତେ ଏକ ପ୍ରକାରେ ପ୍ରତିଛାୟାବାଦୀ ବୋଲି କହିପାରନ୍ତି। କିନ୍ତୁ ଯଦି ମୁଁ ସେହି କାନ୍ଥକୁ ଦେଖିପାରେ, ଏବଂ ମୁଁ ନିଜକୁ କେବେବି ଦେଖି ନାହିଁ; ଏବଂ ମୁଁ ଦେଖେ, ଆଉ ମୁଁ ଦେଖିପାରେ ଯେ ମୋର ଗୋଟିଏ ମୁଣ୍ଡ, ଏବଂ କାନ, ଏବଂ ହାତ ଅଛି, ଆଉ...ମୁଁ ତାହା ବିଷୟରେ କିଛି ଗୋଟାଏ ଜାଣେ ଯେ ଯଦି ମୁଁ କେବେ ନିଜକୁ ଦେଖିବି ତେବେ ମୁଁ କିପରି ଦେଖାଯିବାକୁ ଯାଉଅଛି। ବୁଝିଲେ? ଯଦି ମୁଁ ମୋର ପ୍ରତିଫଳନକୁ ଏକ ଦର୍ପଣରେ ଦେଖେ, ତେବେ ମୁଁ ଜାଣେ ଯେ ମୁଁ କିପରି ଦେଖାଯିବି ଯଦି ମୁଁ ଛିଡା ହୋଇ ନିଜକୁ ଦେଖିପାରେ।

188 ତେବେ, ଠିକ ସେହିପରି ଭାବରେ ହିଁ ମୁଁ ବାଇବଲ ବିଷୟରେ ଭାବିଥାଏ। "ଏହି ସମସ୍ତ ବିଷୟ," ରୋମୀୟ ୨୫ କୁହେ, "ଆମର ଉଦାହରଣ ନିମନ୍ତେ ଘଟିଅଛି।" ଆମେ ପଛକୁ

ଚାହିଁପାରିବା ଏବଂ ଦେଖିପାରିବା ଯେ ଏହା କଅଣ ଥିଲା, ଯେପରିକି ସେହି ଚନ୍ଦ୍ର ସୂର୍ଯ୍ୟଙ୍କୁ ପ୍ରତିଫଳିତ କରିଥାଏ । ଆମେ ଜାଣୁ ଯେ ସୂର୍ଯ୍ୟ କଅଣ ହେବ, ଯେତେବେଳେକି, ଯଦି ଆମେ ସୂର୍ଯ୍ୟଙ୍କୁ କେବେବି ନ ଦେଖିଥାଉ, ଆମେ ଚନ୍ଦ୍ରକୁ ଦେଖିପାରୁ, ଏବଂ ଏହା ବୁଝିପାରୁ ଯେ ଏହା ତାହାଠାରୁ ଅଧିକ ବଡ ହେବାକୁ ଯାଉଅଛି । ତେବେ, ଯେତେବେଳେ ଆପଣ ଏହା ଦେଖନ୍ତି ଯେ ପୁରାତନ ନିୟମରେ କଅଣ ଘଟିଥିଲା, ଏହା ତ କେବଳ ତାର ପ୍ରତିଫଳନ ଅଟେ ଯାହା ନୂତନରେ ହେଉଅଛି ।

189 ତେବେ, ଏଠାରେ, ମୁଁ ମୋର ସମସ୍ତ ହୃଦୟ ସହିତରେ ଏହା ବିଶ୍ୱାସ କରେ ଯେ ମୁଁ... ଆମେ, କିମ୍ବା ଏହି ଦିନମାନଙ୍କରେ...ଯଦି ଆମେ ନୋହୁଁ, ତେବେ କେହି ଜଣେ ହେବେ; ଏହା ହେବାକୁ ହିଁ ଅଛି । ସମୟ ଶେଷ ହୋଇଯାଇଛି; ଆମେ ଶେଷରେ ଅଟୁ!

190 ପ୍ରତ୍ୟେକ...ସେହି ପୃଥିବୀ...ପରମେଶ୍ୱର ଛଅ ହଜାର ବର୍ଷରେ ଜଗତକୁ ସୃଷ୍ଟି କଲେ, ଏବଂ ସପ୍ତମ ହଜାରରେ ସେ ବିଶ୍ରାମ କଲେ । ସେ କହିଲେ ଯେ ଜଣେ ବ୍ୟକ୍ତି କେବେହେଲେ ସେହି ସମୟକୁ ଅତିବାହିତ କରି ଶେଷ କରିବ ନାହିଁ, ଏକ—ଏକ ବର୍ଷ, କିମ୍ବା—କିମ୍ବା, ଦିନ: "ଯେଉଁ ଦିନ ତୁମେ ତାହା ଖାଇବ, ସେହି ଦିନ ତୁମେ ମରିଯିବ ।" ଆଦମ, କିମ୍ବା, ମଥୁସେଲହ ସବୁଠାରୁ ବୃଦ୍ଧ ବ୍ୟକ୍ତି ଥିଲେ ଯିଏକି କେବେ ବାଇବଲରେ ବାସ କରିଥିଲେ, ଏବଂ ସେ ନଅ ଶହ ଅଣ-ସ୍ତୁରୀ ବର୍ଷ ବୟସର ହୋଇଥିଲେ; ଆଉ ସେ କଦାପି ସେହି ସହସ୍ର ବର୍ଷ ବଞ୍ଚି ନ ଥିଲେ । କିନ୍ତୁ ସେହି ବ୍ୟକ୍ତି ଯିଏକି ସହସ୍ରାବ୍ଦୀ ଦେଇ ରହିବାକୁ ଯାଉଛନ୍ତି, ଏକ ହଜାର ବର୍ଷ, ତାହା ଏହା ଦେଖାଇବା ହେତୁ ଯେ ସେହି—ସେହି ଜୋରିମାନା ମୂଲ୍ୟ ପରିଶୋଧ କରାଯାଇ ସାରିଛି...ମଣିଷ ସବୁଦିନ ପାଇଁ ବଞ୍ଚିବ; ସେହି ଦିନ ସମାପ୍ତ ହୋଇଯାଇଛି; ସେହି ସମୟ ସମାପ୍ତ ହୋଇଯାଇଛି; ସେମାନେ ଅନନ୍ତକାଳରେ ଅଛନ୍ତି ।

191 ବାସ୍ତବରେ, ଦୁଇ କିମ୍ବା ତିନି ରବିବାର ପୂର୍ବରୁ ମୁଁ ମୋ ନିଜ ବାର୍ତ୍ତା ଉପରେ ଅନେକ ଗୁଡ଼ିଏ ଚିଠି ପାଇଥିଲି ତାହା ଉପରେ—*କନ୍ୟା ଏବଂ ବରର ଭବିଷ୍ୟତ ଘର* । ତାହା ନିଶ୍ଚିତ ଭାବରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ କୌଣସିଠାରେ ଘରକୁ ଫେରିଯିବା ନିମନ୍ତେ ଆଘାତ କରିଥିଲା । ତାହା...ଏହା ମୋତେ ମଧ୍ୟ ଆଘାତ କରିଥିଲା । ମୁଁ ଏହାଠାରୁ କଦାପି ଓହରି ଯାଇ ନାହିଁ ।

192 ତେବେ, ଧ୍ୟାନ ଦିଅନ୍ତୁ । ଏହା ଉପରେ (ଦେଖନ୍ତୁ?), ଅବ୍ରହାମ ଦେଖିଲେ...ତେବେ, ସେ ଯେପରି ଅବ୍ରହାମଙ୍କ ସହିତ ବ୍ୟବହାର କରିଥିଲେ, ସେହିପରି ସେ ତାହାଙ୍କର ବଂଶ ସହିତ ମଧ୍ୟ ବ୍ୟବହାର କରିଛନ୍ତି । ବର୍ତ୍ତମାନ, ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ ଯେତେବେଳେ ମୁଁ କୌଣସି ସମୟରେ ଫେରି ଆସେ, ମୁଁ ଏହାକୁ ଆଉ ଟିକିଏ ଅଧିକ ନିକଟତର ନେବାକୁ ଚାହେଁ ଓ ଆପଣମାନଙ୍କୁ ଅବିକଳ ଭାବେ ଅବ୍ରହାମଙ୍କ ଜୀବନର ପ୍ରବସ୍ଥାଗୁଡିକୁ ଦେଖାଇବାକୁ ଚାହେଁ । ଏହା ଅବିକଳ ଠିକ୍ ଲୁଥର୍, ୱେସ୍‌ଲି ସହିତରେ ଅଟେ ଏବଂ ଏଠାରେ ତଳକୁ, ଠିକ ଅବିକଳ ଭାବରେ ଯେ ସେ କିପରି ମଣ୍ଡଳୀଗୁଡ଼ିକ ସହିତରେ ବ୍ୟବହାର କରିଛନ୍ତି ଯେପରିକି

ସେ ଅବ୍ରହାମଙ୍କ ସହିତରେ ବ୍ୟବହାର କରିଥିଲେ; ସେ କିପରି ପ୍ରକଟ ହୋଇଥିଲେ; କିପରି ଯେ ସେଠାରେ ଯେତେବେଳେ ସେ ପାତିତ ରକ୍ତ ତଳେ ତାଙ୍କ ସହିତ କରିଥିବା ସେହି ନିୟମକୁ ସୁଦୃଢ଼ କରିଥିଲେ, ଏହା ସେହି ଫିଲାଦେଲ୍‌ଫିଆ ଯୁଗ ଥିଲା । ହଁ, ମହାଶୟ, ତାହା ସେହି ରକ୍ତ ଯୁଗ ଥିଲା, ଲୁଥର୍...ସେହି ୱେସ୍‌ଲିୟ ଯୁଗ ।

193 କିନ୍ତୁ ତାହାପରେ ପେଣ୍ଟିକଷ୍ଟାଲ୍ ଯୁଗକୁ ଦେଖନ୍ତୁ । ସେ ସେଠାରେ ଆସିବା ପରେ, ସେ *ଏଲ ଶଦ୍ଦାଇ* ର ପ୍ରତିଜ୍ଞାକୁ କରିଥିଲେ, "ମୋ ଠାରୁ ପ୍ରତିପୋଷିତ ହୁଅ ।" ପ୍ରଶ୍ନଟି ହେଉଛି: କଅଣ ଆପଣ ପ୍ରତିପୋଷିତ ହୋଇପାରନ୍ତି କି? ତାହା ପେଣ୍ଟିକଷ୍ଟାଲମାନଙ୍କ ସମ୍ମୁଖରେ ଅଣାଯାଇଥିଲା । ଦେଖନ୍ତୁ? କଅଣ ଆପଣ ପ୍ରତିପୋଷିତ ହୋଇପାରନ୍ତି କି? କିନ୍ତୁ ସେମାନେ ତାହା କଲେ ନାହିଁ; ସେମାନେ ସେମାନଙ୍କ ପାଇଁ ସେହି ନାମଧାରୀ ସଂସ୍ଥାରୁ ଏକ—ଏକ ସ୍ତନକୁ ଜାବୁଡି ଧରିଲେ ଯେଉଁଠାରେ ସେମାନେ ବାହାରି ଆସିଥିଲେ । ମାତ୍ର ତାହାପରେ ବୀଜ, ସେହି ପ୍ରକୃତ ବୀଜ, ସେହି ସ୍ତନରୁ ପ୍ରତିପୋଷିତ ହେବା ପାଇଁ ଆସିଲା ।

194 ଏବଂ ସେମାନଙ୍କର ସେହି ଶେଷ ଚିହ୍ନଟି କଅଣ ଥିଲା, ସେହି ପ୍ରତିଜ୍ଞାତ ପୁତ୍ରର ଆସିବା ପୂର୍ବରୁ ଯାହା ନିମନ୍ତେ ସେମାନେ ଏତେ ବର୍ଷ ଅପେକ୍ଷା କରିଥିଲେ, ଯେତେବେଳେ ସେ ଫେରି ଆସିବେ? ତାହା ଥିଲା ପରମେଶ୍ୱର ଜଣେ ମଣିଷ ରୂପରେ ଛିଡା ହୋଇଥିଲେ ଏବଂ ସାରାଙ୍କ ହୃଦୟରେ ଥିବା ସେହି ଚିନ୍ତାଧାରାଗୁଡିକୁ ଜାଣିପାରିଥିଲେ (ସାରା ମଣ୍ଡଳୀ ହୋଇଥିବା ହେତୁ, ମଣ୍ଡଳୀର ପ୍ରତିନିଧିତ୍ୱ କରୁଥିଲେ), ମଣ୍ଡଳୀର ସେହି ଚିନ୍ତାଧାରାକୁ ଜାଣିପାରିଥିଲେ ଯାହାକି ଏପରିକି ତାହାଙ୍କ ପଛରେ ରହିଥିଲା । କଅଣ ତାହା ଠିକ୍ ଅଟେ? ଏବଂ ତାର ତତକ୍ଷଣାତ୍ ପରେ, ସେ ପୁନର୍ବାର ଜଣେ ଯୁବା ସ୍ତ୍ରୀଲୋକରେ ଏବଂ ସେ ଜଣେ ଯୁବା ପୁରୁଷରେ ପରିବର୍ତ୍ତିତ ହୋଇଥିଲେ; ଆଉ ଇସ୍‌ହାକଙ୍କୁ, ସେହି ପ୍ରତିଜ୍ଞାତ ପୁତ୍ରଙ୍କୁ ଦୃଶ୍ୟକୁ ନେଇକରି ଆସିଥିଲା ।

195 ମୁଁ ବିଶ୍ୱାସ କରେ ଯେ ଆପଣ ସେହି ଶେଷ ବିଷୟକୁ ଦେଖୁଛନ୍ତି ଯାହାକି ଉର୍ଦ୍ଧାନ୍ତିକରଣ ପୂର୍ବରୁ ମଣ୍ଡଳୀ ସହିତରେ ଘଟିବ । ତାହା ଅବିକଳ ଠିକ୍ । ମୁଁ ଏହାକୁ ବିଶ୍ୱାସ କରେ । ସେହି ବର୍ଷା ଶେଷ ହୋଇଯାଇଛି । ପ୍ରକାଶିତ ବାକ୍ୟର ପ୍ରଥମ ତିନୋଟି ପର୍ବ ପାଠ କରନ୍ତୁ ଏବଂ ଆପଣ ଦେଖିବେ ଯେ ମଣ୍ଡଳୀକୁ କଅଣ ପ୍ରତିଜ୍ଞା କରାଯାଇଅଛି । ତାହା ହିଁ ଅଟେ ଯାହାକି ପ୍ରତିଜ୍ଞା କରାଯାଇଅଛି, ମଣ୍ଡଳୀ, ଠିକ୍ ସେଠାରେ, ସେହି ମଣ୍ଡଳୀ ଯୁଗଗୁଡିକରେ ।

196 ଆପଣ ଅନ୍ୟ ଦିନ ଲକ୍ଷ୍ୟ କରିଥିବେ ଯେତେବେଳେ ଆମେ ସେହି ତୂରୀଗୁଡିକୁ ଆରମ୍ଭ କଲୁ, ପବିତ୍ରଆତ୍ମା କହିଲେ, "ତାହା ଏଠାକାର ନୁହଁ ।" ଦେଖନ୍ତୁ, ଦେଖନ୍ତୁ?

197 ବର୍ତ୍ତମାନ, ଶେଷ ବର୍ଷା, ଏକ ଲକ୍ଷ ଚୌ-ରାଳିଶ ହଜାର ଯିହୁଦୀ, ନା, ତାହା ନୁହେଁ... ତାହା...ସେମାନେ କରିବେ ନାହିଁ...ତାହା—ତାହା ସେତେବେଳେ ହେବ ଯେତେବେଳେକି ଏଲିୟ ଏବଂ ମୋଶା...ସେହିଠାରେ ହିଁ ଅଟେ ଯେଉଁଠାରେକି ଚମତ୍କାରଗୁଡ଼ିକ ସାଧନ କରାଯାଏ । ଲୋକମାନେ ଯେଉଁ ବିଷୟଗୁଡ଼ିକୁ ଖୋଜୁଅଛନ୍ତି, ସେହି ପେଣ୍ଟିକଷ୍ଟାଲ୍‌ମାନେ, ଆଶ୍ଚର୍ଯ୍ୟ କର୍ମ ପାଇଁ, ତାହା ସେହିଠାରେ ହିଁ ଅଟେ ଯେଉଁଠାରେକି ତାହା ସଂଘଟିତ ହେବ,

ସେମାନଙ୍କ ଅଧୀନରେ। ଦେଖନ୍ତୁ, ତାହା ହେଉଛି ଏଲିୟ ଏବଂ ମୋଶା। ସେମାନେ ଯେତେବେଳେ ତାଙ୍କର ଇଚ୍ଛା ହୁଏ ସେତେବେଳେ ପୃଥିବୀକୁ ଅଭିଶାପରେ ଆଘାତ କରନ୍ତି; ସେମାନେ ଆକାଶକୁ ବନ୍ଦ କରିଦିଅନ୍ତି ଯେ ତାହା ସେମାନଙ୍କର ଭବିଷ୍ୟତ୍‌ବାଣୀର ଦିନରେ ବର୍ଷା ହୁଏ ନାହିଁ। ଏବଂ ପରମେଶ୍ୱର ସେମାନଙ୍କ ସପକ୍ଷରେ ଛିଡା ହେବେ ଏବଂ ସେମାନଙ୍କ ପାଇଁ ଯୁଦ୍ଧ କରିବେ ଯେପରିକି ସେ କରିଥିଲେ, ଏବଂ ସେ ସେମାନଙ୍କୁ ଏକ ଶକ୍ତିଶାଳୀ ବାହୁ ତଳେ ବାହାର କରି ଆଣିବେ ଠିକ ଯେପରିକି ସେ ମିସରରେ କରିଥିଲେ (ଦେଖନ୍ତୁ?), ଜଗତର ଏହି "ବାଦଗୁଡିକ" ରୁ। ଏବଂ ସେ ତାହା କରିବେ, କିନ୍ତୁ ଏହା ତାହା ନୁହେଁ...

198 ଆମକୁ କେବଳ ପ୍ରଭୁଙ୍କର ଆଗମନକୁ ଅପେକ୍ଷା କରିବାକୁ ଅଛି। କେବଳ ଅପେକ୍ଷା କରନ୍ତୁ; ନିଜର ପ୍ରଦୀପଗୁଡ଼ିକୁ ସଫା କରନ୍ତୁ, ସବୁଗୁଡିକୁ ତେଲରେ ପରିପୂର୍ଣ୍ଣ କରିଥାଆନ୍ତୁ। ପ୍ରତ୍ୟେକ ଘଣ୍ଟା ପ୍ରାର୍ଥନା କରନ୍ତୁ, ପ୍ରତ୍ୟେକ ଦିନ ନୁହେଁ, ପ୍ରତ୍ୟେକ ଘଣ୍ଟା। କେବଳ ପ୍ରସ୍ତୁତ ରୁହନ୍ତୁ; ପ୍ରସ୍ତୁତ ରହିଥାଆନ୍ତୁ, ମଧୁର ହୋଇ ରହିଥାଆନ୍ତୁ, ଏବଂ ଲକ୍ଷ୍ୟ କରୁଥାଆନ୍ତୁ।

> ଓଃ, ଆମେ ସେହି ଆନନ୍ଦିତ ସହସ୍ରାବ୍ଦୀ ଦିନର ଆଗମନକୁ ଅପେକ୍ଷା କରୁଅଛୁ,
> ଯେତେବେଳେ ଆମର ଆଶୀଷିତ ପ୍ରଭୁ ଆସିବେ ଓ ତାହାଙ୍କର ଅପେକ୍ଷା କରୁଥିବା କନ୍ୟାକୁ ନେଇଯିବେ;
> ଓଃ, ମୋର—ଓଃ, ମୋର ହୃଦୟ ଉର୍ଦ୍ଧାନ୍ତିକରଣରେ ପରିପୂର୍ଣ୍ଣ ଅଟେ ଯେତେବେଳେକି ମୁଁ ପରିଶ୍ରମ କରୁଅଛି, ଲକ୍ଷ୍ୟ କରୁଅଛି, ଏବଂ ପ୍ରାର୍ଥନା କରୁଅଛି,
> କାରଣ ଆମର ପ୍ରଭୁ ପୁନର୍ବାର ପୃଥିବୀକୁ ଫେରି ଆସୁଛନ୍ତି।

ତାହାହିଁ ଅଟେ; ତାହାହିଁ ଏହି ଘଟିକାରେ ମଣ୍ଡଳୀର ଭରସା ଅଟେ।

### 254. କଅଣ "ଯୀଶୁ ଖ୍ରୀଷ୍ଟ" ଙ୍କର ନାମ ବାପ୍ତିସ୍ମ ପାଇଁ ଠିକ୍ ଅଟେ, ନା ଏହାକୁ "ପ୍ରଭୁ ଯୀଶୁ ଖ୍ରୀଷ୍ଟ" ଙ୍କ ନାମରେ ହେବା ଆବଶ୍ୟକ ଅଟେ?

199 ଉଭୟ ମଧ୍ୟରୁ ଯେଉଁଟା ବି। ମୁଁ ଏହାକୁ *ପ୍ରଭୁ ଯୀଶୁ ଖ୍ରୀଷ୍ଟ* (ଦେଖନ୍ତୁ?) ଭାବରେ ଗ୍ରହଣ କରେ, କାରଣ ମୁଁ ଭାବୁଛି ସେ ଆମର ପ୍ରଭୁ ଅଟନ୍ତି। ତେବେ, କେବଳ *ଯୀଶୁଙ୍କ ନାମ*, ଯେପରିକି ଆମର କିଛି ଭାଇମାନେ ବାପ୍ତିଜିତ କରନ୍ତି, ମୁଁ—ମୁଁ ସେଠାରେ ଭିନ୍ନ କରେ (ଦେଖନ୍ତୁ?), 'କାରଣ ମୁଁ ଜାଣେ ଯେ ଯୀଶୁ ନାମରେ ମୋର ଅନେକ ବନ୍ଧୁମାନେ ଅଛନ୍ତି, ମେକ୍ସିକୋରେ ଅନେକ—ଅନେକ ପ୍ରଚାରକ ବନ୍ଧୁଗଣ ଅଛନ୍ତି, ଏବଂ—ଏବଂ ଇଟାଲୀରେ, ଏବଂ ଅନ୍ୟାନ୍ୟ ସବୁ ସ୍ଥାନରେ ଅଛନ୍ତି। ସେମାନେ ତାକୁ *ଯୀଶୁ* ବୋଲି ଡାକନ୍ତି, ଏବଂ ତେଣୁକରି *ଯୀଶୁ* ଯଥେଷ୍ଟ ନୁହେଁ। ସେ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଭାବରେ ଜନ୍ମ ହୋଇଥିଲେ, ଯେହେତୁ ସେ ତ୍ରାଣକର୍ତ୍ତା, ଖ୍ରୀଷ୍ଟ, ସେହି ଅଭିଷିକ୍ତ ଭାବରେ ଜନ୍ମ ହୋଇଥିଲେ। ଆଉ ଆଠ ଦିନ ପରେ ତାହାଙ୍କୁ

*ଯୀଶୁ* ନାମ ଦିଆଗଲା । ବୁଝିଲେ? ତାହାପରେ ସେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଥିଲେ । ତାହାହିଁ ତ ଅଟେ ଯାହାକି ସେ ଥିଲେ । ଠିକ୍ ଅଛି ।

**255. ଭାଇ ବ୍ରାନହାମ୍, କଅଣ ପ୍ରଭୁ ଆପଣଙ୍କୁ ଏହି ସମୟରେ ବିବାହ ଏବଂ ଛାଡପତ୍ର ପ୍ରଶ୍ନ ଉପରେ ଆମକୁ ନିର୍ଦ୍ଦେଶ ଦେବାକୁ ଅନୁମତି ଦେବେ କି? ପ୍ରଶ୍ନ: କଅଣ ଜଣେ ପୁରୁଷ ଜଣେ ମହିଳାଙ୍କୁ ବିବାହ କରି ତାହାପରେ ସେହି ସ୍ତ୍ରୀଠାରୁ ଛାଡପତ୍ର ନେଇ ପୁଣି ଅନ୍ୟ ଜଣକୁ ବିବାହ କରିପାରେ କି? ଯଦି ଦୁହେଁ ଅନ୍ୟ କାହାରିକୁ ବିବାହ କରନ୍ତି, ତେବେ କଅଣ ଦୁହେଁ ବ୍ୟଭିଚାର କରୁଅଛନ୍ତି କି? ଆପଣ ଉଲ୍ଲେଖ କରିଥିଲେ ଯେ ଏହା ସର୍ପବଂଶ ସହିତରେ ଏକାଠି ଜଡିତ ହୋଇଯିବ । ତାହା କେମିତି?**

200 ବର୍ତ୍ତମାନ, ଆମ ପାଖରେ ସମୂହରେ ରହିଥିବା ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଏଠାରେ—ଏଠାରେ ଏହା ଏକ ସବୁଠୁ ପ୍ରତାରଣାଯୁକ୍ତ ଅଟେ, ଏବଂ ଏହା ଆଜି ଜଗତରେ—ରେ—ରେ ସବୁଠାରୁ ଅଧିକ ପ୍ରଶ୍ନ କରା ଯାଉଥିବା ପ୍ରଶ୍ନ ଅଟେ । ବର୍ତ୍ତମାନ, ମୋ କଥା ଶୁଣନ୍ତୁ, ଏବଂ ମୋ ପାଖରେ ଏହାର ଏକ କାରଣ ଅଛି । ଯଦି ମୁଁ ଆଜି ସକାଳେ ବିବାହ ଏବଂ ଛାଡପତ୍ର ବିଷୟରେ ସେହି ସଠିକ୍ କଥାକୁ, ପ୍ରକୃତରେ ଏହି ମଣ୍ଡଳୀକୁ ଏବଂ ଏହି ଟେପ୍‌ରେ ନେଇ କରି ଆସେ, ତାହାହେଲେ ଏହା ଦେଶରେ ଥିବା ପ୍ରତ୍ୟେକ ମଣ୍ଡଳୀକୁ ଭାଙ୍ଗି ଦେବ, ଯଦି ସେମାନେ ଏହାକୁ ଶୁଣିବେ । ବୁଝିଲେ? ତାହା ଠିକ୍ ଅଟେ ।

201 ବର୍ତ୍ତମାନ, ମୋତେ ସାହାଯ୍ୟ କରନ୍ତୁ, ଏଠାରେ ମୋ ଆଗରେ ବାଇବଲ ରଖା ହୋଇଛି, ମୋର ସେହି ପ୍ରଶ୍ନ ଉପରେ, **ସଦାପ୍ରଭୁ ଏହି କଥା କୁହନ୍ତି** ଅଛି! ଏବଂ ଯୁକ୍ତିତର୍କ କରୁଥିବା ଉଭୟ ପକ୍ଷ ଭୁଲ ଅଟନ୍ତି । ଉଭୟ ସେମାନେ ଯେଉଁମାନେକି ବିବାହିତଙ୍କୁ ବିବାହ କଲେ ଓ ପ୍ରଭୃତି ସବୁ କଲେ, ସେମାନେ ଦୁହେଁ ସେହି ବିଷୟ ଉପରେ ଭୁଲ୍ ଅଟନ୍ତି ଯାହା ସେମାନେ କରୁଛନ୍ତି, କିନ୍ତୁ ଏହା ମଧ୍ୟରେ ତାହା ସତ୍ୟ ଅଛି, ରାସ୍ତାର ମଧ୍ୟଭାଗରେ । ମୁଁ ଚାହେଁ ନାହିଁ...ମୁଁ ଏକ ଟେପ୍ ତିଆରି କରିବାକୁ ଯାଉଅଛି ଯେ ଯଦି ମୋ ସହିତ କିଛି ଗୋଟାଏ ଘଟିଯାଏ, ତାହାହେଲେ ମୋର ଚାଲିଯିବା ଉତ୍ତାରେ (ଦେଖନ୍ତୁ?) ଭାଇମାନେ ଏହାକୁ ମଣ୍ଡଳୀରେ ଚଲାଇପାରନ୍ତି । ମାତ୍ର ମୁଁ—ମୁଁ ଏହା ଉପରେ ଏକ ଟେପ୍ ତିଆରି କରିବାକୁ ଚାହୁଁଛି ଏବଂ ଏହା ଆପଣଙ୍କୁ ଦେଖାଇବାକୁ ଚାହୁଁଛି ଯେ ତାହା କେଉଁଠାରେ ଅଟେ; କିନ୍ତୁ ଯେପର୍ଯ୍ୟନ୍ତ ମୁଁ ପ୍ରଭୁଙ୍କର ଚାଳନା ଅନୁଭବ ନ କରେ, ମୁଁ ଏହା ବିଷୟରେ କିଛି ହେଲେ କହିବି ନାହିଁ । ମାତ୍ର ମୁଁ ଅନୁଭବ କରେ ଯେ ଏହିସବୁ ବିଷୟ ଉପରେ ମୁଁ ପ୍ରଭୁଙ୍କର ଚାଳନା ପାଇବା ଉଚିତ୍; ଯଦି ମୁଁ ପାଏ ନାହିଁ, ତାହାହେଲେ ମୁଁ ଭଲ କରିବା ଅପେକ୍ଷା ଅଧିକ କ୍ଷତି କରି ଦେବି । ବୁଝିଲେ?

202 ବର୍ତ୍ତମାନ, ମୁଁ ଚାହୁଁଛି ଯେ ଆପଣ ଏହାକୁ ଧ୍ୟାନ ଦିଅନ୍ତୁ । ପ୍ରଶ୍ନ: "କଅଣ ଜଣେ ପୁରୁଷ ଜଣେ ମହିଳାଙ୍କୁ ବିବାହ କରି ତାହାପରେ ସେହି ସ୍ତ୍ରୀଠାରୁ ଛାଡପତ୍ର ନେଇ ପୁଣି ଅନ୍ୟ ଜଣକୁ ବିବାହ କରିପାରନ୍ତି କି; ଏବଂ ଯଦି ଦୁହେଁ ଅନ୍ୟ କାହାରିକୁ ବିବାହ କରନ୍ତି, ତେବେ କଅଣ ଦୁହେଁ ବ୍ୟଭିଚାର କରୁଛନ୍ତି କି?" ତେବେ, ମୋର ବନ୍ଧୁ, ମୁଁ ଆପଣଙ୍କର ଭାବନାଗୁଡିକୁ ଆଘାତ

କରିବାକୁ ଚାହେଁ ନାହିଁ, କିନ୍ତୁ ତାହା ସତ୍ୟ ଅଟେ । ଯୀଶୁ କହିଲେ, "ଯିଏ ସେହି ପରିତ୍ୟକ୍ତା ସ୍ତ୍ରୀକୁ ବିବାହ କରେ ସେ ବ୍ୟଭିଚାର କରେ ।" ଦେଖନ୍ତୁ? ମୁଁ—ମୁଁ କେବଳ ଏହା କହିବାକୁ ଚାହେଁ ନାହିଁ, କିନ୍ତୁ ଏହା ସତ୍ୟ ଅଟେ ।

203 "ଆପଣ ଉଲ୍ଲେଖ କରିଥିଲେ ଯେ ଏହା ସର୍ପବଂଶ ସହିତ ଜଡିତ ହେବ ।" ଦେଖନ୍ତୁ? ମୋର ତାହା ଉଲ୍ଲେଖ କରିବା ବିଷୟରେ ମନେ ନାହିଁ, କିନ୍ତୁ ସମ୍ଭବତଃ ମୁଁ ତାହାକୁ କୌଣସି ସ୍ଥାନରେ କରିଛି, ତାହା ବିଷୟରେ କିଛି କହିଅଛି ।

204 ଅନ୍ୟ ଏକ ଦିନ ପରି, ମୁଁ କୌଣସି ବିଷୟକୁ ମିଶ୍ରିତ କରି ପକାଇଥିଲି, ମୁଁ ଏହା ଶୁଣିବାକୁ ପାଇଲି, ଏବଂ ତାହା...ମୁଁ ଏହାକୁ ଠିକ ସେଠାରେ ଧରି ପକାଇଲି; ଏବଂ ଏହା ଟେପ୍‌ରେ ଅଛି, ଏବଂ ମୁଁ—ମୁଁ ବୋଧହୁଏ ଏଥିରୁ ଶୁଣିବି । ଯେତେବେଳେ ମୁଁ ସପ୍ତ ତୂରୀ ବିଷୟରେ କହୁଥିଲି, ମୁଁ କହିଲି ଯେ ଏହା ସାତୋଟି ତୂରୀ ଅଟେ । ମୁଁ ପେଣ୍ଟିକଷ୍ଟାଲ୍ ପର୍ବ ବିଷୟରେ ଉଲ୍ଲେଖ କରୁଥିଲି । ପେଣ୍ଟିକଷ୍ଟାଲ୍ ପର୍ବରୁ ନେଇ ସାତ ପର୍ଯ୍ୟନ୍ତ...ଯେପର୍ଯ୍ୟନ୍ତକି ସେହି—ସେହି ତୂରୀ, ସେଠାରେ ସାତୋଟି ବିଶ୍ରାମବାର ଥିଲା । ନିସ୍ତାର ପର୍ବରୁ ପେଣ୍ଟିକଷ୍ଟ ପର୍ଯ୍ୟନ୍ତ ସାତୋଟି ବିଶ୍ରାମବାର ଥିଲା (କଅଣ ଆପଣ ଦେଖନ୍ତି?), ଯାହାକି ପଚାଶ ଦିନ ହୁଏ । ଦେଖନ୍ତୁ? କିନ୍ତୁ ମୁଁ ଯାହା ଉଲ୍ଲେଖ କରୁଥିଲି, ତାହା ହୋଇ ଯେ, ମୁଁ କହିଥିଲି, "ଏହାର ଅର୍ଥ ହେଉଛି ସପ୍ତ ମଣ୍ଡଳୀ ଯୁଗମାନ ।"

205 ସେହି ଟେପ୍‌ରେ, ଯଦି ଆପଣ ଏହାକୁ ପାଆନ୍ତି କିମ୍ବା ଅନ୍ୟ କିଛି, ଯାହାକି ସେହି ଟେପ୍‌ରେ ଏହା ହେବା ଉଚିତ, ଯେ ତାହାପରେ ଆସୁଥିବାସେହି ସପ୍ତମ ମାସଟି ତୂରୀର ସେହି—ସେହି ପର୍ବକୁ ନେଇ ଆସିଥିଲା, ଯାହାର ଅର୍ଥ ହେଲା ସେହି ସପ୍ତ ମଣ୍ଡଳୀ ଯୁଗମାନ, ସାତୋଟି ମାସ, ସାତୋଟି ବିଶ୍ରାମବାର ନୁହେଁ । ସାତୋଟି ବିଶ୍ରାମବାର ଯାଏ...ମୁଁ ଏହାକୁ ସେଠାରେ ବ୍ୟାଖ୍ୟା କରିଛି । ମୁଁ କହିଲି ସେହି ସାତୋଟି ବିଶ୍ରାମବାର, ସେହିପରି ଭାବରେ, ମାତ୍ର ତାହାପରେ ମୁଁ ସେହି ସମାନ ଚିନ୍ତାଧାରାକୁ ଆଗକୁ ନେଲି, ଯେତେବେଳେକି ଏହା ନିସ୍ତାରପର୍ବ କିମ୍ବା, ପେଣ୍ଟିକଷ୍ଟର—ର ପର୍ବ ପରେ, ସେହି ସପ୍ତମ ମାସ ଅଟେ, ତାହାପରେ ସେହି ଶସ୍ୟ ବିଡାକୁ ଅଣାଯାଇ, ଦୋଳା ଯିବା ପରେ ସେହି ପର୍ବ ଆସେ । ଆପଣ ଦେଖନ୍ତୁ ତେବେ—ତେବେ...ଆପଣଙ୍କର ସେଠାରେ ମନେ ଥିବ, ସେହି ସମୟ ପରେ ସେହି ଶସ୍ୟ ବିଡାଟି ଏକ ରୁଟିରେ ପରିଣତ ହୋଇଯାଏ । ଦେଖନ୍ତୁ? ଯେତେବେଳେ ସେହି—ସେହି ଶସ୍ୟର ବିଡା...ଗୋଟିଏ ବିଡା, ତେବେ ତଃ ସବୁ ସେହି ଗୋଟିଏ ରୁଟି ଭିତରେ ଯାଏ । ଓଃ, ତାହା ସେଠାରେ ଏକ ଉତ୍ତମ ଶିକ୍ଷା ଅଟେ; ମୁଁ ଏହାର ଅଗକୁ ବି ସ୍ପର୍ଶ କଲି ନାହିଁ । କିନ୍ତୁ ଯଦି ଆପଣ ଏହାକୁ ନିଜର ଟେପ୍‌ରେ ପାଇ ଯାଆନ୍ତି, ମନେରଖନ୍ତୁ, ବାଇବଲରେ ଦେଖନ୍ତୁ । ଆପଣ ଦେଖନ୍ତୁ, ଏହା ତାର ସାତ ମାସ ପରେ ଅଟେ । ସାତ ମାସ ଗଣନା କରନ୍ତୁ: ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ, ଏପ୍ରିଲ୍, ମେ, ଜୁନ୍, ଏବଂ ଜୁଲାଇ; ଏହା ଜୁଲାଇ ହେବ, ସାତ ମାସ, ଯାହାକି ସମ୍ପୂର୍ଣ୍ଣ ସପ୍ତ ମଣ୍ଡଳୀ ଯୁଗକୁ ନିଦର୍ଶିତ କରେ । ହୁଏତ କୌଣସି ସେବକ ତାହାକୁ ନେବେ, ଆଉ ତାହାପରେ ଆପଣ ଏହାକୁ ପାଇବେ, ଆପଣ ଦେଖନ୍ତୁ, ସେଠାରେ । ଠିକ୍ ଅଛି ।

206 ତେବେ, ଏଠାରେ ଏହା ଉପରେ, ଆସନ୍ତୁ—ଆସନ୍ତୁ—ଆସନ୍ତୁ ଏକ ପ୍ରକାର... ଆପଣ...ଏଠାରେ ତାହା ଅଛି ଯାହାକି ମୁଁ କହୁଛି। ମୋତେ ଏହା କହିବାକୁ ଦିଅନ୍ତୁ, ପ୍ରଭୁ ନୁହଁନ୍ତି, ମୁଁ ଏହା କୁହେ। ଯଦି ଆପଣ ଏହି ସମୟରେ ବିବାହିତ ଅଟନ୍ତି, ଏବଂ ଆପଣ ଦୁହେଁ ପରିତ୍ରାଣ ପାଇଛନ୍ତି, ଏବଂ ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି, ଏବଂ ଆପଣ ପରସ୍ପରକୁ ପ୍ରେମ କରନ୍ତି, ଏବଂ ଆପଣଙ୍କର ସାନ ସାନ ପିଲାମାନେ ଅଛନ୍ତି (ତେବେ, ମନେରଖନ୍ତୁ, ଏହା ମୁଁ କହୁଅଛି, ପ୍ରଭୁ ନୁହଁନ୍ତି। ଦେଖନ୍ତୁ?), ଆଗକୁ ବଢନ୍ତୁ ଏବଂ ଏକାଠି ରୁହନ୍ତୁ; ଖୁସିରେ ରୁହନ୍ତୁ; କାରଣ ଆପଣ ନିଜର ପ୍ରଥମ ପତ୍ନୀଙ୍କ ସହିତ ରହିପାରନ୍ତି ନାହିଁ ନୋହିଲେ ଆପଣ ତାଙ୍କୁ ବିବାହ କରି ନ ଥାଆନ୍ତେ। ତାହାପରେ ଯଦି ଆପଣ ଏହାକୁ ଛାଡି ନିଜର ପ୍ରଥମ ପାଖକୁ ଫେରିଯାଆନ୍ତି, ତେବେ ଆପଣ ପ୍ରଥମ ସ୍ଥାନରେ କରିଥିବା ଅପେକ୍ଷା ଅଧିକ ଖରାପ କରୁଛନ୍ତି। ବୁଝିଲେ? ତେଣୁକରି ଆପଣ ଦେଖନ୍ତୁ, ଆପଣ ସବୁ ଘଣ୍ଟାଚକଟା କରି ଦେଇଛନ୍ତି; ଏଥିରୁ ବାହାରି ଆସିବାର କୌଣସି ଉପାୟ ନାହିଁ। କହିବାକୁ ଗଲେ ପ୍ରକୃତରେ କେବଳ ଗୋଟିଏ ହିଁ ଉପାୟ ଅଛି ଯାହାକି ମୁଁ ବାଇବଲରୁ କହିପାରେ: ଆପଣ ଦୁହେଁ ଏକାକୀ ପୃଥକ ରୁହନ୍ତୁ। ବୁଝିଲେ?

207 ତେବେ, କିନ୍ତୁ...ତାହାହିଁ ଏକମାତ୍ର ଉପାୟ ଯେ ମୁଁ ବର୍ତ୍ତମାନ କହିପାରେ, କିନ୍ତୁ ସେଠାରେ ଆଉ ଏକ ବିଷୟ ଅଛି, ଯାହା ମୁଁ—ମୁଁ ଆପଣଙ୍କୁ ବର୍ତ୍ତମାନ କହିପାରେ ନାହିଁ, ଏବଂ ମୁଁ କହିବାର ସେହି କାରଣ ହେଉଛି, "ମୁଁ ନୁହେଁ, ବରଂ ପ୍ରଭୁ, ଜାରି ରଖନ୍ତୁ।" ଯଦି ଆପଣ ତାହାକୁ କେବେ ଏକ ଟେପ୍‌ରେ ଆଣିବେ, ଏବଂ କୌଣସି ଏକ ଦିନ, ଯଦି ମୁଁ ଏହାକୁ କେବେ ନେଇକରି ଆସେ, ତେବେ ଆପଣ ତାହାକୁ ସେହିପରି ଭାବରେ ମନେ ରଖନ୍ତୁ ଯେପରିକି ମୁଁ ତାହାକୁ କହିଥିଲି। ଯଦି ଆପଣ ଜ୍ଞାନୀ ଥାଆନ୍ତେ, ତେବେ ଆପଣ ଏହାକୁ ଧରି ନେଇଥାଆନ୍ତେ (ଦେଖନ୍ତୁ?), ଯେ ମୁଁ ଏହାକୁ ସେତେବେଳେ କିପରି ଭାବରେ କହିଥିଲି, ଏବଂ ତାହାପରେ ଆପଣ ଜାଣି ଯାଇଥାଆନ୍ତେ।

## 256. ଭାଇ ବ୍ରାନହାମ୍, କଅଣ ଆମେମାନେ ସେହି ଅନ୍ୟ ମଣ୍ଡଳୀକୁ ଯିବା ଉଚିତ୍ କି ଯେତେବେଳେକି ସେମାନେ ଆପଣଙ୍କ ସହିତ ସହମତ ସୁଦ୍ଧା ନୁହଁନ୍ତି?

208 ନିଶ୍ଚିତରେ, ହଁ! ଯୀଶୁ ତାହା କରିଥିଲେ ଯେତେବେଳେ ସେମାନେ ତାହାଙ୍କ ସହିତ ସହମତ ନ ଥିଲେ। ଆଗକୁ ବଢନ୍ତୁ। ଆମେ ଏଠାରେ ଏହା ଧ୍ୟାନ ଦେଉ, ଯାହାକି କୁହେ, "କଅଣ ଆମେମାନେ ଅନ୍ୟ ମଣ୍ଡଳୀକୁ ଯିବା ଉଚିତ୍ କି ଯେଉଁମାନେକି ଆପଣ ସହିତ ସହମତ ନୁହଁନ୍ତି?" ନିଶ୍ଚିତରେ, ମୁଁ ନୁହେଁ...ମୁଁ ହିଁ ସମୁଦ୍ର କୂଳରେ କେବଳ ଗୋଟିଏ ମାତ୍ର ପଥର ନୁହେଁ, ଆପଣମାନେ ଜାଣନ୍ତି। ସେଠାରେ—ସେଠାରେ ସବୁ ସ୍ଥାନରେ ଅନ୍ୟ ଧାର୍ମିକ ପୁରୁଷମାନେ ଅଛନ୍ତି; ମୁଁ ଆଶା କରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ଅଟେ। ବୁଝିଲେ? କିନ୍ତୁ କେବେବି ଏଠାକୁ ଆସନ୍ତୁ ନାହିଁ...

209 ଅନ୍ୟ ଏକ ଦିନ ମୋତେ ଏହିପରି କିଛି କୌଣସି ବିଷୟ ଉପରେ ଡକା ଯାଇଥିଲା। ଏରିଜୋନାରେ ଥିବା ଗୋଟିଏ—ଗୋଟିଏ ଗୋଷ୍ଠୀ ତାହା ପ୍ରତି ମୋର ଧ୍ୟାନକୁ ଆକର୍ଷଣ

କରିଥିଲେ। ଦେଖନ୍ତୁ? ଏକ ସେବକ ଦଳ କହିଲେ, "ଆପଣଙ୍କ ବିରୁଦ୍ଧରେ ଆମର କେବଳ ଗୋଟିଏ ମାତ୍ର ବିଷୟ ଅଛି, ଭାଇ ବ୍ରାନହାମ୍, ତାହା ହେଉଛି (ସେଥିରୁ ଗୋଟିଏ ବିଷୟ) ଯେଉଁ ଲୋକମାନେ ଆପଣଙ୍କ ସହିତରେ ଏଠାକୁ ଆସନ୍ତି, ଆମେ ସେମାନଙ୍କୁ ଅନ୍ୟ କୌଣସି ସ୍ଥାନକୁ ଗୀର୍ଜାରେ ନେଇକି ଯାଇପାରୁ ନାହୁଁ।" କହିଲେ, "ସେମାନଙ୍କର ପିଲାମାନେ ଓ ସବୁକିଛି ଅଛନ୍ତି; ସେମାନେ ଗୀର୍ଜାକୁ ଯାଆନ୍ତି ନାହିଁ।" ଏବଂ କହିଲେ, "ତେବେ, ଆମେ ସେମାନଙ୍କୁ କହିଥିଲୁ ଯେ ସେମାନଙ୍କର ଆମ ମଣ୍ଡଳୀକୁ ଆସିବା ନିମନ୍ତେ—ଆମ ମଣ୍ଡଳୀକୁ ଆସିବା ନିମନ୍ତେ ସ୍ୱାଗତ ଅଛି।"

210 ବର୍ତ୍ତମାନ, ମୁଁ ଜାଣେ ଯେ ସେମାନେ ଆପଣଙ୍କ ଉପରେ ଏକ ଚାପ ପକାନ୍ତି ଏବଂ ଆପଣ ଯୋଗ ଦିଅନ୍ତୁ ବୋଲି ଚାହାଁନ୍ତି, ମାତ୍ର ଆପଣଙ୍କୁ ଯୋଗ ଦେବାର ଆବଶ୍ୟକତା ନାହିଁ; କିନ୍ତୁ ସେହି ସାନ ଶିଶୁମାନଙ୍କୁ କୌଣସି ସ୍ଥାନରେ ରବିବାର ଶ୍ରେଣୀରେ ରଖି ଦିଅନ୍ତୁ! ଏବଂ ଆପଣ ମଣ୍ଡଳୀକୁ ଯାଆନ୍ତୁ; ଘରେ ବସି ରୁହନ୍ତୁ ନାହିଁ, ମାଛ ଧରିବାକୁ, ଏବଂ ଶିକାର କରିବାକୁ ଯାଆନ୍ତୁ, ଏବଂ ସେହିପରି ବିଷୟସବୁ ରବିବାର ଦିନ କରନ୍ତୁ।

ଆପଣ କୁହନ୍ତି, "ତେବେ, ମୁଁ ଜଣେ ବ୍ୟବସ୍ଥା ପ୍ରଣୟନକାରୀ ନୁହେଁ।"

ତେବେ, ଉତ୍ତମ ହେବ ଯେ ଆପଣ ସେହି ପ୍ରକାରେ ଅଳ୍ପ ସମୟ, ଖ୍ରୀଷ୍ଟଙ୍କ ପୁନରୁତ୍ଥାନକୁ ଅପମାନିତ କରି ରହି ଥାଆନ୍ତୁ। ଆପଣ ଅନ୍ୟ କୌଣସି ସ୍ଥାନରେ ମଣ୍ଡଳୀକୁ ଯାଆନ୍ତୁ!

211 ଯଦି ମୁଁ—ଯଦି ମୁଁ ଯିବି…ଯଦି ମୁଁ ପାଇପାରିବି ନାହିଁ…ଯଦି ମୁଁ ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀକୁ ଯାଏ ଯାହାକି ମୁଁ ଜାଣେ ଯେ ସେଠାରେ କେବଳ ଗୋଟିଏ ହିଁ କଥା ଅଛି ଯାହାକି ସେହି ଲୋକମାନେ କେବେ କହିଥଲେ ଯାହା ମୁଁ ବିଶ୍ୱାସ କରିଥିଲି: ସେମାନେ କହିଥିଲେ ଯେ ସେମାନେ ବିଶ୍ୱାସ କରନ୍ତି ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି। ସେମାନେ ଏହା କହିଥିଲେ (ମୁଁ ଏଥିରେ ସନ୍ଦେହ କରେ), ମାତ୍ର ସେମାନେ ତାହା କହୁଥିବାର ମୁଁ ଶୁଣିବା ପାଇଁ ଯିବି। ହୋଇପାରେ ଯେ ଆପଣ କୁହନ୍ତି…ତାହା ତ ଏହି ମଣ୍ଡଳୀ ଅଟେ, ବୋଧହୁଏ ପରବର୍ତ୍ତୀ ମଣ୍ଡଳୀଟି ବାପ୍ଟିଷ୍ଟ ପରି କିଛି ଗୋଟାଏ ହୋଇଥିବ। ସେମାନେ କୁହନ୍ତି, "ହଁ, ମୁଁ ବିଶ୍ୱାସ କରେ ଯେ ଆପଣଙ୍କର ଏକ ଅଭିଜ୍ଞତା ରହିବା ଆବଶ୍ୟକ ଅଟେ।" ମୁଁ—ମୁଁ ସେମାନଙ୍କ ସହିତରେ ଯିବି। ତେବେ ମୁଁ ବିଶ୍ୱାସ କରେ ଯେ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି; ମୁଁ ବିଶ୍ୱାସ କରେ ଯେ ଆପଣଙ୍କର ଏକ ଅଭିଜ୍ଞତା ରହିବା ଆବଶ୍ୟକ। ଠିକ୍ ଅଛି।

212 ତାହାପରେ ହୋଇପାରେ ଯେ ସେଠାରେ ଆସେମ୍ବଲୀଜ ଅଫ ଗଡ ଅଛନ୍ତି। ତେବେ, ସେମାନେ ବିଶ୍ୱାସ କରନ୍ତି…ଦେଖନ୍ତୁ, ମୁଁ—ବର୍ତ୍ତମାନ ମୁଁ ସେମାନଙ୍କ ସହିତ ପ୍ରାୟଃ ତିନି କିମ୍ବା ଚାରି ଖଣ୍ଡ ରୁଟି ଖାଇପାରେ (ଦେଖନ୍ତୁ?), କାରଣ ସେମାନେ ବିଶ୍ୱାସ କରିପାରନ୍ତି…

213 ଯେପରିକି ଅନ୍ୟ ଏକ ଦିନ, ଏହି ସମାନ ବ୍ୟକ୍ତି ଫୋନ୍ ଯୋଗେ ଡାକିଲେ ଏବଂ ସେହି ବିଷୟରେ ଜାଣିବାକୁ ଚାହିଁଲେ, ଏବଂ କହିଲେ, "ଆପଣ କହିଥିଲେ…" (ଏହି ସେବକ ସେଠାରେ ବାହାରେ, ଏହି ବ୍ୟକ୍ତି ସେଠାରେ ଥିଲେ ଯିଏକି ତାହା ଆଲୋଚନା କରିବାକୁ

ଚାହୁଁଥିଲେ । ବେଚାରା ଭାଇଟା, ସେ ଏପରି ଏକ ଭ୍ରାନ୍ତିରେ ଅଛନ୍ତି ।) ସେ କହିଲେ, "ତେବେ, ଭାଇ ବ୍ରାନହାମ୍," ଦେଖନ୍ତୁ, ସେ କହିଲେ, "ସେ ଆପଣଙ୍କ ଆସେମ୍ବଲୀଜ ଅଫ ଗଡ ବିରୁଦ୍ଧରେ ଅଛନ୍ତି ।" ଏବଂ ଯଦି ଜଣେ ଆସେମ୍ବଲୀଜ ସେବକ ଏହି ଟେପ୍‌କୁ ପାଇଯାଆନ୍ତି, ମୁଁ ଚାହେଁ ଯେ ଆପଣ ମୋତେ କୁହନ୍ତୁ ଯେ ମୁଁ କେବେ ଆସେମ୍ବଲୀଜ ଅଫ ଗଡର ବ୍ୟକ୍ତି ବିରୁଦ୍ଧରେ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ରହିଥିଲି! ଏହା କାହିଁକି ଅଟେ, ଯେତେବେଳେକି ଆପଣଙ୍କର ନିଜର ମୁଖ୍ୟାଳୟ ସ୍ୱୀକାର କରେ ଯେ ମୁଁ ଆପଣଙ୍କ ପାଖକୁ ମୋର ଦଶ ଲକ୍ଷର ତିନି-ଚତୁର୍ଥାଂଶ ପିଲାମାନଙ୍କୁ ପଠାଇଅଛି ଯାହାଙ୍କୁ ମୁଁ ଖ୍ରୀଷ୍ଟଙ୍କଠାରେ ଜନ୍ମ ଦେଇଅଛି? ମୁଁ କିପରି ଆସେମ୍ବଲୀଜ ଅଫ ଗଡ ବିରୁଦ୍ଧରେ ଅଟେ? ମୁଁ କାହିଁକି ଏକତ୍ୱବାଦୀ ବିରୁଦ୍ଧରେ ଅଟେ? ମୁଁ କୌଣସି ଏକତ୍ୱବାଦୀ, ଆସେମ୍ବଲୀଜ ଅଫ ଗଡ, ଚର୍ଚ୍ଚ ଅଫ ଗଡ, କିମ୍ବା କୌଣସି ବ୍ୟକ୍ତି ବିରୁଦ୍ଧରେ ନୁହେଁ! ମୁଁ ତ ପ୍ରତ୍ୟେକ ସେହି ବ୍ୟବସ୍ଥା ବିରୁଦ୍ଧରେ ଅଟେ ଯାହାକି ମଣିଷ ମଣିଷ ଭିତରେ ପ୍ରଭେଦ କରେ ।

214 ଦେଖନ୍ତୁ, ମୁଁ ଆସେମ୍ବଲୀଜକୁ, ସେମାନଙ୍କର ନିଜସ୍ୱ ଗଣନା ଦ୍ୱାରା, ମୋର ନିଜ ପିଲାମାନଙ୍କ ମଧ୍ୟରୁ ଦଶ ଲକ୍ଷର ତିନି-ଚତୁର୍ଥାଂଶକୁ ପଠାଇଅଛି । ଯଦି ସେମାନେ ଏତେ ଖରାପ ଅଟନ୍ତି, ତାହାହେଲେ ମୁଁ ତାହା କାହିଁକି କରିବି? କାହିଁକି? ମୁଁ ଭାବୁଛି ଯେ ଏହା ସେଠାରେ ଦେଶରେ ପଠାଇବା ହେତୁ ସର୍ବୋତ୍ତମ ଅଟେ, ଏକତ୍ୱବାଦୀ ହେଉ କିମ୍ବା ତାହାକୁ... କେତେକ ପେଣ୍ଟିକଷ୍ଟାଲ୍ ବିଶ୍ୱାସକୁ, 'କାରଣ ସେମାନେ ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରନ୍ତି; ସେମାନେ ଅଲୌକିକରେ ବିଶ୍ୱାସ କରନ୍ତି; ସେମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ବିଶ୍ୱାସ କରନ୍ତି । ତାହାହିଁ ସର୍ବୋତ୍ତମ ଅଟେ...ମୁଁ—ମୁଁ ସେଗୁଡ଼ିକୁ ସମସ୍ତଙ୍କୁ ଠିକ ଏଠାକୁ ଆଣିପାରେ ନାହିଁ; ସେମାନେ ତ ସମଗ୍ର ବିଶ୍ୱରେ ଅଛନ୍ତି । ମୋର ସମଗ୍ର ବିଶ୍ୱରେ ବନ୍ଧୁମାନେ ଅଛନ୍ତି, ପିଲାମାନେ ଅଛନ୍ତି ଯାହାଙ୍କୁ ମୁଁ ଖ୍ରୀଷ୍ଟଙ୍କଠାରେ ଜନ୍ମ ଦେଇଅଛି । ମୁଁ ସେମାନଙ୍କୁ ସର୍ବୋତ୍ତମ ପାଖକୁ ପଠାଇବି...କଅଣ ଆପଣ ମୋତେ ସେତେବେଳେ କେବେ ଶୁଣିଛନ୍ତି କି ଯେତେବେଳେ ମୁଁ ଏକ ବେଦୀର ଡାକରା ଦେଇଥାଏ? ମୁଁ କହିଥାଏ...ଯେତେବେଳେ ମୁଁ ସେମାନଙ୍କୁ ସେଠାରେ ଉପରକୁ ନେଇଥାଏ ଓ ସେମାନଙ୍କୁ ଉଦ୍ଧାର ପ୍ରାପ୍ତ କରାଏ, ମୁଁ କୁହେ, "ବର୍ତ୍ତମାନ, ଆପଣ କୌଣସି ଭଲ ସମ୍ପୂର୍ଣ୍ଣ ସୁସମାଚାର ମଣ୍ଡଳୀକୁ ଯାଆନ୍ତୁ ଏବଂ ନିଜ ପାଇଁ ଏକ ଗୃହ ମଣ୍ଡଳୀକୁ ଗ୍ରହଣ କରନ୍ତୁ ।" କେତେ ଜଣ ମୋତେ ତାହା କହୁଥିବାର ଶୁଣିଛନ୍ତି? ନିଶ୍ଚିତ, ନିଶ୍ଚିତ ଭାବରେ । ତେବେ, ତାହାହେଲେ ମୁଁ କାହିଁକି ସେମାନଙ୍କୁ ସେଠାକୁ ପଠାଇବି? କଅଣ ମୁଁ ମୋର ନିଜ ପିଲାମାନଙ୍କୁ ମୃତ୍ୟୁକୁ ପଠାଇବା ହେତୁ କପଟୀ ହେବି କି? ତାହା ମୋ ଠାରୁ ଦୂର ହେଉ । ନା, ଆଜ୍ଞା!

215 ଯଦି ଆପଣ ଯାଇପାରନ୍ତି ନାହିଁ...ଯଦି ଆପଣ ଏଠାରେ ଆରାଧନାଳୟକୁ ଆସିପାରୁ ନାହାଁନ୍ତି, ତେବେ କୌଣସି ସ୍ଥାନରେ କୌଣସି ମଣ୍ଡଳୀକୁ ଗ୍ରହଣ କରି ନିଅନ୍ତୁ; ସେଠାକୁ ଯାଆନ୍ତୁ । ସେମାନେ ଯାହା କରନ୍ତି ଆପଣଙ୍କୁ ତାହା ସମସ୍ତକିଛି ଗ୍ରହଣ କରିବାର ଆବଶ୍ୟକତା ନାହିଁ । ସେମାନେ ରୁଟିର ଯେଉଁ ଅଂଶ ପରିବେଷଣ କରୁଛନ୍ତି, ଆପଣ ରୁଟିକୁ ପରିବେଷଣ

କରନ୍ତୁ । ଯେତେବେଳେ ସେମାନେ ରସୁଣ ନିଅନ୍ତି, କାହିଁକି, ଆପଣ ତାହାକୁ ଏକାକୀ ଛାଡିଦିଅନ୍ତୁ । ବୁଝିଲେ? ତାହା ଠିକ୍ ଅଟେ । ମୁଁ ସେମାନଙ୍କୁ ତାହା କରାଇପାରେ ନାହିଁ, ମାତ୍ର ତାହା ଅବିକଳ ଭାବେ...ନିଶ୍ଚିତରେ, ଆପଣ ମଣ୍ଡଳୀକୁ ଯାଆନ୍ତୁ । ଯେଉଁଠାରେ ବି ମଣ୍ଡଳୀର କବାଟ ଖୋଲାଯାଏ, ଆପଣ ଯେତିକି ଶୀଘ୍ର ପାରନ୍ତି ସେତିକି ଶୀଘ୍ର ପଳାଇ ଯାଆନ୍ତୁ । ଯଦି ସେମାନେ ବିଶ୍ୱାସ କରିବେ ନାହିଁ, ତେବେ...ବର୍ତ୍ତମାନ, ଆପଣଙ୍କୁ ସହଭାଗୀ ହେବାକୁ ପଡିବ ନାହିଁ । ସେମାନଙ୍କ ସହିତରେ ଯୋଗ ଦିଅନ୍ତୁ ନାହିଁ, ସେହି ମଣ୍ଡଳୀମାନଙ୍କ ମଧ୍ୟରୁ କୌଣସିଟି ସହିତ ଯୋଗ ଦିଅନ୍ତୁ ନାହିଁ; ମାତ୍ର ସେମାନଙ୍କ ନିକଟକୁ ଯାଆନ୍ତୁ; ସେମାନଙ୍କ ସହିତ ସହଭାଗିତା କରନ୍ତୁ । ଆପଣ କିପରି ଜାଣିବେ ଯେ ତାହା ପ୍ରଭୁଙ୍କର ନୁହେଁ? ସେ ତ କହିଛନ୍ତି ଯେ ସେ ସମସ୍ତ କିଛି ବିଷୟକୁ ମଙ୍ଗଳ ପାଇଁ ସାଧନ କରିବେ! ଏବଂ ବୋଧହୁଏ ସେଠାରେ ଏକ ପ୍ରାଣ ଥାଇପାରେ ଯାହାକୁ ଉଦ୍ଧାର କରାଯିବାକୁ ଅଛି, ଏବଂ ଆପଣ ସେମାନଙ୍କ ନିକଟରେ ଆଲୋକ ପ୍ରକାଶିତ କରିପାରନ୍ତି । ବୁଝିଲେ? ସେଠାରେ ତଳକୁ ଯାଆନ୍ତୁ । ଅହଙ୍କାରୀ ହୁଅନ୍ତୁ ନାହିଁ, ମଧୁର ହୋଇ ରହିଥାଆନ୍ତୁ; ଏବଂ ଲୋକମାନେ କହିବାକୁ ଲାଗିବେ, "ତାହା କେତେ ଭଲ ଜଣେ ଖ୍ରୀଷ୍ଟିଆନ ମହିଳା ଅଟେ, ଏବଂ ଏକ ଖ୍ରୀଷ୍ଟିଆନ ଦମ୍ପତି ଅଟନ୍ତି; ତାହା ଜଣେ ଅତି ଉତ୍ତମ ଖ୍ରୀଷ୍ଟିଆନ ପୁଅ ବା ଝିଅ ଅଟେ । ମୋର ପ୍ରଭୁ, ମୁଁ ଚାହିଁବି...ପିଲାଏ, ସେମାନେ ପ୍ରକୃତରେ ଏପରି ଭାବରେ ଆଚରଣ କରନ୍ତି ଯେପରିକି ସେମାନେ କିଛି ଗୋଟାଏ ପାଇଛନ୍ତି ।" ବୁଝିଲେ? ଏବଂ କୁହନ୍ତୁ, "ଏହା କଅଣ ଅଟେ?"

"ଏଠାରେ ତାହା ଅଛି ।" ତାହାପରେ ସେମାନଙ୍କୁ କୁହନ୍ତୁ । ମାତ୍ର ଆପଣ କେବଳ ଲବଣଯୁକ୍ତ ହୋଇ ଥାଆନ୍ତୁ, ଆଉ ସେମାନେ ତୃଷିତ ହେବେ ।

**257. ପ୍ରିୟ ଭାଇ ବ୍ରାନହାମ୍: କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ଚିହ୍ନଗୁଡିକ ସେସମସ୍ତଙ୍କର ଅନୁବର୍ତ୍ତୀ ହେବା ଉଚିତ୍ ଯେଉଁମାନେକି ପବିତ୍ରଆତ୍ମା ପ୍ରାପ୍ତ ହୋଇଛନ୍ତି?**

ଯୀଶୁ ତାହା କହିଥିଲେ, ମାର୍କ 16 ।

**ଯଦି ତାହା ସେହିପରି ଅଟେ, ତେବେ ସେହି ଲୋକମାନଙ୍କ ବିଷୟରେ କଅଣ ଯେଉଁମାନେକି ସେମାନଙ୍କର ଭିତରେ ଥିବା ସମସ୍ତ କିଛିରେ ଏହି ବାର୍ତ୍ତାକୁ ବିଶ୍ୱାସ କରନ୍ତି, ଯଦ୍ୟପି ସେମାନଙ୍କଠାରେ ଏହି କୌଣସି ଚିହ୍ନଗୁଡିକ ନ ଥାଏ? କଅଣ ସେମାନେ ଅବିଶ୍ୱାସୀ ଅଟନ୍ତି ନା ସେମାନେ ପବିତ୍ରଆତ୍ମା ଆବଶ୍ୟକ କରନ୍ତି? ଯଦି ତାହା ସେହିପରି ଅଟେ, ତାହାହେଲେ ଦୟାକରି ଆଜି ଆମକୁ ନିର୍ଦ୍ଦେଶ ଦିଅନ୍ତୁ, ଯେ ପବିତ୍ରଆତ୍ମା କିପରି ଗ୍ରହଣ କରିବାକୁ ଅଛି । ଆମେ ବିଶ୍ୱାସ କରୁ ଯେ ଆପଣ ଆମ ଦିନ ପାଇଁ ପରମେଶ୍ୱରଙ୍କ ମୁଖପାତ୍ର ଅଟନ୍ତି । ଆପଣଙ୍କର ଭାଇ ।**

216 ମୋର ଭାଇ, ମୋତେ ତୁମର—ତୁମର ଭାଇ ବୋଲି ଭାବିଥିବାରୁ, ଧନ୍ୟବାଦ, ଏବଂ ମୁଁ ଭାବୁଛି ଯେ ଏହା ଏକ ବହୁତ ଭଲ ପ୍ରଶ୍ନ ଅଟେ । ବନ୍ଧୁଗଣ, ହଁ, ଏହା ଟିକିଏ ହୁଗୁଳା

ଅଟେ । ଯଦି ମୁଁ ପାରିବି ତେବେ ମୁଁ ତାହା ଉପରେ ଟିକିଏ ଅଧିକ ସମୟ ନେବାକୁ ଚାହିଁବି । ଦେଖନ୍ତୁ? ଏହା ହୁଗୁଳା ଅଟେ । ଦେଖନ୍ତୁ! ଆପଣମାନଙ୍କ ମଧ୍ୟରୁ କେତେକେ...ଦେଖନ୍ତୁ? ଯେତେବେଳେ, ଆପଣ ଏକ ଅଭିଜ୍ଞତା ବିନା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିପାରନ୍ତି ନାହିଁ ଯେତେବେଳେକି ଏହା ଘଟିଥାଏ...ତେବେ, ଯଦି ଆପଣ "ବାକ୍ୟର ପ୍ରତ୍ୟେକ ବିନ୍ଦୁ ବିସର୍ଗକୁ" ବିଶ୍ୱାସ କରନ୍ତି, ଆପଣ କୁହନ୍ତି...ଆପଣ କୁହନ୍ତି ଆପଣ ଏହାର ପ୍ରତ୍ୟେକ ଟିକି ନିକିକୁ ବିଶ୍ୱାସ କରନ୍ତି, ତାହହେଲେ ସେହି ବାକ୍ୟ ସେଠାରେ ପବିତ୍ରଆତ୍ମାଙ୍କ ଦ୍ୱାରା କାର୍ଯ୍ୟରତ ହେବା ନିମନ୍ତେ ଅପେକ୍ଷାରେ ରହିଥାଏ; କିନ୍ତୁ ଏହା ପ୍ରଦୀପର ଆଲୋକିତ ହେବାକୁ ଆବଶ୍ୟକ କରେ ।

217 ଏଠାରେ ସେହି ପ୍ରଦୀପ ଅଛି ଯେଉଁଥିରେକି ସେହି ବଳିତା ଅଛି, ଏବଂ ସେହି—ସେହି ତେଲ ସହିତ ସବୁ କିଛି ଅଛି, ଏବଂ ସେହି ପ୍ରଦୀପରେ ପ୍ରୟୋଜନ କରୁଥିବା ସମସ୍ତ କିଛି ବିଷୟ ଅଛି; ମାତ୍ର ଯେପର୍ଯ୍ୟନ୍ତକି ତାହା ଉପରେ ଅଗ୍ନି ନ ଆସେ, ଏହା କୌଣସି ଆଲୋକ ଦେବ ନାହିଁ । ଏଥିରେ କିଛି ଯାଏ ଆସେ ନାହିଁ ଯେ ପ୍ରଦୀପ କେତେ ସିଦ୍ଧ ଅଟେ, ଏବଂ ଏହା କେତେ ସିଦ୍ଧ ଭାବେ ଜଳିବ ଏବଂ ସବୁକିଛି, ଏହାକୁ ଅଗ୍ନିରେ ପ୍ରଜ୍ୱଳିତ କରିବାକୁ ପଡିବ, ଏବଂ ତାହାପରେ ଏହା ଜଳିଥାଏ । ଏବଂ ଯେତେବେଳେ ଆପଣ ବିଶ୍ୱାସ କରନ୍ତି ଓ ସେହି ନିର୍ଦ୍ଦେଶାବଳୀ ଦ୍ୱାରା ନିର୍ମିତ ହୋଇଥାନ୍ତି ଯେ ପବିତ୍ରଆତ୍ମାଙ୍କକଅଣ ଅଟନ୍ତି, ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା, ସେହି ଫଳଗୁଡ଼ିକ ଯାହା ତାହା ଧାରଣ କରେ, ଯେପର୍ଯ୍ୟନ୍ତକି ଏକ ଜ୍ୱଳନ୍ତ ଅନୁଭୂତି ସହିତ ପବିତ୍ରଆତ୍ମା ତଳକୁ ଓହ୍ଲାଇ ନ ଆସନ୍ତି ଓ ସେହି ପ୍ରଦୀପକୁ ଆଲୋକିତ ନ କରନ୍ତି, ତାହାପରେ ଯାଇ ଆପଣ—ଆପଣ...ଆପଣ ପବିତ୍ରଆତ୍ମା ଗ୍ରହଣ କରି ନାହାଁନ୍ତି । ବୁଝିଲେ? ଆପଣଙ୍କୁ ପବିତ୍ରଆତ୍ମା ପାଇବାକୁ ହେଲେ ସେହି ଅଭିଜ୍ଞତାକୁ ପାଇବାକୁ ଅଛି ।

**258. ମୁଁ ଏକ ଶ୍ରମିକ ସଂଗଠନରେ ଅନ୍ତର୍ଭୁକ୍ତ ଅଟେ । କଅଣ ଏହା ଜଣେ ଖ୍ରୀଷ୍ଟିଆନଙ୍କ ପାଇଁ ଭୁଲ ଅଟେ କି? ବାକ୍ୟ କୁହେ, "ଶପଥ କର ନାହିଁ—ଶପଥ କର ନାହିଁ ।" ଆମକୁ ଶ୍ରମିକ ସଂଗଠନର ସମ୍ବିଧାନକୁ ତୋଳି ଧରିବା ପାଇଁ ଶପଥ କରିବା ଜରୁରୀ ଅଟେ । ଖ୍ରୀଷ୍ଟିଆନ ହେବା ପରଠାରୁ ମୁଁ ସେଥିରେ କୌଣସି ସକ୍ରିୟ ଅଂଶ ଗ୍ରହଣ କରି ନାହିଁ, ମାତ୍ର ମୁଁ ତଥାପି ମୋର ଦେୟଗୁଡିକ ଦେଉଅଛି ।**

**259. କଅଣ ଯିହୂଦା ଇସ୍କାରିୟୋତର ନାମ ମେଷଶାବକଙ୍କ ଜୀବନ ପୁସ୍ତକରୁ ଲୋପ କରି ଦିଆ ଯାଇଥିଲା ନା ତାହା ମେଷଶାବକଙ୍କ ଜୀବନ ପୁସ୍ତକରେ ରହିଥିଲା?**

218 ଠିକ୍ ଅଛି । ଶ୍ରମିକ ସଂଗଠନ ସମ୍ବନ୍ଧରେ, ମୁଁ ଜାଣେ ଯେ ଆପଣ କାମ କରନ୍ତି...ଆପଣ ପୁରୁଷମାନଙ୍କର ଶ୍ରମିକ ସଂଗଠନ ଏବଂ ପ୍ରଭୃତି ବିଷୟ ସବୁ ରହିଥାଏ ଯାହାକି ଆପଣ...ଯଦି ଆପଣ କାମ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ସେଥିରେ ସମ୍ପୃକ୍ତ ହେବାକୁ ପଡିଥାଏ । ତାହା ଅବିକଳ ଠିକ୍ ଅଟେ । ଆପଣଙ୍କୁ ତାହା କରିବାକୁ ପଡିଥାଏ । ମାତ୍ର ତାହାକୁ ଲକ୍ଷ୍ୟ କରନ୍ତୁ (ଦେଖନ୍ତୁ?), କାରଣ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ ତାହା ଶ୍ରମରୁ ଧର୍ମ ଆଡକୁ

ଆସିବାକୁ ଯାଉଅଛି । ବୁଝିଲେ? ବର୍ତ୍ତମାନ, ଆପଣ କେବଳ ମନେ ରଖନ୍ତୁ, ଏହା ସମସ୍ତ କିଛି ବିଷୟର ଏକୀକରଣ ହେଉଥିବାର ଏକ ଅଗ୍ରଗାମୀ ଅଟେ । ଆପଣ କାମ କରିପାରନ୍ତି ନାହିଁ; ସେମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ କରିବାକୁ ଦେବେ ନାହିଁ; ଆପଣ—ଆପଣ ଏକ "ଘାଆ" ଅଟନ୍ତି, ଯେପର୍ଯ୍ୟନ୍ତକି ଆପଣ—ଆପଣ ଏହି ସଂଗଠନରେ ସମ୍ପୃକ୍ତ ନୁହଁନ୍ତି ।

219 ତେବେ ମନେରଖନ୍ତୁ, ଆପଣ ଯୁବା ଲୋକମାନେ, ମନେରଖନ୍ତୁ ଯେ ଭାଇ ବ୍ରାନହାମ୍ କଅଣ କହୁଛନ୍ତି । ଏବଂ ଏହା ହେଉ ଯେ ମୋର ଶବ୍ଦଗୁଡ଼ିକ ଏକ ଲୁହା କଲମରେ ଏକ— ଏକ—ଏକ ଇସ୍ପାତ ପର୍ବତରେ ଖୋଦିତ ହୋଇଯାଉ! **ସଦାପ୍ରଭୁ ଏହି କଥା କୁହନ୍ତି**, ସେହି ସମାନ ବିଷୟ ଧର୍ମରେ ମଧ୍ୟ ଘଟିବ । ଆପଣ କୌଣସି ଗୋଟିଏ ପ୍ରକାରର ନାମଧାରୀ ସଂସ୍ଥା ସହିତରେ ସମ୍ପୃକ୍ତ ହେବେ, ନୋହିଲେ ଆପଣ କ୍ରୟ କିମ୍ବା ବିକ୍ରୟ କରିପାରିବେ ନାହିଁ । ତେଣୁକରି ଭାଇ, ପ୍ରକୃତରେ ସାବଧାନ ରୁହନ୍ତୁ । ଏହାକୁ କେବଳ ଏକାକୀ ଶ୍ରମ ପର୍ଯ୍ୟନ୍ତ ଯିବାକୁ ଦିଅନ୍ତୁ । ତାହାକୁ ଦେଖନ୍ତୁ; ଏହା ଏକ ଚେତାବନୀ ଅଟେ!

220 "କଅଣ ଯିହୂଦା ଇସ୍କାରିୟୋତର ନାମ ମେଷଶାବକଙ୍କ ଜୀବନ ପୁସ୍ତକରୁ ଲୋପ କରି ଦିଆଯାଇଥିଲା, ନା ତାହା ସର୍ବଦା ନିମନ୍ତେ ସେଥିରେ ରହିଥିଲା?" ହଁ, ଏହା ସେଥିରେ ଥିଲା ଏବଂ ଲୋପ କରି ଦିଆଯାଇଥିଲା । ଦେଖନ୍ତୁ? କାରଣ ମାଥିଉ 10ମ ପର୍ବରେ, ଯୀଶୁ ଯିହୁଦାକୁ ଏବଂ ଅନ୍ୟ ସମସ୍ତଙ୍କୁ ଡାକିଥିଲେ, ଏବଂ ସେମାନଙ୍କୁ ଅଶୁଚି ଆତ୍ମାଗୁଡିକ ବିରୁଦ୍ଧରେ ଶକ୍ତି ପ୍ରଦାନ କରିଥିଲେ । ସେମାନେ ଭୂତମାନଙ୍କୁ ଛଡାଇବାକୁ ବାହାରିଲେ, ଏବଂ ଯୀଶୁ କହିଲେ, "ମୁଁ ଏପରିକି ଶୟତାନଙ୍କୁ ସ୍ୱର୍ଗରୁ ଖସି ପଡୁଥିବାର ଦେଖିଛି ।" କଅଣ ତାହା ଠିକ୍ ଅଟେ? ଏବଂ ସେମାନେ, ସେହି ସମସ୍ତ ଶିଷ୍ୟମାନେ ଏକାଠି ଫେରି ଆସିଲେ, ଆଉ ସେମାନେ ଆନନ୍ଦ କରୁଥିଲେ; ଆଉ ସେ କହିଲେ, "ଏଥି ନିମନ୍ତେ ଆନନ୍ଦ କର ନାହିଁ ଯେ ତୁମର ନାହିଁ…ଶୟତାନ ତୁମର ବଶୀଭୂତ ଅଟେ, କିନ୍ତୁ ଏଥି ନିମନ୍ତେ ଆନନ୍ଦ କର ଯେ ତୁମର ନାମ ଜୀବନ ପୁସ୍ତକରେ ଲେଖା ହୋଇଛି ।" ବୁଝିଲେ? ତାହା ଠିକ୍ ଅଟେ । ଏବଂ ଯିହୂଦା ଠିକ ସେମାନଙ୍କ ସହିତରେ ରହିଥିଲା । ଦେଖନ୍ତୁ?

221 ତେଣୁକରି ମନେରଖନ୍ତୁ, ବିଚାର ସମୟରେ, ଦେଖନ୍ତୁ, ବିଚାର ସିଂହାସନରେ, "ବିଚାର ଉପସ୍ଥିତ ହେଲା; ପୁସ୍ତକଗୁଡ଼ିକ ଖୋଲା ଗଲା; ଏବଂ ଆଉ ଏକ ପୁସ୍ତକ ଖୋଲା ଗଲା, ଯାହାକି ଜୀବନ ପୁସ୍ତକ ଥିଲା, ଏବଂ ପ୍ରତ୍ୟେକ ବ୍ୟକ୍ତି ତଦନୁସାରେ ବିଚାର କରା ଗଲେ ।"

222 ବର୍ତ୍ତମାନ, ଆପଣ ସେଠାରେ ଅଛନ୍ତି, କିଛି ସମୟ ପୂର୍ବରୁ ପଚରା ଯାଇଥିବା ପ୍ରଶ୍ନ ଉପରେ । ଦେଖନ୍ତୁ? ବିଚାର ସିଂହାସନ ଉପରେ । ଯୀଶୁ, ସେହି ମଣ୍ଡଳୀ, ସେହି କନ୍ୟା, ସ୍ୱର୍ଗାରୋହଣ କରି, ମହିମାକୁ ଉଠାଇ ନିଆଗଲେ, ଏବଂ ସେଠାରେ ଉପରେ ଥିଲେ ଏବଂ ବିବାହିତ ଥିଲେ, ପୃଥିବୀକୁ ଫେରି ଆସିଥିଲେ, ଓ ଏକ ହଜାର ବର୍ଷ ରହିଥିଲେ । ହଜାର ବର୍ଷର ଶେଷରେ ଶୟତାନକୁ ତାର କାରାଗାରରୁ ମୁକ୍ତ କରାଗଲା, ଯାହାକି ଏକ ଶିକୁଳିରେ ସ୍ୱର୍ଗଦୂତ ଦ୍ୱାରା ବନ୍ଧା ଯାଇଥିଲା, ଏକ ଲଗ୍ ଶିକୁଳି ନୁହେଁ, ମାତ୍ର ପରିସ୍ଥିତିର ଏକ ଶିକୁଳି;

ତାର ସମସ୍ତ ପ୍ରଜା ନରକରେ ଥିଲେ । ପୃଥିବୀରେ ପୁନରୁତ୍ଥିତ ହୋଇଥିବା ସମସ୍ତେ ମୁକ୍ତ କରା ଯାଇଥିଲେ ଏବଂ ଯୀଶୁ ସେମାନଙ୍କ ସହିତରେ ଥିଲେ । ସେ କୌଣସି ବିଷୟ ଉପରେ କାର୍ଯ୍ୟ କରିପାରି ନ ଥିଲେ; କିନ୍ତୁ ସହସ୍ର ବର୍ଷର ଶେଷରେ, ସେହି ଦ୍ୱିତୀୟ ପୁନରୁତ୍ଥାନରେ…"ପ୍ରଥମ ପୁନରୁତ୍ଥାନରେ ଅଂଶ ଥିବା ଲୋକମାନେ ଧନ୍ୟ ଏବଂ ପବିତ୍ର ଯେଉଁମାନଙ୍କ ଉପରେ ଦ୍ୱିତୀୟ ମୃତ୍ୟୁର କୌଣସି ଶକ୍ତି ନାହିଁ ।"

223 ତେବେ ଧ୍ୟାନ ଦିଅନ୍ତୁ, ଏହି ଦ୍ୱିତୀୟ ପୁନରୁତ୍ଥାନରେ, ଯେତେବେଳେ ସେମାନେ ଆସନ୍ତି, ସେତେବେଳେ ଶୟତାନକୁ ଅଳ୍ପ ସମୟ ପାଇଁ ତାର କାରାଗାରରୁ ମୁକ୍ତ କରାଯାଏ; ତାହାପରେ ସେହି ବିଚାର ସ୍ଥିର କରାଯାଏ । ତେବେ ଦେଖନ୍ତୁ, ଯୀଶୁ ସେହି କନ୍ୟା ସହିତ, ରାଜା ଏବଂ ରାଣୀ ଭାବରେ, ଶ୍ୱେତ ସିଂହାସନ ବିଚାରରେ, ସିଂହାସନରେ ବସିଥାଆନ୍ତି; ଏବଂ ପୁସ୍ତକଗୁଡ଼ିକ ଖୋଲା ହୁଏ, ପାପୀମାନଙ୍କର ପୁସ୍ତକଗୁଡିକୁ । ଏବଂ ଆଉ ଏକ ପୁସ୍ତକ ଖୋଲାଯାଏ, ଯାହାକି ଜୀବନ ପୁସ୍ତକ ଅଟେ; ଏବଂ ପ୍ରତ୍ୟେକ ବ୍ୟକ୍ତି ତଦନୁସାରେ କନ୍ୟା ଦ୍ୱାରା ବିଚାର କରାଯାଏ । "କଅଣ ତୁମେ ଜାଣ ନାହିଁ (ଏହି ଛୋଟ ଛୋଟ ବିଷୟଗୁଡ଼ିକୁ ନେଇ ଆଇନ ସମ୍ମୁଖକୁ ଯାଇଥାଅ), କଅଣ ତୁମେ ଜାଣ ନାହିଁ ଯେ ସାଧୁମାନେ ପୃଥିବୀର ବିଚାର କରିବେ?" ଦେଖନ୍ତୁ, ଦେଖନ୍ତୁ? ଠିକ୍ ଅଛି ।

**260. ଦୟାକରି ଆପଣ ବୁଝାଇ ପାରିବେ କି ଯେ ପ୍ରକାଶିତ ବାକ୍ୟ 20:4 ର ସେହି ଗୋଷ୍ଠୀଟି କିଏ? କଅଣ ସେମାନେ ଅତୀତର ବା ଭବିଷ୍ୟତରେ କନ୍ୟାର ଅଂଶ ଅଟନ୍ତି କି?**

224 ସେମାନେ ଅତୀତ ଏବଂ ବର୍ତ୍ତମାନର, ସଂପୂର୍ଣ୍ଣ କନ୍ୟା ଅଟନ୍ତି । ସେମାନେ ସମ୍ପୁର୍ଣ୍ଣ କନ୍ୟା ଅଟନ୍ତି, କାରଣ ସେମାନେ ସହସ୍ରାବ୍ଦୀରେ ବାସ କରୁଛନ୍ତି । ଠିକ୍ ଅଛି ।

**261. କଅଣ ଆପଣ ଦୟାକରି…** (ତେବେ, ଏହା ଅବିକଳ ଠିକ ସେହି ସମାନ ପ୍ରଶ୍ନ ଅଟେ ।) **…ପ୍ରକାଶିତ ବାକ୍ୟ 20:4, କଅଣ ତାହା ସେମାନଙ୍କର ପ୍ରାଣଗୁଡିକ ଅଟେ କି ଯେଉଁମାନଙ୍କରକି ଖ୍ରୀଷ୍ଟଙ୍କ ସାକ୍ଷ୍ୟ ପାଇଁ ମୁଣ୍ଡ କାଟ ହୋଇଥିଲା ଯେଉଁମାନେ ସେହି ପଶୁକୁ ଉପାସନା କରି ନ ଥିଲେ କିମ୍ବା ତାର ଚିହ୍ନକୁ ଗ୍ରହଣ କରି ନ ଥିଲେ** (ଓଃ, ମୁଁ ଦେଖୁଛି ଯେ ସେମାନେ ବର୍ତ୍ତମାନ କେଉଁ ବିଷୟ ଆଡକୁ ଯାଉଛନ୍ତି । ଏହା ଏବେ ହେଁ ମୋତେ ଦିଆଗଲା, କେବଳ ମୋତେ ଧରାଇ ଦିଆଗଲା ।) **…ଯେହେତୁ ଏହା କହେ ଯେ ସେମାନେ ଖ୍ରୀଷ୍ଟଙ୍କ ସହ ଏକ ସହସ୍ର ବର୍ଷ ବାସ କଲେ ଏବଂ ରାଜତ୍ୱ କଲେ? ତେଣୁକରି ଏହା ଦ୍ୱନ୍ଦାତ୍ମକ ଅଟେ, କାରଣ କନ୍ୟାର ନିର୍ଯ୍ୟାତନା, କିନ୍ତୁ ସେମାନଙ୍କ ବ୍ୟତୀତ ଆଉ କିଏ ହୋଇପାରିବେ ଏବଂ ଖ୍ରୀଷ୍ଟଙ୍କ ସହ ଏକ ସହସ୍ର ବର୍ଷ ରାଜତ୍ୱ କରିପାରିବେ? କଅଣ ସେମାନେ—ସେମାନେ…କଅଣ ସେମାନେ ସେହି ଏକ ଲକ୍ଷ ଚୌ-ରାଳିଶ ହଜାର ହେବେ କି?**

ନା ନା! ସେମାନେ କନ୍ୟା ଅଟନ୍ତି । ତେବେ, ମନେ ରଖନ୍ତୁ, ମନେ ରଖନ୍ତୁ, ସେମାନେ…

225 ଆପଣ କହିଲେ, "ଯେତେବେଳେ ସେମାନଙ୍କର ସାକ୍ଷ୍ୟ ନିମନ୍ତେ ମୁଣ୍ଡ କାଟ କରାଯାଇଥିଲା…" ତେବେ, ଆପଣ କୁହନ୍ତି, "ତାହା ପାଇଁ…ପଶୁକୁ ଉପାସନା କରିବା ପାଇଁ ନୁହେଁ…" ନିଶ୍ଚିତରେ! ଆପଣ କୁହନ୍ତି, "ସେହି ପଶୁକୁ ଏପର୍ଯ୍ୟନ୍ତ ଆସିବାକୁ ଅଛି।"

226 ପଶୁ ତ ସର୍ବଦା ରହିଆସିଛି; ସେହି ପଶୁ ହିଁ ଥିଲା ଯିଏକି ସେଠାରେ ପଶ୍ଚାତ୍ ସମୟରେ ସିଂହମାନଙ୍କ ଗର୍ତ୍ତରେ ସେମାନଙ୍କୁ ଭୋଜନ ନିମନ୍ତେ ପକାଇଥିଲା, ରୋମ୍‌ରେ ସେଠାରେ ସେହି କ୍ରୀଡା କ୍ଷେତ୍ରରେ ସେମାନଙ୍କୁ ଭକ୍ଷ ନିମନ୍ତେ ଦେଇଥିଲା। ତାହା ସେହି ଖ୍ରୀଷ୍ଟାରୀ ଥିଲା; ତାହା ତ ଠିକ ସେଠାରେ ସେହି ପଶୁଟି ଥିଲା, ଧର୍ମର ଏକ ରୂପ ସ୍ଥାପନ କରିଥିଲା। ଠିକ୍ ଅବିକଳ ଭାବେ, ପ୍ରାୟଃ, ଏକ ଢାଞ୍ଚା ପରି। ରୋମାନ୍ ମଣ୍ଡଳୀକୁ ଠିକ ସେହି ବାଇବଲରୁ ନିଆ ଯାଇଥିଲା, ଏବଂ ତାହାପରେ…ସେମାନେ ଯାହା କଲେ ତାହା ହେଉଛି, ସେମାନେ ସେହି ବିଷୟକୁ ସଂଗଠିତ କଲେ ଏବଂ ଏକ ଅନୁଷ୍ଠାନ ତିଆରି କଲେ ଏବଂ ସେଥିରୁ ଏକ—ଏକ ବିଶ୍ୱବ୍ୟାପୀ ମଣ୍ଡଳୀ ପ୍ରସ୍ତୁତ କଲେ, ଏବଂ ଯେସମସ୍ତେ ଏହାକୁ ପ୍ରଣାମ ନ କରିବେ ସେମାନଙ୍କୁ ଘାତ କରାଯିବାକୁ ଥିଲା। ଦେଖନ୍ତୁ? ଏହା ହିଁ ଥିଲା।

227 ଏବଂ ତାହାପରେ ଶରୀରର ସେହି ଅଂଶରେ ଯାହାକି ସେତେବେଳେ ଥିଲା…ବର୍ତ୍ତମାନ, ସେହି ଶରୀରଟି ଠିକ ଏକ ଗଛ ପରି ବଢଯାଇଛି ଏପରିକି ତାହା ମୁଣ୍ଡକୁ ଆସୁଅଛି। ଦେଖନ୍ତୁ? ଏବଂ ସମସ୍ତେ, ଉଭୟ ଶହୀଦ, ଏବଂ ନିର୍ଯ୍ୟାତିତ, ଓ ପ୍ରଭୃତି ସବୁ…

228 କିନ୍ତୁ ଯୀଶୁ ନଦୀର ଏପାରିରେ ଆମକୁ ଶାନ୍ତି ପ୍ରଦାନ କରିଛନ୍ତି, ଠିକ ଯେପରି ସେ ସେହି ଜାତିମାନଙ୍କୁ କରିଥିଲେ ଯାହାକି…ସେଠାରେ (ଦେଖନ୍ତୁ?) ଅତିକ୍ରମ କରି ନ ଥିଲେ। ବର୍ତ୍ତମାନ।

**262. ମୁଁ ତାଙ୍କ ପାଇଁ କଅଣ କରିପାରେ? କଅଣ ମୋତେ କୃଷି କ୍ଷେତ୍ରରେ ବାପାଙ୍କର ଯତ୍ନ** (ଓଃ!) **ନେବା ଜାରି ରଖିବା ଉଚିତ କି? ମୁଁ ଏକ—ଏକ ଜୀବିକାର୍ଜନ ପାଇଁ…କଅଣ କରି ପାରେ…?** ଏବଂ ସେ ତାଙ୍କ ନାମର ଦସ୍ତଖତ କରନ୍ତି।

ହଁ, ମୋର ଭାଇ…ଏହା—ଏହା ଏଠାରେ ଲେଖା ଅଛି। ମୁଁ ଜାଣେ ନାହିଁ ଯେ କିଏ…ଏହା କୁହେ, "ଭାଇ ବ୍ରାନହାମ୍…" ଏହା ଠିକ ଆରମ୍ଭ କରେ, "ମୁଁ ତାଙ୍କ ପାଇଁ କଅଣ କରିପାରେ?"

229 ତେବେ, ବୋଧହୁଏ କୌଣସି ପିଲା ତାଙ୍କ ବାପାଙ୍କ ପାଇଁ। ଦେଖନ୍ତୁ, ମୋର ପ୍ରିୟ ଭାଇ, ଧନ୍ୟ ଆପଣ ଯେତେବେଳେ ଆପଣ ନିଜର ବାପାଙ୍କ ଯତ୍ନ ନେବେ, କାରଣ ଆପଣଙ୍କର ବାପା ଆପଣଙ୍କର ସେତେବେଳେ ଯତ୍ନ ନେଇଥିଲେ ଯେତେବେଳେ ଆପଣ ନିଜର ଯତ୍ନ ନେଇ ପାରି ନ ଥିଲେ। ଏବଂ ପ୍ରତିଜ୍ଞା ସହିତ ପ୍ରଥମ ଆଜ୍ଞା ହେଉଛି, ପ୍ରତିଜ୍ଞା ସହିତ ପ୍ରଥମ ଆଜ୍ଞା ହେଉଛି: "ଆପଣା ପିତାମାତାଙ୍କର ସମାଦର କର ଯଦ୍ଦ୍ୱାରାକି ପୃଥିବୀରେ ରହିଥିବା ଦିନଗୁଡିକ ବୃଦ୍ଧି ହୋଇପାରେ ଯାହା ପ୍ରଭୁ ତୁମ୍ଭ ପରମେଶ୍ୱର ତୁମକୁ ପ୍ରଦାନ କରନ୍ତି।" ବୁଝିଲେ? ହଁ, ଆପଣ ଯେକୌଣସି ଉପାୟରେ ଯଥାସମ୍ଭବ ବାପାଙ୍କର ଯତ୍ନ ନିଅନ୍ତୁ। ଦେଖନ୍ତୁ ଯେ ସେ ସବୁଠାରୁ ଉତ୍ତମ ବିଷୟ ପାଆନ୍ତି।

**263. ଆପଣ କହିଲେ ଯେ କୟିନ ସର୍ପର ବଂଶର ଅଟେ । ହବା ତେବେ କାହିଁକି କହିଲା, "ମୁଁ ପ୍ରଭୁଙ୍କଠାରୁ ଏକ ନର ଲାଭ କରିଅଛି"?**

ଏଠାରେ ଆମେ ଯିବା । ଉତ୍ତମ ହେବ ଯେ ମୁଁ ଏହା ଉପରେ ରାତ୍ରି ଭୋଜନ ପରେ ଥିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବି । ହଁ, ମୁଁ ତାହା ଉପରେ ରାତ୍ରି ଭୋଜନ ପରେ ଥିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବି । ଓଃ, ତାହା ବୁଝାଇବା ପାଇଁ ପ୍ରାୟଃ ଟିକେ ଅଧିକ ସମୟ ଲାଗିବାକୁ ଯାଉଅଛି । ଠିକ୍ ଅଛି ।

**264. ପ୍ରିୟ ଭାଇ ବ୍ରାନହାମ୍: କଅଣ ଆପଣ ମୋତେ ଏହି ପଦଟି ବୁଝାଇ ଦେବେ କି, ଯିଶାଇୟ 2:2: "ଶେଷ କାଳରେ ଏରୂପ ଘଟିବ, ସଦାପ୍ରଭୁଙ୍କର ପର୍ବତ...ସଦାପ୍ରଭୁଙ୍କ ଗୃହର ପର୍ବତ ପର୍ବତଗଣର ଶିଖର ଉପରେ ସ୍ଥାପିତ ହେବ, ଓ ଉପପର୍ବତଗଣ ଅପେକ୍ଷା ଉଚ୍ଚୀକୃତ ହେବ; ଆଉ ସମୁଦାୟ ଗୋଷ୍ଠୀ ସ୍ରୋତ ପରି ତହିଁ ମଧ୍ୟକୁ ବହି ଆସିବେ ।"**

230 ହଁ, ମୁଁ ଗତ ରବିବାର ପୂର୍ବରୁ, କରିଥିଲି । ଦେଖନ୍ତୁ? ସଦାପ୍ରଭୁଙ୍କ ସେହି—ସେହି ଗୃହ ପର୍ବତ ଶିଖର ଉପରେ ସ୍ଥାପିତ ହେବ, ଆଉ ସମୁଦାୟ ଗୋଷ୍ଠୀ ସ୍ରୋତ ପରି ତହିଁ ମଧ୍ୟକୁ ବହି ଆସିବେ । ସେହି ବଡ...ଯଦି ଆପଣ ତାହା ପାଇ ନାହାଁନ୍ତି...ଯଦି ଆପଣ *କନ୍ୟା ଏବଂ ବରର ଭବିଷ୍ୟତ ଘର* ସନ୍ଦେଶ ଉପରେ ସେହି ଟେପ୍ ପାଇଛନ୍ତି, ଏହା ତାହାକୁ ଅବିକଳ ଠିକ୍ ସେହି ଉପାୟରେ ବ୍ୟାଖ୍ୟା କରେ ।

ଓଃ, ମୋର ପ୍ରଭୁ! ମୁଁ ମଧ୍ୟ ବର୍ତ୍ତମାନ ତାହା ବନ୍ଦ କରିଦିଏ, କାରଣ ମୋର, ହେ ମୋର ପ୍ରଭୁ, ଭାଇ, ଆମେ କେବେବି ଏହି ସବୁ ଦେଇ ଯାଇପାରିବା ନାହିଁ । ହୁଁ!

**265. ଭାଇ ବ୍ରାନହାମ୍, କଅଣ...**(ଆସନ୍ତୁ ଦେଖିବା ଯେ ଏହା କଅଣ ଅଟେ ।) **ଭାଇ ବ୍ରାନହାମ୍, ସାଧାରଣତଃ ଅନେକେ ଏହା ବିଶ୍ୱାସ କରନ୍ତି ଯେଉଁମାନେକି ଆପଣଙ୍କର ବାର୍ତ୍ତାକୁ ଅନୁସରଣ କରନ୍ତି ଯେ ଆପଣ ହେଉଛନ୍ତି ଏହି ଦିନର ମଶୀହ । କଅଣ ତାହା ସେହିପରି ଅଟେ କି?**

231 ନା, ଆଜ୍ଞା!

**ଆମକୁ ସରଳ ଭାବରେ କୁହନ୍ତୁ, ଭାଇ ବ୍ରାନହାମ୍ । ଆପଣ ନିଜକୁ ଜଣାଇବାରେ ଦ୍ୱିଧାବୋଧ କରୁଥିବା ପରି ମନେହୁଏ, ଏବଂ ଆମେ ଜାଣୁ ଯେ ଏପରି ଏକ ସେବାକାର୍ଯ୍ୟ ସହ ଯାହାକି ପରମେଶ୍ୱର ଆପଣଙ୍କୁ ଦେଇଛନ୍ତି, ଆପଣଙ୍କୁ ଶାସ୍ତ୍ରରେ କୌଣସି ସ୍ଥାନରେ ଚିହ୍ନଟ କରାଯିବା ଉଚିତ୍ ।**

**266. ସଂଖ୍ୟା—ସଂଖ୍ୟା 2: ଆପଣ ଆମକୁ ନିଜର ପ୍ରଥମ ଥର କରି ଏରିଜୋନା ଯିବାର ଉଦ୍ଦେଶ୍ୟ କହିଥିଲେ । ଆପଣ ଆମକୁ କହିଥିଲେ କାହିଁକି, ଏବଂ ତାହା ଘଟିଥିଲା, କିନ୍ତୁ ଆପଣ ଆମକୁ ତାହା କହିଲେ ନାହିଁ ଯେ ଆପଣ ପୁନର୍ବାର କାହିଁକି ଫେରିଗଲେ?**

232 ପ୍ରଥମ ସ୍ଥାନରେ, ମୁଁ ଜଣେ ମଶୀହ ନୁହେଁ! ଦେଖନ୍ତୁ? *ମଶୀହ* ହେଉଛନ୍ତି ଯୀଶୁ ଖ୍ରୀଷ୍ଟ, ମାତ୍ର ଆମେମାନେ "ମଶୀହିୟ" ଅଟୁ, ଆମେ ସମସ୍ତେ। *ମଶୀହ*, *ମଶୀହ* ର ଅର୍ଥ "ଅଭିଷିକ୍ତ ଜନ।" ଏବଂ ତାହାଙ୍କଠାରେ ପରମେଶ୍ୱରତ୍ତ୍ୱର ପରିପୂର୍ଣ୍ଣତା ସଶରୀରରେ ବାସ କରିଥିଲା; ମୋ ଭିତରେ ତ କେବଳ ତାହାଙ୍କ ଆତ୍ମାଙ୍କର କିଛି ଅଂଶ ବାସ କରେ, ଠିକ ଯେପରି ତାହା ଆପଣମାନଙ୍କଠାରେ ବାସ କରେ। ମୋତେ ଅଳ୍ପ କିଛି ବିଷୟ ଜାଣିବା ପାଇଁ ଏବଂ ବିଷୟଗୁଡିକୁ ପୂର୍ବରୁ ଦେଖିବା ପାଇଁ—ପାଇଁ—ପାଇଁ ଏକ ଦାନ ଦିଆଯାଇଛି। ତାହା ତଥାପି ମୋତେ ଆପଣମାନଙ୍କର ଭାଇ ହିଁ କରେ। ଦେଖନ୍ତୁ? ମୁଁ ତାହା ନୁହେଁ...ଖ୍ରୀଷ୍ଟ ନୁହେଁ; ମୁଁ ଆପଣଙ୍କର ଭାଇ ଅଟେ (ଦେଖନ୍ତୁ?), ମେଷପଲ ପାଇଁ କେବଳ ଜଣେ ମେଷପାଳକ ଅଟେ। ଏବଂ ଯଦି ମୁଁ ଆପଣମାନଙ୍କୁ କୁହେ ଯେ ମୁଁ ମଶୀହ ଅଟେ, ତେବେ ମୁଁ ଜଣେ ମିଥ୍ୟାବାଦୀ ହେବି। ଦେଖନ୍ତୁ? ଏବଂ ମୁଁ ଜଣେ ମିଥ୍ୟାବାଦୀ ହେବାକୁ ଚାହେଁ ନାହିଁ।

233 "ବର୍ତ୍ତମାନ, ମୁଁ ପ୍ରଥମ ଥର କାହିଁକି ଏରିଜୋନା ଗଲି?" ଆପଣ ତାହା ବୁଝିଛନ୍ତି। ମୁଁ ପ୍ରଭୁଙ୍କ ନାମରେ ଗଲି, କାରଣ ମୋତେ ଏକ ଦର୍ଶନ ଦ୍ୱାରା ସେଠାକୁ ପଠା ଯାଇଥିଲା। ମୁଁ ଦ୍ୱିତୀୟ ଥର ଗୋଟିଏ ଉଦ୍ଦେଶ୍ୟ ପାଇଁ ଫେରିଲି। ଏହାକୁ ଛାଡି ଦିଅନ୍ତୁ। ମୁଁ ଜାଣେ ଯେ ମୁଁ କଅଣ ପାଇଁ ଗଲି; ମୁଁ ସବୁକିଛି କହିପାରେ ନାହିଁ। ଯେତେବେଳେ ଆପଣ...ଶୟତାନ ଜାଣେ ନାହିଁ, ଏହାକୁ ମୋ ହୃଦୟରୁ ବାହାର କରିପାରେ ନାହିଁ। ଯଦି ମୁଁ ଏହାକୁ କହି ଦେବି, ତାହାହେଲେ ସେ ତାହାକୁ ପାଇପାରିବ, କିନ୍ତୁ ସେ ନୁହେଁ...ଯେତେବେଳେ ପର୍ଯ୍ୟନ୍ତ ତାହା ମୋ ହୃଦୟରେ ଅଛି ସେ ତାହା ପାଇପାରେ ନାହିଁ। ଯଦି ମୁଁ କୁହେ, "ଏହା ଘଟିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ!"... କେବଳ ମନେରଖନ୍ତୁ, ଏହି ଟେପ୍‌କୁ ଧରି ରଖନ୍ତୁ; ମୁଁ ଗୋଟିଏ ଉଦ୍ଦେଶ୍ୟ ପାଇଁ ଏରିଜୋନାକୁ ଯାଇଅଛି। ଦୟାକରି ମୋ ସହିତ ରୁହନ୍ତୁ। ଦେଖନ୍ତୁ? ମୁଁ ଆପଣମାନଙ୍କୁ ଯାହା କରିବାକୁ କହୁଅଛି ଆପଣ କେବଳ ତାହା କରନ୍ତୁ (ବୁଝିଲେ?); କେବଳ—କେବଳ ମୁଁ ଯେପରି କହୁଅଛି ତାହା କରନ୍ତୁ। ବୁଝିଲେ?

**267. ଭାଇ ବ୍ରାନହାମ୍, ମୋର କିଛି ପ୍ରଶ୍ନ ଅଛି ଯାହା ମୁଁ ଆପଣଙ୍କୁ ପଚାରିବାକୁ—ପଚାରିବାକୁ ଚାହେଁ। ମୁଁ ଲୋକମାନଙ୍କୁ ଏହା କହୁଥିବାର ଶୁଣିଛି ଯେ ଆପଣ ଲୋକମାନଙ୍କୁ ସେମାନଙ୍କର ସମସ୍ତକିଛିକୁ ବିକ୍ରୟ କରିବା ପାଇଁ ପରାମର୍ଶ ଦେଇଛନ୍ତି...** (ବୋଧହୁଏ ଉତ୍ତମ ହେବ ଯେ ମୁଁ ଏହାକୁ ମଧ୍ୟ ଛାଡି ଦିଏ। ଆସନ୍ତୁ ଦେଖିବା। ତେବେ, ଏହା ବନ୍ଦ କରିବାର ସମୟ ଆଗରୁ ହୋଇଯାଇଛି। ଆମେ ହୁଏତ ଏହାକୁ ରାତ୍ରି ଭୋଜନ ପରେ ନେଇପାରିବା, କିନ୍ତୁ ମୁଁ—ମୁଁ ଏହାର ଉତ୍ତର ଦେବି କିମ୍ବା ମୋର ସର୍ବୋତ୍ତମ ଚେଷ୍ଟା କରିବି। ମୁଁ ଜାଣେ ନାହିଁ; ଏହା ତ କେବଳ ମୋତେ ଦିଆ ଯାଇଥିଲା। ଦେଖନ୍ତୁ? ବିଲି ମୋତେ ସେଠାରେ—ସେଠାରେ ଦ୍ୱାର ପାଖରେ କେବଳ ଏକ ହାତମୁଠା ଆଣି ଦେଇଥିଲା। ଦେଖନ୍ତୁ?) **ମୁଁ ଲୋକମାନଙ୍କୁ ଏହା କହୁଥିବାର ଶୁଣିଛି ଯେ ଆପଣ ଲୋକମାନଙ୍କୁ ସେମାନଙ୍କର ଘରକୁ ବିକ୍ରୟ କରି ଦେବାକୁ ପରାମର୍ଶ ଦେଇଛନ୍ତି ଏବଂ ଆପଣଙ୍କୁ ଅନୁସରଣ କରି ଏରିଜୋନାକୁ ଆସିବା**

**ପାଇଁ କହିଛନ୍ତି ଅନ୍ୟଥା—ଅନ୍ୟଥା ସେମାନେ ଉର୍ଦ୍ଧାନ୍ତିକରଣରେ ଯିବେ ନାହିଁ । କଅଣ ଏହା ସତ କି?**

234 ତାହା ଏକ ମିଥ୍ୟା ଅଟେ । ଦେଖନ୍ତୁ? ଉହ- ହୁ!

**...ଅବା ଆମେ ଆମର ଘର ବିକ୍ରୟ କରିବା ଉଚିତ କି, କିଅବା ଆପଣ ଏପରି ତାହା କହିଛନ୍ତି କି?**

235 ନା, ମହାଶୟ! ମୁଁ ଏହା କହି ନାହିଁ! ଯଦି କିଛି କହିଛି, ମୁଁ ଲୋକମାନଙ୍କୁ ତାହା ନ କରିବାକୁ ପରାମର୍ଶ ଦେଇଅଛି । ଉଃ-ହୁ! କଅଣ ମନେ ଅଛି, କଅଣ ସେହି ସମୟରେ "ଜୁନି" ଜ୍ୟାକସନ୍‌ଙ୍କ ସ୍ୱପ୍ନ ମନେ ଅଛି କି ଯେତେବେଳେ ମୁଁ ସେଠାକୁ ଯାଇଥିଲି? "ଜୁନି" ସ୍ୱପ୍ନରେ ଦେଖିଥିଲେ ଯେ ସେ ଏହା ଦେଖିଲେ...କେତେ ଜଣ ସେହି ସ୍ୱପ୍ନକୁ ମନେ ରଖିଛନ୍ତି, ଏବଂ ପ୍ରଭୁ କିପରି ତାର ବ୍ୟାଖ୍ୟା ଦେଇଥିଲେ । ସେହି ମହାନ ପର୍ବତ, ଆମେ ତାହା ଉପରେ ଛିଡ଼ା ହୋଇଥିଲୁ, ଏବଂ ସେଠାରେ ପୁରୁଣା ଧୋଇ-ହୋଇଯାଇଥିବା ପୁରୁଣା ଅକ୍ଷରଗୁଡ଼ିକ; ଏବଂ ମୁଁ ଏହାକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁଥିଲି, ଆଉ ମୁଁ ତାହା କରିପାରି ନ ଥିଲି । ଏବଂ ମୁଁ—ମୁଁ ତାହାକୁ ସେମାନଙ୍କୁ ବ୍ୟାଖ୍ୟା କରୁଥିଲି । ମୁଁ ଏହାକୁ ସମସ୍ତ ବ୍ୟାଖ୍ୟା କରିସାରିବା ପରେ, ଏହାର ସମସ୍ତ ବ୍ୟାଖ୍ୟା ହେଲା ପରେ, ତାହାପରେ ମୁଁ ଗଲି ଓ ନେଲି (ତେବେ ତାଙ୍କ ସ୍ୱପ୍ନରେ ହିଁ) ଗୋଟିଏ ପ୍ରକାରର ଏକ, ଯେପରିକି, ଏକ ଗଇଁତି ନେଲି ଓ ସେହି ପର୍ବତର ଶିଖରକୁ କେବଳ କାଟି ପକାଇଲି ଓ ସେଠାରେ ଅନାଇଲି, ଆଉ ତାହା ମାର୍ବଲ ପଥର ପରି ସମ୍ପୂର୍ଣ୍ଣ ହିମ ତୁଲ୍ୟ-ଶ୍ୱେତ ଥିଲା । କିନ୍ତୁ ସେଠାରେ ଏହା କିଛି ଲେଖାଯାଇ ନ ଥିଲା, ଆଉ ମୁଁ କହିଲି, "ଆପଣମାନେ ସମସ୍ତେ ଏଠାରେ ରୁହନ୍ତୁ ଏବଂ ବର୍ତ୍ତମାନ ଏହାକୁ ଦେଖି ରୁହନ୍ତୁ, ଯେତେବେଳେକି ମୁଁ ସୁଦୂର ସେଠାକୁ ଯାଏ ।"

236 ଏବଂ "ଜୁନି"...ସେମାନେ ସମସ୍ତେ ଉପରକୁ ଗଲେ ଏବଂ ସମସ୍ତ ଭାଇ ଏବଂ ସମସ୍ତେ ଏହା ଉପରେ ଦୃଷ୍ଟି କରି ରହିଥିଲେ, ଅନ୍ୟ...ସେମାନେ ବୁଝିପାରିଲେ ନ ଥିଲେ; କହିଲେ, "ତେବେ, ଆପଣ କଅଣ ଜାଣନ୍ତି? ଏହା ତ ଏଠାରେ ଲେଖା ସୁଦ୍ଧା ହୋଇନାହିଁ," ମାତ୍ର ତଥାପି ସେ ଏହାର ବାହ୍ୟ ଭାଗକୁ ପାଠ କରୁଥିଲେ । "ତାହା ଏଠାରେ କାହିଁକି ଲେଖା ହୋଇ ନାହିଁ? ଆମେ ବୁଝିପାରୁ ନାହୁଁ ।"

237 ଏବଂ ଜୁନିୟର ବୁଲିପଡି ଚାହିଁଲେ, ଏବଂ ସେ ମୋତେ ପଶ୍ଚିମ ଆଡକୁ ଯାଉଥିବାର ଦେଖିଲେ, ସୂର୍ଯ୍ୟ ଅସ୍ତ ହେଉଥିବା ଆଡକୁ, ଗୋଟିଏ ପର୍ବତ ଦେଇ, ପୁଣି ଅନ୍ୟ ପର୍ବତ ଉପରକୁ ଯିବାର ଦେଖିଲେ, ପ୍ରକୃତ ଦ୍ରୁତ ବେଗରେ, କେବଳ ଯାଉଥିଲେ...ଆଉ ତାହାପରେ ସେମାନେ ବୁଲିପଡି ଅନାଇଲେ ଓ ମୋତେ ଚାଲି ଯାଇଥିବାର ଦେଖିଲେ; ଏବଂ ମୁଁ ସେମାନଙ୍କୁ ସେଠାରେ ଅପେକ୍ଷା କରି ରହିବାକୁ କହିବା ପରେ, ସେମାନଙ୍କ ମଧ୍ୟରୁ ଏକ ବଡ ଗୋଷ୍ଠୀ ସେହି ମାର୍ଗରେ ଚାଲିଗଲେ ଏବଂ ସେମାନେ *ଏହା* କରିବାକୁ ଏବଂ *ତାହା* କରିବାକୁ ଚାହିଁଲେ । ସେଠାରେ ରୁହନ୍ତୁ, ଠିକ୍ ଏହିଠାରେ ରୁହନ୍ତୁ; ଏହା ସେହି ସ୍ଥାନ ଅଟେ ।

238 ଏବଂ ତାହାପରେ, ଯେତେବେଳେ ମୁଁ ତାହା କଲି, ସେତେବେଳେ, ଏବଂ ମୁଁ ଅବିକଳ ଠିକ୍ ଚାଲିଗଲି; ଏବଂ ତାର ଅଳ୍ପ କିଛି ସମୟ ପରେ, ପ୍ରଭୁଙ୍କର ସ୍ୱର୍ଗ ଦୂତ ମୋତେ ଦେଖା କଲେ, କହିଲେ, "ସୁଦୂର ଏରିଜୋନାକୁ ଯାଅ।" ମୁଁ ସେହି ବିସ୍ଫୋରଣକୁ ଘଟିବାର ଶୁଣିଲି ଏବଂ ସେଠାକୁ ଗଲି, ଆଉ ତାହା କଅଣ ଥିଲା? ସେହି ପିଲାଟି ସେହି ସ୍ୱପ୍ନକୁ ଅବିକଳ ସଠିକ୍ ଭାବରେ ଦେଖିଥିଲା, ଏବଂ ପ୍ରଭୁ ସଠିକ୍ ପ୍ରଦାନ କରିଥିଲେ...ମନେ ପକାନ୍ତୁ, ମୁଁ କହିଥିଲି, "ସେଠାରେ କିଛି ଗୋଟାଏ ଅଛି ଯାହା ପାଇଁ ମୁଁ ସେଠାକୁ ଯାଉଅଛି।" ଏବଂ ଯେତେବେଳେ ମୁଁ ସେଠାକୁ ଗଲି, ତାହା ସପ୍ତ ମୁଦ୍ରାର ନିଗୁଢ଼ ବିଷୟ ଥିଲା, ଯାହାକି ସଦାପ୍ରଭୁଙ୍କର ସେହି ପର୍ବତର ଭିତର ଭାଗରେ ମୁଦ୍ରାଙ୍କିତ ହୋଇଥିଲା। ସପ୍ତ ମୁଦ୍ରାର ଫିଟାଯିବା ସହିତ ଠିକ୍ ଫେରି ଆସିଲି। ବୁଝିଲେ?

239 ନା, ଆପଣଙ୍କୁ ତାହା କରିବା ଉଚିତ୍ ନୁହେଁ। ଯଦି ଆପଣ ଯିବାକୁ ଚାହାଁନ୍ତି, ତେବେ ତାହା ଆପଣଙ୍କ ଉପରେ ନିର୍ଭର କରେ। ଅବଶ୍ୟ, ମୁଁ ନୁହେଁ...ମୋର ପ୍ରଭୁ, ମୋର କିଛି ଯାଏ ଆସେ ନାହିଁ ଯେ ଆପଣ କେଉଁଠାକୁ ଯାଆନ୍ତି, କିନ୍ତୁ କେବଳ ତାହା କରିବା ପାଇଁ, ଏହା ଭାବୁଛନ୍ତି ଯେ କନ୍ୟା ସେଠାରୁ ଚାଲିଯିବାକୁ ଯାଉଅଛି, ତାହାହେଲେ ଆପଣ ଭୁଲ୍ ଅଟନ୍ତି।

240 "ମୁଁ ଏହା ମଧ୍ୟ ଶୁଣିଛି...ମୋର ଅଛି (ମୋତେ ଦିଅନ୍ତୁ...ମୁଁ ଏଠାରେ କୌଣସି ସ୍ଥାନରେ ଭୁଲ୍ କରିଛି। ଆସନ୍ତୁ ଦେଖିବା।)...ସେହି ଉର୍ଦ୍ଧାନ୍ତିକରଣ। କଅଣ ଏହା ସତ ଅଟେ ନା ଆମେ ଆମର ଘର ବିକ୍ରୟ କରିଦେବା ଉଚିତ, କିଅବା ଆପଣ କେବେ ଏପରି କିଛି କହିଛନ୍ତି କି?" ନା, ମୁଁ ଏହା କେବେ କହି ନାହିଁ। ମୁଁ କେବେ ବି...ମୁଁ ସର୍ବଦା ଲୋକମାନଙ୍କୁ ଏହା ପରାମର୍ଶ ଦେଇଅଛି ଯେ ଆପଣ ସେହିଠାରେ ହିଁ ରୁହନ୍ତୁ ଯେଉଁଠାରେ ଆପଣ ଅଛନ୍ତି ଏବଂ ଯୀଶୁ ଆସିବା ପର୍ଯ୍ୟନ୍ତ ସେହିଠାରେ ରହିବା ଜାରି ରଖନ୍ତୁ। ଯଦି ମୁଁ ଆପଣଙ୍କୁ ଅନେକ ଥର ଏହା କହିଅଛି, ତେବେ ଏହି ଟେପ୍ ଏକ ସ୍ମାରକ ହୋଇ ରହିଥାଉ; ଏହି ଦିନଟି ଏକ ସ୍ମାରକୀ ହେଉ; ମୋର ବାକ୍ୟ ଏକ ସ୍ମାରକ ହେଉ; ମୁଁ ଥରୁଟିଏ ହେଲେ, କେବେ ବି, କାହାରିକୁ କହି ନାହିଁ, କେବେ ଧର୍ମାନ୍ତରଣ କରି ନାହିଁ, କେବେହେଲେ କାହାରିକୁ ଏହି ମଣ୍ଡଳୀକୁ ଆସିବା ନିମନ୍ତେ ବାଧ୍ୟ କରିବାକୁ ଚେଷ୍ଟା କରି ନାହିଁ! ମୁଁ କେବେ ବି...ଯେତେ ଦୂର ସେମାନଙ୍କୁ ତାଙ୍କର ମଣ୍ଡଳୀକୁ ଛାଡିବା ବିଷୟରେ ଓ ସେମାନଙ୍କ ସାମଗ୍ରୀ ଏବଂ ଜିନିଷସବୁ ବିକ୍ରୟ କରିବା ବିଷୟରେ କହିବା ଅଟେ, ପରମେଶ୍ୱର ଜାଣନ୍ତି ଯେ ମୁଁ ସର୍ବଦା ଲୋକମାନଙ୍କୁ ଏକ ଖ୍ରୀଷ୍ଟିଆନ ହୋଇ ରହିବା ପାଇଁ ପରାମର୍ଶ ଦେଇଅଛି ଏବଂ ପରମେଶ୍ୱର ଆପଣଙ୍କୁ ନ ଡାକିବା ପର୍ଯ୍ୟନ୍ତ ଆପଣ ଯେଉଁଠାରେ ଅଛନ୍ତି ସେହିଠାରେ ହିଁ ରହିବା ପାଇଁ ପରାମର୍ଶ ଦେଇଅଛି। ସମସ୍ତେ ତାହା ଜାଣନ୍ତି। ଠିକ ସେହିଠାରେ ରୁହନ୍ତୁ! କିନ୍ତୁ ବର୍ତ୍ତମାନ, ଲୋକଙ୍କୁ କହିବା ଯେ...କେହି ଜଣେ କୁହନ୍ତି, "ତେବେ, ମୁଁ ଏଠାକୁ ଯିବାକୁ ଚାହୁଁଛି। ମୁଁ ବଞ୍ଚି ରହିବାକୁ ଚାହୁଁଛି..." ଆପଣ ଯେଉଁଆଡ଼େ ଯିବାକୁ ଚାହାଁନ୍ତି ସେହିଆଡେ ଯାଆନ୍ତୁ; ତାହା ଠିକ୍ ଅଛି। ଆପଣ କେଉଁଠାକୁ ଯାଆନ୍ତି ମୋର ସେଥିରେ କିଛି ଯାଏ ଆସେ ନାହିଁ; ତାହା କରିବା ମୋର କାମ ନୁହେଁ।

241 କିନ୍ତୁ ବର୍ତ୍ତମାନ, ତାହା ଭାବିବା ଯେ...ଦେଖନ୍ତୁ, ତାହା କଅଣ କରିଥାଏ? ଏହା ଏକ ପନ୍ଥକୁ ଆରମ୍ଭ କରେ (ବୁଝିଲେ?), ଏବଂ ତାହାପରେ ମୁଁ ଅସୁବିଧାରେ ପଡ଼ିଥାଏ। ସେମାନଙ୍କର ସେଠାରେ ବର୍ତ୍ତମାନ ଏକ ଗୋଷ୍ଠୀ ଅଛି ଯାହାକି ଖୁବ୍ ଶୀଘ୍ର ଦାନ ଉପରେ ନିର୍ଭର ହେବାକୁ ଯାଉଅଛି। ଏବଂ ତାହାପରେ ଏହା କଅଣ ହେବାକୁ ଯାଉଅଛି? "ଆମେମାନେ ଏଠାକୁ କନ୍ୟାର ଉର୍ଦ୍ଧାନ୍ତିକରଣ ପାଇଁ ଆସିଅଛୁ।" ତାହାହିଁ ଅଟେ ଯାହା ପାଇଁ ଖବରକାଗଜଗୁଡ଼ିକ ଅପେକ୍ଷା କରୁଅଛନ୍ତି! ସେମାନେ ଏହାକୁ ପାଇବା ନିମନ୍ତେ ଅପେକ୍ଷା କରୁଛନ୍ତି ଯେତେବେଳେ ସେମାନେ ଦାନ ଉପରେ ନିର୍ଭର ହୋଇଯାଆନ୍ତି ଏବଂ ସେମାନେ ନିଜ ଘରକୁ ଫେରିପାରନ୍ତି ନାହିଁ। ତେବେ ସେମାନେ କଅଣ କରିବାକୁ ଯାଉଛନ୍ତି?

242 "ତେବେ, ଆମେମାନେ ତ ଭାଇ ବ୍ରାନହାମ୍‌ଙ୍କୁ ଅନୁସରଣ କରି ଏଠାକୁ ଆସିଅଛୁ। ଅନୁମାନ କରାଯାଏ..." ଏବଂ ମୁଁ ଏଥିରେ ଯଥାସମ୍ଭବ ନିର୍ଦ୍ଦୋଷ ଅଟେ ଯେତିକି ମୁଁ ହୋଇପାରେ। ସେହି ପ୍ରିୟ, ମଧୁର ଲୋକ, ସେମାନେ—ସେମାନେ ଜାଣନ୍ତି ଯେ ମୁଁ ସେମାନଙ୍କୁ ଭଲ ପାଏ, ଏବଂ ଏପରିକି ସେମାନଙ୍କର ତ୍ରୁଟିରେ ମଧ୍ୟ। ଏବଂ ସେମାନେ... କାହିଁକି, ସେହି...ସେମାନେ...ମୁଁ ଯେକୌଣସି ପ୍ରକାରେ ସେମାନଙ୍କୁ ଭଲ ପାଏ। ଦେଖନ୍ତୁ? ମୁଁ ସେମାନଙ୍କୁ ଭଲ ପାଏ; ସେମାନେ ମୋର ସନ୍ତାନମାନେ ଅଟନ୍ତି; କିନ୍ତୁ ସେମାନେ ଠିକ ମୋ କଥାକୁ ହିଁ ଶୁଣନ୍ତି ନାହିଁ, ଯାହା ମୁଁ ସେମାନଙ୍କୁ କହିବାକୁ ଚେଷ୍ଟା କରୁଥାଏ। ମୁଁ ପ୍ରଭୁଙ୍କ ନାମରେ କିଛି ଉପାୟ ବାହାର କରିବାକୁ ଚେଷ୍ଟା କରୁଅଛି, ଏବଂ ସେମାନେ ମୋତେ ତାହା କରିବାକୁ ଦିଅନ୍ତି ନାହିଁ। ବୁଝିଲେ? ସେମାନେ ପ୍ରକୃତରେ ମୋ ବଦଳରେ ଯିବା ଅପେକ୍ଷା ମୋ ବିରୁଦ୍ଧରେ ଯାଉଛନ୍ତି। ସେମାନେ କରୁଥାନ୍ତି...

243 କଅଣ ମୁଁ ଆପଣଙ୍କୁ ଏହା କହି ନ ଥିଲି କି ଯଦି କୌଣସି କେବେ ଏକ ବାର୍ତ୍ତା ପ୍ରଚାର କରାଯାଏ, ତେବେ ତାହା ଠିକ ଏଠାରେ ଏହି ଆରାଧନାଳୟରେ ହେବ; ଯାହାକିଛି ମୋତେ କରିବାକୁ ପଡ଼େ, ମୁଁ ଏଠାକୁ ଆସିବି ଏବଂ ଆପଣମାନଙ୍କୁ ପ୍ରଥମେ କହିବି, ସୀଧା ସଳଖ ଠିକ ଏହି ଆରାଧନାଳୟରୁ? ତାହା ମୋର ପ୍ରତିଜ୍ଞା!

**୨୬୪. ଆହୁରି ମଧ୍ୟ, ମୁଁ ଶୁଣିଛି ଯେ ଏକ ଶିକ୍ଷା ଅଛି, ଯେ ଆପଣ ଅନେକ ବର୍ଷ ପୂର୍ବେ ଜୀବନର ରୋଟୀ ବିଷୟରେ ଏକ ପୁସ୍ତକ ଲେଖିଥିଲେ... ସେମାନେ ଏହାକୁ ବ୍ୟାଖ୍ୟା କରନ୍ତି ଯେ ଆମ ସମସ୍ତଙ୍କୁ ଆପଣଙ୍କ ସହିତ ରହିବା ଉଚିତ୍ ନୋହିଲେ ଆମେ ଉର୍ଦ୍ଧାନ୍ତିକରଣରୁ ବଞ୍ଚିତ ହୋଇଯିବୁ।**

244 ତେବେ, ସେହି ପୁସ୍ତକଟି ଭୁଲ୍ ଅଟେ। *ଜୀବନର ରୋଟି* ନାମକ ସେହି ପୁସ୍ତକ, ମୋର ତାହା ବର୍ତ୍ତମାନ ମନେ ଅଛି। ତାହା ବିଶ୍ୱବ୍ୟାପୀ ସ୍ତରରେ, ସର୍ବତ୍ର ମଣ୍ଡଳୀର ଆହାର ନିମନ୍ତେ ଦିଆଯାଇଥିଲା। ଦେଖନ୍ତୁ, ତାହାର ସମସ୍ୟା ହେଉଛି...ତେବେ, ବର୍ତ୍ତମାନ, ଆପଣ ଲୋକମାନେ, ଆପଣ ନିଜେ ଦୃଢ଼ ଅଟନ୍ତି, ମାତ୍ର ତାହା ଆପଣଙ୍କ ପାଖରେ ରହିବାକୁ ଅଛି। ତାହା ପ୍ରତ୍ୟେକ ସଭାରେ ଅନୁସରଣ କରେ। ସେହି—ସେହି...

ମୁଁ ଏଠାରେ ଅଳ୍ପ କିଛି ଦିନ ପୂର୍ବରୁ ମାର୍ଟିନ୍ ଲୁଥର୍ ବିଷୟରେ ପାଠ କରୁଥିଲି, ତେବେ ନିଜକୁ ତାହା ସହିତ ତୁଳନା କରୁ ନାହିଁ; କିନ୍ତୁ ଏହା ମଧ୍ୟ ଏକ ସଂସ୍କାର ଅଟେ ଯେପରି ଭାବରେକି ତାହା ଥିଲା । ଏବଂ ପ୍ରଶ୍ନଟି—ଟି ହେଲା...ସେହି—ସେହି—ସେହି ଇତିହାସକାରମାନେ, ସେମାନେ କହିଥିଲେ, "ଏହା ଭାବିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ ଅଟେ ଯେ ମାର୍ଟିନ୍ ଲୁଥର୍ କ୍ୟାଥୋଲିକ୍ ମଣ୍ଡଳୀକୁ ବିରୋଧ କରିପାରିଥିଲେ ଏବଂ ଏଥି ସହ ରକ୍ଷା ପାଇ ଯାଇଥିଲେ । ତାହା ଏକ ଅଦ୍ଭୁତ ବିଷୟ ଥିଲା, କିନ୍ତୁ," କହିଲେ, "ମାର୍ଟିନ ଲୁଥର୍ ବିଷୟରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ତାହା ନ ଥିଲା । ସେ କିପରି ଭାବରେ ତାଙ୍କର ସଭାକୁ ଅନୁସରଣ କରୁଥିବା ସେହି ସମସ୍ତ ଧର୍ମୋନ୍ମତ୍ତ ବିଷୟଠାରୁ ନିଜର ମସ୍ତକକୁ ଊର୍ଦ୍ଧ୍ୱରେ ରଖି ପାରିଥିଲେ ଏବଂ ତଥାପି, ତାଙ୍କର ଆହ୍ୱାନ, ସେହି ବାକ୍ୟ ପ୍ରତି ସଚ୍ଚୋଟ ରହି ପାରିଥିଲେ..." ଦେଖନ୍ତୁ?

245 ନା, ମହାଶୟ! ନିଜର ରଖନ୍ତୁ ନାହିଁ...ଯେକୌଣସି ପୁରୁଷ କିମ୍ବା ସ୍ତ୍ରୀ ଯିଏକି ତାହା ଉପରେ ସ୍ଥାପିତ କରନ୍ତି ଯାହା ମୁଁ କୁହେ, ତେବେ ତାହା ବିଶ୍ୱାସ କରନ୍ତୁ ନାହିଁ ଯାହା ମୁଁ କୁହେ । ସେମାନେ କରନ୍ତି ନାହିଁ...ସେମାନେ କୁହନ୍ତି...ସେମାନେ...

**269. ଆହୁରି ଏହି ପରିବାରଗୁଡ଼ିକ ବିଷୟରେ ଯେଉଁମାନେକି ବିକ୍ରୟ କରି ସିଏରା ଭିସ୍ତା, ଏରିଜୋନାକୁ ସ୍ଥାନାନ୍ତରିତ ହୋଇ ଯାଇଛନ୍ତି, ଯେଉଁଠାରେକି ସେମାନେ ଆପଣଙ୍କର ଗୋଟିଏ ଟେପ୍‌ରୁ ବ୍ୟାଖ୍ୟା କରିଛନ୍ତି ଯାହାର ଶୀର୍ଷକ ହେଲା** (କେବଳ ଗୋଟିଏ ମିନିଟ୍) ***କ୍ଷୁଦ୍ର ବେଥଲିହିମ—କ୍ଷୁଦ୍ର ବେଥଲିହିମ, ଯେ ସେହି ଊର୍ଦ୍ଧ୍ୱାନ୍ତିକରଣଟି*** **ଏରିଜୋନାରେ ହେବ । କଅଣ ଆପଣ ସେମାନଙ୍କୁ ସେଠାକୁ ଯିବା ପାଇଁ ପରାମର୍ଶ ଦେଇଛନ୍ତି କି?**

246 ମୁଁ ନିଶ୍ଚିତରେ ନୁହେଁ । ଯେତେବେଳେ ସେମାନେ ତାହା ବିଷୟରେ ଏକ ଚିଠି ଲେଖିଲେ, କେହି ଜଣେ କନେକ୍ଟିକଟରେ କିମ୍ବା ସେପରି କିଛିରେ, ମୁଁ ସେହି ଚିଠିର ଉତ୍ତର ଦେଇ କହିଲି, "ଆପଣ ନିଜ ଜୀବନରେ କଦାପି ନେଇଥିବା ସବୁଠାରୁ ଖରାପ ପଦକ୍ଷେପ ନେଉଛନ୍ତି । ଆପଣ ସେପରି ଏକ ବିଷୟ କରନ୍ତୁ ନାହିଁ ।" ଦେଖନ୍ତୁ, ଆପଣ କରିପାରନ୍ତି ନାହିଁ...ତେବେ, ଆପଣ କେବଳ ମନେ ରଖନ୍ତୁ, ଆପଣ ଲୋକମାନେ...ବର୍ତ୍ତମାନ, ଆପଣ ସମସ୍ତେ ଜାଣନ୍ତି ଯେ ମୁଁ ସେହି ଲୋକମାନଙ୍କୁ ତାହା କରିବାକୁ କହୁ ନାହିଁ; ମୁଁ ସେମାନଙ୍କୁ ତାହା ନ କରିବା ପାଇଁ କହୁଅଛି । ମାତ୍ର ଆପଣ ଦେଖନ୍ତୁ, ତାହାକୁ ତ ସଭାକୁ ଅନୁସରଣ କରିବାକୁ ପଡ଼ିଥାଏ । ଲୋକମାନେ ମୋତେ *ମଶୀହ* ବୋଲି କାହିଁକି ଡାକନ୍ତି? ଲୋକମାନେ କାହିଁକି...? ସେମାନଙ୍କୁ ବହନ କରିବାକୁ ଥାଏ...ତେବେ, ସେଠାରେ ଥିବା ଜଣେ ବ୍ୟକ୍ତି ମୋତେ ଅନ୍ୟ ଦିନ ଦେଖାଇଲେ, ତାଙ୍କ ପାଖରେ ଗୋଟିଏ ଛୋଟ ଜିନିଷ ଥିଲା ଏବଂ ସେ ଯାଉଥିଲେ... କିଛି ଗୋଟାଏ କରୁଥିଲେ, ସମସ୍ତ ଲୋକମାନେ ମୋ ନାମରେ ବାପ୍ତିଜିତ ହେଉନ୍ତୁ ବୋଲି ଚାହୁଁଥିଲେ । ତାହା ମୋତେ ଜଣେ ଖ୍ରୀଷ୍ଟାରୀ କରି ପକାଇବ! କିନ୍ତୁ ମୁଁ ସେହି ଜିନିଷଗୁଡ଼ିକର

ସପକ୍ଷରେ ନୁହେଁ, ଏବଂ ଆପଣ ସମସ୍ତ ଲୋକମାନେ ତାହା ଜାଣନ୍ତି । ମାତ୍ର ଆପଣ ଦେଖନ୍ତୁ, ଏଥିରେ ରହିଛି…ତାହାହିଁ କେବଳ ବାର୍ତ୍ତାକୁ ସତ୍ୟ ବୋଲି ଚିହ୍ନଟ କରିଥାଏ ।

247 କଅଣ ସେମାନେ ଆସି ଯୋହନକୁ ଏହା କହିବାକୁ ଚେଷ୍ଟା କରି ନ ଥିଲେ କି, ଯଦିଓ, ଯିଏକି ଖ୍ରୀଷ୍ଟଙ୍କର ପ୍ରଥମ ଆଗମନର ଅଗ୍ରଧାବକ ଥିଲେ, "କଅଣ ଆପଣ ମଶୀହ ନୁହଁନ୍ତି କି?"

ସେ ଉତ୍ତର ଦେଲେ, "ମୁଁ ନୁହେଁ! ମୁଁ ତାଙ୍କର ପାଦୁକାର ଫିତା ସୁଦ୍ଧା ଖୋଲିବାକୁ ଯୋଗ୍ୟ ନୁହେଁ । ଏପରିକି ମୁଁ ତାଙ୍କୁ ଦେଖିବାକୁ ସୁଦ୍ଧା ଯୋଗ୍ୟ ନୁହେଁ ।" ଦେଖନ୍ତୁ? କିନ୍ତୁ ସେ କହିଲେ, "ସେ ଯିଏକି ମୋ ଉତ୍ତାରେ ଆସନ୍ତି…"

**270. ବର୍ତ୍ତମାନ, ଭାଇ ବ୍ରାନହାମ୍, କଅଣ ଆମେ କିଛି ବିଷୟ ହରାଉଅଛୁ କି? ଏହି ଲୋକମାନେ ଆପଣ ଯାହାକିଛି କୁହନ୍ତି ତାହା ସତ୍ୟ ଅଟେ ବୋଲି ବିଶ୍ୱାସ କରୁଥିବାର ଦାବି କରନ୍ତି ।** (କିନ୍ତୁ ସେମାନେ କରନ୍ତି ନାହିଁ! ସେମାନେ ତାହା ବିଶ୍ୱାସ କରନ୍ତି ନାହିଁ । ସେମାନଙ୍କର ନିଜସ୍ୱ କର୍ମ ତାହା ପ୍ରମାଣ କରେ ଯେ ସେମାନେ ତାହା କରନ୍ତି ନାହିଁ ।) **ଦୟାକରି ମୋତେ ଆପଣଙ୍କର ସିଧାସଳଖ ଉତ୍ତର ଜଣାନ୍ତୁ: ହଁ କି ନା** (ଆପଣ ତାହା ପାଇଅଛନ୍ତି! ଠିକ୍ ଅଛି ।) **ଏହି ବିଷୟଗୁଡ଼ିକ ସମ୍ବନ୍ଧରେ, ଆଉ ଯଦି ଏହା ସତ୍ୟ ଅଟେ, ତେବେ ଆମେ ସେଠାରେ ଥିବା ସେହି ଅନ୍ୟମାନଙ୍କ ସହିତ ଯୋଗ ଦେବା ପାଇଁ ଯିବା ନିମନ୍ତେ ପ୍ରସ୍ତୁତ ହେବାକୁ ଚାହୁଁଅଛୁ । ଉଃ-ହୁ । ବାକି ଅନ୍ୟାନ୍ୟ ସମସ୍ତେ… ଏହି ପ୍ରଶ୍ନଗୁଡ଼ିକର ପାଇଁ ଆପଣଙ୍କର ଉତ୍ତର ନିମନ୍ତେ ମୁଁ ଆପଣଙ୍କୁ ବହୁତ ଧନ୍ୟବାଦ ଦିଏ, ଯେହେତୁ ମୁଁ ଏହି ରବିବାର ସେଗୁଡ଼ିକୁ ଶୁଣିବା ପାଇଁ ଅପେକ୍ଷା କରୁଥିବି, ଯଦି ପ୍ରଭୁଙ୍କର ବିଳମ୍ବ ହୁଏ ।**

248 ଓଃ, ମୋର ପ୍ରଭୁ! ତେବେ, ଭାଇ, ଭଉଣୀ, ମୁଁ—ମୁଁ ଆଶା କରେ ଯେ ଏହା ବୁଝି ହେଉଛି (ଦେଖନ୍ତୁ?) ଯେ ମୁଁ ତାହା କରି ନାହିଁ, ନୁହେଁ…ବର୍ତ୍ତମାନ, ଯଦି ଲୋକମାନେ… ଓଃ, ନିଶ୍ଚିତରେ, ଯଦି ଆପଣ ରହିବା ନିମନ୍ତେ ଏରିଜୋନାକୁ ଆସିବାକୁ ଚାହୁଁଛନ୍ତି…ଏବଂ ବର୍ତ୍ତମାନ, ମୁଁ ସେଠାରେ ଏରିଜୋନାରେ ରହିଥିବି ବୋଧହୁଏ ଏହି ପ୍ରଥମ ଅର୍ଦ୍ଧବାର୍ଷିକୀରେ । ମୋତେ ଏଠାକୁ ଫେରି ଆସିବାକୁ ହେବ । ମୋର ହେବ…ମୁଁ—ମୁଁ ସେଠାରେ ରହିବାକୁ ଚାହେଁ; ପିଲାମାନେ ସୁସ୍ଥ ସବଳ ଏବଂ ସବୁକିଛି ଅଛନ୍ତି । ମୁଁ—ମୁଁ ସେଠାରେ ଅଳ୍ପ ସମୟ ରହିବାକୁ ଚାହେଁ, ଏବଂ ମୋର ଏକ ଉଦ୍ଦେଶ୍ୟ ଅଛି । ବର୍ତ୍ତମାନ ମନେରଖନ୍ତୁ, ଯେ ଟେପ୍‌ରେ, **ସଦାପ୍ରଭୁ ଏହି କଥା କୁହନ୍ତି**, ମୁଁ ଯାହା କରୁଅଛି ତାହା କରିବା ପଛରେ ମୋର ଏକ ଉଦ୍ଦେଶ୍ୟ ଅଛି; ଆପଣ ଜାଣନ୍ତି ଯେ ମୋର ଅଛି; କିନ୍ତୁ ମୁଁ ଆପଣଙ୍କୁ ତାହା କହିପାରେ ନାହିଁ ।

249 ମୁଁ କାହିଁକି ଆପଣମାନଙ୍କୁ ନିଜର ଘର ବିକ୍ରୟ ନ କରିବା ପାଇଁ କହୁଅଛି? ଆପଣ କିଛି ବିଷୟ ନ ପାଇବାର ଅବସ୍ଥାକୁ ଆସିବାକୁ ଯାଉଛନ୍ତି, ଏବଂ ଆପଣ ଦଉଡ଼ିର ଛୋଟ ପ୍ରାନ୍ତରେ ରହିବାକୁ ଯାଉଛନ୍ତି । ତାହା କରନ୍ତୁ ନାହିଁ । ମୁଁ ଏରିଜୋନାରେ ମାତ୍ର ଅଳ୍ପ ସମୟ ବ୍ୟତୀତ ଅଧିକ ରହିବି ନାହିଁ । କାହିଁକି? ମୁଁ ବର୍ତ୍ତମାନ ତାହା କରିପାରେ ନାହିଁ ।

250 ଯଦି ମୁଁ ସେହି ଲୋକମାନଙ୍କୁ ସେଠାରେ ରହିବାକୁ ଦିଏ ଏବଂ ଦାନ କରିବାକୁ ଦିଏ, ତେବେ କଅଣ ହେବାକୁ ଯାଉଅଛି? ତେବେ, ଅବିକଳ ଠିକ ତାହାହିଁ ଅଟେ ଯାହାକି ସେହି ନାମଧାରୀ ସଂସ୍ଥାଗୁଡିକ ଏବଂ ସେମାନେ ସମସ୍ତେ ଖୋଜୁଅଛନ୍ତି। "ଆହା, ମୁଁ ଆପଣମାନଙ୍କୁ କହିଥିଲି ଯେ ତାଙ୍କ ପଛରେ କଅଣ ଅଛି, ଭବିଷ୍ୟଦ୍‌ବକ୍ତାମାନଙ୍କର ଅନ୍ୟ ଏକ ବିଦ୍ୟାଳୟ କିମ୍ବା ସେହିପରି କିଛି!" ଦେଖନ୍ତୁ? ଆପଣ ସେଠାରେ ଅଛନ୍ତି, ତାହା ହିଁ ଅଟେ ଯାହାକି ସେମାନେ ଖୋଜୁଛନ୍ତି! ସର୍ବଶେଷରେ, ସେହି ଲୋକମାନେ, ମୁଁ ସେମାନଙ୍କ ପାଇଁ ଦାୟୀ ଅଟେ; ଯଦିଓ ସେମାନେ ତାହା କରିନାହାଁନ୍ତି ଯାହା ମୁଁ ସେମାନଙ୍କୁ କରିବା ପାଇଁ କହିଥିଲି, ଏବଂ ସେମାନେ ଠିକ୍ ତାହା କରିଛନ୍ତି...ଆପଣ କୁହନ୍ତି, "ସେମାନଙ୍କୁ ଯିବାକୁ ଦିଅନ୍ତୁ; ସେମାନେ—ସେମାନେ ତାହା କଲେ ଯାହା ଆପଣ ସେମାନଙ୍କୁ କରିବା ପାଇଁ କହି ନ ଥିଲେ!" ତାହା ମୋ ହୃଦୟରେ ନାହିଁ। ମୁଁ ତଥାପି ସେମାନଙ୍କ ପାଇଁ ଯିବାକୁ ଚାହେଁ। ସେମାନେ ମୋର ପିଲାମାନେ ଅଟନ୍ତି। ମୁଁ ସେମାନଙ୍କୁ ଅଳ୍ପ ଟିକିଏ ପାହାର ଦେଇପାରେ ଯେତେବେଳେ ମୁଁ ସେମାନଙ୍କୁ ଫେରାଇ ଆଣେ, ମାତ୍ର ମୁଁ—ମାତ୍ର ମୁଁ—ମୁଁ ନିଶ୍ଚିତ ଭାବରେ ସେମାନଙ୍କ ପଛରେ ଯାଉଅଛି। ଏବଂ ମୁଁ ସେଠାରେ କିପରି ଭାବରେ କରିବାକୁ ଯାଉଅଛି?

251 ସେମାନେ କହିଲେ, "ଆମେ ବାକ୍ୟ ଅନୁସରଣ କରିବାକୁ ଆସିଅଛୁ।" ମୋ ପାଖରେ ତ ଏପରିକି କୌଣସି ମଣ୍ଡଳୀ ସୁଦ୍ଧା ନାହିଁ ଯେ ମୁଁ ସେମାନଙ୍କୁ ସେଠାକୁ ପଠାନ୍ତି। ସେମାନେ ଯେଉଁ ପ୍ରକାରର ମଣ୍ଡଳୀକୁ ସେଠାରେ ଯିବେ ତାହା ତ ସେହି ସମାନ ପ୍ରକାର ଅଟେ ଯାହା ଆପଣ ଅନ୍ୟ ସ୍ଥାନରେ ଛାଡିକରି ଆସିଛନ୍ତି, ବୋଧହୁଏ ମନ୍ଦ ଥିବ। ବୁଝିଲେ? ଏବଂ ସେମାନେ କୌଣସି ପ୍ରକାରେ ମଣ୍ଡଳୀକୁ ଯିବେ ନାହିଁ, ଏବଂ ସେମାନଙ୍କୁ ପ୍ରଚାର କରିବା ପାଇଁ ମୋ ପାଖରେ କୌଣସି ଗୀର୍ଜାଘର ନାହିଁ। ତାହାହେଲେ ମୁଁ ମୋର ପିଲାମାନଙ୍କୁ ଏରିଜୋନାରୁ ବାହାର କରି ନେବାକୁ ବାଧ୍ୟ, ଯେଉଁଠାରେକି...

252 ମୁଁ ଆପଣମାନଙ୍କୁ କିଛି ପଚାରେ। ଗତ ବର୍ଷରେ ମୁଁ ଏହି ମଣ୍ଡଳୀରେ ତିରିଶରୁ ଅଧିକ ବାର୍ତ୍ତା ପ୍ରଚାର କରି ଅଛି। ଏବଂ ପାଞ୍ଚ ବର୍ଷ ପାଇଁ, ବାହାରେ, ଯେହେତୁ ମୁଁ ଏରିଜୋନାରେ ଥିଲି, ମୁଁ ଗୋଟିଏ ବର୍ଷରେ ଏହି ମଣ୍ଡଳୀରେ ତାହାଠାରୁ ଅଧିକ ପ୍ରଚାର କରିଅଛି ଯେତିକି ମୁଁ ପାଞ୍ଚ ବର୍ଷରେ ଅନ୍ୟ କୌଣସି ସମୟରେ (ନିଶ୍ଚିତ ଭାବରେ!), ଏଠାରେ ମଣ୍ଡଳୀରେ କରିଥିଲି। ଏହା ମୋର ଘର ମୂଳ ସ୍ଥାନ ଅଟେ; ଏହା ମୋର ମୁଖ୍ୟାଳୟ ଅଟେ; ଏଠାରେ ହିଁ ଆମେ ବ୍ୟବସ୍ଥିତ ହୋଇଅଛୁ। ତେବେ, ଏହା ଯାହା ହେଉନା କାହିଁକି ଏହାକୁ ମନରେ ରଖିଥାଆନ୍ତୁ। ତେବେ, ଯଦି ଆପଣ ଜ୍ଞାନୀ ଅଟନ୍ତି, ଆପଣ କିଛି ଧରିବେ। ଯାହା ହେଉନା କାହିଁକି, ଏହା ଠିକ୍ ଏଠାରେ, ଆମର ମୁଖ୍ୟାଳୟ ଅଟେ! ଏବଂ ଏହାକୁ ମନରେ ରଖନ୍ତୁ ଓ କୌଣସି ଏକ ଦିନ ଏହି ଟେପ୍‌କୁ ଉଲ୍ଲେଖ କରନ୍ତୁ, ଯେ ଆପଣ ମୋତେ ଭବିଷ୍ୟତ୍‌ବାଣୀ କରୁଥିବାର ଶୁଣିଥିଲେ। ଠିକ ଅଛି, ତାହା ମନେରଖନ୍ତୁ!

253 ଯଦି ଆପଣ ଚାହିଁବେ...ଯଦି ଆପଣଙ୍କୁ ତାହା ପରିତ୍ୟାଗ କରି ମଣ୍ଡଳୀକୁ ଆସିବାକୁ ପଡେ, ତେବେ ଏହାକୁ ଖୋଜିବା ପାଇଁ ସେଠାକୁ ଯାଆନ୍ତୁ ନାହିଁ, 'କାରଣ ଏପରିକି ମୁଁ

ସେଠାରେ ମଧ୍ୟ ରୁହେ ନାହିଁ । ମୋ ପାଖରେ ଯିବା ପାଇଁ କୌଣସି ସ୍ଥାନ ନାହିଁ; ମୋ ପାଖରେ ପ୍ରଚାର କରିବା ପାଇଁ କୌଣସି ସ୍ଥାନ ନାହିଁ । ସେମାନେ ମୋତେ ସେମାନଙ୍କର ମଣ୍ଡଳୀରେ ପ୍ରଚାର କରିବାକୁ ଦେବେ ନାହିଁ । ମୋ ପାଖରେ ଏପରିକି କୌଣସି ସ୍ଥାନ ସୁଦ୍ଧା ନାହିଁ, ଏବଂ ମୁଁ ଲୋକମାନଙ୍କୁ ପ୍ରତିଜ୍ଞା କରିଥିଲି ଯେ ଯେତେବେଳେ ମୁଁ ସେଠାକୁ ଆସିବି...ସେମାନେ ସମସ୍ତେ ଭୟଭୀତ ହୋଇ ଯାଇଥିଲେ ଯେ ମୁଁ ସେଠାକୁ ଆସି ଏକ ବଡ଼ କୋଠା ନିର୍ମାଣ କରିବାକୁ ଯାଉଅଛି, ମଣ୍ଡଳୀଗୁଡିକୁ ଖାଲି କରିଦେବାକୁ ଯାଉଅଛି । କିନ୍ତୁ ତାହା ମୋ ଜୀବନର ଉଦ୍ଦେଶ୍ୟ ନୁହେଁ । ବୁଝିଲେ? ମୁଁ—ମୁଁ ଲୋକମାନଙ୍କୁ ଉଦ୍ଧାର ନିମନ୍ତେ ପ୍ରବର୍ତ୍ତାଏ । ଏହା ତ ସେମାନଙ୍କ ଉପରେ ନିର୍ଭର କରେ । ଯେପରିକି ସେହି ଶମିରୋଣୀୟ ଜଣକ ତଳକୁ ଆସି ସେହି ବ୍ୟକ୍ତିଙ୍କୁ ପାନ୍ଥଶାଳାକୁ ନେଇଗଲେ, ପୁଣି ସେହି ସମୟଠାରୁ ସେମାନଙ୍କୁ ତାର ଯତ୍ନ ତତ୍ତ୍ୱ ନେବାକୁ ଦେଲେ । ମୁଁ ଏଠାରେ ମଣ୍ଡଳୀଗୁଡିକୁ ଭାଙ୍ଗିବା ପାଇଁ ନୁହେଁ, ମୁଁ ତ ଏଠାରେ ଖ୍ରୀଷ୍ଟଙ୍କ ନିମନ୍ତେ ଧର୍ମାନ୍ତରଣ କରିବା ପାଇଁ ଅଛି! ଦେଖନ୍ତୁ? ଆଉ ତାହା ମୋତେ ଲୋକମାନଙ୍କ ମଧ୍ୟରେ ଭୁଲ ବୁଝା ଯାଇଥାଏ (ବୁଝିଲେ?) ଯେତେବେଳେ—ଯେତେବେଳେ ସେମାନେ ସେମାନଙ୍କର ନିଜସ୍ୱ ବ୍ୟାଖ୍ୟା କରୁଥାନ୍ତି ଏବଂ ତାହା କରନ୍ତି ନାହିଁ...ଏବଂ...ତାହା କୁହନ୍ତି ନାହିଁ ଯାହା ମୁଁ କହୁଅଛି । ବୁଝିଲେ?

254 କଅଣ ଆପଣମାନଙ୍କୁ ସେହି ଦର୍ଶନ ମନେ ନାହିଁ କି? କେତେ ଜଣଙ୍କୁ ଜୁନିଅର ଜ୍ୟାକସନ୍‌ଙ୍କ ସ୍ୱପ୍ନ ମନେ ଅଛି? ଏବଂ ସମସ୍ତେ ଏହାକୁ ଠିକ୍ ଭାବରେ ଅନୁସରଣ କଲେ । ଏହା କଅଣ ଥିଲା? ମୁଁ ଦୂରକୁ ଯିବା ପର୍ଯ୍ୟନ୍ତ ଏଠାରେ ରହିଥାଅ! ଦେଖନ୍ତୁ? ଏବଂ ବ୍ୟାଖ୍ୟା ନେଇ ଫେରି ଆସିଲି ।

255 ବର୍ତ୍ତମାନ, ମୁଁ ନିଜ ହୃଦୟରେ ଆଉ କିଛି ଅନ୍ୟ ବିଷୟ ପାଇଅଛି ଯାହାକୁ କରିବା ପାଇଁ ମୁଁ ପ୍ରଭୁଙ୍କଠାରୁ ଚେତାବନୀ ପାଇଅଛି, ଏହି ଆରାଧନାଳୟ, ଏବଂ ଏହି ମଣ୍ଡଳୀକୁ ନେଇ କୌଣସି ପଦକ୍ଷେପ ଉଠାଇବା ବିଷୟରେ; ଯେ ମୋତେ ଅଳ୍ପ ସମୟ ପାଇଁ ସେଠାକୁ କିମ୍ବା ଅନ୍ୟ କୌଣସି ସ୍ଥାନକୁ ନିଶ୍ଚିତ ଯିବାକୁ ଅଛି । ଏହା ଏକ ଉଦ୍ଦେଶ୍ୟ ପାଇଁ ଅଟେ, ଏକ ମହାନ ଉଦ୍ଦେଶ୍ୟ, ଏପରି ଏକ ଉଦ୍ଦେଶ୍ୟ ଯାହା ବିଷୟରେ ଆପଣ କିଛି ଜାଣନ୍ତି ନାହିଁ । କିନ୍ତୁ ମନେରଖନ୍ତୁ, ମୁଁ କେବଳ ଏପଟ ସେପଟ "ଯାଆ ଆସ" କରୁ ନାହିଁ, କାରଣ ମୁଁ ତାହା କଲା ଭଳି ଆଚରଣ କରୁଥାଏ । ମୁଁ ପ୍ରଭୁଙ୍କ ଇଚ୍ଛାରେ କାର୍ଯ୍ୟ କରୁଅଛି, ଯେତେଦୂର ମୁଁ ଜାଣେ ଯେ ସେଥିରେ କିପରି କାର୍ଯ୍ୟ କରିବାକୁ ଅଛି । ଦେଖନ୍ତୁ? ଏହାହିଁ ସେହି କାରଣ ଯେ ଯଦି ଆପଣ ତାହା ବିଶ୍ୱାସ କରନ୍ତି ଯାହା ମୁଁ କୁହେ, ତେବେ ତାହା କରନ୍ତୁ ଯାହା ମୁଁ କରିବା ପାଇଁ କହିଥାଏ (ଦେଖନ୍ତୁ?), ତାହାପରେ ନିଜ ଭାଇ ଭାବରେ ମୋ କଥା ଶୁଣନ୍ତୁ ଏବଂ ମୋତେ ବିଶ୍ୱାସ କରନ୍ତୁ । ଯଦି ଆପଣ ମୋତେ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରନ୍ତି, ତେବେ ମୋର ଶବ୍ଦଗୁଡିକୁ ଭୁଲ ବ୍ୟାଖ୍ୟା କରନ୍ତୁ ନାହିଁ!

256 ଯଦି ଏପରି କିଛି ଅଛି, ତାହହେଲେ ମୋତେ ସାହାଯ୍ୟ କରନ୍ତୁ, ଯଦି ଏପରି କିଛି ବିଷୟ ଅଛି ଯାହାକି ଆପଣ ଜାଣିବା ଉଚିତ ବୋଲି ପରମେଶ୍ୱର ମୋତେ କୁହନ୍ତି, ତେବେ

ପରମେଶ୍ୱର ଜାଣନ୍ତି ଯେ ମୁଁ ଆପଣଙ୍କୁ ଠିକ ତାହାହିଁ କହିବି! ଏବଂ ଏଥିରେ କିଛି ଯୋଗ କରନ୍ତୁ ନାହିଁ କିମ୍ବା ଏଥିରୁ କିଛି ଲୋପ କରନ୍ତୁ ନାହିଁ; ଏହାକୁ ମୁଁ ଯେପରି କହୁଅଛି ଠିକ୍ ସେହିପରି କରନ୍ତୁ (ବୁଝିଲେ?), 'କାରଣ ମୁଁ ତାହା ଆପଣଙ୍କୁ ମୋର ହୃଦୟରୁ କହୁଅଛି ଯେତିକି ସର୍ବୋତ୍କୃଷ୍ଟ ଭାବରେ ମୁଁ ତାହା ଜାଣେ। ବୁଝିଲେ? ଆପଣ କେବଳ ତାହା ବିଶ୍ୱାସ କରନ୍ତୁ। କେବଳ—କେବଳ ଗ୍ରହଣ କରନ୍ତୁ ଠିକ—ଠିକ ତାହା ଯାହାକି ମୁଁ ଏହା ବିଷୟରେ କହୁଅଛି, ଆଉ ଏହାକୁ ଛାଡିଦିଅନ୍ତୁ ଓ ସେହିପରି ଭାବରେ ଚାଲି ଯାଆନ୍ତୁ। ଠିକ୍ ଅଛି।

257 ତେଣୁକରି ବର୍ତ୍ତମାନ, ମୋତେ ସେହି ପିଲାମାନଙ୍କୁ କିଛି ଭୋଜନ କରାଇବା ପାଇଁ ଏଠାକୁ ଆଣିବାକୁ ଅଛି। ସେମାନେ ସେଠାରେ ମରୁଭୂମିରେ ଭୋକରେ ଅଛନ୍ତି।

258 ଅନ୍ୟ ଦିନ ଜଣେ ସେବକ ମୋ ପାଖକୁ ଆସି କହିଲେ, "ଭାଇ ବ୍ରାନହାମ୍, ସେମାନେ ସେଠାରେ ତଳେ ସବୁଠାରୁ ଏକ ଭୟଙ୍କର ପନ୍ଥ ଉପାସନା କରୁଛନ୍ତି ଯାହାକି ଆପଣ କେବେ ଦେଖିଥିବେ।" କହିଲେ, "ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ପ୍ରତିଦିନ ସକାଳେ, ସେମାନେ ବାହାରକୁ ଯାଆନ୍ତି; ଏବଂ ସେମାନେ କୁହନ୍ତି ଯେ ସେମାନେ କାମ କରିବାକୁ ଯାଉ ନାହାଁନ୍ତି, ଏହା ତ ଉର୍ଦ୍ଧାନ୍ତିକରଣର ଅତ୍ୟନ୍ତ ନିକଟବର୍ତ୍ତୀ ଅଟେ।" ସେମାନେ କାମ କରିବାକୁ ଯାଉନାହାଁନ୍ତି। ତେବେ, ତାହା ତ କେବଳ ଏହା ଦେଖାଏ ଯେ ଆପଣ ବୁଝି ହିଁ ନାହାଁନ୍ତି। ଦେଖନ୍ତୁ? ଠିକ୍। (ଏହି ଟେପ୍‌ଟି ସେଠାରେ ତଳକୁ ଯାଉଅଛି!) ତେଣୁକରି, ହଁ, ମହାଶୟ! ଆପଣଙ୍କୁ ତ, ସେହି ପିମ୍ପୁଡ଼ିଠାରୁ ଏକ ଶିକ୍ଷା ନେବା ଉଚିତ, ବାଇବଲ କୁହେ, ଆପଣ ଜାଣନ୍ତି। ଯଦି ସେମାନେ କାମ ନ କରନ୍ତି, ସେମାନେ ଖାଆନ୍ତି ନାହିଁ। ତେଣୁ ତାହା—ତାହା ଅବିକଳ ଠିକ୍ ଅଟେ।

ଏଠାରେ—ଏଠାରେ, ଏଗୁଡ଼ିକ ମଧ୍ୟରୁ ଆଉ ଗୋଟିଏ ଉଠାଇଲି।

**271. କଅଣ...**(ମୁଁ ଜାଣେ ନାହିଁ। ଦେଖନ୍ତୁ, ଏହା ତ କେବଳ କିଛି—ଏହା ଭିନ୍ନ ଅଟେ—ଏହା ତ ସେହି ଅନ୍ୟଠାରୁ ଏକ ଭିନ୍ନ ହସ୍ତଲିଖନ ଅଟେ। କେବଳ ଆପଣମାନଙ୍କୁ ଦେଖାଇବା ପାଇଁ, ମୁଁ ଭାବୁଛି ଯେ ସେଠାରେ ସେଗୁଡିକ ମଧ୍ୟରୁ ପ୍ରାୟଃ ଆଠଟା କିମ୍ବା ଦଶଟା ଅଛି। ଦେଖନ୍ତୁ?) **ଏରିଜୋନା, ଟ୍ୟୁସାନ୍‌ରେ କଅଣ ଏକ ଅଧିକ—କଅଣ ଏକ ଅଧିକ ସିଦ୍ଧ ମଣ୍ଡଳୀ ହେବାକୁ ଯାଉଅଛି? ମୁଁ ପରମେଶ୍ୱରଙ୍କ ସିଦ୍ଧ ଇଚ୍ଛାରେ ରହିବାକୁ ଚାହେଁ। କଅଣ ଆମେ ଟ୍ୟୁସାନ୍‌କୁ ସ୍ଥାନାନ୍ତରିତ ହେବୁ କି?**

259 ଏହା ଆଦୌ ସେହି ଅନ୍ୟ—ଅନ୍ୟ ହସ୍ତଲିଖନ ନୁହେଁ। ଏହା ତ...ମୁଁ...କେବଳ ଏଠାରେ ଆଖପାଖରେ ଦେଖନ୍ତୁ; ମୁଁ କେବଳ ଆପଣଙ୍କୁ ଦେଖାଇବି ଯେ ସେହି ଗୋଟିଏ ପ୍ରଶ୍ନ ଉପରେ କେତେ ଗୁଡିଏ ଅଛି। ମୁଁ ନୁହେଁ...ମୁଁ—ମୁଁ ସେଗୁଡିକୁ ପାଇପାରିଲି ନାହିଁ, ମୁଁ ଅନୁମାନ କରେ। ଏଠାରେ—ଏଠାରେ...ମୁଁ ଏଠାରେ କେତୋଟି ଚିହ୍ନଟ କରି ରଖିଛି, "ମୁଁ ଆପଣଙ୍କୁ ଜଣାଇବି।"

**272. ଭାଇ ବ୍ରାନହାମ୍: ଦୟାକରି...**(ଆସନ୍ତୁ ଦେଖିବା ।) **ଏହା ଜାଣି ଯେ ଆପଣ ସେହି ଭବିଷ୍ୟଦ୍‌ବକ୍ତା ଅଟନ୍ତି, ଏବଂ, ଆମେ ବସବାସ କରୁଥିବା ଏହି ସମୟ, କରିବ...ଏବଂ—ଏବଂ...ଆମେ ରହୁଥିବା ସେହି ସମୟ ନିମନ୍ତେ ଭବିଷ୍ୟଦ୍‌ବକ୍ତା** (ଏହା ତାହାହିଁ ଅଟେ ।), **କଅଣ ଏପରି ଏକ ସମୟ ଆସିବ କି ଯେତେବେଳେ ପରମେଶ୍ୱରଙ୍କ ଲୋକମାନଙ୍କୁ ଆପଣଙ୍କ ସହିତ ଏରିଜୋନାକୁ ପଳାୟନ କରିବାକୁ ହେବ? ଯଦି ସେହିପରି ଅଟେ, ତେବେ କଅଣ ଆପଣ ସେହି ସମୟ ଆସିଲେ ଆମକୁ ଜଣାଇବେ କି?**

260 ନିଶ୍ଚିତରେ କରିବି । ମୁଁ ଆପଣଙ୍କୁ ଜଣାଇବି । ମୁଁ ଆପଣଙ୍କୁ କହିବି । ବର୍ତ୍ତମାନ ଦେଖନ୍ତୁ, ଦୁଇଟି ଭିନ୍ନ ହସ୍ତଲିଖନ ଅଛି, ଦୁଇଟି ଭିନ୍ନ ବ୍ୟକ୍ତିଙ୍କର । ଦେଖନ୍ତୁ? ଗୋଟିଏ ହସ୍ତଲିଖନ ଅଛି, ଏବଂ ଅନ୍ୟଟି ସେଠାରେ ଅଛି । ଦେଖନ୍ତୁ? ତାହା ସେହିପରି ହିଁ ହେବା ଉଚିତ୍, ଯାହାକି ମଣ୍ଡଳୀର ମନରେ ରହିବା ଉଚିତ୍ । ଦେଖନ୍ତୁ? ତେବେ, ଆସନ୍ତୁ ଏହାକୁ ସମାଧାନ କରିବା । ଆସନ୍ତୁ ଦେଖିବା ଯଦି ମୁଁ ଏହାକୁ ପାଇପାରିବି...ଆସନ୍ତୁ ଦେଖିବା ।

**273. ଭାଇ ବ୍ରାନହାମ୍...**(ସେଠାରେ ଆଉ ଗୋଟିଏ ଅଛି, ସମ୍ପୂର୍ଣ୍ଣରୂପେ ଅଲଗା ।) **ଭାଇ ବ୍ରାନହାମ୍, କେତେକେ ଏହା ବୁଝିଛନ୍ତି ଯେ ଆପଣ ନିଜର ସେହି ବାର୍ତ୍ତା *କନ୍ୟା ଏବଂ ବରର ଭବିଷ୍ୟତ ଗୃହ* ରେ ଏହା କହିଥିଲେ ଯେ ତାହା** (ନା, ଏହା ଅଲଗା ଅଟେ ।), **ଆରାଧନାଳୟଠାରୁ ପନ୍ଦର ଶହ ମାଇଲ ହେବ, ବର୍ଗ କ୍ଷେତ୍ର, ପ୍ରତ୍ୟେକ ପଟରେ ସାତ ଶହ ହେବ** (ଅନ୍ୟ ଅର୍ଥରେ, ସେହି ଆରାଧନାଳୟଟି ମଝିରେ ଅବସ୍ଥିତ ଥାଇ ପ୍ରତ୍ୟେକ ପଟରେ ସାତ ଶହ ହେବ, ପନ୍ଦର ଶହ ମାଇଲ ହେବ ଓଃ!), **ପ୍ରତ୍ୟେକ ପାର୍ଶ୍ୱରେ । କଅଣ ଏହା ସତ ଅଟେ କି? ମୁଁ ଏହି କ୍ଷେତ୍ର ବାହାରେ ରୁହେ; କଅଣ ମୋତେ ଏହା ଭିତରକୁ ପ୍ରବେଶ କରିଯିବା ଉଚିତ କି?** (ଓଃ!)

261 ନା, ପ୍ରିୟ, ଆପଣ ତାହା କରନ୍ତୁ ନାହିଁ । ଦେଖନ୍ତୁ! ବର୍ତ୍ତମାନ, ଆପଣ ଦେଖନ୍ତୁ ଯେ ଏହା ଲୋକମାଙ୍କ ପାଇଁ କେତେ ସହଜ ଅଟେ? ମୁଁ ଯେତେବେଳେ ସେହି ବାର୍ତ୍ତା ପ୍ରଚାର କରିଥିଲି ଏଠାରେ କେତେଜଣ ଥିଲେ? ମୁଁ କହିଥିଲି ଯେ ଯେତେବେଳେ ମୁଁ ନୂତନ ଯିରୁଶାଲମକୁ ମାପ କରୁଥିଲି, ଏହା ସେତେବେଳେ ପନ୍ଦର ଶହ ମାଇଲ ବର୍ଗ ହେବ । ମୁଁ କହିଥିଲି ଏହା ପ୍ରାୟଃ ମେନ୍ ସହରଠାରୁ ନେଇ ଫ୍ଲୋରିଡା ପର୍ଯ୍ୟନ୍ତ ପହଞ୍ଚିଯିବ, ଏବଂ ମିସିସିପିର ପଶ୍ଚିମର ଆଡକୁ ଛଅ ଶହ ମାଇଲ୍ ହେବ; ତାହା ପନ୍ଦର ଶହ ବର୍ଗ ମାଇଲ ହେବ । ମୁଁ କହିଥିଲି ଯେ ସେହି ନଗର, ମୋ ମତରେ, ଠିକ୍ ସେହି ସ୍ଥାନରେ ସ୍ଥାପିତ ହେବ ଯେଉଁଠାରେକି ଭବିଷ୍ୟଦ୍‌ବକ୍ତା ଅବ୍ରହାମ ସେହି ନଗରକୁ ଅନ୍ୱେଷଣ କରିଥିଲେ, ଯେତେବେଳେକି ସେଠାରେ ଆଉ କୌଣସି ସମୁଦ୍ର ରହିବ ନାହିଁ । ବାଇବଲ କୁହେ ଯେ ସେଠାରେ ଆଉ କୌଣସି ସମୁଦ୍ର ରହିବ ନାହିଁ, ଯାହାକି ପୃଥିବୀର ପ୍ରାୟଃ ତିନି-ଚତୁର୍ଥାଂଶ ଭାଗ ଜଳରେ ଅଛି । ଆଉ ସେଠାରେ କୌଣସି ସମୁଦ୍ର ରହିବ ନାହିଁ; ତେଣୁକରି ଅତଏବ, ଏହା ସେତେ ବଡ ଏକ ନଗରୀ ହେବ ନାହିଁ ଯାହାକି ସେହିପରି ଏକ ସ୍ଥାନରେ ସ୍ଥାପିତ କରାଯାଏ । ମୁଁ ବିଶ୍ୱାସ କରେ ଯେ ଏହା ସେହି ଛୋଟ ସ୍ଥାନରେ

ସ୍ଥାପିତ ହେବ ଯେଉଁଠାରେକି ସେମାନେ ଏତେ କଳି ଝଗଡା କରୁଛନ୍ତି, ଏବଂ ପରମେଶ୍ୱର, ସେଠାରେ ବେଥେଲିହିମ୍‌ରେ ଜନ୍ମଗ୍ରହଣ କରିଥିଲେ। ମୁଁ ବିଶ୍ୱାସ କରେ ଯେ ତାହା ଠିକ ସେଠାରେ ପାଲେଷ୍ଟାଇନ୍‌ରେ ହେବ, ଯେଉଁଠାରେକି ଏହା ଠିକ ସେଠାରେ ପୃଥିବୀରୁ ଉଠିବ ଏବଂ ସେହି ପର୍ବତ ହେବ।

262 ମାତ୍ର, ହେ ପ୍ରିୟ ବନ୍ଧୁ, ତାହାର ଏହି ଆରାଧନାଳୟ ସହିତ କୌଣସି ସମ୍ପର୍କ ନାହିଁ। ଦେଖନ୍ତୁ? ଅବ୍ରହାମ, ଇସ୍‌ହାକ, ଯାକୁବ, ପାଉଲ, ସମସ୍ତ ସାଧୁଗଣ, ସେମାନେ ସମଗ୍ର ବିଶ୍ୱରେ ମରିଥିଲେ, ଜଳା ଯାଇଥିଲେ, ବୁଡ଼ିଥିଲେ, ସିଂହ ଦ୍ୱାରା ଭକ୍ଷ କରାଯାଇଥିଲେ, ଏବଂ ସମସ୍ତ କିଛି ହୋଇଥିଲେ; ଆଉ ସେମାନେ ଜଗତର ପ୍ରତ୍ୟେକ ଫାଟ, ଖାଲ, ଏବଂ କୋଣରୁ ବାହାରିବେ। ମୁଁ ଆଶା କରେ ଯେ ମୁଁ ସେଠାରେ ଥାଏ। ମୁଁ ଜାଣେ ନାହିଁ ଯେ ମୁଁ କେଉଁଠାରେ ରହିବି, କିନ୍ତୁ ତାହା କେଉଁଠାରେ ବି ଅଟେ, ଯଦି ମୁଁ ସେହି ଗୋଷ୍ଠୀରେ ଅଛି, ତାହାହେଲେ ମୋତେ ସେଠାରେ ରହିବାରୁ କୌଣସି ବିଷୟ ବଞ୍ଚିତ କରିପାରିବ ନାହିଁ! ବୁଝିଲେ? ଏବଂ ମୋତେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ରହିବାର ପ୍ରୟୋଜନ ନାହିଁ। କେବଳ ଗୋଟିଏ ମାତ୍ର ସ୍ଥାନରେ ମୋତେ ରହିବାକୁ ଅଛି ତାହା ହେଲା ଖ୍ରୀଷ୍ଟଙ୍କଠାରେ, କାରଣ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି ପରମେଶ୍ୱର ସେମାନଙ୍କୁ ଆପଣା ସହିତରେ ନେଇକରି ଆସିବେ। ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା କେଉଁଠାରେ ଅଛି, ସେ ନେଇକରି ଆସିବେ...ମୋତେ ଯୀଶୁଙ୍କଠାରେ କବର ଦିଅନ୍ତୁ।

263 ସେଠାରେ ପଶ୍ଚାତ ସମୟରେ ସେହି ଭବିଷ୍ୟଦ୍‌ବକ୍ତାମାନଙ୍କୁ ଦେଖନ୍ତୁ। ସେମାନେ ବର୍ତ୍ତମାନ, ଆକ୍ଷରିକ ଅର୍ଥରେ ଜାଣିଥିଲେ, ଯେ ସେହି ପ୍ରଥମ ପୁନରୁତ୍ଥାନ, ସେହି ପ୍ରଥମ ଫଳଗୁଡିକ, ପାଲେଷ୍ଟାଇନ୍‌ରେ ହେବ। ଅବ୍ରହାମ ଏକ ସ୍ଥାନ କିଣିଥିଲେ, ଏବଂ ସେ...ନୁହେଁ... ଆଉ ସେ ସାରାଙ୍କୁ କବର ଦେଲେ। ଏବଂ ସେ ଇସ୍‌ହାକଙ୍କୁ ଜାତ କଲେ। ଇସ୍‌ହାକଙ୍କୁ ତାଙ୍କର ପିତା ଓ ମାତା ପାଖରେ କବର ଦିଆଗଲା। ଇସ୍‌ହାକ ଯାକୁବଙ୍କ ଜାତ କଲେ; ଯାକୁବ ସେଠାରେ ଇସ୍ରାଏଲରେ...ମିସରରେ ମୃତ୍ୟୁବରଣ କଲେ, ପୁନର୍ବାର ପାଲେଷ୍ଟାଇନ୍‌କୁ ଅଣାଗଲେ। ଏବଂ ତାହାପରେ, ଯୋଷେଫ ମଧ୍ୟ ସେଠାରେ ମୃତ୍ୟୁବରଣ କଲେ। ଏବଂ ସେମାନେ ଯୋଷେଫଙ୍କ ଅସ୍ଥି ଫେରାଇ ଆଣିଲେ, 'କାରଣ ସେ କହିଥିଲେ, "କର..." ଯୋଷେଫଙ୍କୁ ଏହାପ୍ରତି ଶପଥ କରାଇଥିଲେ...ଯାକୁବ, ଯେ ସେ ତାଙ୍କୁ ସେଠାରେ କବର ଦେବେ ନାହିଁ, ବରଂ ତାଙ୍କୁ ପ୍ରତିଜ୍ଞାତ ଦେଶକୁ ଫେରାଇ ଆଣିବେ। ଯୋଷେଫ କହିଲେ, "କୌଣସି ଦିନ ସଦାପ୍ରଭୁ ତୁମର ପରମେଶ୍ୱର ତୁମକୁ ପରିଦର୍ଶନ କରିବେ ତେବେ ମୋତେ... ମୋର ଅସ୍ଥିଗୁଡିକୁ ନେଇ ମୋ ବାପାଙ୍କ ସହିତ କବର ଦେବ।" ଏବଂ ସେମାନେ ତାହା କଲେ, କାରଣ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ, ସେମାନେ ବୁଝିଥିଲେ ଯେ ପୁନରୁତ୍ଥାନର ପ୍ରଥମ ଫଳଗୁଡିକ ପାଲେଷ୍ଟାଇନ୍‌ରେ ହେବ।

264 ବର୍ତ୍ତମାନ, ବାଇବଲ କୁହେ...ଏବଂ ଯଦି ଆପଣ ମୋତେ ଭବିଷ୍ୟଦ୍‌ବକ୍ତା ବୋଲି ଡାକନ୍ତି, ମୁଁ କୁହେ ନାହିଁ ଯେ ମୁଁ ଅଟେ; ମାତ୍ର ଯଦି ଆପଣ ମୋତେ ତାହା ବୋଲି ଡାକନ୍ତି,

ମନେରଖନ୍ତୁ, ମୁଁ ଆପଣଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ନାମରେ କହୁଅଛି (ଦେଖନ୍ତୁ?), ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ନାମରେ, ଯେ ପୁନରୁତ୍ଥାନ ଏବଂ ଉର୍ଦ୍ଧାନ୍ତିକରଣ ସମଗ୍ର ବିଶ୍ୱରେ ସାଧାରଣ ଭାବରେ ହେବ! ଯାଏ ଆସେ ନାହିଁ ଯେ ଆପଣ କେଉଁଠାରେ ଅଛନ୍ତି, ଯେତେବେଳେ ସେହି ସମୟ ଆସେ, ଆପଣ ତାହାଙ୍କୁ ଭେଟିବା ପାଇଁ ଉର୍ଦ୍ଧ୍ୱକୁ ଘେନାଯିବେ! ତାହାହିଁ ସବୁ ଅଟେ! ଆପଣ ଯେଉଁଠାରେ ବି ଥାଆନ୍ତୁ, କୌଣସି ବି ବିଷୟ ଆପଣଙ୍କୁ ଅଟକାଇବାକୁ ଯାଉ ନାହିଁ। ଏବଂ ମୁଁ କେବଳ ଆଶା କରେ ଯେ ମୁଁ ସେଠାରେ, ସେମାନଙ୍କ ମଧ୍ୟରୁ ଜଣେ ଅଟେ। ମୁଁ କେବଳ ପରମେଶ୍ୱରଙ୍କ ଉପରେ ଭରସା କରେ ଓ ଆଶା କରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ହେବି ଏବଂ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏଥିରେ—ଏଥିରେ ସମାନ ଭାବରେ ରହିବେ।

ବର୍ତ୍ତମାନ, ଆମ ପାଖରେ ଆଉ ଗୋଟିଏ ପାଇଁ ସମୟ ଅଛି କି? ତାହାପରେ ଏହା କେବଳ (ଦେଖନ୍ତୁ?), ପ୍ରାୟଃ ଏକ ଘଡିକା ହେବାକୁ ଯାଉଅଛି।

**274. ପ୍ରିୟ ଭାଇ ବ୍ରାନହାମ୍: ମୋ ପତ୍ନୀ ଏବଂ ମୁଁ ଅଲଗା ହୋଇଥିଲୁ। ସେ ମୋତେ ଛାଡପତ୍ର ପାଇଁ ମକଦ୍ଦମା କରୁଛନ୍ତି। ସେ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି, ଏବଂ ମୁଁ ବାର୍ତ୍ତାକୁ ବିଶ୍ୱାସ କରେ ଆଉ ସେ ଉଦ୍ଧାର ପାଉ ବୋଲି ଚାହେଁ** (କଅଣ ତାହା ସୁନ୍ଦର ନୁହେଁ କି? ଏହା ପ୍ରକୃତ ଖ୍ରୀଷ୍ଟିଆନ ଆତ୍ମା ଅଟେ। ଦେଖନ୍ତୁ?) **ଏବଂ ବିଶ୍ୱାସ କରନ୍ତୁ ବୋଲି ଚାହେଁ। ମୋତେ କଅଣ କରିବା ଉଚିତ୍? ଆମର ଦୁଇଟି ପୁଅ ମଧ୍ୟ ଅଛନ୍ତି।** (ସେମାନଙ୍କ ନାମ ଦସ୍ତଖତ କରିଛନ୍ତି।)

265 ଭାଇ, ଦେଖନ୍ତୁ, ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ, ସେ ଆପଣଙ୍କୁ ଏକ ଛାଡପତ୍ର ଦେବା ପାଇଁ ମକଦ୍ଦମା ଦାୟର କରିବାକୁ ଯାଉଛନ୍ତି। ତାହା ଶୟତାନ ଅଟେ। ଦେଖନ୍ତୁ? ଆପଣଙ୍କୁ ତାହା କରିବା ଉଚିତ୍ ନୁହେଁ। ମାତ୍ର ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ଏବଂ ସେହି ମହିଳାଙ୍କୁ ବାଧା ଦେବା ପାଇଁ ଜଗତରେ କିଛି କରିନାହାଁନ୍ତି, ତେବେ ଏହା ଶୟତାନ ଅଟେ ଯିଏକି ତାହା କରୁଅଛି। ସେ କେବଳ ଆପଣଙ୍କୁ ଭାଙ୍ଗିବାକୁ ଚେଷ୍ଟା କରୁଅଛି।

266 ତେବେ, ଯଦି ସେ ପରମେଶ୍ୱରଙ୍କ ମନୋନୀତମାନଙ୍କ ମଧ୍ୟରୁ ଜଣେ ଅଟନ୍ତି, ତାହାହେଲେ ସେ ତାହାଙ୍କ ନିକଟକୁ ଆସିବେ। ଯଦି ସେ ନୁହଁନ୍ତି, ତେବେ ତାହା ବିଷୟରେ ଚିନ୍ତା କରିବା ମୂଲ୍ୟହୀନ ଅଟେ। ତାହାପରେ ଯଦି ଏହା କରେ…ଯଦି ଆପଣ ଚିନ୍ତା କରିବେ ତାହାହେଲେ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ହାନି କରିବ, ଏବଂ ତାହାହିଁ ଅଟେ ଯାହାକି ଶୟତାନ କରିବା ପାଇଁ ଚାହେଁ। ସେ ଆପଣଙ୍କ ଉପରେ, କାମ କରୁଅଛି, ମୁଁ ଜାଣେ। ତେଣୁକରି ଆପଣ ସମଗ୍ର ବିଷୟକୁ କେବଳ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରି ଦିଅନ୍ତୁ ଏବଂ ପରମେଶ୍ୱରଙ୍କ ସେବା ଯଥା ସମ୍ଭବ କରି ଚାଲନ୍ତୁ ଯେତିକି ଆପଣ କରି ପାରନ୍ତି। ପରମେଶ୍ୱର ଏହାର ଅବଶିଷ୍ଟ ତତ୍ତ୍ୱ ନେବେ। "ଯେସମସ୍ତଙ୍କୁ ପିତା ମୋତେ ଦେଇଛନ୍ତି ମୋ ନିକଟକୁ ଆସିବେ।" ଆପଣ ଆଣ୍ଠୁପାତ କରନ୍ତୁ; ମୁଁ ଆପଣଙ୍କ ସହିତ ପ୍ରାର୍ଥନା କରିବି କିମ୍ବା ଅନ୍ୟ କିଛି

କରିବି । ମୁଁ ଏହି ବିଷୟରେ ପ୍ରାର୍ଥନା କରିବି । କେବଳ କୁହନ୍ତୁ, "ପ୍ରଭୁ ପରମେଶ୍ୱର, ମୁଁ ତାଙ୍କୁ ଭଲ ପାଏ; ସେ ମୋର ସନ୍ତାନମାନଙ୍କର ମାତା ଅଟେ," (ଯଦି ସେ ଅଟନ୍ତି) ଏବଂ କୁହନ୍ତୁ, "ପ୍ରଭୁ, ମୁଁ—ମୁଁ—ମୁଁ କେବଳ ସମଗ୍ର ବିଷୟକୁ ଆପଣଙ୍କ ନିକଟରେ ସମର୍ପଣ କରୁଅଛି । ମୁଁ ଚାହେଁ ଯେ ସେମାନେ ଉଦ୍ଧାର ପାଇଯାଆନ୍ତୁ, ଆପଣ ଜାଣନ୍ତି ଯେ ମୁଁ କରେ; ମାତ୍ର ମୁଁ ଆଉ ଆଗକୁ ଯାଇପାରେ ନାହିଁ । ସେ ଯେକୌଣସି ପ୍ରକାରେ ହେଲେ ମୋତେ ଛାଡପତ୍ର ଦେବାକୁ ଯାଉଅଛନ୍ତି । ମୁଁ ଆଉ କିଛି ହେଲେ କରି ନାହିଁ; ଯଦି ମୁଁ କରିଥାଏ, ତେବେ ମୋ ଠାରେ ତାହା ପ୍ରକାଶ କରନ୍ତୁ; ମୁଁ ଯାଇ ଏହାକୁ ଠିକ୍ କରିଦେବି । ମୁଁ କିଛି ବି କରିବି ।" ତାହାପରେ ଏହାକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରି ଦିଅନ୍ତୁ ଓ ତାହାପରେ ଏହାକୁ ସେହିପରି ଛାଡିଦିଅନ୍ତୁ, କେବଳ ଏକାକୀ ଛାଡିଦିଅନ୍ତୁ । ଠିକ୍ ସେହିପରି ଭାବରେ ଜୀବନ ଯାପନ କରନ୍ତୁ ଯେପରିକି—ଯେପରିକି କିଛି ହୋଇନାହିଁ । ଏବଂ ପରମେଶ୍ୱର ଏହାର ଅବଶିଷ୍ଟ ତତ୍ତ୍ୱ ନେବେ ।

**275.** ବର୍ତ୍ତମାନ: **ଭାଇ ବ୍ରାନହାମ୍, ଏରିଜୋନାକୁ ଯାଉଥିବା ଲୋକମାନଙ୍କ ବିଷୟରେ** (ଓଃ, ପୁନର୍ବାର!) **ଏହିସବୁ କଅଣ ଅଟେ? ଏହାକୁ ବ୍ୟାଖ୍ୟା କରି ଦିଅନ୍ତୁ ।** ସେଠାରେ ଅନ୍ୟ ଏକ ପ୍ରକାରର ହସ୍ତଲିଖନ ଅଛି । ଦେଖନ୍ତୁ, ଦେଖନ୍ତୁ?

ତେବେ, ଆମେ ଏହାକୁ ବ୍ୟାଖ୍ୟା କରିସାରିଛୁ (ବୁଝିଲେ?), ଯେ ତାହା କଅଣ ଅଟେ?

**276. ଭାଇ ବ୍ରାନହାମ୍, କଅଣ କନ୍ୟା ସେହି ନିର୍ଯାତନା ଦେଇ ଗତି କରିବ କି ଯେପରିକି ଆରମ୍ଭିକ ପ୍ରେରିତିକ ମଣ୍ଡଳୀ କରିଥିଲେ?**

267 ନା, ମୁଁ କେବଳ ତାହା କିଛି ମିନିଟ୍ ପୂର୍ବରୁ ବ୍ୟାଖ୍ୟା କରିଅଛି । ନା, ବର୍ତ୍ତମାନ ପରବର୍ତ୍ତୀ ବିଷୟ ହେଉଛି ଏକ ଊର୍ଦ୍ଧାନ୍ତିକରଣ । ମନେରଖନ୍ତୁ, ଆମେମାନେ ପ୍ରତିଜ୍ଞାତ ଦେଶରେ ଅଛୁ; ଆମେମାନେ ସୀମାରେ ଅଛୁ । କଅଣ ଆପଣ ଇସ୍ରାଏଲର ପଦଯାତ୍ରା ବୁଝିଲେ କି?

**277. କଅଣ କୌଣସି ପ୍ରକାରର ଜନ୍ମ ନିରୋଧକ ବିଷୟ ବ୍ୟବହାର କରିବା—କରିବା ଏହା ବ୍ୟବସ୍ଥା ଅନୁଯାୟୀ ଅଟେ କି?**

268 ଉତ୍ତମ ହେବ ଯେ ମୁଁ ଏହାକୁ ଆଜି ଅପରାହ୍ନ ପର୍ଯ୍ୟନ୍ତ ଛାଡି ଦିଏ (ଦେଖନ୍ତୁ?), କାରଣ ଏହା...ମୁଁ ତାହା—ମୁଁ ତାହା ବିଷୟରେ କିଛି କଥା ହେବାକୁ ଚାହେଁ ।

**278. ଭାଇ ବ୍ରାନହାମ୍, ମୁଁ କେବଳ...** (ଯଦି ସମ୍ଭବ ହୁଏ ତେବେ ମୁଁ ଆଉ ୩ ମିନିଟ୍ କେବଳ ଅପେକ୍ଷା କରୁଛି । ବୋଧହୁଏ ମୋତେ ଏଠାରେ କିଛି ଗୋଟାଏ ଛୋଟ ବିଷୟ ନେବାକୁ ଦିଅନ୍ତୁ ।) **ମୁଁ ଯୀଶୁଙ୍କୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇପାରୁ ନାହିଁ । କଅଣ ମୋ ଠାରେ ଏକ ମନ୍ଦ ଆତ୍ମା ଅଛି କି?**

269 ମୋତେ କେବଳ ବାକି ସମୟ ଠିକ ସେହି ବିଷୟ ଉପରେ ବିତାଇବାକୁ ଦିଅନ୍ତୁ । ଆପଣ ଯୀଶୁଙ୍କ ନିକଟରେ ଆତ୍ମସମର୍ପଣ କରିପାରୁ ନାହାଁନ୍ତି କି? ସେମାନେ କରନ୍ତି ନାହିଁ...ଦେଖନ୍ତୁ, ମୁଁ ପୁରୁଷ କିମ୍ବା ସ୍ତ୍ରୀ ଜାଣେ ନାହିଁ; ତାହା କିଏ ଅଟେ ମୁଁ କହିପାରିବି ନାହିଁ । ପରମେଶ୍ୱର ତାହା ଜାଣନ୍ତି ।

270 ଆପଣ ଯୀଶୁଙ୍କ ନିକଟରେ ଆତ୍ମସମର୍ପଣ କରିପାରୁ ନାହାଁନ୍ତି। କାହିଁକି? ମାମଲା କଅଣ ଅଟେ? ଯଦି ଆପଣ ଜଣେ ସ୍ତ୍ରୀଲୋକ ଅଟନ୍ତି, କଅଣ ଆପଣଙ୍କୁ ଏକ ପତ୍ନୀ ହେବା ନିମନ୍ତେ ନିଜର ସ୍ୱାମୀଙ୍କଠାରେ ସମର୍ପଣ ହେବାକୁ ପଡେ ନାହିଁ କି, ସମସ୍ତ କିଛି ଯାହା ଆପଣ ଅଟନ୍ତି ତାହା ସମର୍ପଣ ହେବାକୁ ପଡେ ନାହିଁ କି? ଜଣେ ସାନ ମହିଳା ଯେତେବେଳେ ଆପଣ ବିବାହ କଲେ, ଧାର୍ମିକ ଥିଲେ, ଧାର୍ମିକତାକୁ ବଜାୟ ରଖିବା ପାଇଁ ନିଜର ଜୀବନସାରା ସଂଘର୍ଷ କଲେ; କିନ୍ତୁ ଦିନେ ଆପଣ ଜଣେ ଏପରି ବ୍ୟକ୍ତିଙ୍କୁ ପାଇଲେ ଯାହାକୁ ଆପଣ ପ୍ରେମ କଲେ। ଆପଣ ସମ୍ପୂର୍ଣ୍ଣ ରୂପେ ତାଙ୍କର ହୋଇଗଲେ। ଯେଉଁ ବିଷୟଗୁଡ଼ିକ ବିରୁଦ୍ଧରେ ଆପଣ ସାରା ଜୀବନ ଲଢିଥିଲେ ଏବଂ ପରିଷ୍କାର, ଶୁଚି, ଏବଂ ଧାର୍ମିକ ଜୀବନ ଯାପନ କରିବାକୁ ଚେଷ୍ଟା କରିଥିଲେ; ବର୍ତ୍ତମାନ, ଆପଣ ଏହାର ପ୍ରତ୍ୟେକ ଅଂଶକୁ ଜଣେ ବ୍ୟକ୍ତିଙ୍କ ନିକଟରେ ସମର୍ପଣ କରି ଦିଅନ୍ତି। କଅଣ ଏହା ଠିକ୍ କି? ଆପଣ ନିଜକୁ ସମ୍ପୂର୍ଣ୍ଣ ରୂପେ ତାଙ୍କ ହାତରେ ଦେଇ ଦିଅନ୍ତି; ଆପଣ ତାଙ୍କର ଅଟନ୍ତି। ଆପଣ ଯାହାସବୁ ଶିଷ୍ଟତା, ଏବଂ ନୈତିକତା, ଓ ସେହିପରି ସମସ୍ତକିଛି ବିଷୟ ପାଇଁ ଛିଡା ହୋଇଥିଲେ, ବର୍ତ୍ତମାନ ଆପଣ ଜଣେ ବ୍ୟକ୍ତିଙ୍କୁ ତାହା ସବୁ ଦେଇ ଦିଅନ୍ତି, କାରଣ ଆପଣ ନିଜକୁ ସେହି ବ୍ୟକ୍ତିଙ୍କ ନିକଟରେ ସମର୍ପଣ କରି ଦିଅନ୍ତି। କଅଣ ଆପଣ ସେହି ସମାନ ବିଷୟ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ କରିପାରିବେ ନାହିଁ କି? କେବଳ ଆପଣାକୁ ସେହି ଉପାୟରେ ସମର୍ପଣ କରି ଦିଅନ୍ତୁ, "ମୁଁ ଯାହା ସବୁ କିଛି ଅଟେ, ମୋର ସମସ୍ତ ମନ, ମୋର ସମସ୍ତ ଚିନ୍ତାଧାରା।" ନିଶ୍ଚିତ ଭାବରେ।

271 ମୁଁ ଭାବୁ ନାହିଁ ଯେ ଆପଣ ଏକ ମନ୍ଦ ଆତ୍ମାରେ ଗ୍ରସିତ ଅଟନ୍ତି; ମୁଁ ଭାବୁଛି ଯେ ସେହି ମନ୍ଦ ଆତ୍ମା ଆପଣଙ୍କୁ ସେହି ପ୍ରକାରର ବିଚାରଗୁଡିକରେ ଅଭିଷେକ କରେ, ଆପଣଙ୍କୁ ଏହା ଭାବିବାକୁ ଚେଷ୍ଟା କରାଏ ଯେ ଆପଣ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରିପାରନ୍ତି ନାହିଁ। ଯେତେବେଳେ...ମୋତେ ଆପଣମାନଙ୍କୁ କିଛି ଦେଖାଇବାକୁ ଦିଅନ୍ତୁ। ଆପଣ ତାହାଙ୍କ ନିକଟରେ କାହିଁକି ସମର୍ପଣ କରିବାକୁ *ଚାହାଁନ୍ତି*? କାରଣ ସେଠାରେ ଏପରି କିଛି ଅଛି ଯାହାକି ଆପଣଙ୍କୁ ସମର୍ପଣ କରିବା ପାଇଁ କହୁଅଛି। ଏହା ଏକ ବହୁତ ଭଲ ସଙ୍କେତ ଅଟେ ଯେ ଆପଣ ନିଜକୁ ସମର୍ପଣ କରିବା ଉଚିତ୍।

272 ବର୍ତ୍ତମାନ, ଆପଣ ଯାହାସବୁ କରନ୍ତି, ଭାଇ କିମ୍ୱା ଭଉଣୀ (ହୁଏତ ଜଣେ ଯୁବା ଲୋକ କିମ୍ୱା ବୃଦ୍ଧ ହୋଇପାରନ୍ତି, ତାହା ଯାହାକିଛି ବି ଅଟେ), ଆପଣ କହିଲେ...କେବଳ ନିଜକୁ ଖୋଜିପାରନ୍ତି ନାହିଁ ଯେପରିକି ସେମାନେ ଆପଣାକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିପାରିବେ। କେବଳ ନିଜକୁ ଦେଇ ଦିଅନ୍ତୁ। "ପ୍ରଭୁ, ମୋର ଚିନ୍ତାଧାରା, ମୋର ସମସ୍ତକିଛି ଯାହା ମୁଁ ଅଟେ, ମୁଁ—ମୁଁ ତୁମକୁ ଦେଇ ଦେବାକୁ ଚାହେଁ। ମୋ ଜୀବନକୁ, ମୁଁ ସେବାର ଜୀବନ ଭାବରେ ଅର୍ପଣ କରେ। ହେ ପ୍ରଭୁ, ମୋତେ ନିଅ ଏବଂ ମୁଁ ଯେପରି ଅଛି ମୋତେ କେବଳ ସେହିପରି ବ୍ୟବହାର କର।" ଆଉ ତାହା ଏକ ଏତେ ସରଳ କଥା ଅଟେ; ମୁଁ ଇଚ୍ଛା କରେ ଯେ ମଣ୍ଡଳୀ ପ୍ରକୃତରେ ହୋଇପାରେ...ମୁଁ ବିଶ୍ୱାସ କରେ ଯଦି—ଯଦି—ଯଦି ସେହି ଆରାଧନାଳୟ ବର୍ତ୍ତମାନ, ଏହି

ପ୍ରଶ୍ନଗୁଡ଼ିକରୁ ଉପକୃତ ହେଉଅଛନ୍ତି...କଅଣ ଆପଣ ସେଗୁଡିକୁ ପସନ୍ଦ କରନ୍ତି କି? ଠିକ୍ ଅଛି । ଏହା ଅଳ୍ପ ଟିକିଏ ସାହାଯ୍ୟ କରିବ ।

273 ତେବେ ଦେଖନ୍ତୁ, ଏହା ଉପରେ, ଯଦି ମଣ୍ଡଳୀ କେବଳ ଏସବୁ ବିଷୟରେ ପଚାରିବ (ଆପଣ ଦେଖନ୍ତୁ?), ଏହି ବିଷୟଗୁଡିକୁ ପଚାରିବ: ଯଦି ସେମାନେ *ଏହା* କରିବା ଉଚିତ୍, କିମ୍ୱା *ତାହା* କରିବା ଉଚିତ୍, ଏବଂ ସବୁକିଛି, ମୁଁ ମୋର ଯଥାସମ୍ଭବ କରିବାକୁ ଚେଷ୍ଟା କରିବି । ଯଦି ମୁଁ ଆପଣଙ୍କୁ ଭୁଲ୍ ପରାମର୍ଶ ଦେଇଅଛି, ତେବେ ତାହା କରିବା ମୋ ହୃଦୟରେ ନ ଥିଲା । ଯଦି ମୁଁ ମୋର ନିଜର କିଛି ଚିନ୍ତାଧାରା ଏବଂ ବିଷୟଗୁଡିକୁ ତୋଳି ଧରିବା ପାଇଁ କିଛି ଭୁଲ୍ କହିଥାଏ, ଏହା ନ...ଜାଣି—ଜାଣି ଯେ ତାହା କରିବା କିମ୍ୱା ଆପଣଙ୍କୁ ତାହା କହିବା ଭୁଲ୍ ଅଟେ, ତାହାହେଲେ ମୁଁ ଜଣେ ଅପରିଷ୍କାର କପଟୀ ଅଟେ । ତାହା ଠିକ୍ । କିନ୍ତୁ ମୋ ହୃଦୟରୁ, ଯଦି ମୁଁ ଭୁଲ୍ ଅଟେ, ପରମେଶ୍ୱର ଜାଣିଛନ୍ତି (ଦେଖନ୍ତୁ?) ଯେ ମୁଁ ତାହା ଆପଣମାନଙ୍କର ପ୍ରଶ୍ନର ଉତ୍ତର ଦେବା ପାଇଁ ମୋ ଭିତରେ ଥିବା ସମସ୍ତ କିଛି ବିଷୟ ସହିତ କରିଅଛି ।

274 ଏବଂ ଦେଶରେ ଥିବା ଆପଣ ସେବକଗଣଙ୍କୁ ଯେଉଁଠାକୁକି ଏହି ଟେପ୍ ଯିବ, ମୁଁ ଏହିସବୁ ବିଷୟ ଆପଣମାନଙ୍କୁ ଆଘାତ ଦେବା ପାଇଁ କହି ନାହିଁ । ମୁଁ ଏଇଥି ପାଇଁ ତାହା କହିଲି କାରଣ ମୁଁ ଆପଣମାନଙ୍କୁ ଭଲ ପାଏ । ଦେଖନ୍ତୁ? ଏବଂ ମୁଁ ପ୍ରକୃତରେ, ମୋର ସମସ୍ତ ହୃଦୟ ସହିତରେ... ଏହା...ବର୍ତ୍ତମାନ, ମୁଁ ଏହା ଦେଖାଇବା ହେତୁ କାର୍ଯ୍ୟ କରିବାକୁ ଚେଷ୍ଟା କରୁନାହିଁ ଯେ—ଯେ ମୁଁ—ମୁଁ ଏପରି କିଛି ବିଷୟ ଜାଣେ ଯାହାକି ଆପଣ ଜାଣନ୍ତି ନାହିଁ । ଏହା ତାହା ନୁହେଁ, ମୋ ଭାଇ । ମୁଁ ତ ଏହାକୁ କେବଳ ଏଇଥି ପାଇଁ କରୁଛି କାରଣ ମୁଁ ଆପଣମାନଙ୍କୁ ଭଲ ପାଏ, ଏବଂ ମୁଁ—ମୁଁ—ଆପଣ ମୋତେ ଭଲ ପାଆନ୍ତି, ମୁଁ ବିଶ୍ୱାସ କରେ ।

275 କଅଣ ହୁଏ ଯଦି ଆପଣ ମୋତେ ଏକ ପୁରୁଣା ଡଙ୍ଗାରେ ବସି ନଦୀ ତଳକୁ ଯାଉଥିବାର ଦେଖନ୍ତି, ଏହି ନଦୀ ଉପରେ, ଯାହାକି ତାର ନିକଟରେ ଅଟେ ଯେଉଁଠାରେକି ଆମେମାନେ ବର୍ତ୍ତମାନ ଅଛୁ, ଏଠାରେ ଏହି ଆରାଧନାଳୟରେ, ସେହି ଓହାୟୋ ନଦୀ; ଏବଂ ନଦୀଟି ଜଳରେ ପରିପୂର୍ଣ୍ଣ ହୋଇ ନଇ ବଢି ହେଉଥାଏ; ଏବଂ ଝରଣା ଠିକ ମୋ ତଳେ ରହିଥାଏ । ଏବଂ ଆପଣ ଜାଣନ୍ତି ଯେ ସେହି ଡଙ୍ଗା ସେହି ଝରଣା ଉପରେ ଯିବ ନାହିଁ; ଏହା ତାହା କରିବ ହିଁ ନାହିଁ । ଆଉ ଏଠାରେ ମୁଁ ମୋର ମୁଣ୍ଡକୁ ସେଠାରେ ପଛରେ ଥୋଇ, ଗୀତ ଗାଉଅଛି, ଏବଂ ବିଶ୍ରାମ କରୁଅଛି, ଓ ଠିକ୍ ତଳକୁ ଯାଉଅଛି, ସେହି ନଦୀର ତଳ ମୁହାଁ ହୋଇ, ବଡ ଆରାମରେ, ତଳକୁ ଭାସି ଯାଉଅଛି; ଏବଂ ଆପଣ ଠିକ୍ ସେଠାରେ ଜାଣିଛନ୍ତି ଯେ ମୁଁ ସେଠାରେ ବିନଷ୍ଟ ହେବାକୁ ଯାଉଅଛି । ଯଦି ଆପଣ ମୋତେ ଭଲ ପାଉଥାଆନ୍ତି, ତେବେ ଆପଣ ଚିତ୍କାର କରିବେ, କିମ୍ୱା ଆପଣ ଏକ ଡଙ୍ଗାରେ ଡେଇଁପଡି ସେଠାକୁ ଧାଇଁ ଯିବେ, ଏବଂ ମୋତେ କିଛି ଜିନିଷ ସହିତ ମୁଣ୍ଡରେ ବାନ୍ଧି, ଭିତରକୁ ଟାଣି ଆଣିବେ । "ଭାଇ ବ୍ରାନହାମ୍, ଆପଣଙ୍କର ମୁଣ୍ଡ ଖରାପ ହୋଇଯାଇଛି! ଆପଣଙ୍କର ମୁଣ୍ଡ ଖରାପ ହୋଇଯାଇଛି; ଝରଣାଟି ଠିକ ଏଠାରେ ଅଛି!"

276 ଏବଂ ମୁଁ କହେ, "ଓଃ, ଚୁପ୍ କର! ମୋତେ ଏକାକୀ ଛାଡ଼ି ଦିଅନ୍ତୁ!" ଏବଂ ତଥାପି ଆପଣ ମୋତେ ଯେକୌଣସି ପ୍ରକାରେ ଭଲ ପାଆନ୍ତି । ଆପଣ ଜଗତରେ କିଛି ବି କରିବେ; ଆପଣ

ମୋତେ ଧରି ପକାଇବେ । ଯଦି ଆପଣଙ୍କୁ କରିବାକୁ ପଡେ—ଯଦି ଆପଣଙ୍କୁ ଡଙ୍ଗାକୁ ବି ନଷ୍ଟ କରିବାକୁ ପଡ଼େ, ଆପଣ ମୋତେ ସେଠାରୁ ବାହାର କରି ଆଣିବେ, 'କାରଣ ଆପଣ ମୋତେ ଭଲ ପାଆନ୍ତି; ଆପଣ ଜାଣିଛନ୍ତି ଯେ କଅଣ ଘଟିବାକୁ ଯାଉଅଛି ।

277 ଏବଂ ଭାଇ, ମୁଁ ଜାଣେ ଯେ ସେହି ନାମଧାରୀ ସଂସ୍ଥାମାନଙ୍କ ସହିତରେ ଠିକ ତାହାହିଁ ଘଟିବାକୁ ଯାଉଅଛି । ସେ ଜୁଆରକୁ ନିୟନ୍ତ୍ରଣ କରିବେ ନାହିଁ । ଦେଖନ୍ତୁ? ଆପଣ ସିଧାସଳଖ ବିଶ୍ୱ ଗୀର୍ଜା ସଂଘକୁ ଯାଉଛନ୍ତି; ଏବଂ ବର୍ତ୍ତମାନ, ଆପଣଙ୍କୁ ଏହାକୁ ନେବାକୁ ପଡିବ କିମ୍ବା ଏହା ତେବେ ସେହିପରି ବାହାରି ଆସିବ ଯେପରିକି ଆମେମାନେ ବର୍ତ୍ତମାନ ଅଛୁ । ତେଣୁକରି, ଏହା ଅବିକଳ ଠିକ ଅଟେ, ଆପଣଙ୍କୁ ନିଜର ମନୋନୟନ କରିବାକୁ ପଡିବ । ଏବଂ ମୋର—ମୋର ଅଭିପ୍ରାୟ ନୁହେଁ ଯେ...ମୁଁ ସେହି ଡଙ୍ଗାକୁ ନଷ୍ଟ କରିବାକୁ ଚାହିଁବି, ଠିକ୍ ଅଛି; ଭାଇ, ମୁଁ ଆପଣଙ୍କୁ ଆଘାତ ନ କରିବା ପାଇଁ, ଯାହାକିଛି ପାରିବି ତାହା କରିବାକୁ ଚାହିଁବି, ମାତ୍ର ଆପଣଙ୍କୁ ଜାଗ୍ରତ କରିବାକୁ ଚାହିଁବି ଯେ ଆପଣ ଭୁଲ୍ ଅଟନ୍ତି । ତାହା କରନ୍ତୁ ନାହିଁ!

278 ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହି ଜଳ ବାପ୍ତିସ୍ମ, ପୃଥିବୀ ପୃଷ୍ଠରେ ଏପରି କୌଣସି ବ୍ୟକ୍ତି ନାହିଁ ଯିଏକି ଶାସ୍ତ୍ର ଦ୍ୱାରା ଏହାକୁ ନିନ୍ଦା କରିପାରିବ । କୌଣସି ବ୍ୟକ୍ତି ଏହାକୁ ନିନ୍ଦା କରିପାରନ୍ତି ନାହିଁ । ଗୋଟିଏ ହେଲେ ଶାସ୍ତ୍ରାଂଶ ନାହିଁ...ଆପଣ ଲୋକମାନେ, ଆପଣ ଭାଇମାନେ—ଆପଣ ଭାଇମାନେ, ମନେରଖନ୍ତୁ, କେବଳ ମନେରଖନ୍ତୁ, ବାଇବଲ ଖୋଜନ୍ତୁ; ଗୋଟିଏ ସ୍ଥାନ ଖୋଜନ୍ତୁ ଯେଉଁଠାରେକି ନୂତନ ନିୟମରେ କେହି କେବେ ବାପ୍ତିଜିତ ହୋଇଥିଲେ (ସେମାନେ ପୁରାତନରେ ବାପ୍ତିଜିତ ହେଉ ନ ଥିଲେ, କିନ୍ତୁ ନୂତନ ନିୟମରେ ହେଉଥିଲେ), ଯେଉଁଠାରେକି କେବେ କେହି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ଅନ୍ୟ କୌଣସି ଉପାୟରେ ବାପ୍ତିଜିତ ହୋଇଥିଲେ; ତାହାହେଲେ ଆସି ମୋତେ ତାହା ଦେଖାନ୍ତୁ । କିମ୍ବା ଯାଇ ଇତିହାସ ପୁସ୍ତକ ଖୋଜନ୍ତୁ ଯେଉଁଠାରେକି ସେମାନେ କେବେ ସେହି ଶେଷ ପ୍ରେରିତମାନଙ୍କ ମୃତ୍ୟୁର ଶହ ଶହ ବର୍ଷ ପରେ ବାପ୍ତିଜିତ ହୋଇଥିଲେ...କ୍ୟାଥୋଲିକ୍ ମଣ୍ଡଳୀ ବାପ୍ତିସ୍ମ ଆରମ୍ଭ କରିଥିଲା । ସେମାନଙ୍କର କ୍ୟାଟେକିଜିମ୍ ପୁସ୍ତକ ସେହି ସମାନ କଥା କୁହେ, ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମ ବ୍ୟବହାର କରି ।

279 ଠିକ ଏଠାରେ ସେକ୍ରେଡ୍ ହାର୍ଟ ମଣ୍ଡଳୀରେ, ଜଣେ ପୁରୋହିତଙ୍କ ସହ ଏକ ସାକ୍ଷାତକାରରେ, ମୋତେ ସେହି ସମାନ କଥା କହିଲେ । କହିଲେ କ୍ୟାଥୋଲିକ୍ ମଣ୍ଡଳୀ ସେହିପରି ବାପ୍ତିଜିତ କରୁଥିଲା, ଯେତେବେଳେ ମୁଁ ତାଙ୍କୁ କହିଲି ଯେ ମୁଁ ଏହି ଫ୍ରାଜିୟର୍ ଝିଅକୁ ବାପ୍ତିଜିତ କରିଅଛି, ଯେତେବେଳେ ସେହି ବିଶପ୍ ଜାଣିବାକୁ ଚାହିଁଥିଲେ । ସେ କହିଲେ, "କଅଣ ଆପଣ ଏହି ବକ୍ତବ୍ୟ ପ୍ରତି ଶପଥ ଗ୍ରହଣ କରିବେ କି?"

ମୁଁ କହିଲି, "ମୁଁ ଆଦୌ ଶପଥ କରେ ନାହିଁ ।"

ସେ କହିଲେ, "ବିଶପ୍ ଚାହାଁନ୍ତି ଯେ ଆପଣ କରନ୍ତୁ!"

280 ମୁଁ କହିଲି, "ବିଶପ୍‌ଙ୍କୁ ମୋର ଶବ୍ଦ ଗ୍ରହଣ କରିବାକୁ ପଡିବ କିମ୍ବା ଏହାକୁ ବିଶ୍ୱାସ କରିବାକୁ ପଡିବ ନାହିଁ, ତନ୍ମଧ୍ୟରୁ ଗୋଟିଏ ଯାହା ତାଙ୍କର ଇଚ୍ଛା।" ବୁଝିଲେ? ମୁଁ କହିଲି, "ବାଇବଲ ଆଦୌ ଶପଥ ନ କରିବାକୁ କୁହେ।"

ଏବଂ ସେ କହିଲେ, "ତେବେ, ଉଃ..." ସେ କହିଲେ, "ସେହି..."

281 ମୁଁ କହିଲି, "ମୁଁ ତାଙ୍କୁ ଖ୍ରୀଷ୍ଟିଆନ ବାପ୍ତିସ୍ମ ଦ୍ୱାରା ଜଳରେ ବାପ୍ତିଜିତ କଲି, ତାଙ୍କୁ ସ୍ପ୍ରିଂଗ ସ୍ଟ୍ରିଟର ପାଦଦେଶରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଡୁବିତ କଲି।"

ଆଉ ଯେତେବେଳେ ସେହି ପୁରୋହିତ ଏହାକୁ ତଳେ ରଖିଦେଲେ, ସେ କହିଲେ, "ସେହି ପ୍ରକାରେ ତ କ୍ୟାଥୋଲିକ୍ ମଣ୍ଡଳୀ ବାପ୍ତିଜିତ କରୁଥିଲା।"

ମୁଁ କହିଲି, "କେବେ?"

ସେ କହିଲେ, "ପ୍ରେରିତମାନଙ୍କ ସମୟରେ।"

ମୁଁ କହିଲି, "ଆପଣ ସେମାନଙ୍କୁ କ୍ୟାଥୋଲିକ୍ ବୋଲି କୁହନ୍ତି?"

ସେ କହିଲେ, "ନିଶ୍ଚିତରେ, ସେମାନେ ଥିଲେ।"

282 ମୁଁ କହିଲି, "ତାହାହେଲେ ତ ମୁଁ ଆପଣଙ୍କ ଅପେକ୍ଷା ଜଣେ ଅଧିକ ଉତ୍ତମ କ୍ୟାଥୋଲିକ୍ ଅଟେ। ମୁଁ ସେମାନଙ୍କର ଶିକ୍ଷା ଅନୁସରଣ କରେ।" ତାହା ଠିକ୍। ଦେଖନ୍ତୁ, ଦେଖନ୍ତୁ? ସେମାନେ ତାହା ଦାବି କରନ୍ତି, କିନ୍ତୁ ତାହା ସେପରି ନୁହେଁ।

283 କ୍ୟାଥୋଲିକ ମଣ୍ଡଳୀ ନାଇସିଆ, ରୋମ୍‌ରେ, କନ୍‌ଷ୍ଟାଣ୍ଟାଇନ୍‌ଙ୍କ ଅଧୀନରେ ପ୍ରତିଷ୍ଠିତ ହୋଇଥିଲା, ଯେତେବେଳେ ମଣ୍ଡଳୀ ଏବଂ ରାଜ୍ୟ ଏକତ୍ରୀକୃତ ହୋଇଥିଲେ, ଏବଂ—ଏବଂ ସେହି ରାଜ୍ୟ ମଣ୍ଡଳୀକୁ ସମ୍ପତ୍ତି ଦିଅନ୍ତି, ଏବଂ ସେହିପରି ବିଷୟ ଦିଅନ୍ତି; ସେମାନେ ପ୍ରକୃତରେ ଭାବିଥିଲେ ଯେ ସେମାନେ ସହସ୍ରାବ୍ଦୀରେ ଅଛନ୍ତି। ସେମାନେ ଭାବିଲେ ଯେ ସେମାନେ ଏକ ସହସ୍ରାବ୍ଦୀକୁ ଆସିଗଲେ। ତାହା ଶୟତାନର ସହସ୍ରାବ୍ଦୀ ଥିଲା। ତାହା ଅବିକଳ ଠିକ୍। ଆପଣ ସେହି ବିଷୟକୁ ବିଶ୍ୱାସ କରନ୍ତୁ ନାହିଁ। ହଁ, ଆଜ୍ଞା!

284 ବର୍ତ୍ତମାନ, କିନ୍ତୁ...ତାହାପରେ ଯେତେବେଳେ ସେମାନେ ଗଠନ କଲେ, କିମ୍ବା, ରଖିଥିଲେ...ଏକ—ଏକ ପ୍ରତିମା ରଖିବା ବଦଳରେ, ସେମାନେ ବାହାର କରି ନେଲେ—ସେମାନେ ଶୁକ୍ର ଦେବତାକୁ ବାହାର କରି, ମରିୟମଙ୍କୁ ରଖିଦେଲେ; ବୃହସ୍ପତି ଦେବତାକୁ ବାହାର କରି, ପାଉଲ କିମ୍ବା ପିତରଙ୍କୁ ଥୋଇ ଦେଲେ। ଠିକ୍ ସେଠାରେ—ଭାଟିକାନ୍‌ଠାରେ, ଠିକ ସେଠାରେ ରୋମ୍‌ଠାରେ—ଠାରେ ବର୍ତ୍ତମାନ, ଠିକ ଭାଟିକାନ୍ ସହର ଭିତରେ, ପିତରଙ୍କ ଉଣେଇଶ-ଫୁଟ ଉଚ୍ଚ ଗୋଟିଏ ପ୍ରତିମା ଅଛି, ସେମାନେ ଦାବି କରନ୍ତି ଯେ ସେମାନେ ସେହି ପ୍ରତିମାର ତିନୋଟି ଆଙ୍ଗୁଠି କିମ୍ବା ପାଦକୁ ଚୁମ୍ବନ କରିଛନ୍ତି। ଦେଖନ୍ତୁ? ଆଉ ସବୁକିଛି ଏକ...

285 ଠିକ ତଳେ...ବିଲି ଏବଂ ମୁଁ, ଗୋଟିଏ ସକାଳେ ସେଠାରେ, ଏକ ଗୀର୍ଜାଘରକୁ ଯାଇଥିଲୁ, ସେଠାରେ ଥିବା ତଳ ଭୁଗର୍ଭସ୍ଥ କୋଠରୀକୁ ଗଲୁ ଯେଉଁଠାରେ ସେମାନେ ସମସ୍ତ ଭିକ୍ଷୁ ଏବଂ

ସେହିପରି ବିଷୟସବୁକୁ ସମାଧି ଦେଇଥିଲେ ଏବଂ ସେମାନଙ୍କର ଅସ୍ଥିକୁ ଏହି ଧୂଳିରେ କ୍ଷୟ ହେବାକୁ ଦେଇଥିଲେ, ଗୋଟିଏ ଅସ୍ଥି ଉପରେ ସେଠାରେ ଅନ୍ୟଟି କ୍ଷୟ ପାଉଥିଲା, ଆଉ ତାହାପରେ ସେହି ହାଡଗୁଡ଼ିକୁ ନେଇ ସେଥିରୁ ହାଡ଼ ହାତର ହାଲୁକା ସଜାଡିବା ବିଷୟ ତିଆରି କରୁଥିଲେ ଯାହାକି ଏହିପରି ଭାବରେ ଝୁଲି ରହୁଥିଲା, ଏବଂ ଖପୁରୀଗୁଡାକ; ଏବଂ ସେଠାକୁ ଆସୁଥିବା ଲୋକମାନେ ସେହି ଖପୁରୀକୁ ଘଷି ଧଳା କରି ଦେଇଥିଲେ, ଏବଂ ସେହି ମୃତ ଲୋକମାନଙ୍କର ଖପୁରୀରୁ ଆଶୀର୍ବାଦ ପାଇବାକୁ ଚେଷ୍ଟା କରୁଥିଲେ। ଏହା ଆତ୍ମା ଉପାସନାର ଏକ ରୂପ ଅଟେ। ବୁଝିଲେ?

286 ଏବଂ ସେହିଠାରେ ହିଁ ଅଟେ ଯେଉଁଠାରେକି ତାହା, ରୋମରେ ଆରମ୍ଭ ହୋଇଥିଲା, ଏବଂ ସେହିଠାରେ ହିଁ ପଶୁର ସିଂହାସନ ଅଛି, ଏବଂ ସେହିଠାରୁ ହିଁ ସେହି ବୃଦ୍ଧ ମାତା ବେଶ୍ୟା ଆସେ। ଏବଂ ତାର କନ୍ୟାମାନେ ଠିକ୍ ତାହାରି ସଦୃଶ ସେହିପରି ବେଶ୍ୟା ଅଟନ୍ତି, କାରଣ ସେ ସମଗ୍ର ଜଗତକୁ ତାର କ୍ରୋଧର ଏକ ପାତ୍ର, ତାର ସାକ୍ଷ୍ୟର ଏକ ପାତ୍ର ପ୍ରଦାନ କରେ, ଯାହାକି ସେଠାରେ ପୃଥିବୀର ପିଣ୍ଡ ବିଷୟ ସହିତ ମିଶ୍ରିତ ହୋଇଥିଲା। ଏବଂ ତାହା ତାର ସାକ୍ଷ୍ୟ ଥିଲା। ସେ କହିଲା, "ମୁଁ ଏକ କୁମାରୀ ଭାବରେ ବସିଅଛି, ଏବଂ ମୁଁ—ମୁଁ ଏକ ବିଧବା ଭାବରେ ବିରାଜିତ (ମୋର ଅର୍ଥ), ଏବଂ ମୋର କିଛି ଅଭାବ ନାହିଁ"; ଆଉ ସେ ଜାଣେ ନାହିଁ ଯେ ସେ ଦୁଃଖୀ, ଦୁର୍ଭାଗା, ଅନ୍ଧ, ଦରିଦ୍ର ଅଟେ, ଏବଂ ତାହା ଜାଣେ ନାହିଁ। ଏହାହିଁ ତାହା ଅଟେ। ଏବଂ ତାହା କ୍ୟାଥୋଲିକ୍ ମଣ୍ଡଳୀ ସହିତ ପ୍ରତ୍ୟେକ ପ୍ରୋଟେଷ୍ଟାଣ୍ଟ ନାମଧାରୀ ସଂସ୍ଥା ପାଇଁ ପ୍ରଯୁଜ୍ୟ ଅଟେ! କିନ୍ତୁ ସେଠାରେ ସେହି ସମସ୍ତ ବିଶୃଙ୍ଖଳା ମଧ୍ୟରେ, ସେଠାରେ ବହୁମୂଲ୍ୟ ଲୋକମାନେ ଅଛନ୍ତି ଯେଉଁମାନେକି ନିଜର ସମସ୍ତ ହୃଦୟ, ପ୍ରାଣ, ଏବଂ ମନ ସହିତରେ ପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କରନ୍ତି। ଏବଂ ସେମାନେ ଭାବନ୍ତି ଯେ ସେମାନେ ଠିକ୍ ଅଟନ୍ତି। ସେମାନେ ଭାବନ୍ତି ଯେ ସେମାନେ ଠିକ୍ କରୁଛନ୍ତି। ପରମେଶ୍ୱର ସର୍ବୋଚ୍ଚ ବିଚାରପତି ହେବେ।

287 ମୋ ପାଇଁ, ଯଦି ପରମେଶ୍ୱର ଜଗତ ଦ୍ୱାରା ମଣ୍ଡଳୀର ବିଚାର କରିବାକୁ ଯାଉଛନ୍ତି, ସେହି କ୍ୟାଥୋଲିକ ମଣ୍ଡଳୀ ସେହିପରି କୁହେ, ତେବେ ମୁଁ ଏହି ବ୍ୟକ୍ତିଙ୍କୁ ପଚାରିଲି ଯିଏ ମୋର ସାକ୍ଷାତକାର ନେଇଥିଲେ: ସେ କହିଲେ, "ପରମେଶ୍ୱର ମଣ୍ଡଳୀ ଦ୍ୱାରା ଜଗତର ବିଚାର କରିବେ।"

ମୁଁ କହିଲି, "କେଉଁ ଜଣକ?"

ସେ କହିଲେ, "କ୍ୟାଥୋଲିକ୍ ମଣ୍ଡଳୀ।"

288 ମୁଁ କହିଲି, "କେଉଁ କ୍ୟାଥୋଲିକ୍ ମଣ୍ଡଳୀ? ସେମାନେ ତ ଜଣେ ଅନ୍ୟଠାରୁ ଭିନ୍ନ ଅଟନ୍ତି।" କେଉଁ ମଣ୍ଡଳୀ? ସେହି ଗ୍ରୀକ୍ ଅର୍ଥଡକ୍ସ ନା ରୋମାନ୍? କିମ୍ବା ସେ କାହା ଦ୍ୱାରା ଏହାର ବିଚାର କରିବାକୁ ଯାଉଛନ୍ତି? ଯଦି ସେ ଏହାକୁ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଦ୍ୱାରା ବିଚାର କରିବାକୁ ଯାଉଛନ୍ତି, ତେବେ କେଉଁଟି? ମେଥୋଡିଷ୍ଟ, ବାପ୍ଟିଷ୍ଟ, ଲୁଥରାନ୍, ପେଣ୍ଟିକଷ୍ଟାଲ୍; ସେ ଏହାକୁ କାହା ଦ୍ୱାରା ବିଚାର କରିବାକୁ ଯାଉଛନ୍ତି? ବାଇବଲ କୁହେ ଯେ ସେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା

ଜଗତର ବିଚାର କରିବେ, ଏବଂ ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ବାକ୍ୟ । ତେଣୁକରି ମୋ ପାଇଁ, ଏହା ତ ପରମେଶ୍ୱରଙ୍କ ବାକ୍ୟ ଅଟେ ଯାହା ଦ୍ୱାରା ସେ ଜଗତକୁ ବିଚାର କରିବେ । ତାହା ଠିକ୍ ଅଟେ । ଏବଂ ମୁଁ ବିଶ୍ୱାସ କରେ ଯେ ତାହାଙ୍କର ବିଚାରଗୁଡିକ ବର୍ତ୍ତମାନ ପୃଥିବୀ ଉପରେ ଅଛି, ଏବଂ ମୁଁ ବିଶ୍ୱାସ କରେ...ଆସନ୍ତୁ ଆମେ ସମସ୍ତେ ନିଜ ହୃଦୟ ସହିତ ଅନ୍ୱେଷଣ କରିବା ଯେପରିକି ପରମେଶ୍ୱରଙ୍କ କ୍ରୋଧର ନିନ୍ଦାର କ୍ରୋଧରୁ ରକ୍ଷା ପାଉ ଯାହାକି ଏହି ଅବିଶ୍ୱାସୀ ଜଗତ ଉପରେ ଢଳା ଯିବାକୁ ଯାଉଅଛି; ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଆଦୌ କୌଣସି ଉପାୟ ନାହିଁ ।

289 ତାହାପରେ ଆଉ ଅଧିକ ଜଗତକୁ କଦାପି, କଦାପି, କଦାପି ପରିତ୍ରାଣ ଆସିବ ନାହିଁ । ସେମାନେ ଅନୁଗ୍ରହ ଏବଂ ବିଚାର ମଧ୍ୟରେ ସେମାନଙ୍କର ରେଖାକୁ ଅତିକ୍ରମ କରି ସାରିଛନ୍ତି । ସେଠାରେ...ଆପଣ ହୁଏତ ଆମେରିକାର ପ୍ରତ୍ୟେକ ରାଜ୍ୟରେ ଅବ୍ରାହମ୍ ଲିଙ୍କନ୍ ରଖିପାରନ୍ତି, ଏବଂ ଏହା କେବେବି ଏହି ବାଳୁଙ୍ଗା "ରିକୀ" ଏବଂ "ଏଲଭିସ୍" ର ଗୋଷ୍ଠୀକୁ ପରମେଶ୍ୱରଙ୍କ ନିକଟକୁ ଫେରାଇ ଆଣିବ ନାହିଁ ।

290 ଯେତେବେଳେ ଆପଣ ଖବରକାଗଜରେ ଦେଖିଲେ (ମୁଁ ତାହା ପାଇଅଛି । ଆଜି ଅପରାହ୍ନରେ ଆପଣମାନଙ୍କ ପାଖକୁ ତାହା ନେଇକରି ଆସିବି ଯଦି ଆପଣମାନେ ତାହାକୁ ଆଜି ରାତ୍ରି ଦେଖିବାକୁ ଚାହାଁନ୍ତି), ଯେଉଁଠାରେକି ଏକ ପ୍ରେସ୍‌ବିଟେରିଆନ୍ ମଣ୍ଡଳୀ (ଆପଣମାନଙ୍କ ମଧ୍ୟରୁ ଅନେକେ ଏହାକୁ ଦେଖିଥିବେ), ଏକ ପ୍ରେସ୍‌ବିଟେରିଆନ୍ ମଣ୍ଡଳୀ ନିଜ ଉପାସନାରେ ତାହା ଦେଇ ଯାଇଥିଲେ କିମ୍ବା ସେହି—ସେହି—ରକ୍-ଏଣ୍ଡ-ରୋଲ୍ ସଂଗୀତ ସହିତ ପବିତ୍ର ବିଧି ପାଳନ କରୁଥିଲେ । ପାଳକ ସେଠାରେ ଛିଡା ହୋଇ ସେହିପରି ନିଜ ହାତରେ ତାଳି ମାରୁଥିଲେ; ଆଉ ସେମାନେ କ୍ରୁଶାର୍ପଣର ସେହି ଅନୁଭୂତି ଦେଇ ଗତି କରୁଥିଲେ ଏବଂ ଏକ ପ୍ରେସବିଟେରିଆନ୍ ମଣ୍ଡଳୀରେ ରକ୍-ଏବଂ-ରୋଲ୍ ସଂଗୀତ ଭାବରେ ସମସ୍ତ ପ୍ରକାର "ଏହାକୁ ଉପଭୋଗ କରିବା" ଚାଲିଥିଲା ।

291 ଏବଂ ଯେତେବେଳେ ଏହି ନି-କୃଷ୍ଟ, ପାଟି ତୁଣ୍ଡ କରୁଥିବା, ତଥା କଥିତ, ବିଟଲ୍‌ସ ବୋଲାଉଥିବାର ଅଶୁଚି ସମୂହ, ଯାହାକି ମଣିଷଠାରୁ ହୀନ ହୋଇଗଲେ ଓ ପୋକ ହେବାକୁ ଚାହିଁଲେ...ସେମାନେ କିଛି ସପ୍ତାହ ପୂର୍ବରୁ ସେଣ୍ଟ ଲୁଇସରେ ଗୋଟିଏ ଏକ ଶହ-ହଜାର-ଡଲାରର ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ; ତାହା ପାଇଁ ରହିଗଲେ ନାହିଁ । ଏଠାକୁ ଆସିଲେ, ସେଠାରେ ଥିବା ଏକ ଛୋଟ, ବିଦ୍ରୋହୀ ଇଂରାଜୀ ଲୋକମାନଙ୍କର ଏକ ଦଳ ଯେଉଁମାନଙ୍କରକି କେଶ ସେମାନଙ୍କର ଆଖି ପର୍ଯ୍ୟନ୍ତ ଝୁଲୁଥିଲା । ଏବଂ ବର୍ତ୍ତମାନ, ସେମାନଙ୍କ ପାଖରେ ତାଙ୍କର ଏକ ଧର୍ମ ଅଛି ଯାହା ସେମାନେ ଆରମ୍ଭ କରୁଛନ୍ତି । ଆପଣ ଏହାକୁ ଲୁକ୍ ପତ୍ରିକାରେ ଦେଖିଥିବେ । ଦେଖନ୍ତୁ?

292 ଓଃ, ଏହି ଜଗତ କିପରି ଦୂଷିତ ହୋଇଅଛି । ଏହା ପାଇଁ ଆଦୌ କୌଣସି ଆଶା ନାହିଁ; ସେମାନେ କାରଣ ଏବଂ ସାଧାରଣ ଜ୍ଞାନ ମଧ୍ୟରେ—ମଧ୍ୟରେ ଥିବା ବିଭାଜନ ରେଖାକୁ ଅତିକ୍ରମ କରିଛନ୍ତି, ପରିତ୍ରା- ମଧ୍ୟରେ ଛାଡି ଦିଅନ୍ତୁ...

293 ପୁରୁଷମାନେ ମଧ୍ୟ ଏପରିକି ବିଚାର କରିପାରୁ ନାହାଁନ୍ତି । ଆମର ଆଉ ସେହି ପୂର୍ବପରି ପୁରୁଷମାନେ ନାହାଁନ୍ତି ଯାହା ଆମର ଦିନେ ରହିଥିଲେ । ପାଟ୍ରିକ୍ ହେନେରୀ କେଉଁଠାରେ? ଅବ୍ରହାମ ଲିଙ୍କନ୍ କେଉଁଠାରେ, ସେହି ପୁରୁଷମାନେ ଯିଏକି ଦୃଢ ବିଶ୍ୱାସ ନିମନ୍ତେ ଛିଡା ହୋଇ ପାରିଥିଲେ?

294 ସେହି ପୁରୁଷ କାହାଁନ୍ତି ଯିଏକି ଛିଡା ହୋଇ ଏହି ପାଗଳ ସ୍ତ୍ରୀଲୋକମାନଙ୍କୁ କହି ପାରନ୍ତେ, ଯେଉଁମାନେକି ନିଜକୁ ନିର୍ବସ୍ତ୍ର କରୁଛନ୍ତି...ଏବଂ ଏହି ଲୋକମାନଙ୍କ ସମ୍ମୁଖରେ; ଆଉ ତାହାପରେ—ଆଉ ତାହାପରେ ସେଠାରେ ଏକ ବସ୍ତ୍ରବିହୀନ ସମୂହ ପରି ଚାଲି ଯାଉଥାଆନ୍ତି, ଏବଂ ତାହାପରେ ସେହି ପିଲାକୁ କାରାଗାରରେ ରଖିଦିଅନ୍ତି ଯିଏକି ସେମାନଙ୍କ ମଧ୍ୟରୁ କାହାରି ଜଣକାକୁ ଅପମାନିତ କରେ? ଆପଣଙ୍କର କାରଣଗୁଡିକ କାହିଁ? ସାଧାରଣ ଜ୍ଞାନ କଅଣ ଅଟେ? ଯଦି ସେ ନିଜକୁ ସେଠାରେ ସେହିପରି ଭାବରେ ଉପସ୍ଥାପିତ କରେ, ତାହାହେଲେ ସେ କୁକୁର ପରି ହୋଇଯାଉ । ହଁ, ଆଜ୍ଞା! ଯଦି ସେ ଆଉ ଯିବା ପାଇଁ ଯାଆନ୍ତି ନାହିଁ...ତାହା ଅପେକ୍ଷା ତାହା ପାଇଁ ସାଧାରଣ ଶିଷ୍ଟାଚାର...ସେହି ଆଇନଗୁଡାକ କାହିଁ ଯାହାକି ଏହାକୁ ବନ୍ଦ କରିପାରେ?

295 ଠିକ ଏଠାରେ କେଣ୍ଟକିର, ଲୁଇସ୍‌ଭିଲରେ, ଦୁଇ ସପ୍ତାହ ପୂର୍ବରୁ ଯେତେବେଳେ ସେହି ସ୍ତ୍ରୀଲୋକ ଏକ...କରିବାକୁ ଚେଷ୍ଟା କରୁଥିଲା...ଖବରକାଗଜରେ ନିଜର ନାମ ଆଣିବାକୁ ଚାହୁଁଥିଲା, ଏକ ପ୍ଲାଷ୍ଟିକ୍ ସ୍ନାନବସ୍ତ୍ର ପିନ୍ଧି, ସେଠାରେ ବ୍ରାଉନ୍ ହୋଟେଲରୁ ଚାଲି ଚାଲି ବାହାରି ଆସିଥିଲା; ଏବଂ ଜଣେ ପୋଲିସ୍ ତାଙ୍କୁ ଅଟକାଇବାକୁ ଚେଷ୍ଟା କଲା, ଆଉ ସେ ଅଟକିଲା ନାହିଁ; ତାହା ଉପରେ ହସିଥିଲା । ଏବଂ ସେହି ପୋଲିସ୍ ତାଙ୍କୁ ଅଟକାଇବା ପାଇଁ ବନ୍ଧୁକ ଦେଖାଇଲେ; ସେ ସେହି ସ୍ତ୍ରୀଲୋକଙ୍କୁ କାରରେ ବସାଇଲେ ଓ ଅନୈତିକ ପୋଷାକ ଏବଂ ସେହିପରି ବିଷୟବସ୍ତୁ ପାଇଁ ତାଙ୍କୁ ପୋଲିସ୍ ଷ୍ଟେସନକୁ ନେଇଗଲେ, ଆଉ ସେହି ସ୍ତ୍ରୀଲୋକ ଯାଇ ସାକ୍ଷାତ କଲା...କଅଣ ଆପଣ ଜାଣନ୍ତି ଯେ ସେମାନେ ଏହା ବିଷୟରେ କଅଣ କଲେ? ସେହି ପୋଲିସ କର୍ମଚାରୀଙ୍କୁ ବରଖାସ୍ତ କରିଦେଲେ ।

296 ପରମେଶ୍ୱର ସେହିପରି ଏକ ଦେଶର ସହାୟ ହେଉନ୍ତୁ ଯାହାକି ଏତେ ଅଧିକ କ୍ଷୟ ପାଇଯାଇଛି! ଆପଣ ଯେପର୍ଯ୍ୟନ୍ତ ଭୁଲ୍ କରୁଥାନ୍ତି ଆପଣ ସେପର୍ଯ୍ୟନ୍ତ ରକ୍ଷା ପାଇପାରନ୍ତି ନାହିଁ । ଆମେ ହୁଏତ ପାଇ ପାରିବା ନାହିଁ, କିନ୍ତୁ ଆମେ ଉଠି ପାରିବା; ଏବଂ ସେହିଠାରେ ହିଁ ଅଟେ ଯେଉଁଠାରେକି ଆମେମାନେ ଦେଖୁଅଛୁ । ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା ।

297 ପ୍ରଭୁ ଯୀଶୁ, ଏହା ହେଉ ଯେ ସେହି ମହାନ ମେଷପାଳକ ଆସନ୍ତୁ ଓ ଆମକୁ ଏଥିରୁ ବାହାର କରନ୍ତୁ, ପ୍ରଭୁ । ଆମେ ତାହାଙ୍କ ପାଇଁ ଅପେକ୍ଷା କରୁଅଛୁ । ଆମେ ସେହି ଘଟିକା ପାଇଁ ଅପେକ୍ଷା କରୁଅଛୁ । ଯେତେବେଳେ ଆମେ ଜଗତକୁ ଏତେ ଦୁର୍ନୀତିଗ୍ରସ୍ତ ଦେଖୁ, ତୁମେ କହିଥିଲ ଯେ ତାହା ସେହିପରି ହିଁ ହେବ । ତୁମର ମହାନ ଭବିଷ୍ୟଦ୍‌ବକ୍ତାମାନେ

ଭବିଷ୍ୟତ୍‌ବାଣୀ କରିଥିଲେ ଯେ ଏହି ସମୟଗୁଡିକ ଏଠାରେ ରହିବ। ଆମେମାନେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କରୁ, ପ୍ରଭୁ; ଆମେ ଏହାକୁ ବିଶ୍ୱାସ କରୁ।

298 ଏବଂ ବର୍ତ୍ତମାନ, ଆମେ ପ୍ରାର୍ଥନା କରୁଛୁ, ହେ ପରମେଶ୍ୱର, ଯେ ତୁମେ ଆମମାନଙ୍କୁ ଏହି ବାକ୍ୟକୁ ବ୍ୟାଖ୍ୟା କରିବା ନିମନ୍ତେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଦେବ, ଯେପରିକି ଆମେ ଜାଣିପାରୁ ଯେ ଆମେ ଠିକ୍ ନା ଭୁଲ୍ ଅଟୁ। ଆମେ ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଉଠୁଥିବାର ଦେଖୁଅଛୁ; ସେମାନେ ମରୁଭୂମିରେ ଅଛନ୍ତି, ସଲ୍ଟ ଲେକ୍ ସିଟିରେ, ଦେଶର ସମସ୍ତ ଭାଗରେ ଅଛନ୍ତି, ସମସ୍ତ ପ୍ରକାର ପ୍ରାନ୍ତର, ଏବଂ ସମସ୍ତ ପ୍ରକାରର ଗୁପ୍ତ କୋଠରୀ, ସମସ୍ତ ପ୍ରକାରର ଦିବ୍ୟ ପିତାମାନେ, ଏବଂ ପ୍ରଭୃତି, ସର୍ବତ୍ର ଅଛି।

299 ଏଠାରେ ସେହି ଗରିବ ଅଶ୍ୱେତ ଭାଇମାନଙ୍କୁ ଦେଖିବା, ତେବେ ସେଠାରେ ଭଉଣୀମାନେ ମଧ୍ୟ ଅଛନ୍ତି; ସେମାନେ ଏକୀକରଣ ଚାହିଁଥିଲେ। ସେମାନେ ତାହା ପାଇବା ମାତ୍ରେ...ତାହା ଠିକ୍ ଅଟେ; ସେମାନେ ଏହା ପାଇବା ଉଚିତ୍; ସେମାନେ ଭାଇ ଓ ଭଉଣୀମାନେ ଅଟନ୍ତି। ବର୍ତ୍ତମାନ, ଯେତେବେଳେ ସେମାନେ ଏହା ପାଇଲେ, ସେମାନେ ପୂର୍ବ ଅପେକ୍ଷା ଅଧିକ ମନ୍ଦ ହୋଇ ଯାଇଛନ୍ତି। ଏହା ଦର୍ଶାଏ ଯେ ତାହା ସାମ୍ୟବାଦ ଅନୁପ୍ରାଣିତ ଥିଲା। ହେ ପରମେଶ୍ୱର, କଅଣ ସେହି ଗରିବ ଲୋକମାନେ ତାହା ଦେଖି ପାରନ୍ତି କି? ଯେ ତାହା କେବଳ ଏଇଥିପାଇଁ କରାଯାଇଛି...ତେବେ, ହେ ପ୍ରଭୁ, ଏହା କରାଯିବାକୁ ହିଁ ଅଛି।

300 ଆସ, ତାହା ହିଁ ଅଟେ ଯାହାକି ଆମେମାନେ ଚାହୁଁଅଛୁ। ପିତା, ତୁମେ କେବଳ ଆସ। ଆମେମାନେ ଅପେକ୍ଷା କରୁଅଛୁ। ହେ ପ୍ରଭୁ, ଆସ, ଆମମାନଙ୍କୁ ତୁମର ବାହୁ ତଳେ ନେଇଯାଅ। ଆମର ପାପଗୁଡିକୁ କ୍ଷମା କର। ସେଠାରେ ଏହି ଜଗତରେ ଆଉ ଅଧିକ କୌଣସି ନ୍ୟାୟ ନାହିଁ—ନାହିଁ। ଗୋଟିଏ ଜିନିଷ ଅନ୍ୟ ବିରୁଦ୍ଧରେ ଟାଣିଥାଏ, ଏବଂ ତଥାପି ଏହା ଏତେ ପୋକ-ଖାଇ ଯାଇଅଛି ଏପରିକି ଆପଣ...ଏଥିରେ କୌଣସି ଉତ୍ତମତା ନାହିଁ। ତୁମେ କହିଲ ଯେ ସମଗ୍ର ଶରୀରଟା ଦୁର୍ଗନ୍ଧ ହେଉଥିବା ଘାଆ ଭଳି ହୋଇ ଯାଇଥିଲା। ପ୍ରକୃତରେ, ପ୍ରତ୍ୟେକ ମେଜ ବାନ୍ତିରେ ପରିପୂର୍ଣ୍ଣ ଅଟେ। ତୁମେ କହିଲ, "ମୁଁ କାହାକୁ ଶିକ୍ଷା ଦେଇପାରେ? ମୁଁ ସେଦିନ କାହାକୁ ଜ୍ଞାନ ଦେବି?" ପ୍ରଭୁଙ୍କର ସମସ୍ତ ମେଜ ତ ବାନ୍ତିରେ ପରିପୂର୍ଣ୍ଣ ଅଟେ। ପ୍ରଭୁ, ଆମେ ଏହା ଦେଖୁଅଛୁ। ଆମେ ଏଠାରେ ସେହି ଘଟିକାକୁ ଦେଖୁଅଛୁ। ଦୟାକରି, ଆମକୁ ସାହାଯ୍ୟ କର।

301 ପ୍ରିୟ ପରମେଶ୍ୱର, ଏରିଜୋନାକୁ ଆସୁଥିବା ଲୋକମାନଙ୍କ ବିଷୟରେ ଏଠାରେ ଅନେକ ପ୍ରଶ୍ନଗୁଡିକ ଥିଲା। ହେ, ପ୍ରିୟ ପରମେଶ୍ୱର, ସେହି ପ୍ରିୟ, ମୂଲ୍ୟବାନ ଲୋକମାନଙ୍କୁ... ସେମାନେ ସେଠାରେ ଏହି ଟେପ୍‌କୁ ଶୁଣିବେ। ସେମାନେ ଏହା ଜାଣନ୍ତୁ ଯେ ମୁଁ କୌଣସି ଏକଛତ୍ର ଶାସକ ନୁହେଁ ଯେ ସେମାନଙ୍କୁ କହିବି ଯେ କେଉଁଠାରେ ରହିବେ, କଅଣ କରିବେ। ଏବଂ ଏହା ହେଉ ଯେ ସେମାନେ ଏହାକୁ ସ୍ପଷ୍ଟ ଭାବରେ ବୁଝନ୍ତୁ। ଯଦି ସେମାନେ ସେହି ଦେଶକୁ ଭଲ ପାଆନ୍ତି, ମୁଁ ମଧ୍ୟ ଭଲ ପାଏ, ହେ ପିତା, ଏହା ହେଉ ଯେ ସେମାନେ ସେଠାରେ ରୁହନ୍ତୁ। କିନ୍ତୁ ଯେତେବେଳେ ସେମାନେ ଏହା ଶିକ୍ଷା ଦେଉଛନ୍ତି ଯେ ଉର୍ଦ୍ଧାନ୍ତିକରଣକୁ ନିଶ୍ଚିତ

ସେଠାରୁ ହିଁ ହେବାକୁ ଅଛି, ଏବଂ କେବଳ ସେଠାରେ ହିଁ ଏକାକୀ, କିମ୍ବା ସେମାନେ ମୋ ସହିତ ରହିବା ଆବଶ୍ୟକ, ଯିଏକି ଏକ ଦରିଦ୍ର, ଅଯୋଗ୍ୟ, ଅଶୁଚି ପାପୀ, ପରମେଶ୍ୱରଙ୍କ କୃପା ଦ୍ୱାରା ଉଦ୍ଧାର ପାଇଥିବା ବ୍ୟକ୍ତି ଅଟେ, ମୋ ଚାରିପାଖରେ ରହିବାକୁ ଅଛି...ହେ ପ୍ରଭୁ, ମୁଁ ଆଖପାଖରେ ରହିବାକୁ ଚାହେଁ—ମୁଁ ପାଉଲଙ୍କ ଆଖପାଖରେ ରହିବାକୁ ଚାହେଁ; ମୁଁ ଜାଣେ ଯେ ସେ ଯାଅଉଛନ୍ତି। ଏବଂ ପିତର, ଯାକୁବ ଓ ଯୋହନ, ସେମାନେ ପାଲେଷ୍ଟାଇନ୍‌ରେ ସେଠାରେ କେଉଁଠାରେ କବର ପାଇଅଛନ୍ତି। ମୁଁ ଜାଣେ ଯେ ମୁଁ ସେମାନଙ୍କ ସହିତରେ ଯିବି ଯଦି ଜଗତ ପତ୍ତନାବଧିରୁ ତୁମେ କେବଳ ମୋର ନାମକୁ ସେହି ପୁସ୍ତକରେ ରଖିଅଛ। ମୁଁ ସେଠାରେ ରହିବି। ଏବଂ ମୁଁ ପ୍ରାର୍ଥନା କରେ, ହେ ପରମେଶ୍ୱର, ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସେଠାରେ ଉପସ୍ଥିତ ରହିବେ। ମୋତେ ସାହାଯ୍ୟ କର, ହେ ପ୍ରଭୁ, ଯେ ମୁଁ ସମସ୍ତଙ୍କୁ ଏଠାରେ କୌଣସି ସ୍ଥାନରେ ଏକତ୍ର କରିପାରେ, ଯେଉଁଠାରେ ସେମାନେ କରିପାରିବେ...ସେମାନେ ଏହି ମହାନ ଶିକ୍ଷକମାନଙ୍କ ସହିତ ବାର୍ତ୍ତା ଶୁଣିବାକୁ ଚାହାଁନ୍ତି ଯଥା ଭାଇ ନେଭିଲ୍ ଏବଂ ଭାଇ କ୍ୟାପ୍ସ ଭଳି, ଏବଂ—ଏବଂ ଏଠାରେ ଥିବା ଏହି ଅନ୍ୟ ସମସ୍ତ ଭାଇମାନଙ୍କ ଭଳି: "ଜୁନି," ଏବଂ ଭାଇ ରୁଡେଲ, ଏବଂ ଓଃ, ଜେ. ଟି., ଏବଂ ସେମାନେ ସମସ୍ତେ—ସେମାନଙ୍କ ମଧ୍ୟରୁ ସମସ୍ତେ: ଭାଇ କଲିନ୍ସ, ଏବଂ ଭାଇ ବିଲର୍, ଏବଂ ଭାଇ ପାମର, ଏବଂ...ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ କେବଳ ଏମାନଙ୍କୁ ଏହା ପ୍ରଦାନ କରିବ...

ଏହା ହେଉ—ହେଉ—ହେଉ ଯେ ସେମାନେ ଏଠାକୁ ଆସନ୍ତୁ ଯେଉଁଠାରେକି ସେମାନେ ଏହାକୁ ପ୍ରକୃତରେ ଶୁଣନ୍ତି, ଯଦି ସେମାନେ ଏହାକୁ ଶୁଣିବାକୁ ଚାହାଁନ୍ତି, କେବଳ ସେହି ମରୁଭୂମିରେ ସେଠାକୁ ଦୌଡି ଯାଆନ୍ତି ନାହିଁ। ସେମାନେ ଠିକ୍ ତାହା କରିବାକୁ ଚେଷ୍ଟା କରୁଛନ୍ତି ଯାହା ଶାସ୍ତ୍ର ସେମାନଙ୍କୁ କରିବାକୁ କୁହେ ନାହିଁ। "ଦେଖ, ଏହା ପ୍ରାନ୍ତରରେ ଅଛି; ତାହା ବିଶ୍ୱାସ କର ନାହିଁ! ଦେଖ, ଏହା ଗୁପ୍ତ କୋଠରୀରେ ଅଛି; ତାହା ବିଶ୍ୱାସ କର ନାହିଁ!" ପ୍ରଭୁ, ମୁଁ ମୋର ଯଥାସମ୍ଭବ ସେମାନଙ୍କୁ ଚେତାବନୀ ଦେବା ପାଇଁ ଚେଷ୍ଟା କରୁଛି, କିନ୍ତୁ ତାହାସବୁ ଏହା ସୂଚିତ କରେ ଯେ ସମୟ ବର୍ତ୍ତମାନ ପାଖେଇ ଆସୁଛି। ସନ୍ଧ୍ୟା ଛାୟାଗୁଡିକ ମାଡି ଆସୁଅଛି।

302 ପ୍ରଭୁ, ମୁଁ ଦୟା ନିମନ୍ତେ ପ୍ରାର୍ଥନା କରେ। ମୋତେ ଦୟା କର; ମୋତେ ସାହାଯ୍ୟ କର। ପିତା, ଏହା ମୋତେ ଅଧୀର କରିଦିଏ। ମୁଁ ପ୍ରାର୍ଥନା କରେ ଯେ ତୁମେ ମୋତେ ସାହାଯ୍ୟ କରିବ। ମୁଁ—ମୁଁ ମୋ ଜୀବନକୁ ସେହିପରି ମୁଦ୍ରାଙ୍କିତ କରିବାକୁ ଚାହୁଁ ନାହିଁ...ଏଠାକାର ମୋର ସମସ୍ତ କାର୍ଯ୍ୟ ଏଠାରେ ରହିଯିବ ଯେ କୌଣସି ଜଣେ ଧର୍ମାନ୍ଧ ବ୍ୟକ୍ତି କିଛି ଗୋଷ୍ଠୀକୁ କିମ୍ବା ପନ୍ଥକୁ କରି କୌଣସି ସ୍ଥାନରେ ଏକ ପ୍ରାନ୍ତର ମଧ୍ୟକୁ କଢାଇ ନେଇଯାଏ। ପ୍ରଭୁ, ମୋର ନାମକୁ ସେହିପରି ଧୂଳିସାତ ହେବାକୁ ଦିଅ ନାହିଁ। ମୁଁ ଏଥିପାଇଁ କଠିନ ସଂଘର୍ଷ କରିଅଛି। ମୁଁ ଏଥିରେ ଯଥାସମ୍ଭବ ନିଷ୍ଠାବାନ ରହିଅଛି। ହେ ପରମେଶ୍ୱର, ଏହା ହେବାକୁ ଦିଅ ନାହିଁ। ମୋତେ କୌଣସି ଉପାୟରେ ସାହାଯ୍ୟ କର। ମୁଁ ଜାଣେ ନାହିଁ ଯେ କଅଣ କରିବାକୁ ଅଛି; ମୁଁ ତ କେବଳ ତୁମ ଉପରେ ନିର୍ଭର କରେ, କିନ୍ତୁ ତୁମେ ମୋତେ ସାହାଯ୍ୟ କର। ତୁମେ

ମୋତେ ଯାହା କରିବାକୁ କହିବ ମୁଁ ତାହା କରିବି। ମୁଁ ତୁମର ସେବକ ଅଟେ; ଏମାନେ ତୁମର ସନ୍ତାନମାନେ ଅଟନ୍ତି। ପ୍ରଭୁ, ଏମାନେ...ଏହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ, ପ୍ରତ୍ୟେକ ଶହେ ମଧ୍ୟରୁ ଅଣା-ନବେ ଜଣ, ପ୍ରଭୁ, ପ୍ରକୃତରେ ଦୃଢ ଅଟନ୍ତି। ସେମାନେ ବିଶ୍ୱାସ କରନ୍ତି; ସେମାନେ ଜାଣନ୍ତି; ସେମାନେ ବୁଝନ୍ତି। ଏବଂ ସେମାନେ ଜାଣନ୍ତି ଯେ ଏହା ମୁଁ ନୁହେଁ; ମାତ୍ର ମୁଁ ଜାଣେ ଯେ ଏହି ବିଷୟଗୁଡିକୁ ପ୍ରତ୍ୟେକ ଉଦ୍ଦୀପନାର ଅନୁବର୍ତ୍ତୀ ହେବାକୁ ଅଛି, ଏବଂ ଏହା ସେଥିରୁ ବଞ୍ଚିତ ନୁହେଁ। ତେଣୁ ମୁଁ ପ୍ରାର୍ଥନା କରୁଛି ଯେ ତୁମେ ବର୍ତ୍ତମାନ ଆମକୁ ସାହାଯ୍ୟ କରିବ।

303 ହେ ପ୍ରଭୁ, ଆମକୁ ସାହାଯ୍ୟ କର ଯେତେବେଳେ ଆମେମାନେ ଆଜି ଅଳ୍ପ ଟିକିଏ ମଧ୍ୟାହ୍ନ ଭୋଜନ କରିବାକୁ ଯାଉ। ଆମର ସହଭାଗିତାକୁ ଏକତ୍ର ଆଶୀର୍ବାଦ କର। ଆଜି ଅତି ଅପରାହ୍ନରେ ଆମକୁ ପୁନର୍ବାର ଏକାଠି କର। ପ୍ରଭୁ, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ବର୍ତ୍ତମାନ ଘରକୁ ଯିବାକୁ ପଡିବ। ସେମାନଙ୍କୁ ସେମାନଙ୍କର ଘର—ସେମାନଙ୍କର ଘରକୁ ଯିବାକୁ ପଡିବ, ଏବଂ ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କୁ ସାହାଯ୍ୟ କରିବ। ପ୍ରଭୁ, ଏହା ହେଉ ଯେ ସେମାନେ କୌଣସି ଉପାୟରେ, ସେମାନଙ୍କର ବାକି ରହିଥିବା ପ୍ରଶ୍ନଗୁଡିକୁ ଶୁଣିବା ପାଇଁ ଏହି ଟେପ୍‌କୁ ପାଇବାରେ ସକ୍ଷମ ହୁଅନ୍ତି। ବୋଧହୁଏ ସେମାନଙ୍କର ଉତ୍ତର ଦିଆଯାଇ ନଥିଲା। ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କୁ ସାହାଯ୍ୟ କରିବ, ପ୍ରଭୁ।

304 ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା ପାଇଁ ଏବଂ ଯଥାସମ୍ଭବ ପ୍ରତ୍ୟେକଙ୍କର ପ୍ରଶ୍ନଗୁଡିକୁ ନେଇପାରିବା ପାଇଁ ମୋତେ ପ୍ରକୃତ ଦ୍ରୁତ ଗତିରେ ଆଜି ରାତି ସାହାଯ୍ୟ କର। ଆଜି ଅପରାହ୍ନରେ ଆମେ ଏଠାରେ ପୁନର୍ବାର ଭେଟିବା ପର୍ଯ୍ୟନ୍ତ, ତୁମେ ଆମକୁ ଆଶୀର୍ବାଦ କର। ଯୀଶୁଙ୍କ ନାମରେ ମୁଁ ପ୍ରାର୍ଥନା କରେ। ଆମେନ୍।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ,
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ।

305 ସେଠାରେ ଲେଖି ଦେଇଥିଲି, ମୁଁ ଏହାକୁ ଲେଖିଥିଲି ଯେପରିକି ଏହା ସର୍ବଦା ମୋ ସମ୍ମୁଖରେ ରହିବ: "ଖ୍ରୀଷ୍ଟ ମୋ ସମ୍ମୁଖରେ ଅଛନ୍ତି, ଯେତେବେଳେ ମୁଁ ଏହି ପ୍ରଶ୍ନଗୁଡିକର ଉତ୍ତର ଦେଉଅଛି।" କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ମୁଁ ଏହାକୁ ମୋ ହୃଦୟରୁ କହିଅଛି? ସବୁକିଛି, ମୋ ହୃଦୟରୁ, ସାହାଯ୍ୟ କରିବା ନିମନ୍ତେ କହିଅଛି।

ସେମାନଙ୍କ ମଧ୍ୟରୁ କେତେକ ହୁଏତ ଏଠାରେ ଥିବା ସେମାନଙ୍କର ପାର୍ସଲ ନେବାକୁ ଆସିପାରନ୍ତି।

306 ପ୍ରିୟ ପରମେଶ୍ୱର, ଏଠାରେ ରୁମାଲଗୁଡିକ, ପାର୍ସଲମାନ ଏହି ସ୍ଥାନରେ ରଖାଯାଇଛି। ଏହା ରୋଗୀ ଏବଂ ପୀଡ଼ିତମାନଙ୍କ ନିକଟକୁ ଯାଉଅଛି। ଏହା ହେଉ ଯେ ବାକ୍ୟର ସେହି

ମହାନ ଅନୁବାଦକ, ସେହି ପବିତ୍ରଆତ୍ମା ଯିଏକି ଏହାକୁ ଲେଖିଛନ୍ତି, ସେ ବର୍ତ୍ତମାନ ସେବାର ଏହି ଅଂଶ ପାଇଁ ଏବଂ ଏହି କପଡାଗୁଡିକୁ ଆଶୀର୍ବାଦ କରିବା ପାଇଁ ପାଖକୁ ଆସନ୍ତୁ । ହେ ପ୍ରଭୁ, ଯଦି ମୁଁ ନିଜ ବିଷୟରେ ଚିନ୍ତା କରିବି, ତେବେ ମୁଁ କିଏ ଯେ ମୋର ଅଶୁଚି, ଅପରିଷ୍କାର ଦେହକୁ ଏହି ରୁମାଲଗୁଡ଼ିକରେ ରଖିବି ଯାହାକି ଅନେକଙ୍କ ନିମନ୍ତେ ମୃତ୍ୟୁ ଏବଂ ଜୀବନ ମଧ୍ୟରେ ଛିଡା ହେବ? ଓଃ ପରମେଶ୍ୱର, ମୁଁ କମ୍ପମାନ ହେଉଅଛି । କିନ୍ତୁ ଯେତେବେଳେ ମୁଁ ଏହା ଚିନ୍ତା କରେ...ତୁମେ ମୋତେ ଦେଖ ନାହିଁ, ତୁମେ କେବଳ ମୋର ସ୍ୱର ଶୁଣିଥାଅ । ଏହା ସେଠାରେ ପ୍ରଭୁ ଯୀଶୁଙ୍କ ରକ୍ତ ଦେଇ ଆସୁଅଛି । ବର୍ତ୍ତମାନ, ମୁଁ ବିଶ୍ୱାସ କରୁଅଛି ଯେ ତୁମେ ମୋ ପାଇଁ ଠିକ ସେହିପରି ଭାବରେ ଉତ୍ତର ଦେବ ଯେପରିକି ତୁମେ ତାଙ୍କ ପାଇଁ କରିଥିଲ, କାରଣ ସେ ସେଠାରେ ଉପରେ, ସର୍ବୋଚ୍ଚରେ ମହାମହିମଙ୍କ ଡାହାଣ ପଟେ ବସିବା ପାଇଁ ମୋ ପୂର୍ବରୁ ଯାଇଥିଲେ । ଏବଂ ତାହାଙ୍କର ରକ୍ତ ପ୍ରାୟଶ୍ଚିତ ଭାବରେ ସେଠାରେ ରହିଅଛି, ଏବଂ ମୁଁ ସେହି ରକ୍ତ ତଳେ ଆଚ୍ଛାଦିତ ହୋଇଅଛି ।

307 ମୁଁ ବିଶ୍ୱାସ କରେ, ହେ ପ୍ରଭୁ, ଯେ ତୁମେ ସେମାନଙ୍କୁ ସୁସ୍ଥ କରିବ, କାରଣ ସେମାନେ ଅଭାବୀ ଲୋକମାନେ ଅଟନ୍ତି । ନୋହିଲେ ସେମାନେ ଏଠାରେ ଏସବୁ ରଖି ନ ଥାଆନ୍ତେ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସୁସ୍ଥ କରିବ । ଯେତେବେଳେ ମୁଁ ନିଜକୁ ସେଗୁଡିକ ଉପରେ ଥୋଇଦିଏ, ଯେପରିକି...ସେମାନେ କହିଥିଲେ ଯେ ସେମାନେ ପାଉଲଙ୍କ ଦେହରୁ ନେଇଥିଲେ...ସେ ମଧ୍ୟ ଜଣେ ପାପୀ ଥିଲେ, ପ୍ରଭୁ, ତୁମର ଅନୁଗ୍ରହ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଥିଲେ । ଲୋକମାନେ ତାଙ୍କୁ ବିଶ୍ୱାସ କରିଥିଲେ, ଯଦିଓ ସେ ସେମାନଙ୍କୁ କଡା କଥା କହିଥିଲେ ଏବଂ ସବୁକିଛି କହିଥିଲେ, କିନ୍ତୁ ସେମାନେ ଜାଣିଥିଲେ ଯେ ସେ ମେଷପାଳକ ଅଟନ୍ତି । ସେମାନେ ଜାଣିଥିଲେ ଯେ ସେ...ତୁମଠାରୁ ପ୍ରେରିତ ଅଟନ୍ତି, କାରଣ ତୁମେ ନିଜକୁ ତାଙ୍କ ସେବା ଦ୍ୱାରା ପ୍ରମାଣ କରିଥିଲ । ହେ ପରମେଶ୍ୱର, ଏହି ଲୋକମାନେ ଆଜି ସେହି ସମାନ କଥାକୁ ବିଶ୍ୱାସ କରନ୍ତି । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କୁ ବର୍ତ୍ତମାନ ସାହାଯ୍ୟ କର ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପ୍ରତ୍ୟେକଙ୍କୁ ସୁସ୍ଥ କର । ଆମେନ୍ ।

308 କଅଣ ଆପଣମାନଙ୍କୁ ଭୋକ ଲାଗୁଛି କି? ଠିକ୍ ଅଛି । ମୁଁ ଅଧିକ ପ୍ରଶ୍ନ ପାଇଁ ଭୋକିଲା ଅଟେ । "ମନୁଷ୍ୟ କେବଳ ରୁଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ପରମେଶ୍ୱରଙ୍କ ମୁଖ ନିସୃତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।" ବର୍ତ୍ତମାନ, ହୋଇପାରେ ଯେ ମୁଁ...ଏହି ପ୍ରଶ୍ନଗୁଡିକ ମଧ୍ୟରୁ କେତେକ, ମୁଁ ସେଗୁଡିକୁ ଠିକ୍ ଭାବରେ ଉତ୍ତର ଦେଇ ନ ଥାଇପାରେ; ମୁଁ ମୋର ଯଥାସମ୍ଭବ ସର୍ବୋତ୍ତମ କାର୍ଯ୍ୟ କେବଳ କରିଅଛି । ଆଜି ରାତି, ମୁଁ ଠିକ ସାତଟା ବେଳେ ଆରମ୍ଭ କରିବାକୁ ଚେଷ୍ଟା କରିବି । ତେବେ, ଗୀର୍ଜାଘର ଛଅଟା-ତିରିଶରେ ଖୋଲିଯିବ । ଏବଂ ଆପଣ ଯେଉଁମାନେକି ରହିପାରିବେ...ଆପଣ ଯେଉଁମାନେକି ରହିପାରିବେ ନାହିଁ, ଆମେ ବୁଝୁଅଛୁ; ତାହା ଠିକ୍ ଅଛି । କିନ୍ତୁ ମୁଁ ଏଗୁଡିକ ମଧ୍ୟରୁ ପ୍ରତ୍ୟେକକୁ ଆଜି ରାତ୍ରି ନେବାକୁ ଚେଷ୍ଟା କରିବି ଯେତିକି ମୁଁ କରିପାରିବି । ଆମେ ଭେଟିବା ପର୍ଯ୍ୟନ୍ତ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ବର୍ତ୍ତମାନ, ଆସନ୍ତୁ ଆମେମାନେ ସମସ୍ତେ ନିଜ ଗୋଡରେ ଛିଡା ହୋଇଯିବା ଏବଂ ଏହି ଉତ୍ତମ ପୁରଣା ଗୀତକୁ, ଆମର ବରଖାସ୍ତ ଗୀତକୁ ଗାଇବା, *ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ ।* ଠିକ୍ ଅଛି ।

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ହେ ଦୁଃଖ ଓ ସନ୍ତାପର ସନ୍ତାନ;

[ଭାଇ ବିଲି ପଲ୍ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା ।] (...?...ସେମାନେ ନୈବେଦ୍ୟ ଗ୍ରହଣ କଲେ...?...ଆଜି ସକାଳେ...?...)

...ନାମ, ହେ କେତେ ସୁମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ ।

309 ମୁଁ ଏହି ଘୋଷଣା କରିବାକୁ ଚାହେଁ । ବିଲି ବର୍ତ୍ତମାନ ହିଁ କହିଲା ଯେ ସେମାନେ ଆଜି ସକାଳେ ଏକ ପ୍ରେମ ନୈବେଦ୍ୟ ସଂଗ୍ରହ କରିଛନ୍ତି (ଦେଖନ୍ତୁ?), ଏବଂ କହିଲା ଯେ ସେମାନଙ୍କର ଏକ ଭଲ ପ୍ରେମ ନୈବେଦ୍ୟ ସଂଗ୍ରହ କରାଯାଇଛି । ମୁଁ ତାଙ୍କୁ ଭବନର ପଛ ପଟରେ ଯାଇ ସେଠାରେ ଛିଡା ହେବା ପାଇଁ କହିଅଛି । ସେହି ଲୋକମାନଙ୍କ ପାଇଁ ଏଠାରେ ଯେଉଁମାନେକି କଦାପି ପ୍ରସ୍ତୁତ ହୋଇ ଆସି ନ ଥିଲେ, ନିଜର ରାତ୍ରି ଭୋଜନ ପାଇଁ ଟଙ୍କା ନାହିଁ, ବିଲି ଆପଣମାନଙ୍କୁ ରାତ୍ରି ଭୋଜନ ପାଇଁ ଏବଂ ଆପଣମାନଙ୍କର ହୋଟେଲ ଖର୍ଚ୍ଚ ପାଇଁ କିମ୍ବା ମୋଟେଲ ଖର୍ଚ୍ଚ ବାବଦରେ, ତାହା ଯାହାକିଛି ବି ଅଟେ ତାହା ନିମନ୍ତେ ପାଇଁ ଟଙ୍କା ଦେବ । ଆପଣ ତାହା ନିଅନ୍ତୁ ଓ ବର୍ତ୍ତମାନ ଦେୟ ଦେଇ ଦିଅନ୍ତୁ । ଯଦି ଆପଣ...ଯଦି ଆପଣ ରହିପାରିବେ...ବିଲି ଆପଣମାନଙ୍କୁ ସେଠାରେ ଭେଟିବ ଏବଂ ଆପଣମାନଙ୍କର ନାମ ନେବ ଓ ଆପଣମାନେ ଯେଉଁଠାରେ ବି ଅଛନ୍ତି, ପୁଣି ଆମେ ଆପଣମାନଙ୍କର ରାତ୍ରି ଭୋଜନ ଏବଂ ଆପଣମାନଙ୍କର ମୋଟେଲ ଖର୍ଚ୍ଚ ପାଇଁ ଆଜି ସକାଳେ ମୋ ପାଇଁ ଗ୍ରହଣ କରାଯାଇଥିବା ପ୍ରେମ ନୈବେଦ୍ୟରୁ ଦେୟ ଦେବୁ ।

ଯେପର୍ଯ୍ୟନ୍ତ ଆମେ ଭେଟିବା! ଯେପର୍ଯ୍ୟନ୍ତ ଆମେ ଭେଟିବା!

**ପ୍ରଶ୍ନୋତ୍ତର** ORI64-0823M

(Questions and Answers)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅଗଷ୍ଟ 23, 1964, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org